Split by PDF Splitter



ଧାନ ଅଦୌ ମିଳଲା ନାହିଁ ଓ ଚାଉଳ ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ହୋଇଗଲା । ଏଥିରେ ଦୁଃଖୀ ଦରିଦ୍ରଆଙ୍କର ଭାରି କଷ୍ଟ ହେଲା ଓ କେହାର କାହାରକୁ ଦୁଇ ତିନଦିନ ଏକାଦଶୀ ବ୍ରତ କରିବାକୁ ପଡ଼ିଲା ଉଦରଜ୍ୱାଳା କହୁଁହି ବିଚାର ରଖି ଦିଅଇ ନାହିଁ ଏଣୁକରି ମହାଜନର ଘର ଗାଡ଼ି ଚାଉଳ କମ୍ପେସ୍ପୁରରୁ ବାହାରିବା ମାତ୍ରକେ ସେ ମଉଜା ଓ ନିକଟସ୍ଥ ଅନ୍ୟ ଚାରିପାଞ୍ଚ ଗ୍ରାମର ଲୋକେ ଏକମେଳ ହୋଇ ସବୁ ଚାଉଳ ଲୁଟିନେଲେ । ପୁଲିସ ଏ ମକଦ୍ଦମା ତଦନ୍ତ କରି କ ୧୩ ଣ ଆସାମିଙ୍କୁ ଚାଲାଣ କରିଅଛନ୍ତି ଆହୁରି ଦୁଇ ତିନି ଜଣଙ୍କୁ ଚାଲାଣ କରିବେ ବର୍ତ୍ତମାନ ମକଦ୍ଦମା ବିଚାରାଧୀନରେ ଅଛି ସେ ଯାହା ହେଉ ଏ ଲୁଟ ଫଳଦାୟକ ହୋଇଅଛି ଓ ଗ୍ରାମବାସିଙ୍କର ଆଶା ପୂର୍ଣ୍ଣ ହୋଇଅଛି । ଆମ୍ଭେମାନେ ଶୁଣିଲୁଁ ଯେ ଲୁଟ ହେବା ବାସିଦିନ ଧାନ ଚାଉଳ ଶସ୍ତା ହୋଇଗଲା ଓ ଗ୍ରାମରେ ଓ ହାଟରେ ଯଥେଷ୍ଟ ପ୍ରାପ୍ତି ହେଲା ଭୟରେ କେହି ମହାଜନ ସେଠାକୁ ଯାଉ ନାହାନ୍ତି ଓ ଧାନ ଚାଉଳ ବିକ୍ରେତାମାନେ ମଧ୍ୟ ଭୟରେ ମହାଜନଠାରୁ ଶସ୍ୟାଦ ନ ନେଇ ହାଟବାଟରେ ବିକୁଅଛନ୍ତି ।

ମହାଙ୍ଗାର ଅବସ୍ଥା ଯାହା ଲେଖାଗଲା ମଫସଲର ଅଧିକାଂଶରେ ଏହିରୂପ ଦୁରବସ୍ଥା ଘଟିଅଛି ତେବେ ଯେ ସବୁଠାରେ ଲୁଟି ହେଉ ନାହିଁ ତାହା କେବଳ ଓଡ଼ିଆମାନଙ୍କ ସ୍ୱାଭାବିକ ଶାନ୍ତ ଓ ନିର୍ଦ୍ଦୋଷ ପ୍ରକୃତି ହେତୁରୁ ଅଟଇ ନୋହିଲେ ହାକିମମାନଙ୍କ କଟକରେ ବସି ଚାଉଳର ଇଷ୍ଟିମେଟ କରି ଲୋକଙ୍କ କଷ୍ଟ ହେଉ ନ ଥିବା ବିଶ୍ୱାସ ହେତୁରୁ ନୁହଇ ।

———

ଗତ ପ୍ରକାଶିତ ଇଣ୍ଡିଆ ଗେଜେଟରେ ବୃଷ୍ଟି ଓ ଫସଲର ବିବରଣ ଏହିପରି ଲେଖାଅଛି ଯଥା;—

ମାନ୍ଦ୍ରାଜରେ—ଅନେକଜିଲ୍ଲାରେ ଉତ୍ତମ ବୃଷ୍ଟି ହୋଇଅଛି କେବଳ ମଦୁରା, ତିନିବେଲି, କୋଏମବତୁର, ତ୍ରିଚନାପୋଲୀ, ନୀଲଗିରି ଓ ସାଲେମରେ ପ୍ରଚୁରଜଳ ବର୍ଷି ନାହିଁ । ଫସଲର ଅବସ୍ଥା ଅନେକ ଭଲ ହୋଇଅଛି କିନ୍ତୁ ଭଲ ଜଣା ହୋଇ ନାହିଁ ।

ମହୀସୁରରେ—ଉତ୍ତମବର୍ଷା ।

ବମ୍ବେଇରେ—ସୋଲାପୁର ଓ ଦକ୍ଷିଣ ମରହଟ୍ଟାରାଜ୍ୟରେ ଯଥେଷ୍ଟ ବର୍ଷା । ଅହମଦନଗର, ପୁନା ଓ ସତାରାର ଏକ୨ ଅଂଶରେ ଉତ୍ତମ ବର୍ଷା । ଗୁଜରାଟ, ଖାନ୍ଦେଶ ଓ ନାସିକରେ ବୃଷ୍ଟି ହୋଇଅଛି । ସିନ୍ଧୁରେ ନଦୀ ବଢ଼ି ନାହିଁ ମାତ୍ର ଜଳ ବର୍ଷିଅଛି ।

ମଧ୍ୟପ୍ରଦେଶରେ—ସର୍ବତ୍ରରେ ଭଲ ବର୍ଷା ହୋଇଅଛି ମାତ୍ର ଉତ୍ତର ଗୋଦାବରୀ, ସାଗର, ଡ୍ରମୋ ଓ ଅନ୍ୟତ୍ରରେ ଅଧିକ ଜଳର ପ୍ରୟୋଜନ ଅଛି । ବିଗ୍ରର ଅବସ୍ଥା ଭଲ ଓ ଖରିଫଫସଲର ଅବସ୍ଥା ଉତ୍ତମ ।

ମଧ୍ୟଭାରତବର୍ଷରେ—ସ୍ତନା ଓ ଗୁଆଲିଅରରେ ବର୍ଷା ହୋଇଅଛି । ନିମଚ ଓ ଗୁଆଲିଅରରେ ଜଳର ଭାରି ଲୋଡ଼ା । ମାଲବର ଅବସ୍ଥା ଉତ୍ତମ ।

ରାଜପୁତାନାରେ—ଝାଲାବାରରେ ଭଲ ଓ ହରାଉ ଭରତପୁର ଓ ମାରବାଡ଼ ଏବଂ ବିକାନୀରର ଅନେକ ଅଂଶରେ କିଛି ବୃଷ୍ଟି ହୋଇଅଛି । ମାତ୍ର ସାଧାରଣରୂପେ ଫସଲର ଆଶା ଭଲ ନୁହଇ ।

ବଙ୍ଗଲାର—ଅବସ୍ଥା ସନ୍ତୋଷଜନକ ସାଧାରଣରୂପେ ଭଲ ବୃଷ୍ଟି ହୋଇଅଛି ମାତ୍ର କୁଚବେହାର ଗୟା ଓ ମୁଙ୍ଗେର ଚମ୍ପାରଣ ପୁଣି ଓ ହାଜାରିବାଗର କେତେକ ଅଂଶରେ ଅଧିକ ଜଳର ଆବଶ୍ୟକ । ରବିଫସଲର ହାରାହାରି ଉତ୍ପନ୍ନ ଭଲ ଅଟଇ ।

ଆସାମରେ ଓ ବ୍ରହ୍ମଦେଶରେ—ପ୍ରଚୁର ବୃଷ୍ଟି ।

ଉତ୍ତରପଶ୍ଚିମରେ—ବନାରସ, ଏଲାହାବାଦ ଫଏଜବାଦ ଓ ଅନ୍ୟାନ୍ୟ ସ୍ଥାନରେ ଜଳ ପଡ଼ିଅଛି କିନ୍ତୁ ଖରିଫଫସଲ ସକାଶେ ଅତ୍ୟନ୍ତ ଉଣା ଏବଂ ଅନିଷ୍ଟକାରକ ପଶ୍ଚିମାବତାସ ବହୁଅଛି ।

ପଞ୍ଜାବରେ—ସର୍ବତ୍ରରେ ସାମାନ୍ୟବୃଷ୍ଟି ମାତ୍ର ଦିଲ୍ଲୀ ଓ ପେସବାରରେ ନୁହେ । ମୂଲତାନରେ ଭାରି ବର୍ଷା ଓ ନଦୀବଢ଼ି । ରବି ବୁଣା ହେଉଅଛି ମାତ୍ର ଜଳ ସେଚନ ନ ହେବାରୁ ଖରିଫଫସଲ ନଷ୍ଟ ହୋଇଅଛି ।

———

## ସାପ୍ତାହିକସଂବାଦ ।

ଏଠା ଡେପୁଟୀକଲେକ୍ଟର ବାବୁ ବରଦାକାନ୍ତ ମଜୁମଦାରଙ୍କର ହେଡମୋହରର ଭବାନନ୍ଦଦାସ ଓ ମୋହରର ଅକବରଅଲି ବୋର୍ଡଙ୍କ ଆଜ୍ଞା ବିରୁଦ୍ଧରେ କୋଟଫିସ ଟିକଲ କ୍ରୟ ବିକ୍ରୟ କରୁଥିବାର ପ୍ରକାଶ ହେବାରୁ କର୍ମଚ୍ୟୁତ ( ମାଜୁଲ ) ହୋଇଅଛନ୍ତି । ସେମାନେ ଅନ୍ୟାୟ ଲାଭ ବା କାହାର ଟିକଲ ଆତ୍ମସାତ୍ କରିଥିବାର ସନ୍ଦେହ ହୋଇଅଛି ।

କୁମାର ବୈକୁଣ୍ଠନାଥ ଦେ ବାଲେଶ୍ୱର ମିଉନିସିପାଲଟିର ବାଇସଚେୟାରମାନ ପଦରେ ନିଯୁକ୍ତ ହୋଇଅଛନ୍ତି । ଏପର୍ଯ୍ୟନ୍ତ ଓଡ଼ିଶାରେ ଗବର୍ଣ୍ଣମେଣ୍ଟକର୍ମଚାରୀମାନେ ଏକା ଏ ପଦରେ ନିଯୁକ୍ତ ହେଉଥିଲେ । ବାହାରଲୋକଙ୍କୁ ଏ କର୍ମ ଦେବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ ।

ଏ ନଗରରେ ଏ ସପ୍ତାହ ମଧ୍ୟରେ ଥରେମାତ୍ର କିଛି ବୃଷ୍ଟି ହୋଇଥିଲା ନୋହିଲେ ଆଉ ମେଘସଙ୍ଗେ ଦେଖା ନାହିଁ । ମଫସଲର ଏକ୨ ଦିଗରେ ଏକ୨ ଦିନ ବୃଷ୍ଟି ହେଉଅଛି ।

ଏ ସପ୍ତାହରେ ଏ ନଗରରେ ଓଲାଉଠାରୋଗ ବହୁତ ଉଣା ପଡ଼ିଅଛି । ପ୍ରାୟ ଦେଖା ନାହିଁ ବୋଇଲେ ହେବ ଏଥିପାଇଁ ଲୋକେ ନିଶ୍ଚିନ୍ତ ଅଛନ୍ତି ।

କଲିକତା କଷ୍ଟମ ହାଉସରେ ଆଜିକାଲି ଭାରି କର୍ମ ଲାଗିଅଛି । ପ୍ରତିଦିନ ପ୍ରାୟ ଦୁଇଲକ୍ଷ ଟଙ୍କା ମାସୁଲ ଆଦାୟ ହେଉଅଛି । ଅନେକ ଜାହାଜ ନିତ୍ୟ୨ ଆସୁଅଛି । ବୋଧ ହୁଅଇ ଦୁର୍ଗୋତ୍ସବ ନିକଟ ହେବାରୁ ଅନେକ ଦ୍ରବ୍ୟ ଆମଦାନୀ ହେଉଅଛି ।

ଉତ୍ତରପଶ୍ଚିମ ପ୍ରଦେଶରେ ବୃଷ୍ଟି ଉଣା ହେବାରୁ ସେଠା ନିବାସୀ ଇଂଗ୍ରେଜମାନଙ୍କର ଅତ୍ୟନ୍ତ ପୀଡ଼ା ହେଉଅଛି ।

ମାନ୍ୟବର ହବରଲସାହେବ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ପଦରେ ନିଯୁକ୍ତ ହୋଇ ଅଛନ୍ତି ।

ଚତୁର୍ଥଶ୍ରେଣୀର ଏକଜିକ୍ୟୁଟିଭ ଇଞ୍ଜିନିୟର ଟି ବିଏଟୀ ସାହେବ କିଛିକାଳ ସକାଶେ ଓଡ଼ିଶା ଡିଭିଜନର ଏକଟିଂ ଏକଜିକ୍ୟୁଟିଭ ଇଞ୍ଜିନିୟର ନିଯୁକ୍ତ ହୋଇଅଛନ୍ତି ।

ବାବୁ ବାମାଚରଣ ପତ୍ରମାଣିକ ବାଲେଶ୍ୱରରୁ ସୋନ ସରକଲକୁ ବଦଳ ହୋଇ ଅଛନ୍ତି ।

ମୟୂରଭଞ୍ଜରେ ବର୍ଷା ଉତ୍ତମ ହୋଇଅଛି ଓ ଆଗାମୀ ଫସଲର ଅବସ୍ଥା ମଙ୍ଗଳ ଜଣାଯାଏ ବର୍ତ୍ତମାନ୍ ଚାଉଳ ସେ ୨୭ ର ଲେଖାଏଁ ବିକ୍ରୟ ହେଉଅଛି ।

ବାଲେଶ୍ୱରର ମାଜିଷ୍ଟ୍ରେଟ ନର୍ମିନସାହେବ ଗତ ସପ୍ତାହରେ ଜଏଣ୍ଟମାଜିଷ୍ଟ୍ରେଟ ଗ୍ରିନ୍ ସାହେବଙ୍କୁ ଚାର୍ଯ ଦେଇ ଛୁଟୀ ନେଇ ଯାଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ଦୁର୍ଗାପୂଜା ଛୁଟିଗୁଡ଼ିକ ଶେଷ ହେଲେ ପ୍ରତ୍ୟାଗମନ କରିବେ ।

କଲିକତାରେ ମାନ୍ଦ୍ରାଜ ଦୁର୍ଭିକ୍ଷ ସକାଶେ ଚଳିତ ମାସ ତା ୧୪ ରିଖ ପର୍ଯ୍ୟନ୍ତ ପନ୍ଦରଲକ୍ଷ ଟଙ୍କା ଚାନ୍ଦା ସଂଗୃହୀତ ହୋଇଥିବାର ସଂବାଦ ଆସିଅଛି ।

ଗବର୍ଣ୍ଣମେଣ୍ଟ ସ୍କୁଲମାନଙ୍କରେ ଦେଶୀୟ ଶିକ୍ଷକଙ୍କ ବେତନ ବୃଦ୍ଧି ସକାଶେ ଶିକ୍ଷାବିଭାଗର ଡିରେକ୍ଟର ପ୍ରସ୍ତାବ କରିଅଛନ୍ତି । ଗବର୍ଣ୍ଣମେଣ୍ଟ ଏହାକୁ ମଞ୍ଜୁର କଲେ ପ୍ରଥମଶ୍ରେଣୀର ଶିକ୍ଷକମାନେ ମାସକୁ ୫୦୦ ଟଙ୍କା ପାଇ ପାରିବେ ଏଥିରୁ ଅଧିକ ବେତନ ନାହିଁ । ସର୍ବସୁଦ୍ଧା ଶିକ୍ଷକଙ୍କର ଆଠଶ୍ରେଣୀ ହୋଇଅଛି ଶେଷ ଶ୍ରେଣୀର ବେତନ ଆରମ୍ଭରେ ୫ ୩୦ ଓ ପାଞ୍ଚବର୍ଷ ଉତ୍ତାରୁ ୫ ୫୦ ଟଙ୍କା ହେବ ।

ଦିଲ୍ଲୀରେ ଶସ୍ୟ ଲୁଟି ପର ବହୁ ଗୋଲମାଲ ହୋଇଥିବାର ସମ୍ବାଦ ଡେଲିନ୍ୟୁସରେ ପାଠ କଲୁଁ । ସେଠାରେ ଗହମ ଟଙ୍କାକୁ ସେ ୮ ର ଓ ଅନ୍ୟ ଶସ୍ୟ ସେ ୧୧ ର ନେଖାଁଏ ହୋଇଅଛି ଓ ନଗରମଧ୍ୟରେ ଲୋକେ ବଡ଼ ଅସ୍ଥିର ଅଛନ୍ତି । ଲୋକଙ୍କ ସମ୍ଭାଳି ହୋଇ ରହିବାର ମଧ୍ୟ ସୀମା ଅଛି । ପ୍ରାଣ ଉପରକୁ ପଡ଼ିଲେ କି କରିବେ ?

ବୋଗଦାଦରୁ ସଂବାଦ ଆସିଅଛି ଯେ କାବୁଲରେ ଥିବା ତୁର୍କ ସେନା ବିଦ୍ରୋହୀ ହୋଇଅଛନ୍ତି । ଅନେକ ଗୁଡ଼ିଏ ଲୋକ ଏଥିରେ ମରି ପଡ଼ିଅଛନ୍ତି । ଶତ୍ରୁ ସଙ୍ଗରେ ଯୁଦ୍ଧ କରିବା ବେଳେ ଏ ବୁଦ୍ଧି କାହିଁକି ?

କଲିକତାରୁ ଆସିଥିବା ତା ୬ ରିଖ ସଂବାଦରେ ଦେଖାଗଲା ଯେ ଭାରତବର୍ଷରେ ଥିବା ରୁଷୀୟ ଏଜେଣ୍ଟମାନଙ୍କ ସହିତ ମରହଟ୍ଟାମାନେ ଗୁପ୍ତ ପରାମର୍ଶ କରୁଥିବାର ଏକ ଜନରବ ଉଠିଅଛି ଓ କଲିକତାର ସଂବାଦପତ୍ରମାନ ତାହାର ଘୋଷଣା କରିଅଛନ୍ତି । ଗୋଲମାଲ ହେଲେ ଜନରବର ସୀମା ରହଇ ନାହିଁ ।

ସର ଉଇଲିୟମ ହର୍ଣ୍ଣଲି ସାହେବ କି ଯେ ଗତ ବର୍ଷ ଏଠାକୁ ଏକ୍ଟିଂ କମିଶନର ହୋଇ ଆସିଥିଲେ ଦୁଇ ବର୍ଷର ଛୁଟୀ ନେଇ ବିଲାତକୁ ଯାଉଅଛନ୍ତି ଓ ଆଉ ଭାରତବର୍ଷକୁ ଫେରି ଆସିବାର ବାସନା ରଖନ୍ତି ନାହିଁ । ଏ ମହାଶୟ ଜଣେ ବିଚକ୍ଷଣ ଓ ଦୟାଳୁ ହାକିମ ଅଟନ୍ତି ।

ରୁଷୀୟ ଗବର୍ଣ୍ଣମେଣ୍ଟ ଅର୍ଥ ବିଷୟରେ ବଡ଼ ଭଲ ଅବସ୍ଥାରେ ନ ଥିବାର ଜଣାଯାଏ । ଆଉ ଉପାୟମାନ ଛନ୍ତି ଏଥର ମଠବାଡ଼ି ଉପରେ ସମ୍ରାଟଙ୍କର ଦୃଷ୍ଟି ପଡ଼ିଅଛି ଓ ସେ ଆଜ୍ଞା ଦେଇଅଛନ୍ତି ଯେ ମଠଧାରୀମାନେ ପୂର୍ବାପେକ୍ଷା ଅଧିକ ଟଙ୍କା ଋଣ ସ୍ୱରୂପ ଦେବେ ।

ଏକବ୍ୟକ୍ତି ଡେଲିନ୍ୟୁଜକୁ ଲେଖିଅଛନ୍ତି କି ବିଛା କାମୁଡ଼ିବାର ପ୍ରକୃତ ଔଷଧ ଟିକିଏ ଲୁଣ ଓ ଏକଗ୍ଲାସ ବ୍ରାଣ୍ଡି ଅଟଇ । ବ୍ରାଣ୍ଡିରେ ଲୁଣକୁ ମିଶାଇ ଦେଇ ଦଂଶନ ସ୍ଥାନରେ କିଛିକ୍ଷଣ ଭଲ କରି ଘଷିଲେ ଆରୋଗ୍ୟ ହେବ ।

କାବୁଲର ଅମିର କିଛିଦିନ ପୀଡ଼ିତ ଥିଲେ ସମ୍ପ୍ରତି ଆରୋଗ୍ୟ ହୋଇଅଛନ୍ତି । କଥିତ ହୁଅଇ ଯେ ସେ ସର୍ବପ୍ରକାର ସୈନିକ ବନ୍ଦୋବସ୍ତ କରିବାରେ ଅତି ବ୍ୟସ୍ତ ଓ ତତ୍ପର ହୋଇଅଛନ୍ତି ।

ପଞ୍ଜାବରେ ଅନେକ ଦିନ ବର୍ଷାର ଅଭାବ ଥିଲା ସମ୍ପ୍ରତି ଏତେ ବୃଷ୍ଟି ହୋଇଅଛି ଯେ ଲୋକଙ୍କର ଘରଦ୍ୱାର ସବୁ ଭାଙ୍ଗି ଯାଇଅଛି ଓ ଦେଶଯାକ ଜଳ ପୂର୍ଣ୍ଣ ହୋଇଥିଲା । ଏକାଦିକ୍ରମେ ପ୍ରାୟ ୨୪ ଘଣ୍ଟା ପ୍ରବଳ ବୃଷ୍ଟି ହୋଇଥିଲା । ଟେଲିଗ୍ରାଫ ଓ ରେଲବାଟ ସୁଦ୍ଧା କିଛିକାଳ ବନ୍ଦ ହୋଇଯାଇଥିଲା ।

ଇଣ୍ଡିୟାନ ଡେଲି ଗେଜେଟରେ ଲେଖାଅଛି ଯେ ଦେବଗଡ଼ ନଗରରେ ବସନ୍ତ ରୋଗରେ ପ୍ରାୟ ଦୁଇଶତ ଲୋକ ମରି ପଡ଼ିଅଛନ୍ତି ଓ ସମ୍ପାଦକ ଅନୁମାନ କରନ୍ତି କି ଗବର୍ଣ୍ଣମେଣ୍ଟ ଅଫିମର ଦର ଏକାବେଳକେ ଅଧିକ ବଢ଼ାଇ ଦେବାରୁ ଗରିବ ଲୋକମାନେ ଅଫିମ ନ ପାଇ ମରି ପଡ଼ିଅଛନ୍ତି । ଏପ୍ରକାର ଘଟିବା ଆଶ୍ଚର୍ଯ୍ୟ ନୁହଇ ।

ବେହାର ହେରାଲଡରେ ଲେଖାଅଛି ଯେ ଅତ୍ୟନ୍ତ ପ୍ରୟୋଜନ ସମୟରେ ନାଲଜଲ ନ ମିଳିବାର କଥା ବର୍ତ୍ତମାନ ପୁନର୍ବାର ବାହାରିଅଛି । ସାହାବାଦର ଅନେକ ପ୍ରଜା ଜଳନେବା ସକାଶେ ଦରଖାସ୍ତ କଲେ ଏବଂ ଡୁମରାଓର ମହାରାଜା କୋଡ଼ିଏହଜାର ଟଙ୍କାର ଜାମିନ ହେବାକୁ ସ୍ୱୀକାର କଲେ କିନ୍ତୁ ଉତ୍ତର ମିଳିଲା ଯେ ଜଳ ନାହିଁ । ନାଲର କାର୍ଯ୍ୟକାରିତା ବୁଝିବାର ଭଲ ସମୟ ପଡ଼ିଅଛି । ଘାସ୍ତର୍ଣ୍ଣ ଟେମ୍ପଲ ସାହେବ ବର୍ତ୍ତମାନ ଥରେ ଏ କଥାଟା ଭଲକରି ବୁଝିନ୍ତୁ ।

ତୁରସ୍କର ସୈନ୍ୟାଧ୍ୟକ୍ଷ ମହମଦଅଲି ପାଶା ଜର୍ମାନୀୟ ଲୋକ ଅଟନ୍ତି । ସେ ୩୦ ବର୍ଷ ହେଲା ଏକ ସଉଦାଗରୀ ଜାହାଜରେ ଜର୍ମାନୀରୁ ତୁରସ୍କକୁ ଯାଇ ସେଠାରେ ବାସ କଲେ ଓ ମୁସଲମାନ ଧର୍ମ ଗ୍ରହଣପୂର୍ବକ ସୈନିକକାର୍ଯ୍ୟରେ ନିଯୁକ୍ତ ହୋଇ କ୍ରମଶଃ ସର୍ବୋଚ୍ଚ ପଦକୁ ଲଭିଅଛନ୍ତି ଏହି କରିବାପାଇଁ ବ୍ରିଂଶ ଅଟଇ ଓ ଯୁଦ୍ଧ ବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ କରିଅଛନ୍ତି ।

କଲିକତା ସିଉଲାଲ ମତିଲାଲ ବଣିକମାନେ ମାନ୍ଦ୍ରାଜରେ ଗୋଟିଏ ଧର୍ମଶାଳା ସ୍ଥାପନ କରି କଲିକତାରୁ ଜାହାଜରେ ଚାଉଳ ପଠାଇ ସେଠାରେ ଦୁଃଖୀଙ୍କୁ ବିତରଣ କରୁଅଛନ୍ତି । ଧନ୍ୟ ଏହାଙ୍କର ଦୟା ଓ ବଦାନ୍ୟତା ।

ମାନ୍ଦ୍ରାଜର ବନରକ୍ଷକ କର୍ଣ୍ଣେଲ ବେଡ଼ୋମ ସାହେବ ଅନାମଲୋଇର ବନରେ ଭ୍ରମଣ କରୁ କରୁ ଗୋଟାଏ ବାଘୁଣୀର ହାବୁଡ଼ରେ ପଡ଼ିଲେ ବାଘୁଣୀଟି ଏହାଙ୍କଠାରୁ ଦଶଗଜ ଅନ୍ତରରେ ସମ୍ମୁଖରେ ଉପସ୍ଥିତ ହେଲା । ସାହେବଙ୍କ ହାତରେ ବନ୍ଧୁକ ଥିଲା ସେ ଅତ୍ୟନ୍ତ ସାହସପୂର୍ବକ ଏକ ଗୁଳି ତାହା ଛାତିରେ ବସାଇ ଦେଲେ ଏବଂ ଅନ୍ୟ ଗୁଳିରେ ତାହାର ଲୀଳା ଶେଷ କଲେ । ଏହାଙ୍କର ସାହସକୁ ଧନ୍ୟ ବୋଲିବାକୁ ହେବ ।

## NOTICE.

Faild students may be admitted to the ensuing First Arts and B. A. examinations on producing the Registrar's receipt shewing that they have paid their prescribed fee for a previous examination.

By order
Bhuvanesvar Dutt
Head Clerk

Cuttack, 17—9—77 } (*Sd.*) N. K. Das
*Joint Inspector of schools*
*Orissa Division.*

## ବିଜ୍ଞାପନ ।

ଗୃହସାମଗ୍ରୀକ ଡାକଘରେ ଉପ୍ରେ ହେଲେ ଦୀପକାଇ ଦକ୍ଷିଣ ଅଛି ଯାହାର ପ୍ରୟୋଜନ ହେବ କଟକ ଷ୍ଟାନକୁ କଲେ ଦରଶେଷ ସମାସ୍ତର ପାଇବ ।

ତା ୧୭ ରିଖ ସେପ୍ଟେମ୍ବର } ଶ୍ରୀ ଅନ୍ନଦାପ୍ରସାଦ ଘୋଷାଲ ।

## ସିନ୍‌କୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହୋଇଅଛି ।

କୁଇନାଇନପରି ଏହା ସାମାନ୍ୟ ଏବଂ କମ୍ପଜ୍ୱରର ଚିକିତ୍ସାରେ ସମାନ ଉପକାରୀ ଔଷଧ । ହିସାବରେ ବଡ଼ ଏକ ପୌଣ୍ଡର ମୂଲ୍ୟ ୧୫ ଟଙ୍କା, ଡାକଖର୍ଚ୍ଚା ଏକ ଟଙ୍କା ଅଧିକ ଲାଗିବ ।

କଲିକତା ସନ୍ନିକଟ ହାବଡ଼ାସ୍ଥ ବଟାନିକେଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହେବ ।

☞ ଏହି ଉତ୍କଳଦୀପିକା ସହରକଟକ ଉତ୍କଳସାହିତ୍ୟ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32

163

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଶ
ସ ୩୯ ଖ୍ୟା

ତା ୨୧ ରଖ ମାହେ ସେପ୍ତମ୍ବର ସନ ୧୮୭୭ ମସିହା । ମୁ । ଆଶ୍ୱିନ ବ ୧୫ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲପାଁଇ ଡାକମାସୁଲ ଟ୧।୶

ଦୁର୍ଗୋତ୍ସବପର୍ବର ଆଉ ବିଳମ୍ବ ନାହିଁ । ହାଇକୋର୍ଟ ବନ୍ଦ ହୋଇଗଲାଣି ଜିଲା ଅଦାଲତମାନ ଆସନ୍ତା ଶୁକ୍ରବାର ଉତ୍ତାରୁ ବନ୍ଦ ହେବ । ଓ ଆଗାମୀ ନବମ୍ବରମାସ ତା ୮ ରିଖରେ ଫିଟିବ ବାଙ୍କବଙ୍ଗାଲ ବିଜ୍ଞାପନ ଦେଇଅଛନ୍ତି ଯେ ଦୁର୍ଗୋତ୍ସବ ଓ ଲକ୍ଷ୍ମୀପୂଜା ନିମିତ୍ତ ଅକ୍ଟୁବର ମାସ ତା ୧୧ ରିଖ ଗୁରୁବାରଠାରୁ ତା ୨୨ ରିଖ ସୋମବାର ପର୍ଯ୍ୟନ୍ତ ବନ୍ଦ ହେବ ସୁତରାଂ ଏଠା କଲେକ୍ଟରୀ ଫଉଜଦାରୀ ଓ ଅନ୍ୟାନ୍ୟ ମହକୁମାମାନ ଏହିପରି ବନ୍ଦ ହେବ । ବନ୍ଦ ସମୟରେ ଯେସମସ୍ତ ସରକାରୀ ହୁଣ୍ଡି ଇତ୍ୟାଦିର ଟଙ୍କା ଟ୍ରେଜରୀରେ ଦେଣ ପଡ଼ିବ ସେସମସ୍ତ ଅକ୍ଟୁବର ମାସ ତା ୮ ରିଖ ସୋମବାରଠାରୁ ଦିଆଯିବାର ଆରମ୍ଭ ହେବ ।

ଏଥିସଙ୍ଗେ ପାଠକମାନଙ୍କୁ ଜଣାଉଅଛୁଁ ଯେ ପ୍ରିଣ୍ଟିଂକମ୍ପାନିର କର୍ମଚାରୀମାନେ ରୀତ୍ୟନୁସାରେ ଏହିକାଳରେ ଅବକାଶ ପାଇବେ ସୁତରାଂ ଛୁଟୀ ମଧ୍ୟରେ ଆମ୍ଭେମାନେ ପାଠକଙ୍କ ସହିତ ସାକ୍ଷାତ କରିପାରିବୁଁ ନାହିଁ ।

---

ଗତ ପ୍ରକାଶିତ ଇଣ୍ଡିଆଗେଜେଟରେ ଶସ୍ୟ ଓ ବୃଷ୍ଟିର ସମାଚାର ଏହିରୂପେ ଲେଖାଅଛି ଯେ ମାନ୍ଦ୍ରାଜର ସମସ୍ତ ଜିଲ୍ଲାରେ ଅଳ୍ପ ବୃଷ୍ଟି ହୋଇଅଛି ଓ ଫସଲର ଅବସ୍ଥା ଭଲ ମାତ୍ର ଶସ୍ୟର ମୂଲ୍ୟ ଊଣା ହୋଇ ନାହିଁ । ମହୀସୁର ଓ ବମ୍ବେଇରେ ଉତ୍ତମ ବୃଷ୍ଟି ହୋଇଅଛି ଓ ଫସଲର ଅବସ୍ଥା ଭଲ ଦେଖାଯାଏ । ସିନ୍ଧୁରେ ବର୍ଷା କି ନଦୀ ବୃଦ୍ଧି ହୋଇ ନାହିଁ । ମଣିହଟ୍ଟାଦେଶ ଓ ଅନ୍ୟାନ୍ୟ ସ୍ଥାନର ଫସଲ ଭଲ ମଧ୍ୟପ୍ରଦେଶରେ କେବଳ ସାଗରରେ ମରୁଡ଼ି ପ୍ରାୟ ହୋଇଅଛି । ଅନ୍ୟତ୍ରେ ଅବସ୍ଥା ଭଲ । ମଧ୍ୟଭାରତବର୍ଷରେ ଜଳର ଅଭାବ ରହିଅଛି । ରାଜପୁତାନରେ ଉତ୍ତମ ବୃଷ୍ଟି ହୋଇଅଛି । ଆଲବାରର ଅବସ୍ଥା ଅତ୍ୟନ୍ତ ମନ୍ଦ । ବଙ୍ଗଲାରେ ଉତ୍ତମ ବୃଷ୍ଟି ଓ ବେହାରର ଅବସ୍ଥା ମଧ୍ୟ ପୂର୍ବାପେକ୍ଷା ଭଲ ହୋଇଅଛି । କେବଳ ଉତ୍ତର ପଶ୍ଚିମ ଓ ଅଯୋଧ୍ୟାରେ ପ୍ରାୟ ବୃଷ୍ଟି ନାହିଁ ପଶ୍ଚିମା ଶୁଷ୍କବାୟୁରେ ଖରିଫଫସଲ ଶୁଖିଗଲାଣି ଏବଂ ରବି ବୁଣା ହୋଇପାରୁ ନାହିଁ । ପଞ୍ଜାବରେ ବର୍ଷା ନାହିଁ କି ଫସଲର ଅବସ୍ଥା ଭଲ ହୋଇ ନାହିଁ ।

---

ମାନ୍ଦ୍ରାଜ ଓ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନର ଦୁର୍ଭିକ୍ଷ ପୀଡ଼ିତଲୋକଙ୍କ ସାହାଯ୍ୟ ନିମିତ୍ତ ଉପାୟ ସ୍ଥିର କରିବା ସକାଶେ ଗତସପ୍ତାହ ଗୁରୁବାର କଲିକତାରେ ଗୋଟିଏ ସଭା ହୋଇଥିଲା । ଆଶ୍ଚର୍ଯ୍ୟର ବିଷୟ ଯେ ଅନ୍ୟାନ୍ୟ ସଭାପରି ଏ ସଭାଟି ଜନପୂର୍ଣ୍ଣ ହୋଇ ନ ଥିଲା । ପ୍ରାୟ ଛଅଶତଲୋକ ଉପସ୍ଥିତ ଥିଲେ । ସଭାରେ ଶ୍ରୀଯୁକ୍ତ ରେବରନସା ସାହେବ ପ୍ରଥମ ପ୍ରସ୍ତାବ କଲେ । ସେ ସଭ୍ୟମାନଙ୍କୁ ବୁଝାଇ ଦେଲେ ଯେ ଗବର୍ଣ୍ଣମେଣ୍ଟ ଯଥାସାଧ୍ୟ ସାହାଯ୍ୟ କରୁଥିଲେହେଁ ଏମନ୍ତଲୋକ ଅନେକ ବାହାରିବେ କି ଯେଉଁମାନେ ଜାତି ମର୍ଯ୍ୟାଦା ଅଥବା ଶାରୀରିକ ଅଯୋଗ୍ୟତା ହେତୁ ଗବର୍ଣ୍ଣମେଣ୍ଟ ସାହାଯ୍ୟଲାଭ କରି ପାରିବେ ନାହିଁ । ଏପ୍ରକାର ଲୋକଙ୍କର ସାଧାରଣ ଚାନ୍ଦାଦ୍ୱାରା ଅନେକ ଉପକାର ହୋଇପାରିବ । ଆଉ ସାଧାରଣ ଚାନ୍ଦା ସଂଗ୍ରହ ଓ ତାହା ଉଚିତରୂପେ ବ୍ୟୟ କରିବା କାରଣ ମାନ୍ଦ୍ରାଜରେ ଗୋଟିଏ ସଭା ସ୍ଥାପିତ ହୋଇଅଛି ଓ ଉକ୍ତ ସଭାର ଶାଖାମାନ ନାନା ସ୍ଥାନରେ ମେଲିଅଛି । ଯେପ୍ରକାର ବନ୍ଦୋବସ୍ତ ହୋଇଅଛି ତହିଁରେ ସ୍ପଷ୍ଟ ଅନୁମିତ ହୁଅଇ ଯେ ଉକ୍ତ ସଭାକୁ ଚାନ୍ଦା କରି ଯାହା ଦିଆଯିବ ତାହା ପ୍ରକୃତକାର୍ଯ୍ୟରେ ସୁଶୃଙ୍ଖଳାରେ ବ୍ୟୟିତ ହେବ । ସୁତରାଂ ଚାନ୍ଦା ସଂଗ୍ରହ କରି ଉକ୍ତ ସଭାକୁ ଏବଂ ଅନ୍ୟ ଉପଯୁକ୍ତବ୍ୟକ୍ତି ନିକଟକୁ ପଠାଇ ଦେବା ସକାଶେ କଲିକତାରେ ଗୋଟିଏ ସଭା ସ୍ଥାପନ କରିବାର ଆବଶ୍ୟକ । ଏ ପ୍ରସ୍ତାବ ମନୋନୀତ ହେଲାରୁ ଶ୍ରୀଯୁକ୍ତ ମେଟକାଫ ସାହେବଙ୍କ ପ୍ରସ୍ତାବମତେ ସଭ୍ୟମାନେ ମନୋନୀତ ହେଲେ ଓ ଶ୍ରୀଯୁକ୍ତ ବେଲ ସାହେବଙ୍କ ପ୍ରସ୍ତାବମତେ ଧାର୍ଯ୍ୟ ହେଲା କି ଯେତେ ଟଙ୍କା ଅସୁଲ ହେଉଥିବ ତାହା ମାନ୍ଦ୍ରାଜର ସଭା ଓ ଅନ୍ୟ ଉପଯୁକ୍ତବ୍ୟକ୍ତିଙ୍କ ନିକଟକୁ ସାହାଯ୍ୟ ବିତରଣ ସକାଶେ ପ୍ରେରିତ ହେଉଥିବ । ଏହିସମସ୍ତ କାର୍ଯ୍ୟ ସ୍ଥିର ହୋଇ ସଭା ଭଙ୍ଗ ହେଲା । ପ୍ରାୟ ୪ ୩୦୦୦୦ଟଙ୍କା

Digitized by srujanika@gmail.com

Split by PDF Splitter



ତେବେ ଅବଶ୍ୟ ସ୍ୱୀକୃତ ହେଲଣି । ଆମ୍ଭେମାନେ ଆଶା କରୁଁ କି ଯେଉଁମାନେ ଦୁର୍ଭିକ୍ଷ ପୀଡିତଙ୍କ ସକାଶେ ସମବେଦନା ଅନୁଭବ କରି ସାହାଯ୍ୟ ଦାନର ଇଚ୍ଛା କରନ୍ତି ସେମାନେ ସେକ୍ରେଟରୀ ଓ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଏଫ୍ ଡବଲ୍ୟୁ ଆର ଉଡ୍ ସାହେବଙ୍କ ନିକଟକୁ ଟଙ୍କା ପଠାଇ ଦେଉନ୍ତୁ ଅଥବା ଆମ୍ଭମାନଙ୍କ ନିକଟକୁ ପଠାଇଲେ ଆମ୍ଭେମାନେ ସେହି ସ୍ଥାନକୁ ପଠାଇ ଦେବୁଁ ।

---

### ସତେ ଦୁକାଳପଡିଲା !

"କଟକ ତା୧୩ ଶେ ସେପ୍ଟେମ୍ବର-ଫସଲ ହସ୍ତଗତ ହେବା ପର୍ଯ୍ୟନ୍ତ ଯଥେଷ୍ଟ ଶସ୍ୟ ଅଛି ମାତ୍ର ରପ୍ତାନି କାର୍ଯ୍ୟ ଲାଗି ଲାଗିଅଛି ଏବଂ ଜନରବ ଶୁଣାଯାଏ ଯେ ମହାଜନମାନେ ପାଚିଲା ଫସଲ ସକାଶେ ଦାଦନ ଲଗାଉଅଛନ୍ତି । ଯାଜପୁରରେ ଛଅମାସର ଖର୍ଚ୍ଚ ସକାଶେ ପ୍ରଚୁର ଶସ୍ୟ ଅଛି କେବଳ ରପ୍ତାନି ଅଧିକ ହେଉଥିବାରୁ ଚାଉଳ ଟଙ୍କାକୁ ସେ ୧୬ ରରୁ ସେ ୧୪ ରକୁ ଓହ୍ଲାଇ ଅଛି । କେନ୍ଦ୍ରାପଡାରେ ଏହି କାରଣରୁ ମୋଟ ଚାଉଳ ସେ ୨୨ ରଠାରୁ ସେ ୧୬ ରକୁ ଖସି ଆସିଲଣି । ଯାହା ହେଉ ବୁଝାଯାଉଅଛି ଯେ ଶାରଧ ଅମଲ ହେବା ପର୍ଯ୍ୟନ୍ତ ରପ୍ତାନି ସକାଶେ ନିସ୍ତା ଦେଇ ସୁଦ୍ଧା ଲୋକଙ୍କ ନବାନ୍ନ ସକାଶେ ପ୍ରଚୁର ଶସ୍ୟ ଅଛି ।

ପୁରୀ ତା ୧୩ ଶେ ସିପ୍ଟମ୍ବର—ଜିଲାର ସବୁଆଡେ ଚାଉଳ ମିଳୁଅଛି କେବଳ ନଗରରେ ଭାଉ ଅତି ଉଚ୍ଚ । ମାନ୍ଦ୍ରାଜକୁ ଅଗଣ୍ୟ ରପ୍ତାନି ହେଉଅଛି । ଭାଉ ଟଙ୍କାକୁ ସେ ୧୦୲ ରଠାରୁ ସେ ୮୲ ର ପର୍ଯ୍ୟନ୍ତ ।

ବାଲେଶ୍ୱର ତା ୧୪ ଶେ ସିପ୍ଟମ୍ବର—ଏ ସପ୍ତାହରେ ୧୫୦୦୦ ମହଣ ଚାଉଳ ରପ୍ତାନି ହୋଇଅଛି । ବାଲେଶ୍ୱରରେ ୨୲୵ ଓ ଚାନ୍ଦବାଲିରେ ୨୲୵ ଲେଖାଏଁ ଚାଉଳ ମହଣ ବିକ୍ରୟ ହେଉଅଛି । ବାଲେଶ୍ୱରରେ ୮୧୦୦୦ ମହଣ ଓ ଚାନ୍ଦବାଲିରେ ୬୪୦୦୦ ମହଣ ରପ୍ତାନି ସକାଶେ ରହିଅଛି" ।

ଏତ ଗଲା ହାକିମଙ୍କର କଥା । ଏହାକୁ ଆମ୍ଭେମାନେ ଗତ ପ୍ରକାଶିତ ଓଡ଼ିଆ ଗେଜେଟରୁ ଉଦ୍ଧୃତ କରିଅଛୁଁ । ଏଥର ଲୋକଙ୍କ କଥା ଶୁଣନ୍ତୁ । ସହରରେ ଦକ୍ଷିଣିଆଙ୍କର କଷ୍ଟ ପଡୁଅଛି ମୋଫସଲରେ ଲୋକେ ଧାନ ଖୋଜି ବୁଲୁଅଛନ୍ତି ପାଉ ନାହାନ୍ତି । ଯାହାର ଧାନ ଅଛି ସେ ଅଧିକ ଲାଭ ପାଇବ ବୋଲି ଚାଉଳ ପ୍ରସ୍ତୁତ କରି ହାଟରେ ବିକୁଅଛି ପୁଣି ଅଧିକ ପରିମାଣରେ ଏକଜଣକୁ ବିକୁ ନାହିଁ । ଏହି କଟକ ନଗରରେ ଏକାଠି ଦଶପାଞ୍ଚ ଟଙ୍କାର ଧାନ ଖୋଜିଲେ ମିଳୁ ନାହିଁ । ଘାଟେ ଧାନଡଙ୍ଗା ଆସିଲେ ସେଠାରେ ଯାହା ଲାଗୁଅଛି ଖାଉଟିମାନେ ଟଙ୍କାକରୁ ଦୁଇଅଣା ପର୍ଯ୍ୟନ୍ତ ମୂଲ୍ୟରେ ଖୁଚୁରା ଖରିଦ କରୁଅଛନ୍ତି । ପରେ ୨ ତେଲି ବସି ଶୁଣ ନ ପାଉଣୁ ଗଡ଼ିସାହି ପରି ଗନ୍ଧ ହେଉଅଛି ଓ ପୁରୁଣା ଅଫିମୀ ମଦଘଙ୍କର ସୁଦ୍ଧା ନିଦ ଭଙ୍ଗାଇ ଦେଉଅଛି । ଚାରିଆଡେ ଧାନ ଚାଉଳର ଟଣାଟଣି କେତେବେଳେ ପଇସା ଦେଲେ ସୁଦ୍ଧା ମିଳୁ ନାହିଁ ଓ ବେଳେ ୨ ପଇସା ନ ପାଇ କେତେଲୋକ ଉପବାସ ରହୁଅଛନ୍ତି । ମାହାଙ୍ଗାରେ ଏହିପରି ଅବସ୍ଥାରେ ଲୁଟି ହୋଇ ଗଲା ଓ ଅପର ଏକସ୍ଥାନରେ ଲୁଟିର ଚେଷ୍ଟା ହୋଇଥିଲା ଦୈବବଶରୁ ତାହା ନିବାରିତ ହେଲା ଯେ ସବୁ ଯାଗାରେ ଦର ଶସ୍ତା ଥିଲା ସେଠାରେ ମହାଜନମାନେ ପଡିବାରୁ ମହରଗ ହେଲଣି ଓ ହାତରେ ଥିବା ଶସ୍ୟ ମହାଜନମାନେ କେଉଁସାରୁ ପାଚିଲା କ୍ଷେତ ଉପରେ ଦାଦନ ଦେଲେଣି ଏଥିରେ ଯେ ହାକିମମାନେ କହନ୍ତି କି ପ୍ରଚୁର ଶସ୍ୟ ଅଛି ଓ ଶାରଧ ହାତକୁ ଆସିବାଯାଏ କଷ୍ଟ ହେବ ନାହିଁ ଏକଥା କେତେ ଦୂର ସତ୍ୟ ତାହା ପାଠକମାନେ ବିବେଚନା କରନ୍ତୁ । ଆମ୍ଭେମାନେ ବର୍ତ୍ତମାନ ବିଚାର କରିବାକୁ ଅକ୍ଷମ ସାଧାରଣଙ୍କ ସଙ୍ଗେ ଆମ୍ଭମାନଙ୍କର ମଧ୍ୟ ପେଟର ଚିନ୍ତା ଅଛି ଓ ପେଟର ଠିକଣା ନ ହେଲେ ବୁଦ୍ଧି କାହାରି ନାହିଁ । ଏହି ହେତୁରୁ ସବୁ ଚାଉଳର ନାମ ଜ୍ଞାନ ନଷ୍ଟ ହୋଇଅଛି ।

---

### ଯୁଦ୍ଧର ସମାଚାର ।

ଗତସପ୍ତାହରେ ସମ୍ବାଦ ଆସିଥିଲା ତୁର୍କମାନେ ସିପକାଘାଟିର କେଲ୍ଲା ରୁଷୀୟଙ୍କୁ ଆକ୍ରମଣ କରିଥିଲେ । ଏ ସପ୍ତାହରେ ତାହା ତ୍ୟାଗ କରିବାର ସମ୍ବାଦ ଆସିଅଛି । କି କୌଶଳ ସକାଶେ ପରିତ୍ୟକ୍ତ ହେଲା ଆମ୍ଭେମାନେ କହି ନ ପାରୁଁ ଓ ଏହାଁର ଏତେ ଅର୍ଥ ଜଣାଯାଏ ଯେ ସିପ୍କିଠାରେ ଅବଶ୍ୟ ତୁର୍କମାନେ କୃତକାର୍ଯ୍ୟ ହୋଇ ନାହାନ୍ତି । ପ୍ଲେବନା ଉପରେ ତୋପ ବୃଷ୍ଟି ହେଉଥିବାର ସମ୍ବାଦ ଆସୁଥିଲା ଓ ସେଠାରେ ମଧ୍ୟ କୌଣସି ପକ୍ଷ ନିଶ୍ଚୟ ଜୟଲାଭ କରିବାର ଦେଖାଗଲା ନାହିଁ । କେତେବେଳେ ଏପକ୍ଷ କେତେବେଳେ ସେପକ୍ଷ ପ୍ରବଳ ହୋଇଥିଲେ ଓ ଉଭୟଙ୍କରେ ସେନାଗଣ ମରି ପଡିଲେ ମାତ୍ର ପ୍ରକୃତ ଫଳ କିଛି ଲାଭ ହେଲା ନାହିଁ । ଏଥିଉତ୍ତାରୁ ସମ୍ବାଦ ଆସିଲା ଯେ ପୋଲଣ୍ଡରେ ଥିବା ସମସ୍ତ ରୁଷୀୟ ସେନାଙ୍କୁ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେବା କାରଣ ସମ୍ରାଟ୍ ଆଜ୍ଞା ଦେଇଅଛନ୍ତି ଓ ପୋଲଣ୍ଡର ସୀମା ରକ୍ଷା କରିବା ନିମିତ୍ତ ଜର୍ମାନିର ସମ୍ରାଟ୍ ଆପଣା ସୈନ୍ୟ ଯୋଗାଇବାକୁ ସମ୍ମତ ହୋଇଅଛନ୍ତି ଏଥିରୁ ପାଠକମାନେ କି ସିଦ୍ଧାନ୍ତ କରିବ? ଅନୁମାନ ହେଉଅଛି ଯେମନ୍ତ ସବୁ ରୁଷୀୟ ସେନା ଯୁଦ୍ଧକ୍ଷେତ୍ରକୁ ଚାଲି ଆସିଲେଣି ତଥାଚ ନିଃଶେଷ ହୋଇଅଛି ବୋଲି ଅନ୍ୟର ସାହାଯ୍ୟରେ ଆପଣା ଦେଶ ରକ୍ଷା କରି ସେଠା ରକ୍ଷା ସକାଶେ ନିଯୁକ୍ତ ଥିବା ସେନାଙ୍କୁ ସୁଦ୍ଧା ଯୁଦ୍ଧସ୍ଥଳକୁ ଆଣିବାକୁ ବାଧ୍ୟ ହୋଇଅଛନ୍ତି ତାହା ହେଲେ ରୁଷ ସାମାନ୍ୟ ହରବରରେ ରୁଜିସ୍ତାକୁ ପକାଇ ନାହିଁ ! ଯେଉଁମାନେ ଚାଲି ଗଲେ ଜୟଲାଭ କରିବେ ବୋଲି ସମସ୍ତେ କହୁଥିଲେ ସେମାନେ ଯେବେ ପରୁଷ୍ପର ମନୁଷ୍ୟ ପୋଛି ଅତି ସୁଦ୍ଧା କୃତକାର୍ଯ୍ୟ ହେଉ ନାହାନ୍ତି ସେମାନଙ୍କ କଥା ଆଉ କି କୋହିବା । ଭଲ ! ରୁଷ ଦେଶରେ ଯେ ଏପର୍ଯ୍ୟନ୍ତ ହେଲା ଧନ୍ୟ ବୋଲିବାକୁ ହେବ ଏଣିକି ଯାହା ହେଉ ବୋଧ ହୁଅଇ ଗର୍ବଗଞ୍ଜନ ନରହରି ପ୍ରାଣିଙ୍କ ଶିକ୍ଷା ନିମିତ୍ତ ଏକପ୍ରକାର ମହିମା ପ୍ରକାଶ କରୁଅଛନ୍ତି ।

ଉପର୍ଯ୍ୟୁକ୍ତ କଥାମାନ ଲେଖୁ ୨ ତା୨୪ ରଶ ଇଣ୍ଡିଆନ ଡେଲିନିଉସରେ ଯେଉଁସମସ୍ତ ତାରସମ୍ବାଦ ପାଠ କଲୁଁ ତହିଁରୁ ଜଣାଗଲା ଯେ ରୁଷୀୟ ଗଜଲାମୁ ସେନା ପ୍ରଚଦନ ବଜାରସ୍ଥ ବାର୍ଟେ ଯୁଦ୍ଧସ୍ଥାନକୁ ଯାଉଅଛନ୍ତି । ରୁଷୀୟମାନେ ପ୍ଲେବନାର ଆକ୍ରମଣକୁ ପରିତ୍ୟାଗ କରିଥିବାର କଲିକତା ଡେଲିନିଉସରେ ଲେଖା ଅଛି । କେଥଲରେ ରୁଷୀୟ ସେନା ଠୁଳ ହୋଇଥିବାରୁ ମହମ୍ମଦପାଶା ଧୀରେ ୨ ସେଠାକୁ ଯାଉଅଛନ୍ତି ଓ ସେଠାରେ ଭାରି ଯୁଦ୍ଧ ହେବାର ସମ୍ଭାବନା । କନଷ୍ଟାଣ୍ଟିନୋପଲରୁ ଆସିଥିବା ସମ୍ବାଦ ଅନୁସାରେ ଜଣାଯାଏ କି ଯେତେକାଳ ଗୋଟିଏ ମାତ୍ର ରୁଷୀୟ ସେନା ତୁର୍କିର ସୀମା ମଧ୍ୟରେ ଥିବ ସେତେକାଳ କୌଣସି ସନ୍ଧିର ପ୍ରସ୍ତାବ ସୁଲତାନ ଗ୍ରହଣ କରିବେ ନାହିଁ ଓ ସନ୍ଧିର ପ୍ରସ୍ତାବ ସହିତ ଯୁଦ୍ଧ ସ୍ଥଗିତ ହେବାର ପ୍ରସ୍ତାବ ନ ହେଲେ ତାହା ସୁଦ୍ଧା ଶୁଣିବେ ନାହିଁ ।

Digitized by srujanika@gmail.com

ଗତମାସ ତା ୨୨ ରିଖରେ ଲଣ୍ଡନରୁ ଏହି ସମାଚାର ଆସିଅଛି ଯେ କାଉକଲସର ଅନ୍ତରରେ ରୁସୀୟ ସେନାକୁ ମହମ୍ମଦ ପାଶା ଆକ୍ରମଣ କରିଥିଲେ ସେଠାରେ ରୁସୀୟମାନେ ଦୃଢ଼ରୂପେ କିଲ୍ଲା ବାନ୍ଧି ରହିଅଛନ୍ତି । ଜେନେରଲ ଇଗ୍ନାଟିଫ ଜାରଙ୍କ ନିକଟରେ ଲମ୍ବା ପାଇ କାଏରନଗରକୁ ଯାଇଅଛନ୍ତି । ଏହିଦିନର ଆଉ ଏକ ସମ୍ବାଦରୁ ଜଣାଯାଏ ଯେ ମହମ୍ମଦ ପାଶା ବେଆଲାରେ ରୁଣ୍ଡ ହୋଇଥିବା ଏକଲକ୍ଷ ରୁସୀୟ ସେନା ସଙ୍ଗେ ନଅଘଣ୍ଟା କାଳ ଯୁଦ୍ଧ କରି ସମ୍ପୂର୍ଣ୍ଣ ଜୟଲାଭ କରିଅଛନ୍ତି । ରୁସୀୟଙ୍କ କ୍ଷତି ବିସ୍ତର ହୋଇଥିବାର ଲେଖାଯାଏ । ମଣ୍ଟିନିଗ୍ରିନ୍‌ମାନେ ଦୂଗାଘାଟିକୁ ହସ୍ତଗତ କରିଅଛନ୍ତି କିନ୍ତୁ ତା ୨୪ ରିଖରେ ତାରସମ୍ବାଦରେ ଲେଖାଅଛି କି ବେଆଲାରେ ତା ୨୧ ରିଖରେ ଯୁଦ୍ଧ ହୋଇଥିଲା ମାତ୍ର ତହିଁର ଫଳ ଅନିଶ୍ଚିତ ଅଟଇ ।

---

## ଉତ୍କଳଭାଷାର ଦୁର୍ଦ୍ଦଶା ।

ଉତ୍କଳଦର୍ପଣ ନାମର ମୋକଦ୍ଦମାର ଶୁହାଙ୍କ ଯୋବାନବନ୍ଦି ପାଠ କରୁ ୨ ଦେଖିଲୁଁ ଯେ ଏକଜଣ ଶୁହା କହିଲା କି ସେ ଓଡ଼ିଆଭାଷା ଉତ୍ତମରୂପେ ଜାଣେ । ସେହି ଶୁହାର ଓଡ଼ିଆଭାଷାରେ କେତେଦୂର ଜ୍ଞାନ ଅଛି ତାହା ଜାଣିବା କାରଣ 'କେହ ପ୍ରିୟପୁଷ୍ପ ଉଦ୍ଭବ ବାନବ ସୁତର ଭୟରୁ ଉଡ଼ି' ଏହି ପଦର ଅର୍ଥ ତାହାକୁ ପଚରାଗଲା ସେ କହିଲା କି ଏଥିର ଅର୍ଥ ସେ କରି ପାରିବ ନାହିଁ ସେ ସନ୍ଧି ପଢ଼ି ନାହିଁ ଓ ବ୍ୟାକରଣ ଜାଣଇ ନାହିଁ ।

ଏ ଜୋବାନବନ୍ଦୀ ପାଠକରି ଆମ୍ଭମାନଙ୍କର ଏହି କଥା ଉଦୟ ହେଉଅଛି ଯେ ଓଡ଼ିଆଭାଷା କି ଦୁର୍ଦ୍ଦଶାକୁ ଲଭିଅଛି ! ଓଡ଼ିଆ ଭାଷା କେବଳ କର୍ମ ଚଳାଇବାର ଭାଷା ନୁହଇ ଏଥିରେ ଉତ୍କୃଷ୍ଟ ସାହିତ୍ୟ ପୁସ୍ତକମାନ ଅଛି କି ଯାହା ପଢ଼ିଲେ ପାଣ୍ଡିତ୍ୟ ଲାଭ ହୁଅଇ । ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ଯେଉଁ କାବ୍ୟମାନ ଲେଖି ଯାଇଅଛନ୍ତି ତାହା ବୁଝିବା ମୂର୍ଖ ଲୋକର କାର୍ଯ୍ୟ ନୁହଇ ବାସ୍ତବରେ ସେସବୁ ବୁଝିବା ସକାଶେ ନାନା ଶାସ୍ତ୍ର ଓ ପୁରାଣର ମର୍ମ ଜାଣିବା ଆବଶ୍ୟକ ହୁଅଇ । କିନ୍ତୁ ଆଜି କାଲି କେତେ ଲୋକ ଅଛନ୍ତି ଯେ ସେସମସ୍ତ ବୁଝିପାରିବେ ଅଥଚ ଯେ ସେ କହିବୁଲୁଅଛି ଯେ 'ମୁଁ ଉତ୍ତମରୂପେ ଓଡ଼ିଆଭାଷା ଜାଣେ ।' ଜାଣିବା ଲୋକେ ଏପରି କଥା ଶୁଣିଲେ ହାସ୍ୟ କରିବେ ଅଥବା ମୂର୍ଖ ବୋଲି ଦୟା ପ୍ରକାଶ କରିବେ ମାତ୍ର ତହିଁରେତ ଏପରି ଲୋକର ଭ୍ରମ ଭାଙ୍ଗିବ ନାହିଁ ବା ମୂର୍ଖତା ଯିବ ନାହିଁ । ସୁତରାଂ ଓଡ଼ିଆଭାଷାର ଦୁର୍ଦ୍ଦଶା ମୋଚନ ହେବାର ଆଉ ଉପାୟ ନାହିଁ । ଆମ୍ଭେମାନେ ଦୁଃଖସହିତ ଦେଖୁ ଅଛୁଁ ଯେ ଦିନକୁଦିନ ଯେତେ ଦେଶୀୟ ଭାଷା ଶିକ୍ଷାର ବିସ୍ତାର ହେଉ ଅଛି ତେତେ ଭାଷାର ପ୍ରକୃତ ଜ୍ଞାନ ଲୋପ ପାଉଅଛି । ପୂର୍ବକାଳର ଚାଟଶାଳୀରେ ପଢ଼ିଥିବା ଗୋଟିଏ ଗୋଟିଏ ଲୋକ ଅବଶ୍ୟ ବଞ୍ଚି ଅଛନ୍ତି କି ଯେଉଁମାନେ ନାନାଗ୍ରନ୍ଥ ପୁସ୍ତକରୁ କଥା ପ୍ରସଙ୍ଗରେ ଉଦାହରଣ ସ୍ୱରୂପ ଦଇ ଚାରି ଅଥବା ଆବଶ୍ୟକ ହେଲେ ଦଶ ପନ୍ଦର ପଦ ପଢ଼ି ଦିବେ ଓ ପୋଥି ଧରି ବସିଲେ ଅର୍ଥ କହି ଦିବେ କିନ୍ତୁ ବର୍ତ୍ତମାନ ଯେଉଁମାନେ ଭାଷା ଶିକ୍ଷା କରି ପରୀକ୍ଷା ଦେଇ ବାହାରୁ ଅଛନ୍ତି ସେମାନଙ୍କ ମଧ୍ୟରେ ଜଣେ ସେପରି ଅଛି କି ? ଅନ୍ୟ ଲୋକର କଥା କେଉଁକି ଥାଉ ବିଦ୍ୟାଳୟର ପଣ୍ଡିତମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାୟ ଗ୍ରନ୍ଥ ପୋଥି ବାଟେ ଯାଇ ନାହାନ୍ତି । ପୂର୍ବକାଳର ଗ୍ରନ୍ଥସବୁ କଠିନ ହେଲା ବୋଲି ଶିକ୍ଷା ବିଭାଗରେ ନିଯୁକ୍ତ ଥିବା କର୍ମଚାରୀମାନେ ଆପଣାକୁ ସହଜ ହେବ ପାଇଁ ଗୋଟିଏ ନୂତନ ଭାଷାର ସୃଷ୍ଟି କରୁ ଅଛନ୍ତି । ଅବଶ୍ୟ ତାହା କୌଣସି ଅଂଶରେ ପୁଷ୍ଟିଲାଭ କରି ନାହିଁ । ଏବଂ ଉପଯୁକ୍ତ ସାହିତ୍ୟ ପୁସ୍ତକମାନ ବାହାରିବା ପର୍ଯ୍ୟନ୍ତ ଏହାକୁ ପ୍ରକୃତ ଉନ୍ନତ ଭାଷା ବୋଲି ଜ୍ଞାନ କରିବା ବିଡ଼ମ୍ବନା ମାତ୍ର ! ଫଳତଃ ବ୍ୟବହାରିକ ବିଷୟରେ ଏହାକୁ ଭାଷା ବୋଲି ଜ୍ଞାନ କଲେସୁଦ୍ଧା କି ଓଡ଼ିଆ ଲିଖିତ ଭାଷା ନ ଜାଣିବା ଉଚିତ ହୁଅଇ ? ଆମ୍ଭମାନଙ୍କ ବିବେଚନାରେ ଭାଷାର ପ୍ରକୃତ ଜ୍ଞାନ ସକାଶେ ପୂର୍ବର ରଚିତ କାବ୍ୟମାନଙ୍କର ଅର୍ଥ ବୁଝିବା ନିତାନ୍ତ କର୍ତ୍ତବ୍ୟ ମାତ୍ର ସେ ଅଂଶରେ କାହାର ଦୃଷ୍ଟି ଯାଉ ନାହିଁ । ସ୍କୁଲରେ ସେ ସବୁ ପୁସ୍ତକ ପଢ଼ାଇବାର ପ୍ରସଙ୍ଗ ହେଲେ ତତ୍‌କ୍ଷଣାତ୍ ଏହି ଆପତ୍ତି ହୁଅଇ ଯେ ସେ ସମସ୍ତ ଅଶ୍ଳୀଲ ଭାବରେ ପରିପୂର୍ଣ୍ଣ ଓ ପାଠ୍ୟ ପୁସ୍ତକ ହେବାର ଯୋଗ୍ୟ ନୁହେଁ । ଆମ୍ଭେମାନେ ସ୍ୱୀକାର କରୁଁ କି ଯେ ସମୟରେ ଉକ୍ତ ପୁସ୍ତକମାନ ରଚିତ ହୋଇ ଥିଲା ସେକାଳର ରୁଚିଠାରୁ ବର୍ତ୍ତମାନ୍ ରୁଚି ଅନେକ ଉନ୍ନତ ହୋଇ ଅଛି ଅତଏବ ସେସବୁ ପୁସ୍ତକର ଅନେକାଂଶ ପକ୍ଷରେ ଅଶ୍ଳୀଲତାର ଆପତ୍ତି ଯଥାର୍ଥ ଅଟଇ ପ୍ରକୃତରେ ବୁଝିବାକୁ ଗଲେ ସେ ସବୁ ପୁସ୍ତକ ବାଳକମାନଙ୍କ ପଢ଼ିବା ସକାଶେ ହୋଇ ନ ଥିଲା ମାତ୍ର ସେ ସବୁ ପୁସ୍ତକ ଆଦୌ ପାଠ୍ୟ ଯୋଗ୍ୟ ନୁହଇ ଏହା ଆମ୍ଭେମାନେ ସ୍ୱୀକାର କରି ନ ପାରୁଁ । ଅନ୍ତତଃ ଯେରୂପ ଶିକ୍ଷାକଲେ ବାଳକମାନେ ବିଦ୍ୟାଳୟ ତ୍ୟାଗ କଲା ଉତ୍ତାରୁ ସେ ସମସ୍ତ ପୁସ୍ତକ ବୁଝି ପାରିବେ ସେରୂପ ଶିକ୍ଷା ଦେବା ପକ୍ଷରେ କି ଆପତ୍ତି ଅଛି । ପଣ୍ଡିତ ପ୍ରଭାକର ବିଦ୍ୟାରତ୍ନ ଏହି ଉଦ୍ଦେଶ୍ୟରେ ପଦ୍ୟସଂଗ୍ରହ ନାମରେ ପୁସ୍ତକ ପ୍ରକାଶ କରିଥିଲେ ମାତ୍ର ଉତ୍ସାହ ଅଭାବରେ ସେ ପୁସ୍ତକ ସୂତକ ଆଲମାରିରେ ବନ୍ଦ ହୋଇ ସଡ଼ିଗଲା । ଏହିସବୁ ଦେଖି ଆମ୍ଭେମାନେ ପଚାରୁ ଅଛୁଁ ଯେ ଓଡ଼ିଆଭାଷାର ଦୁର୍ଦ୍ଦଶା କେବେ ମୋଚନ ହେବ ?

---

## ସାପ୍ତାହିକସଂବାଦ ।

ଗତ ଜୁଲାଇ ମାସରେ ବଣ୍ଡିଘରବନ୍ଦରବାଟେ କଟକକୁ ଟ ୧୧୭୫୩୭୮ ଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା ଏବଂ ସେହି ବାଟେ ଏ ଜିଲ୍ଲାରୁ ଟ ୫୦୬୭୦୦୮ ଙ୍କାର ଦ୍ରବ୍ୟ ରପ୍ତାନି ହୋଇଥିଲା ରପ୍ତାନି ମଧ୍ୟରେ ଏକା ଚାଉଳ ଓ ଅନ୍ୟାନ୍ୟ ଶସ୍ୟ ଟ ୨୪୨୧୩୫ ଙ୍କାର ଥିଲା ।

ଚଳିତ ମାସ ତା ୧ ରିଖ ପର୍ଯ୍ୟନ୍ତ ମା ୩୫୨୦୯୦ ଣ ଭୂମି ସକାଶେ ନାଲଜଳ ନେବାର କବୁଲିୟତ୍ ହୋଇଥିଲା । ଗତ ବର୍ଷ ଏହି ସମୟରେ ମା ୨୩୦୨୪ ଣ କବୁଲିୟତ୍ ହୋଇଥିଲା । ବର୍ଷା ଊଣା ହେବାରୁ ନାଲ ଜଳର କିଛି ଆଦର ଏବର୍ଷ ବଢ଼ିଅଛି ।

ଇରମରୁ ଏକ ବ୍ୟକ୍ତି ଲେଖିଅଛନ୍ତି ଯେ ସେଠାରେ ଟଙ୍କାକୁ ସେ ୩୨ ର ଚାଉଳ ଥିଲା ସମ୍ପ୍ରତି ସେ ୨୪ ର ହୋଇଅଛି ଓ ଆହୁରି ଊଣା ହେବାର ସମ୍ଭାବନା । ସେ ଅଞ୍ଚଳରେ କଷ୍ଟ ଖରା ହୋଇଅଛି ଶୀଘ୍ର ବର୍ଷା ନ ହେଲେ ଫସଲ ପ୍ରତି ବ୍ୟାଘାତ ହେବ ।

ଏ ନଗରରେ ପୁଣି ଓଲାଉଠା ରୋଗର ଉପଦ୍ରବ ହୋଇଅଛି । ମଧ୍ୟରେ ଆଠଦଶ ଦିନ ବନ୍ଦ ଥିଲା । ସୁତାହାଟ ଓ ତନ୍ନିକଟବର୍ତ୍ତୀ ସ୍ଥାନରେ କେତେ ଗୋଟିଏ ଲୋକ ଏ ସପ୍ତାହରେ ମରି ପଡ଼ିଅଛନ୍ତି । ରୋଗର ତୀକ୍ଷ୍ଣତା କିଛି ଖର୍ବ ହୋଇ ନାହିଁ ଦେବୀ ଉଭା କରିବା ଓ ନଗର କୀର୍ତ୍ତନ ଇତ୍ୟାଦି ପୁନର୍ବାର ଆରମ୍ଭ ହୋଇଅଛି ।

ଗତ ରବିବାର ଶ୍ରୀଯୁକ୍ତ କମିଶନରସାହେବ

Split by PDF Splitter



ଗୋରଖା ଯସ୍ତୁରୁ ଫେରି ଅସିଲେ । ସେଠାରେ ଫସଲର ଆଶା ଉତ୍ତମ ନୁହେ ତାହା ଦେଖି କମିଶ୍ନରସାହେବ ସୁପରିଣ୍ଟେଣ୍ଡେଂ ଇଞ୍ଜିନିୟରଙ୍କୁ ଡକାଇ ପୂର୍ବରୁ ସାହାଯ୍ୟ କର୍ମ କି କରିବାକୁ ହେବ ସ୍ଥିର କରୁଅଛନ୍ତି ।

ପୁରୀଜିଲ୍ଲାର ଚିଲକା ଉପକୂଳବର୍ତ୍ତୀ ଅନେକ ସ୍ଥାନରେ ମଧ୍ୟ ଶସ୍ୟର ଆଶା ପ୍ରାୟ ନାହିଁ । ଏସବୁ ଅଞ୍ଚଳର ଅବସ୍ଥା ଶୋଚନୀୟ ଦେଖାଯାଏ ।

ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂସାହେବ କିଛିକାଳ ନିମିତ୍ତ ପ୍ରଥମ ଶ୍ରେଣୀକୁ ଉନ୍ନତି ପାଇ ଅଛନ୍ତି ।

ସମ୍ପ୍ରତି ଏ ନଗରରେ ଭାରୀ ଗର୍ମ ଓ ଗ୍ରୀଷ୍ମ ହେଉଅଛି ଏ ସପ୍ତାହରେ ତିନିଏକଥର ସାମାନ୍ୟ ବର୍ଷା ହୋଇଥିଲା ତହିଁରେ କେବଳ ମାଟି ଭିଜାଅଛିଗଡ଼ିଆ ପୋଖରୀରେ ପାଣି ରହି ନାହିଁ । ଶସ୍ୟର ଦର ପୂର୍ବଠାରୁ ବୃଦ୍ଧି ହୋଇ ଟଙ୍କାକୁ ସେ ୭।୮ ମିଳୁଅଛି ।

ଗୋରଧାରୁ ଏକ ବ୍ୟକ୍ତି ଲେଖିଅଛନ୍ତି ଯେ ସେ ମୁକାମରେ ବର୍ତ୍ତମାନ ଫି ଟ ୧ ଙ୍କାକୁ ମୋଟ ଚାଉଳ ସେ ୭୨ ଓ ସରୁ ସେ ୬୨ ଲେଖାଏ ହୋଇଅଛି ନଅଙ୍କ ଦୁର୍ଭିକ୍ଷ ପରି ହେଲଣି ଆଉ ବରଷା ହେବାର ନାହିଁ ଦରିଦ୍ରଆମାନେ ପଇସା ଅଭାବରେ ଚାଉଳ କିଣି ଖାଇବାକୁ ବଡ ବ୍ୟାକୁଳ ହେଉଅଛନ୍ତି ଅମଳମାନେ ଗିରସ୍ତ ଦେଖି କାତର ଓ ଗରିବଲୋକମାନେ ଓଳିଏ ଖାଇ ଓଳିଏ ଉପବାସ ରହିଅଛନ୍ତି ଏଠାର ହାକିମାନେ କିଛି ବୁଝିଲେ ନାହିଁ ମନୁଷ୍ୟ ମଲେ କିପ ଲାଗିବ ମାଧ୍ୟ ପୁରୀ ଜିଲ୍ଲାର କଲେଟର ଏପରି ଦୁର୍ଭିକ୍ଷ ହେବା ଶୁଣି ଅନୁସନ୍ଧାନ ନିମନ୍ତେ ତାଙ୍କ ସିରସ୍ତାଦର ବାବୁ ଭାଗବତଦାସଙ୍କୁ ପାରିକୁଦ ତରଫକୁ ପଠାଇଅଛନ୍ତି ପୁରୀରେ ମଧ୍ୟ ଟ ୧ ଙ୍କାକୁ ଚାଉଳ ସେ ୭ ର ଓ ସେ ୮ ର ଲେଖାଏ ହୋଇଅଛି ଚୁଇଅତେ ଦୁର୍ଭିକ୍ଷ ହେବାର ସମ୍ଭବ ହେଲଣି ହାକିମମାନେ ସତର୍କ ହେଉନ୍ତୁ ।

ମାହାଙ୍ଗା ଚାଉଳ ଲୁଟ ମକଦମାରେ ଜଏଣ୍ଟ ମେଜିଷ୍ଟ୍ରରସାହେବ ଆସାମିଙ୍କ ଉପରେ ଜମାଏତବସ୍ତ ଓ ଚୋରୀ ଅପରାଧର ଅଭିଯୋଗ କରି ସଫାଇ ତଲବ କରିଅଛନ୍ତି । ଦୁଇଜଣ ଆସାମୀ ଜାମିନରେ ଖଲାସ ହୋଇଅଛନ୍ତି ବାକି ତିନିଜଣ ହାଜତରେ ଅଛନ୍ତି ଆସନ୍ତା ମାସ ତା ୬ ରଖରେ ସଫାଇ ନିଆଯିବ ।

ବଙ୍ଗଳାର ସ୍ୱାସ୍ଥ୍ୟକମିଶନର ଡାକ୍ତର କୋଟ ସାହେବ ଲେଖିଅଛନ୍ତି କି ଫରିଦପୁରରେ ମାଛ କିମ୍ବା ରମ୍ପଭିମାଣ ଓ ଭାରୀ ଶସ୍ତାରେ ମିଳୁଥିବାରୁ ସେଠାଲୋକେ ମାଂସ ବହୁତ ଖାନ୍ତି । ମୁଙ୍ଗେରରେ ଚାଉଳ ମହର୍ଗ ହେବାରୁ ଗରିବ ଲୋକମାନେ ମୂଷା କସ୍ତୁରୀ ଓ ଜଙ୍ଗଲୀଗଛର ଚେର ଖାନ୍ତି । ପୁରୀରେ ମହନ୍ତମାନେ ନିଦାନ କରନ୍ତି ନାହିଁ ଏବଂ ଉତ୍ତମ ପ୍ରସାଦ ସେବା କରନ୍ତି ଏବଂ ଅତି ପୁଷ୍ଟିକର ଖାଦ୍ୟ ଆଳସ୍ୟ ସ୍ୱଭାବ ସଙ୍ଗେ ମିଶି ଅଜୀର୍ଣ୍ଣ ଓ ଅନେକ ସ୍ଥଳରେ ଶୂଳରୋଗ ଜାତ କରଇ । ମହନ୍ତମାନେ ସାବଧାନ ହେଉନ୍ତୁ ଏକାଠି ଭଲ ପ୍ରସାଦ ପାଇଲେ ପେଟ ସହିବ ନାହିଁଟି ।

ଉତ୍ତରପଶ୍ଚିମର ଗବର୍ଣ୍ଣମେଣ୍ଟ ଖାଦ୍ୟଦ୍ରବ୍ୟ ଦୁର୍ମୂଲ୍ୟ ହେବାର ଦେଖି ଲୋକଙ୍କ ସାହାଯ୍ୟ ନିମନ୍ତେ ବନ୍ଦୋବସ୍ତ କରୁଅଛନ୍ତି । ସମ୍ପ୍ରତି ସାହାଯ୍ୟସ୍ୱରୂପ କିଛି ପୂର୍ତ୍ତ କାର୍ଯ୍ୟ ଆରମ୍ଭ କରିବାର ସ୍ଥିର ହେଉଅଛି ।

ଆଗ୍ରାରୁ ଏକବ୍ୟକ୍ତି ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି ଯେ ପେଟର ଜ୍ୱାଳାରେ କେତେ ଶତ ଲୋକ ଗ୍ରାମମାନ ଛାଡି ଯାଉଅଛନ୍ତି । ପ୍ରତିଦିନ ବଜାରକୁ ଅଲଙ୍କାରମାନ ବିକ୍ରୟ ହେବାକୁ ଆସୁଅଛି ଖରିଦଦାର ଅଭାବରେ ସେ ସବୁ ଅତିଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଅଜମିରର ବଣିକମାନେ ଏକଦିନରେ ଗହମର ଭାଉ ସେ ୧୬ ର ଠାରୁ ସେ ୧୦ ର ପର୍ଯ୍ୟନ୍ତ ଉଣା କରିଦେଲେ ।

କଲିକତାର କେତେଜଣ କାୟସ୍ଥ ମିଳି ଗୋଟିଏ ସଭା କରିଅଛନ୍ତି । ସଭାର ଉଦ୍ଦେଶ୍ୟ ଏହି ଯେ କାୟସ୍ଥମାନେ ସ୍ୱଜାତୀୟ ଭିନ୍ନ ଅନ୍ୟ କାହାରି ସଙ୍ଗରେ ବୈବାହିକ ବା ସାମାଜିକ ସମ୍ପର୍କ ରଖିବେ ନାହିଁ ।

ଦିଲ୍ଲୀରେ ଏବଂ ଅମ୍ବାଲରେ ଲୋକମାନେ କେତେ ମୋଦିଦୋକାନ ଲୁଟି ନେଇ ଥିଲେ । ଅମ୍ବାଲରେ ପୁଲିସ କେତେ ଅପରାଧୀଙ୍କୁ ଧରି ଦେବାରେ ବେତର ସଜା ହେଲା । ଦିଲ୍ଲୀରେ ଜ ୪୭ ଜଣଙ୍କୁ ପୁଲିସ ଗିରଫ୍ତାର କରିଅଛି କିଛି ଦଣ୍ଡ ହୋଇ ନାହିଁ ।

ହାଇକୋର୍ଟର ଜଜ ମାକ୍‌ଫାର୍ସନ ସାହେବ କର୍ମ ତ୍ୟାଗ କରି ବିଲାତକୁ ଗଲେ । ହାଇକୋର୍ଟର ଓକିଲମାନେ ଏହାଙ୍କୁ ସମ୍ମାନ ସହିତ ବିଦାୟ ଦେଇଅଛନ୍ତି । ବାସ୍ତବରେ ମାକ୍‌ଫାର୍ସନ ସାହେବ ଜଣେ ସୁବିଚାରକ ଥିଲେ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଘୋଷଣା ଦେଇଅଛନ୍ତି କି ନେଲୋରଜିଲ୍ଲାରେ ଟଙ୍କାକୁ ବାଲେଶ୍ୱରୀ ସେ ୧୨ ର ଲେଖାଏ ଚାଉଳ ମିଳୁଅଛି ଓ କୋଟାପୁରଠାରେ ଏପ୍ରକାର ବନ୍ଦୋବସ୍ତ ହୋଇଅଛି ଯେ ପ୍ରତିଦିନ ୩।୪ ହଜାରବସ୍ତା ତାହାଙ୍କ ଉପରୁ କୂଳକୁ ଆସିପାରେ ।

ସ୍ୱାଧୀନ ତ୍ରିପୁରାର ମହାରାଜାଙ୍କ ଦେୱାନ୍ ପଦରେ ମୁଖାର୍ଜ୍ୟା ମାଗାଜିନ ନାମକ ମାସିକ ପତ୍ରିକାର ସମ୍ପାଦକ ବାବୁ ଶମ୍ଭୁଚନ୍ଦ୍ର ମୁଖାର୍ଜ୍ୟା ନିଯୁକ୍ତ ହୋଇ ଅଛନ୍ତି । ଏଥି ପୂର୍ବେ ଏ ମହାଶୟ କେତେକ ରାଜାଙ୍କ ଅଧୀନରେ କାର୍ଯ୍ୟ କରିଥିଲେ ଏହାଙ୍କର ବିଶେଷ ବହୁଦର୍ଶିତା ଅଛି । ଏହିପ୍ରକାର ଲୋକମାନେ ରାଜସରକାରରେ ନିଯୁକ୍ତ ହେଲେ ଅନେକ ମଙ୍ଗଳ ହେବାର ସମ୍ଭାବନା ।

---

## ବିଜ୍ଞାପନ ।

---

ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଲେଖାଯାଉଅଛି କି ସଦର ରେଜିଷ୍ଟ୍ରୀ ମହଲୁମାର ମୋହରର ମଥୁର ମୋହନ ଘୋଷକୁ ସରଭେଷ୍ଟ୍ରୀ ମଦେଇ ବନାମ ଗଙ୍ଗାଗୋବିନ୍ଦ ମିତ୍ର ମୁଦାଲାର ଜାଲ ରସିଦ ମୋକଦ୍ଦମାରେ ଲିପ୍ତ ଥିବା ଅପରାଧରେ ସରକାରୀ କର୍ମରୁ ବରତରଫ କରାଯାଇ ଅଛି ଅତଏବ ସେ ଅନ୍ୟ କୌଣସି ସରକାରୀ କର୍ମ ପାଇବାର ଅଯୋଗ୍ୟ ଅଟେ । ତା ୧୩ ଇଗ ସେପ୍ଟେମ୍ବର ସନ ୧୮୬୬ ମସିହା ।

RUNGLAL BANERJEE
*Dy. of the Registrar.*

---

## ସିନ୍‌କୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନପରି ଏହା ସାମାନ୍ୟ ଏବଂ କମ୍ପଜ୍ୱରର ଚିକିତ୍ସାରେ ସମାନ ଉପକାରୀ ଔଷଧ । ଏଥିରେ ବଡ ଏକ ପୌଣ୍ଡର ମୂଲ୍ୟ ଟ ୨୦ ଙ୍କା, ଡାକଖର୍ଚ୍ଚା ଏକ ଟଙ୍କା ଅତିରିକ୍ତ ଲାଗିବ ।

କଲିକତା ସ୍କ୍ରିକଟ ହାଉଡାଉ ବଟାନିକେଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହେବ ।

---

## ମୂଲ୍ୟପ୍ରାପ୍ତି ।

ବାବୁ ଅଚ୍ୟୁତାନନ୍ଦଦାସ କଟକ ବଖ୍ରାବାଦ ୪ ୩ ୧
ଗଉଡ଼ଜଣ୍ଣୀ ସୂର୍ଯ୍ୟନାରାୟଣଦତ୍ତ ନବରଙ୍ଗପୁର
ଅଗ୍ରିମ ୪୬୫୯

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଆଜ ଆପଣଙ୍କ ପତ୍ରିକାପାର୍ଶ୍ୱରେ ମୁଁ ଜଣେ ପ୍ରାର୍ଥୀ । ପ୍ରତି ଉତ୍କଳବାସିର ଅଭିଲାଷିତ ଗୋଟିଏ ବିଷୟରେ ମୋର କିଛି ବକ୍ତବ୍ୟ ଅଛି । ଆପଣଙ୍କ ପତ୍ରଦ୍ୱାରା ମୁଁ ତାହା ବ୍ୟକ୍ତ କରିବି । ଅସ୍ମମାନଙ୍କର ପ୍ରଧାନ ହାକିମ କମିଶନର ସାହେବ ତାହା ଶୁଣିବେ, ସେଥିର ପ୍ରତୀକାର କରିବେ ଏହି ଆଶାରେ ମୁଁ ଉକ୍ତ ବିଷୟଟି ଛପାଇବା ପାଇଁ ଆଜ ଏଡ଼େ ବ୍ୟସ୍ତ ହୋଇଅଛି । ସାନଲାଟ ଶୁଣିବେ ବୋଲି ଆଶା ବଳାନ୍ତି, ମାତ୍ର ସାନଲାଟଙ୍କର ଦେଶୀୟସମ୍ବାଦପତ୍ର ପ୍ରତି ଯେଉଁ ଭକ୍ତି, ସେଥିରେ ଯେ ସେ ଶୁଣିବେ ଏଥିରେ ମୋହୋର ସନ୍ଦେହ ଜନ୍ମୁଅଛି । ପୁଣି ଏଠାର ଉତ୍କଳ ଅନୁବାଦକ ମହାଶୟ ସମ୍ବାଦକୁ ସମ୍ବାଦ ଅନୁବାଦ କରି ପଠାନ୍ତି କି ନାହିଁ, ସେଥିରୁ ସୁଦ୍ଧା ଅଜ୍ଞାତ । ସୁତରାଂ ସେ ଆଶା ନାହିଁ । ଶୁଣୁଛି ବିମ୍ସ ସାହେବ ଟିକିଏ୨ ଏବେ ଆପଣଙ୍କ ପତ୍ର ପଢ଼ନ୍ତି, ମଧ୍ୟ ସେ ପ୍ରଧାନ ଉତ୍କଳହିତୈଷୀ ବୋଲି ସମ୍ବାଦକୁ ସମ୍ବାଦ ପକ୍ଷକୁ ପକ୍ଷ ବାଲେଶ୍ୱରରୁ ରଡ଼ି ଆସୁଅଛି ; ଓଡିଶାର ପ୍ରତ୍ୟେକଗୃହ, ଶୁଣିବାରେ, ତାଙ୍କର ଯଶଧ୍ୱନିକୁ ପ୍ରତିଧ୍ୱନିତ କରୁଅଛି । ମଧ୍ୟ ତାଙ୍କର ଶୁଣିଛି ବଡ଼ ଦୟାର୍ଦ୍ରଚିତ୍ତ । ଲୋକଙ୍କ 'ମୋହବତି' ସେ ଏଡ଼େ ପାରନ୍ତି ନାହିଁ । ଏସବୁରୁ ସେ ନିଶ୍ଚେ ମୋ ଗୁହାରି ଶୁଣିବେ ବୋଲି ମୋହୋର ବଡ଼ ଆଶା ଜନ୍ମିଅଛି । ମୋ ଗୁହାରି ତାଙ୍କ କର୍ଣ୍ଣରେ ପଡ଼ିଲେ, ମୋ କାମନା ସଫଳ ହୋଇ ପାରେ ।

ତେବେ ଅଧିକ ମୁଖବନ୍ଧ ଅନାବଶ୍ୟକ । ମୂଳ ପ୍ରସ୍ତାବର ସୂଚନା ହେଉ । ମୂଳ ପ୍ରସ୍ତାବଟି ସାମାନ୍ୟ । ସେଥି ପ୍ରତି ଅବଧାନ କରନ୍ତୁ ।

ବର୍ତ୍ତମାନ ଓଡିଶା ବିଦ୍ୟାଳୟସମୂହର ବାବୁ ନନ୍ଦକିଶୋର ଦାସ ଜଏଣ୍ଟ ଇନ୍‌ସ୍ପେକ୍ଟର ଅଟନ୍ତି । ଜଣେ ଦେଶୀୟ ଲୋକ ଜଏଣ୍ଟ ଇନ୍‌ସ୍ପେକ୍ଟର ହେଲେ ଓଡିଶା ବିଦ୍ୟାଶିକ୍ଷାର ଓ ଓଡ଼ିୟା ଭାଷାର ବହୁ ମଙ୍ଗଳ ହେବ ବୋଲି ସରେନ୍‌ଶା ସାହେବ ତାଙ୍କୁ ଡେପୁଟୀ କଲେକ୍ଟରରୁ ଆଣି ଏ କାର୍ଯ୍ୟରେ ନିଯୁକ୍ତ କରାଇଥିଲେ । ଉକ୍ତ ବାବୁ ମଧ୍ୟ ଆଶାନୁରୂପ କାର୍ଯ୍ୟ କରିଅଛନ୍ତି । ଓଡିଶାର ଶିକ୍ଷିତ ଲୋକେ ଯଥାସାଧ୍ୟ ଶିକ୍ଷାର ପୁରସ୍କାର ବାବୁଙ୍କଠାରୁ ପାଇଅଛନ୍ତି । ଓଡିଶା ବିଦ୍ୟାଳୟ ଓ ପାଠଶାଳାଚୟର ଶିକ୍ଷାପ୍ରଣାଳୀ ଏହି ବାବୁଙ୍କ ଯତ୍ନରେ କ୍ରମଶଃ ଉନ୍ନତ ହେଉଅଛି । ତାଙ୍କଦ୍ୱାରା ବିଦ୍ୟାଳୟର ବୃତ୍ତି ପରୀକ୍ଷାନିଚୟର ଶୃଙ୍ଖଳା ସମ୍ୟକ୍‌ରୂପେ ସ୍ଥାପିତ ହୋଇଅଛି । ଉତ୍କଳ ପୁସ୍ତକମାନ ନିର୍ବାଚନ କରି ଉତ୍ତମ୨ ପୁସ୍ତକମାନଙ୍କୁ ବିଦ୍ୟାଳୟର ପାଠ୍ୟପୁସ୍ତକ ସ୍ୱରୂପ ନିର୍ଦ୍ଧାରିତ କରି ଉତ୍ତମ ଓଡ଼ିୟାପୁସ୍ତକ ରଚନା ବିଷୟରେ ଯଥେଷ୍ଟ ଉତ୍ସାହ ଦେଇଅଛନ୍ତି । ଏହିପରି ଗୋଟିଏ୨ କରି ତାଙ୍କ କାର୍ଯ୍ୟ କଥା ଲେଖିବା ମୋ ପକ୍ଷରେ ବାହୁଲ୍ୟ ମାତ୍ର । ତାଙ୍କର ନିଯୁକ୍ତି ସ୍ଥଳରେ ସରେନ୍‌ଶା ସାହେବଙ୍କର ଓଡିଶାରେ ଗୋଟିଏ କୀର୍ତ୍ତିବିଶେଷ । ଆଜିକି ଚାରି ପାଞ୍ଚ ଦିନ ହେଲା ଶୁଣିଲି, ଡେପୁଟୀ କଲେକ୍ଟରୀ ଧାଡରେ ତାଙ୍କର ୧୦୦ ଟଙ୍କା ବେତନ ବୃଦ୍ଧି ହେବାରୁ ତାଙ୍କୁ ୧୦୦ ଟଙ୍କା ଜଏଣ୍ଟ ଇନ୍‌ସ୍ପେକ୍ଟରୀ ଏଲାଓଏନ୍ସ ସାନଲାଟ ସାହେବ ଦେବାକୁ ଅସମ୍ମତ । ସୁତରାଂ ଉକ୍ତ ବାବୁ ଆପଣା ଡେପୁଟୀ କଲେକ୍ଟରୀ କର୍ମକୁ ପ୍ରତିଗମନ କରୁଅଛନ୍ତି । ମୋହୋ ହୀନବିବେଚନାରେ, ନନ୍ଦକିଶୋର ବାବୁ ଯେପରି ଓଡିଶାର ଶୁଭାନୁଧ୍ୟାୟୀ ହୋଇ କାର୍ଯ୍ୟ କରିଅଛନ୍ତି ଓ ବର୍ତ୍ତମାନ ପ୍ରସ୍ତାବ ଅନୁସାରେ ଛୋଟନାଗପୁର, ଚଟ୍ଟଗ୍ରାମ, ଓଡିଶା ପ୍ରଭୃତିରେ ୪୦୦ ଟଙ୍କା ବେତନରେ ଜଣେ୨ ଜଏଣ୍ଟ ବା ଅସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ରଖିବାର ଯେପରି କଥା ହୋଇଅଛି, ଏହି ଉଭୟ ବିଷୟକୁ ବିଚାର କରି, ନିତାନ୍ତପକ୍ଷେ ନନ୍ଦକିଶୋର ବାବୁଙ୍କର ଡେପୁଟୀ କଲେକ୍ଟରୀ ଧାଡରେ ୪୦୦ ଟଙ୍କା ହେବା ପର୍ଯ୍ୟନ୍ତ ତାଙ୍କୁ ୧୦୦ ଟଙ୍କା ଏଲାଓଏନ୍ସ ଦେଇ ଓଡିଶା ଜଏଣ୍ଟ ଇନ୍‌ସ୍ପେକ୍ଟରୀ କାର୍ଯ୍ୟରେ ରଖାଯାଉ । ମଧ୍ୟ ଏହିତ ପ୍ରତ୍ୟେକ ଓଡିଶାବାସିର ହୃଦୟର ପ୍ରାର୍ଥନା । ନନ୍ଦକିଶୋର ବାବୁ ଓଡିଶାବାସୀ, ସୁତରାଂ ସେ ଓଡିଶାର ଶିକ୍ଷା ଓ ଓଡ଼ିୟା ଭାଷାର ପ୍ରକୃତ ଅଭାବ ବୁଝି, ସେଥିର ପ୍ରତୀକାର କରୁଅଛନ୍ତି ଓ ଏଥିମଧ୍ୟରେ ତାଙ୍କର କୃତକାର୍ଯ୍ୟତାର ବୀଜ ନିହିତ ରହିଅଛି ।

ଯଦି ଏହି ପ୍ରସ୍ତାବରେ ବିମ୍ସ ସାହେବ କୌଣସି କାରଣରୁ ଅସମ୍ମତ ହୁଅନ୍ତି ; ଯଦି ତାଙ୍କୁ ସେ ଜଏଣ୍ଟ ଇନ୍‌ସ୍ପେକ୍ଟରରେ ଏଲାଓଏନ୍ସ ଦେଇ ରଖାଇବାକୁ ନ ଚାହାନ୍ତି ; ତେବେ ଜଣେ ଏ ଦେଶୀୟ ଲୋକ ତାଙ୍କ କର୍ମରେ ନିଯୁକ୍ତ କରିବା ବିଷୟରେ ଯେମନ୍ତ ସେ ଯତ୍ନର ତ୍ରୁଟି ନ କରନ୍ତି, ଏହିତ ତାଙ୍କୁ ସବିନୟ ପ୍ରାର୍ଥନା । ଓଡିଶାବାସିଏ ବଙ୍ଗଦେଶୀୟ କୌଣସି ଶିକ୍ଷାବିଭାଗୀୟ କର୍ମଚରଙ୍କୁ ଏ କାର୍ଯ୍ୟରେ ଦେଖିବାକୁ ଚାହାନ୍ତି ନାହିଁ । ବଙ୍ଗୀୟଙ୍କର ଓଡିଶାର ଶିକ୍ଷାରେ ସହାନୁଭୂତି ଜନ୍ମିବା କଥାରେ ଓଡିଶାବାସିଙ୍କର ବିଶେଷ ସନ୍ଦେହ ଅଛି । ମଧ୍ୟ ଏ ସନ୍ଦେହ ଅହେତୁମୂଳକ ନୁହେ ।

ଯାହା ହେଉ ଜଣେ ଦେଶୀୟଙ୍କ ନାମ ଏଠାରେ ଉଲ୍ଲିଖିତ ହୋଇ ପାରେ । ତାଙ୍କୁ ଉକ୍ତ କର୍ମ ଦେଲେ ଓଡିଶାବାସିଏ ଅସନ୍ତୁଷ୍ଟ ହେବେ ନାହିଁ । ସେ ବ୍ୟକ୍ତି ବାଲେଶ୍ୱରର ଡେପୁଟୀ ଇନସ୍ପେକ୍ଟର ରାଧାନାଥ ବାବୁ । ତାଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କଲେ ମଧ୍ୟ ଓଡିଶା ଶିକ୍ଷା-ବିଭାଗର ମଙ୍ଗଳର ସମ୍ୟକ୍ ସମ୍ଭାବନା । ସେ ପ୍ରକୃତ ବିଏ, ଏମେଙ୍କଠାରୁ ଉପଯୁକ୍ତତର । ଅନେକ ଶିକ୍ଷାବିଭାଗୀୟ ୨।୩ ଶତ ଟଙ୍କା ବେତନ ପାଇବା ଲୋକଙ୍କ ଅପେକ୍ଷା ସୁଦକ୍ଷତର କର୍ମଚରୀ ଓ ଅଧିକ ପାଣ୍ଡିତ୍ୟଧାରୀ ! ସରେନ୍‌ଶା ସାହେବ ସେଦିନ ଡେପୁଟୀ ଇନ୍‌ସ୍ପେକ୍ଟରୀ ଧାଡରେ ତାଙ୍କୁ ପଦୋନ୍ନତ ନ ଦେଇ ତାଙ୍କ ପ୍ରତି ବିଶେଷ ଅନ୍ୟାୟ କରିଅଛନ୍ତି, ଏହା ବୋଧ ହୁଏ ସ୍ୱୟଂ ବିମ୍ସ ସାହେବଙ୍କୁ ସୁଦ୍ଧା ଅଗୋଚର ନାହିଁ ।

ଶ୍ରୀଯୁତ ବିମ୍ସ ସାହେବ ଉଲ୍ଲିଖିତ ଗୁହାରିଦ୍ୱୟ କର୍ଣ୍ଣଦେଇ ଶୁଣି, ସେଥିମଧ୍ୟରୁ ଗୋଟିକୁ ସଫଳ କଲେ, ପ୍ରକୃତ ତାଙ୍କର ନାମର ଗୌରବ ଓଡିଶା ଶିକ୍ଷାସମ୍ବନ୍ଧରେ ପରିବର୍ଦ୍ଧିତ ହେବ । ଏହିଥିରୁ ମଧ୍ୟ ଜଣାଯିବ ଶ୍ରୀଯୁତ ବିମ୍ସ ସାହେବଙ୍କର ଓଡିଶା ପ୍ରତି କେତେଦୂର ପ୍ରକୃତ ମମତା !!! 'କମଧିକଂ ବିଜ୍ଞବରେଷୁ' ।

ସମ୍ପାଦକ ମହାଶୟ ! ଆଜି ଏତିକି । ଓଡିଶା ଜଏଣ୍ଟ ଇନ୍‌ସ୍ପେକ୍ଟରୀ କାର୍ଯ୍ୟ ଜଣେ ଓଡିଶାବାସୀ ନ ପାଇଲେ ଓଡିଶା ଶିକ୍ଷା-ବିଭାଗର ବିଶେଷ ମଙ୍ଗଳ ନାହି । ଏଥିରେ ଆପଣଙ୍କ ମତ ଅବଶ୍ୟ ପ୍ରକାଶିତ ହେବ ।

ନିବେଦକ
ଠିକ୍‌ଠାକ୍

☞ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ | ସଂ ୪୦ ଖ୍ୟା

ତା ୭ ଋଖ ମାହେ ଅକ୍ଟୁବର ସନ ୧୮୭୭ ମସିହା । ମୁ । ଆଶ୍ୱିନ ତ ୨୨ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଁଇ ଡାକମାସୁଲ ଟ୧୪୵

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଆଜ୍ଞା ଦେଇଅଛନ୍ତି କି ଢେଙ୍କାନାଳର ଯେଉଁ ତିନିଲକ୍ଷ କୋଡିଏହଜାର ଟଙ୍କା କଟକ ଖଜଣାଖାନାରେ ଜମା ଅଛି ତହିଁମଧ୍ୟରୁ ଗବର୍ଣ୍ଣମେଣ୍ଟଙ୍କର ପାଉଣା ନଜରାନା ଟ ୭୨,୨୪୨୯ ଙ୍କା ଏକାବେଳକେ କାଟି ନିଆଯିବ । ପୋଷ୍ୟପୁତ୍ର ରାଜଗଦି ପ୍ରାପ୍ତ ହେବାରୁ ଏ ନଜରାନା ଟଙ୍କା ଦେଣପଡ ଅଛି ।

---

ଗତ ମାସ ତା ୨୭ ଋଖ ପର୍ଯ୍ୟନ୍ତ ବୃଷ୍ଟି ଓ ଶସ୍ୟର ଅବସ୍ଥା ଇଣ୍ଡିଆଗଜେଟରେ ଏହିପରି ଲେଖିତ ହୋଇଅଛି ଯେ ମାନ୍ଦ୍ରାଜ, ମହୀସୁର ଓ ବମ୍ବେଇରେ ଉତ୍ତମ ଚତୁର୍ଦ୍ଦିଗ ବୃଷ୍ଟି ଓ ଫସଲର ଆଶା ଉଜ୍ଜ୍ୱଳ । ବରଷାକାଳର ଫସଲ କଟା ହେଉଅଛି ଦକ୍ଷିଣ ପ୍ରଦେଶର ଉତ୍ପନ୍ନ ଉତ୍ତମ । ଉତ୍ତର ପ୍ରଦେଶରେ କିଛି ଊଣା । ଗୁଜରାଟରେ ଜଳର ଲୋଡ଼ା ଅଛି ଓ ସିନ୍ଧୁର ଅବସ୍ଥା ମନ୍ଦ । ମଧ୍ୟପ୍ରଦେଶରେ ବୃଷ୍ଟି ବହୁଦିନରୁ ଛାଡ଼ିଯାଇଥିବାରୁ ଫସଲ ପ୍ରତି ଶଙ୍କା ହୋଇଅଛି । ମଧ୍ୟଭାରତବର୍ଷରେ ବର୍ଷା ନାହିଁ । ଏସବୁ ସ୍ଥାନର ଅବସ୍ଥା କିଛି ଭଲ ହୋଇ ନାହିଁ । ବଙ୍ଗଳାର ଉତ୍ତର ଭାଗରେ ଭଲ ବୃଷ୍ଟି ଭାଗଲପୁରରେ ଅଳ୍ପ ଓ ତ୍ରିହୁତର ଏକ୨ ଅଂଶ ଛଡ଼ା ପାଟନା ଡିବିଜନରେ ଫସଲର ଆଶା ଭଲ ନୁହଇ । ପୁସାରେ ମଧ୍ୟ ବୃଷ୍ଟିର ଅଭାବ ଅଛି । ଆସାମର ଅବସ୍ଥା ଭଲ । ବ୍ରହ୍ମାରେ ସାଧାରଣରୂପ ବୃଷ୍ଟି ହୋଇଅଛି । ଉତ୍ତର ପଶ୍ଚିମରେ ମରୁତ ଓ ପଶ୍ଚିମାବାୟୁ । ପଞ୍ଜାବରେ ପ୍ରାୟ ବର୍ଷା ନାହିଁ । ମୂଲତାନ ଛଡା ସବୁଠାରେ ଅବସ୍ଥା ମନ୍ଦ ।

ଏ ସମ୍ପର୍କରେ ଆମ୍ଭେମାନେ ସମ୍ବଲପୁରଠାରୁ ପତ୍ର ପାଇଅଛୁଁ ଯେ ଗତ ମାସ ତା ୧୫ ଋଖଠାରୁ ସେ ଅଞ୍ଚଳରେ କିଛି ବର୍ଷା ହୋଇ ନାହିଁ କୃଷିକୁ ବିଶେଷ ହାନିକର ହୋଇଅଛି ଏବଂ ଲୋକମାନେ ନିତାନ୍ତ କାତର ହୋଇଅଛନ୍ତି ଓ ସମସ୍ତଙ୍କର ମତ ଏହି ଯେ ଏଣିକି ବର୍ଷା ହେଲେ ମଧ୍ୟ ଉପକାର ହେବାର ନାହିଁ ।

---

ନୂତନ ଦେୱାନୀ କାର୍ଯ୍ୟ ବିଧି ଅର୍ଥାତ ସନ ୧୮୭୭ ସାଲର ଦଶଆଇନ ଚଳିତ ମାସ ଆରମ୍ଭଠାରୁ ପ୍ରଚଳିତ ହେଲା କିନ୍ତୁ ଅଦ୍ୟାବଧି ଓଡିଆରେ ଆଇନ ଛପା ହୋଇ ନ ଥିବାରୁ ଉକିଲମାନେ ବଡ଼ ହରବରରେ ପଡିଅଛନ୍ତି । ବଡ଼ଉକିଲମାନେ ଇଂରାଜୀ ଆଇନ ଆଣାଇ କାର୍ଯ୍ୟ ନିର୍ବାହ କରି ନେଉଅଛନ୍ତି ମାତ୍ର ଛୋଟଉକୀଲ ମୁକ୍ତାର ଓ ମାମଲତକାରଙ୍କର କଷ୍ଟର ସୀମା ନାହିଁ । ଅର୍ଜିର ଫାରମମାନ ନୂଆ ସୃଜନା ହୋଇଅଛି ଅଥଚ ଦେଶୀୟ ଭାଷାରେ ଆଇନ ପ୍ରକାଶିତ ନ ହେବାରୁ ଆଇନାନୁସାରେ କାର୍ଯ୍ୟ ହୋଇପାରୁ ନାହିଁ । ଅନେକ ମାମଲତକାରଙ୍କର ଅର୍ଜି ଏହି ହେତୁରେ ଦାଖଲ ହୋଇପାରୁ ନାହିଁ ଓ ଯାହାଙ୍କର ମିଆଦ ଶେଷ ହେଉଅଛି ତାହାଙ୍କର କଥା ବଡ଼ ଦୁସ୍ତର ହୋଇଛି । ଆମ୍ଭେମାନେ ଅନୁରୋଧ କରୁଁ ଯେ ଓଡିଆରେ ଆଇନ ବାହାରିବା ପର୍ଯ୍ୟନ୍ତ ଦେୱାନୀ ହାକିମମାନେ ପୁରୁଣା ଫାରମରେ ଅର୍ଜି ଇତ୍ୟାଦି କାଗଜ ଗ୍ରହଣ କରନ୍ତୁ । ଆଇନ ଶୀଘ୍ର ଛପା ନ ହେବା ଗବର୍ଣ୍ଣମେଣ୍ଟଙ୍କର ଦୋଷ ଅଟଇ । ଆମ୍ଭେମାନେ ଶୁଣୁଅଛୁଁ ଯେ ଆହୁରି ଏକମାସ ଗତ ନ ହେଲେ ଆଇନ ବାହାରିବାର ଆଶା ନାହିଁ । ସ୍ଥାନୀୟ ଅନୁବାଦକଙ୍କ ମହକୁମାର କାର୍ଯ୍ୟ ବଡ଼ ଶିଥିଳରୂପେ ନିର୍ବାହିତ ହେବାର ଦେଖାଯାଏ । ଗବର୍ଣ୍ଣମେଣ୍ଟ ଏ ମହକୁମାର ବେତନ ବଢ଼ାଇଦେଲେ ମାତ୍ର ନିୟମିତ ପ୍ରକାରରେ କାର୍ଯ୍ୟ ନେବାର ବନ୍ଦୋବସ୍ତ କଲେ ନାହିଁ । କମିଶ୍ନର ସାହେବଙ୍କର ଏ ମହକୁମା ଉପରେ କଠିନ ଦୃଷ୍ଟି ଥିଲେ ଏତେସରିକି ହୁଅନ୍ତା ନାହିଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ ଗତ ମାସ ତା ୨୭ ଋଖରେ ଜୀବନଲୀଳା ଶେଷ କଲେ । ଏ ମହାଶୟ ସୁବିଖ୍ୟାତ ମୃତ ପଦ୍ମଲୋଚନ ମଣ୍ଡଳଙ୍କର ମଧ୍ୟମ ପୁତ୍ର ଥିଲେ । ପଦ୍ମ ବାବୁ ବଙ୍ଗାଳୀ ଥିଲେହେଁ ବାଲେଶ୍ୱରରେ ବହୁକାଳ ବାସ ଓ ସରକାରୀ କର୍ମ, ଜମିଦାରୀ ବାଣିଜ୍ୟ ଇତ୍ୟାଦିଦ୍ୱାରା ଅର୍ଥ ଉପାର୍ଜନ କରିଥିବାରୁ ଓଡିଆଙ୍କ ପ୍ରତି ଏହାଙ୍କର ଯଥାର୍ଥ ସହାନୁଭୂତି ଜନ୍ମିଥିଲା ଓ ତାହାଙ୍କର ସୁଯୋଗ୍ୟ ପୁତ୍ର କି ଯାହାଙ୍କ ସକାଶେ ଅଦ୍ୟ ଶୋକ ପ୍ରକାଶ କରୁଅଛୁଁ ସେବାଟକୁ ଅନୁସରଣ

Digitized by srujanika@gmail.com

Split by PDF Splitter



କରିଥିଲେ । ବାସ୍ତବରେ ବୃନ୍ଦାବନ ବାବୁ ସରଳ ଓ ସ୍ନେହପୂର୍ଣ୍ଣ ସ୍ୱଭାବ ହେତୁରୁ ସମସ୍ତ ଶ୍ରେଣୀର ଲୋକଙ୍କଠାରେ ଆଦୃତ ହୋଇଥିଲେ । ସେ ଯେମନ୍ତ ଉତ୍ତମ ଲୋକ ଥିଲେ ତେମନ୍ତ ଚତୁର ଓ କାର୍ଯ୍ୟଦକ୍ଷ ଥିଲେ । ବାଣିଜ୍ୟାଦି ନାନା ଉଦ୍ଯୋଗଦ୍ୱାରା ଅର୍ଥ ଉପାର୍ଜନ କରିବାରେ ତାହାଙ୍କର ତ୍ରୁଟି ନ ଥିଲା ଅଥଚ ଆପଣା ମର୍ଯ୍ୟାଦା ରକ୍ଷା ସକାଶେ ବ୍ୟୟ କରିବାକୁ କାତର ନ ଥିଲେ । ସେ କେମନ୍ତ ସ୍ୱାଧୀନ ଓ ସାହସୀ ଥିଲେ ଯେଉଁମାନେ ତାହାଙ୍କର ମାକନାଟନ ସାହେବଙ୍କ ସହିତ ମକଦ୍ଦମାର କଥା ଶୁଣିଅଛନ୍ତି ତାହାଙ୍କଠାରେ ଅବଦିତ ନାହିଁ । ସାଧାରଣ ହିତକର କାର୍ଯ୍ୟରେ ଦାନ କରିବାକୁ ସର୍ବଦା ତତ୍ପର ଥିଲେ ଏହିପରି ଅନେକ ସଦ୍ଗୁଣମାନ ତାହାଙ୍କଠାରେ ଥିଲା ଯାହା କି ଓଡ଼ିଶାରେ ଅତ୍ୟଳ୍ପ ସ୍ଥଳରେ ଦେଖାଯାଏ । ଏପରି ମହାନ ଲୋକର ଅକାଳମୃତ୍ୟୁ ଅତ୍ୟନ୍ତ ଦୁଃଖର ବିଷୟ ଅଟଇ । ଏହାଙ୍କର ବୟସ ୩୪ ବର୍ଷ ମାତ୍ର ଥିଲା ଓ ଏହାଙ୍କର ଗୋଟିଏ ଭୟଙ୍କର ଅର୍ଥାତ୍ ଅପରିମିତ ପାନଦୋଷ ଜନିତ ବା ଉଦରାମୟ ରୋଗ ଜାତ ହୋଇ ଏତେଶୀଘ୍ର ଏହାଙ୍କୁ ଆପଣା ପରିବାର ଓ ଜନସାଧାରଣଙ୍କଠାରୁ ଚିରକାଳ ସକାଶେ ବିଚ୍ଛିନ୍ନ କଲା । ବାଲେଶ୍ୱରର ଆବାଲବନିତା ଏହାଙ୍କ ପାଇଁ କାନ୍ଦୁଅଛନ୍ତି ଏବଂ ଶବ ଶ୍ମଶାନକୁ ନିବାବେଳେ ୮ । ୯ ଶ ଲୋକ ପଛରେ ଗୋଡ଼ାଇ ଯାଇ ଆପଣା୨ ସ୍ନେହର ପରିଚୟ ଦେଇଥିଲେ । ଏପରି ଲୋକର ସ୍ୱର୍ଗବାସ ହୋଇଅଛି ଏହା ସମସ୍ତେ ଅନୁମାନ କରୁଅଛନ୍ତି ଏବଂ ବର୍ତ୍ତମାନ ଏହାହିଁ ସମସ୍ତଙ୍କର ପ୍ରାର୍ଥନା ।

---

## ଦୁର୍ଭିକ୍ଷ ।

ଆମ୍ଭେମାନେ ଏପର୍ଯ୍ୟନ୍ତ ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ ବୃତ୍ତାନ୍ତ ଲେଖିଥିଲୁଁ ବର୍ତ୍ତମାନ ଆମ୍ଭମାନଙ୍କ ଓଡ଼ିଶାର ଏକ ପ୍ରାନ୍ତ ଭାଗରେ ଦୁର୍ଭିକ୍ଷ ଉପସ୍ଥିତ । ଆମ୍ଭେମାନେ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀଜିଲ୍ଲା ଅନ୍ତର୍ଗତ ପାରିକୁଦ ବଜରକୋଟ ଇତ୍ୟାଦି ଚିଲ୍କା ନିକଟସ୍ଥ ସ୍ଥାନମାନଙ୍କରେ ଅକାଳ ପଡ଼ିଅଛି । ସେ ଅଞ୍ଚଳର ଭୂମି ସ୍ୱଭାବତଃ ଫଳବତୀ ନୁହେ ସେଠାଲୋକେ ଲୁଣ ପୋକ୍ତାଇ ଉପରେ ବିଶେଷରୂପେ ନିର୍ଭର ରଖନ୍ତି । ଲୁଣ ପୋକ୍ତାଇ ଊଣା ହେବା ସମୟରୁ ସେମାନେ କୃଷି ବ୍ୟବସାୟ କରି ଏକପ୍ରକାର ନିର୍ବାହ ହେଉଥିଲେ ଏଥିରେ ଗତ ସମ୍ବତ୍ସର ଫସଲର ଉତ୍ପନ୍ନ ଅତ୍ୟଳ୍ପ ହେବାରୁ ସେମାନଙ୍କର କଷ୍ଟ ଆରମ୍ଭ ହେଲା । ସେଠାରେ ଏପରି କେହି ମହାଜନ ନାହିଁ ଯେ ଲୋକଙ୍କୁ ଧାନ, ଅଥବା ଋଣ ଦେଇ ସାହାଯ୍ୟ କରିପାରେ ସୁତରାଂ ସେମାନଙ୍କର କଷ୍ଟ ବୃଦ୍ଧି ହେଲା । ଏବର୍ଷ ସେମାନେ ଯଥା କଷ୍ଟରେ ଯାହା ବୁଣିଥିଲେ ଓ ରୋଇଥିଲେ ମରୁଡ଼ିରେ ସବୁ ନଷ୍ଟ ହୋଇଅଛି ଓ ଏଣିକି ବର୍ଷା ହେଲେ ମଧ୍ୟ ଫସଲ ହେବାର କିଛି ସମ୍ଭାବନା ନାହିଁ । ପୁଲିସର ସୁପରିଣ୍ଟେଣ୍ଡେଣ୍ଟସାହେବ ସରଜମିନ ତଦାରଖ କରି ରିପୋର୍ଟ କଲେ ଯେ ସେଠା ଲୋକେ ଅତି ଦୁରବସ୍ଥାରେ ଅଛନ୍ତି ଓ ଅଧିକାଂଶ ଲୋକ କେବଳ ଶାଗ ଖାଇ ପ୍ରାଣ ରକ୍ଷା କରୁଅଛନ୍ତି ।

ପୁରୀରେ ଏ ସମ୍ବାଦ ପ୍ରବେଶ ହେବାରୁ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିଙ୍କ ସାହାଯ୍ୟ ସକାଶେ ଚାନ୍ଦା ସଂଗ୍ରହ କରିବା କାରଣ ଗତ ମାସ ତା ୨୪ ରିଖରେ ସଭା ହୋଇଥିଲା । ଉକ୍ତ ସଭାରେ କଲେକ୍ଟର ଆର୍ମଷ୍ଟ୍ରଂସାହେବ ଜଣାଇଲେ ଯେ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିଙ୍କୁ ସାହାଯ୍ୟ ନ କଲେ ସେମାନେ ଅନାହାରରେ ପ୍ରାଣ ତ୍ୟାଗ କରିବେ । ଚାନ୍ଦା ସଂଗ୍ରହ କରି ସେମାନଙ୍କର ସାହାଯ୍ୟ କାର୍ଯ୍ୟ ନିର୍ବାହ ସକାଶେ ରିଲିଫ କମିଟୀ ସ୍ଥାପନ ହେଲା ଏବଂ କଟକ ଓ ବାଲେଶ୍ୱରରେ ଚାନ୍ଦା ସଂଗ୍ରହ କରିବା କାରଣ କଲେକ୍ଟରମାନଙ୍କୁ ପ୍ରାର୍ଥନା କରିବାର ପ୍ରସ୍ତାବ ହେଲା ।

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ପୁରୀରେ ଅନେକ ଟଙ୍କା ଚାନ୍ଦା ହୋଇଅଛି ଓ ରିଲିଫ କମିଟିର ସେକ୍ରେଟରୀ ଚାନ୍ଦା ସଂଗ୍ରହ ସକାଶେ କଟକ ଓ ବାଲେଶ୍ୱରର କଲେକ୍ଟରମାନଙ୍କ ନିକଟକୁ ପତ୍ର ଲେଖିଅଛନ୍ତି । ଆମ୍ଭମାନଙ୍କର କଲେକ୍ଟରସାହେବ ଚାନ୍ଦା ଫର୍ଦ୍ଦ ଏ ନଗରରେ ଫେରାଉଅଛନ୍ତି । ଚାଉଳର ଦୁର୍ମୂଲ୍ୟ ପ୍ରାୟ ସକଳ ଶ୍ରେଣୀରଲୋକଙ୍କୁ ଊଣା ଅଧିକରେ ବାଧୁଅଛି ତଥାଚ ଆମ୍ଭେମାନେ ଭରସା କରୁଁ ଯେ ପୁରୀର ଧନବନ୍ତ ବ୍ୟକ୍ତିମାନେ ଯେପରି ବଦାନ୍ୟତା ପ୍ରକାଶ କରିଅଛନ୍ତି ସେହିପରି ଏଠା ଓ ବାଲେଶ୍ୱରର ବିଷୟାପନ୍ନ ବ୍ୟକ୍ତିମାନେ ବଦାନ୍ୟତା ପ୍ରକାଶ କରିବେ । ଅନ୍ନଦାନର ଯଥାର୍ଥ ସମୟ ଏହି ଅଟେ, ଦାତାମାନେ ଦାନର ଏପରି ସୁଯୋଗର ସମ୍ୟକ୍ରୂପେ ଫଳଭାଗୀ ହେବାକୁ ଚେଷ୍ଟା କରନ୍ତୁ ।

ପାରିକୁଦ ଇତ୍ୟାଦି ସ୍ଥାନ ଛଡ଼ା ଖୋରଦାର ଅବସ୍ଥା ମଧ୍ୟ ମନ୍ଦ ଅଟେ ଓ ଓଡ଼ିଶାର ସର୍ବତ୍ରରେ ଗୁପ୍ତ ଦୁର୍ଭିକ୍ଷ ପ୍ରବେଶ ହେବାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁଃଖୀ କଣିଖିଆମାନେ ଓଳିଏ ଖାଇଲେ ଓଳିଏ ଉପବାସ ରହୁଅଛନ୍ତି ମାଡ଼ାଙ୍ଗାରେ ଲୋକେ ଦୁଇତିନିଦିନ ଖାଇବାକୁ ନ ପାଇବାରୁ ମହାଜନର ଚାଉଳ ଲୁଟି ନେଲେ । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ସରକାର ପୂର୍ବରୁ ସତର୍କ ହୋଇ ଦୁଃସ୍ଥପ୍ରଜାଙ୍କ ରକ୍ଷାର୍ଥେ କିଛି ଉପାୟ କରନ୍ତୁ । ପୁରୀ ଜିଲରେ ରିଲିଫ କାର୍ଯ୍ୟର ପ୍ରସ୍ତାବ ହୋଇଥିବାର ଆମ୍ଭେମାନେ ଶୁଣୁଅଛୁଁ ତଦ୍ରୂପ କାର୍ଯ୍ୟ ଓଡ଼ିଶାର ସକଳ ସ୍ଥାନରେ ଆରମ୍ଭ କରିବାର ଉଚିତ ।

---

## କାଲଗୀ ।

ଗତ ସପ୍ତାହରୁ ଏ ନଗରରେ ଓଲାଉଠା ଅତ୍ୟନ୍ତ ଭୟାନକମୂର୍ତ୍ତି ଧାରଣ କରିଅଛି । ନଗରର ଚାରିଆଡ଼େ ଏ ରୋଗ ଭ୍ରମଣ କରୁଅଛି ଓ ପ୍ରତିଦିନ ଲୋକ ନଷ୍ଟ ହେଉଅଛନ୍ତି । ଏଠା ସର୍ବସାଧାରଣଙ୍କ ବିଶ୍ୱାସ ଏହି ଯେ ଏ ରୋଗର କୌଣସି ଚିକିତ୍ସା ନାହିଁ ବାସ୍ତବରେ ଏହା ରୋଗ ନୁହଇ ମାତ୍ର ଯୋଗିନୀର କାର୍ଯ୍ୟ ଯୋଗିନୀମାନେ କଷ୍ଟାମନୁଷ୍ୟଙ୍କୁ ଏହିରୂପେ ଖାଇଯାନ୍ତି । ସୁତରାଂ ଯୋଗିନୀମାନଙ୍କୁ ତୁଷ୍ଟ ବା ଦମନ ନ କଲେ ଏ ରୋଗରୁ ମୁକ୍ତି ପାଇବାର ଉପାୟ ନାହିଁ । ଏଥିରୁ ଯୋଗିନୀମାନେ ଏକା ଦେବୀଙ୍କର ବଶ ଏହି କାରଣରୁ ଗ୍ରାମଦେବତୀମାନଙ୍କର ପୂଜାଦ୍ୱାରା ଏ ରୋଗରୁ ମୁକ୍ତି ପାଇବାକୁ ଲୋକେ ଲୋଡ଼ନ୍ତି ଓ ଯେତେବେଳେ ଯେଉଁଠାରେ ରୋଗ ଜାତ ହୁଅଇ ସେଠା ଗ୍ରାମଦେବତୀଙ୍କର ମାର୍ଜନା ଓ ପୂଜାର ସୀମା ରହଇ ନାହିଁ । କିନ୍ତୁ ଏତିକରେ ସୁଦ୍ଧା ଲୋକଙ୍କର ମନ ତୃପ୍ତି ହୁଅଇ ନାହିଁ । କାରଣ ଗ୍ରାମଦେବତୀ ପୂଜାଦ୍ୱାରା ତୁଷ୍ଟ ହେଲେ କି ନାହିଁ ଓ ଯୋଗିନୀମାନଙ୍କୁ ଛଡ଼ ଦେଲେ କି ନାହିଁ ତାହା ଜଣାପଡ଼ଇ ନାହିଁ ଓ ତାହା ଜାଣିବାକାରଣ ଦେବୀମାନଙ୍କୁ ଉଠା କରିବାକୁ ହୁଅଇ । ପ୍ରତ୍ୟେକ ଗ୍ରାମଦେବତୀର ଏକ୨ ଜଣ ଭକ୍ତ ଅଛନ୍ତି ଯେ ଦେବୀ ତାହାଙ୍କ ଦେହରେ ଅଧିଷ୍ଠାନ କରି ଭଲ ମନ୍ଦ କଥା କହନ୍ତି ଓ ଯୋଗିନୀମାନଙ୍କୁ ଛଡ଼ ଦେଇ ଲୋକଙ୍କୁ ଏ ରୋଗରୁ ମୁକ୍ତ କରନ୍ତି ।

Digitized by srujanika@gmail.com

Split by PDF Splitter



ଦେବୀ ହତଗ୍ରତର ସ୍ତ୍ରୀଙ୍କଠାରେ ଅଧିଷ୍ଠାନ କରନ୍ତି ଓ ତାହା ହେଲବେଳେ ସେ ସ୍ତ୍ରୀକୁ ଠାକୁରାଣୀ ଲଗିଅଛନ୍ତି ବୋଲି ଲୋକେ କହନ୍ତି । ପୂର୍ବକାଳରେ କେବଳ ବ୍ରାହ୍ମଣୀଙ୍କୁ ଦେବୀ ଆଶ୍ରା କରୁଥିଲେ କିନ୍ତୁ ବର୍ତ୍ତମାନ କାଳରେ ଲୋକଙ୍କର ଯେମନ୍ତ ଜାତର ବିଗ୍ଭର ଊଣା ହେଲ ତେମନ୍ତ ଦେବୀମାନେ ବ୍ରାହ୍ମଣୀଙ୍କୁ ଛଡ଼ି ଅଧିକାଂଶରେ ଇତରଜାତୀୟ ସ୍ତ୍ରୀମାନଙ୍କଠାରେ ପ୍ରସନ୍ନ ଓ ଅଧିଷ୍ଠିତ ହେଲେ । ଯାହାକୁ ଠାକୁରାଣୀ ଲଗେ ସେ ସ୍ତ୍ରୀ ଯେମନ୍ତ ବେଶ ଧାରଣ କରଇ ତାହା ପ୍ରାୟ ସମସ୍ତେ ଦେଖିଅଛନ୍ତି । କଳାଲୁଗା ଅଣ୍ଟାରେ ଭିଡ଼ି ପିନ୍ଧି ବା ବାଳ ମୁକୁଳା କରି ଦେଇ ମେଞ୍ଚାଏ ସିନ୍ଦୂର କପାଳରେ ନାହି ବା ହାତରେ ବେତ ଧରି ଦ୍ରୁତବେଗରେ ଚାଲିବା ବସି ମୁଣ୍ଡ ହଲାଇ ଗମ୍ଭୀରଭାବରେ କଥା କହିବା ଧୂପ ଓ ଅଗ୍ନି ଶିଖା ପାନ କରିବା ଇତ୍ୟାଦିରୁ ଠାକୁରାଣୀ ଲାଗିବାର ଜଣାଯାଏ । ସେ ଦିନ ଏକ ବଜାରରେ ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହେବାରୁ ଲୋକେ ଏକ ଠାକୁରାଣୀକୁ ବରଣ କରି ଅଣିଲେ ଓ ସେ ଠାକୁରାଣୀଙ୍କ କହିବା ଅନୁସାରେ ତାହାଙ୍କର ଆଉ ଦୁଇଭଉଣୀକୁ ବରଣ କରି ଅଣିବାକୁ ହେଲ । ଯେତେବେଳେ ତିନି ଭଉଣୀ ରୋଗୀର ଦ୍ୱାର ନିକଟରେ ପହଞ୍ଚି ନୃତ୍ୟ ଓ ରଙ୍ଗୀ ଦେଖାଇଲେ ଓ ବାଦ୍ୟର ଶବ୍ଦରେ ଚଉଦିଗର ଲୋକ ରୁଣ୍ଡ ହୋଇଗଲେ ତେତେବେଳେ ସେ ବଜାରର ଆଉ ଏକ ଯୁବତୀ ସ୍ତ୍ରୀ କାଳିସୀବେଶ ଧରି ଦ୍ରୁତବେଗରେ ଦୌଡ଼ି ଅସି ସେମାନଙ୍କ ସଙ୍ଗେ ମିଶିଲ ଓ ଭଉଣୀମାନଙ୍କୁ ଗାଢ଼ ଅଲିଙ୍ଗନ କରି କହିଲ "ମୁଁ ଏଠାର ଗ୍ରାମଦେବତୀ ମୋତେ ନ ଡାକି ତୁମ୍ଭମାନଙ୍କୁ ଅଣିଲେ ମୁଁ କଦାଚ ଗୁଡ଼ିବ ନାହିଁ ବନ୍ଧୁତ ମୁଣ୍ଡ ନେବି" । ଏଥିରେ ଲୋକଙ୍କର ଭୟର ସୀମା ରହିଲ ନାହିଁ ତାହାଙ୍କ ମଧ୍ୟରେ ଯେ ଭଲ କହୁଥିଲ ଜାଣୁଥିଲ ସେ କରଯୋଡ଼ି କରି କହିଲ 'ମା ଅମ୍ଭେମାନେ ସାମାନ୍ୟମନୁଷ୍ୟ ଦେବତାଙ୍କୁ କାହୁଁ ଚିହ୍ନିବୁଁ ଯାହାଙ୍କୁ ଜାଣୁଥିଲୁଁ ତାଙ୍କୁ ଆଣିଲୁ ଆପଣତ ଦୟା କରି ଅସିଲ ଏଥର ରକ୍ଷା କର' ଏଥିରେ ଦେବୀ କିଛି ତୁଷ୍ଟ ହେଲେ ଓ ଯେଉଁମାନେ ତାହାଙ୍କପ୍ରତି ଭକ୍ତି କରି ନାହାନ୍ତି ବା ନିନ୍ଦାବାକ୍ୟ କହିଥିଲେ ତାହାଙ୍କ ଉପରେ ବଡ଼ କ୍ରୋଧିତ ହୋଇ ଅଭିଶାପ ଦେଲେ ଅନେକ କଥୋପକଥନ ଉତ୍ତାରୁ ଶାନ୍ତ ହୋଇ ରୋଗିର ଘରଭିତରକୁ ଯାଇ କାଛକାତରେ ବେତ ପିଟି ଓ ମେଞ୍ଚାଏ କରି ଯୋଗିନୀମାନଙ୍କୁ ଧରି ଆଣି ଗୃହସ୍ଥକୁ ଅଭୟବର ଦେଲେ । ଶେଷରେ ଲୋକମାନେ ଦେବୀପୂଜା ସକାଶେ ଅନ୍ୟାନ୍ୟ ଭୋଗଦ୍ରବ୍ୟ ସହିତ ଗୋଟାଏ ଛେଳି ବୋଦା ଦେବା ସକାଶେ ଓ ଏକବୋତଲ ମଦର ଅୟୋଜନ କରିଥିଲେ କିଏ ବୋଦା ହାଣିବ ଏଥିର ପ୍ରଶ୍ନ ହେଲରୁ କାଳିସୀଙ୍କ ମଧ୍ୟରେ ଜଣେ ଧୋବଣୀ ଥିଲ ସେ କିଞ୍ଚିତ ଭାବି ଆପଣା ସ୍ୱାମିକୁ ଲକ୍ଷ କରି କହିଲ 'ମୋ ଧଉଡ଼ିଆ ହାଣିବ' ଏ ବଚନ ଦେବୀଙ୍କ ମୁଖରୁ ବାହାରନ୍ତେ ସ୍ୱାମୀ ଆପଣାକୁ ଅତ୍ୟନ୍ତ ଭାଗ୍ୟବାନ୍ ଜ୍ଞାନ କରି ଭକ୍ତିପୂର୍ବକ (ଆପଣା ଭାର୍ଯ୍ୟା) କାଳିସୀଙ୍କ ସମ୍ମୁଖରେ କରଯୋଡ଼ି ଜଣାଇଲ 'ମା ! ମୋପ୍ରତି ଏତେ ସଦୟ ହେଲ ମୁଁ ଆପଣଙ୍କର ଚେଟଉଣ୍ଡ ଯାହା ଆଜ୍ଞା କରିବ ତାହା କରିବି' । ଏହା କହି ଆପଣା ସ୍ତ୍ରୀକୁ ପ୍ରଣାମ କଲ ଓ ସ୍ତ୍ରୀ ସହାସ୍ୟବଦନରେ ତାହାକୁ ଧନ୍ୟମାଳ ଦେଲେ । ଅହା କଳିକାଳର କି ମହିମା ଏକାଳରେ ସ୍ତ୍ରୀ ସ୍ୱାମୀ ପରିସ୍ପରକୁ ଯେଉଁ ଭାବରେ ଦେଖନ୍ତି ତାହା ପ୍ରକାଶ କରିବା ସକାଶେ ଦେବୀ ଏ ମାୟା ରଚିଥିଲେ କି? ଫଳତଃ ଯଥାସମୟରେ ବଳଦାନ ହେଲ ଉତ୍ତାରୁ ଧଉଡ଼ିଆକୁ ଛେଳିମୁଣ୍ଡଟି କାଳିସୀ ଆଜ୍ଞା କଲେ ଓ ଅପେ ଧଡ଼ଟିକୁ ଅଟକାଇଲେ । ବାଦ୍ୟକାର ହାଡ଼ିମାନେ ଅଗରୁ ମଦବୋତଲ ଉପରେ ଦୃଷ୍ଟି ରଖିଥାନ୍ତି ବୋଦାଛିଣ୍ଡି ଅଷ୍ଟନ୍ନଭାବରେ ଧୋବଣୀ କାଳିସୀଙ୍କ ଘରକୁ ଯିବାର ଦେଖି ନିଶ୍ଚୟ ମନେ ହେଲ ଯେ ଏଥର ମଦବୋତଲଟି ତାହାଁର ପଶ୍ଚାଦ୍‌ବର୍ତ୍ତୀ ହେବ ତହୁଁ ଜଣେ ହାଡ଼ି ସାହାସପୂର୍ବକ କହିଲ 'ମା ମଦବୋତଲଟା ଅମ୍ଭମାନଙ୍କୁ ଅଜ୍ଞା ହେଉ' ଏ ପ୍ରାର୍ଥନାରେ କାଳିସୀ ବଡ଼ ହରବରରେ ପଡ଼ିଲେ ମଦ ମାଂସର ସଦାକାଳରେ ଅଟଳ ପ୍ରଣୟ ଏହାଙ୍କ ମଧ୍ୟରେ ବିଚ୍ଛେଦ ଜନ୍ମାଇ କିରୂପେ ଶାନ୍ତି ଲଭିବେ ଓ ଏତେ ନିଷ୍ଠୁର କାର୍ଯ୍ୟ କିରୂପେ କରିବେ ଏହା ଭାବୁଁ ଦିବ୍ୟଜ୍ଞାନରେ ଦେଖିଲେ ଯେ ଏ ଦୁହିଙ୍କର ଗୁପ୍ତପ୍ରୀତି ପ୍ରକାଶ ହେଲେ ଜନାପବାଦ ହୁଅଇ ସୁତରାଂ ଉପାୟାନ୍ତର ନ ଦେଖି ହାଡ଼ିମାନଙ୍କୁ ତାହା ଦାନ କଲେ ଏହିରୂପେ ପୂଜା ଶେଷରେ ବଜାରରୁ ଯୋଗିନୀମାନଙ୍କୁ ଭିଡ଼ ଦେଇ କାଳିସୀମାନେ ଯେ ଯାହା ସ୍ଥାନକୁ ବିଜେକଲେ ।

---

ରୋଡ଼ସେସ ।

ସନ ୧୮୭୫।୭୬ ସାଲ ବାବଦ୍ ଓଡ଼ିଶାର ରୋଡ଼ସେସ ବାର୍ଷିକ ବକ୍ଷାପନୀ କଲିକତା ଗେଜେଟରେ ପ୍ରକାଶିତ ହୋଇ ଅଛି । ତହିଁରୁ ଅମ୍ଭେମାନେ ପାଠକଙ୍କ ଜାଣିବା କାରଣ ତଲଲିଖିତ କଥାମାନ ଉଦ୍ଧୃତ କଲୁଁ ।

କଟକ—ରୋଡ଼ସେସ ଆଦାୟ ଟ ୨୩୯୪୩।/ ଘାଟ ମାସୁଲ ଟ ୨୮୮୯୵୨ ଅନ୍ୟଫଣ୍ଡରୁ ସାହାଯ୍ୟ ଓ ବାକେ ଟ ୫୯୧୪୵୵୬ ମୋଟ ଅୟ ଟ୩୨୭୪୭/୮ ପୂର୍ବ ବର୍ଷର ବାକୀ ଟ୮୮୪୦।୵୫ ସହିତ ମୋଟ ଜମା ଟ ୪୧୫୮୭୵୧ । ଏଥିମଧ୍ୟରୁ ଟ ୩୩୪୧୨୯ ୫ ଖର୍ଚ୍ଚ ଯାଇ ବାକୀ ତହବିଲରେ ଟ ୮୧୭୫।୵ ରହିଅଛି । ଖର୍ଚ୍ଚର ତଫସିଲ ଯଥା ।—

| | |
|---|---|
| ତହସିଲ ଖର୍ଚ୍ଚା | ଟ ୪୩୫୫୵୵୨ |
| ନୂତନ କାର୍ଯ୍ୟ ନିର୍ମାଣ | ଟ ୫୪୧୨।୵ |
| ପୁରୁଣାକାର୍ଯ୍ୟ ମରାମତି | ଟ ୧୬୪୫୬୵ ୯ |
| ମହକୁମା ଖର୍ଚ୍ଚ । | ଟ ୭୧୯୭ ୵୬ |
| | ଟ ୩୩୪୧୨ ୯ ୫ |

ନୂତନ କାର୍ଯ୍ୟ ମଧ୍ୟରେ ସୁକରପଡ଼ାର ଡାକବଙ୍ଗଳା ଓ ଚଉଲିଆଗଞ୍ଜର ବଗିଚ୍ଚା ପ୍ରଧାନ । ପ୍ରଥମରେ ଟ୧୯୩୫ ଓ ଦ୍ୱିତୀୟରେ ଟ୨୩୮୩/୧୧ ଖର୍ଚ୍ଚ ହୋଇ ଅଛି । ଗ୍ରାମ୍ୟ ସଡ଼କରେ କେବଳ ଟ ୫୯୪/୧ ଖର୍ଚ୍ଚ ହୋଇ ଅଛି ।

କଲେକ୍ଟରସାହେବ ଆପଣା ରିପୋର୍ଟରେ ଇଞ୍ଜିନୀୟର ସିଉସ ସାହେବ ଓବରସିୟର ବେଲ୍ ସାହେବ ଏବଂ ହେଡ଼କ୍ଲାର୍କ ବାବୁ ଗଣେଶପ୍ରସାଦ ସିଂହଙ୍କର ପ୍ରଶଂସା ଲେଖି ଅଛନ୍ତି । ହେଡ଼କ୍ଲାର୍କଙ୍କର ପ୍ରଶଂସା ସମସ୍ତଙ୍କଠାରୁ ଅଧିକ ହୋଇ ଅଛି ।

ସରକାରୀ କର୍ମକାରକ ଛଡ଼ା କମିଟୀର ଅନ୍ୟ ସଭ୍ୟଙ୍କ ବିଷୟରେ କଲେକ୍ଟର ଲେଖି ଅଛନ୍ତି କି ଏମାନେ ଆପଣା ଘର ଅଥବା ଜମିଦାରୀ ଓ କଟକ ମଧ୍ୟରେ ଥିବା ସଡ଼କ ଭିନ୍ନ ଜିଲ୍ଲାର ଅନ୍ୟ କୌଣସି ଅଂଶ ଦେଖି ନାହାନ୍ତି ଏବଂ ଏମାନେ ଶୀଘ୍ରରେ ପାଲକି କହକର ଯିବା ଅସିବା କରିବାରୁ ଏତକ ସୁଦ୍ଧା ଭଲ କରି ଦେଖି ନାହାନ୍ତି ।

ପୁରୀ—ରୋଡ଼ସେସ ଆଦାୟ ଟ୧୭୪୬୨।୵୧୧ ଘାଟ ମାସୁଲ ଟ ୧୧୧୯୧ ମୋଟ ଅୟ ଟ୧୨୫୭୩୵୵ ଗତବର୍ଷର ବାକୀ ଟ୧୧୫୧୮୵୬ ସହିତ ମୋଟ ଜମା ଟ୨୪୦୯୨୵୭ । ଏଥିମଧ୍ୟରୁ

Digitized by srujanika@gmail.com

Split by PDF Splitter



ଟ ୧୭୦୬୯/୪ ଖର୍ଚ୍ଚ ଯାଇ ବାକି ତହବିଲରେ ଟ ୧୪୩୮୫।/୨ ରହିଅଛି । ଖର୍ଚ୍ଚର ତଫସିଲ ଯଥା—

| | |
|---|---|
| ତହସିଲଖର୍ଚ୍ଚା | ଟ ୨୫୮୩ । ୧୧ |
| ନୂତନ କାର୍ଯ୍ୟ | ଟ ୨୮ / |
| ମରାମତ | ଟ ୪୫୫୭ ୳ ୧୧ |
| ମହକୁମାଖର୍ଚ୍ଚ ଇତ୍ୟାଦି | ଟ ୨୫୫୭ ୳/ ୬ |
| | ଟ ୧୭୦୬୯ ୳/ ୪ |

କଲେକ୍ଟର ସାହେବ ଲେଖିଅଛନ୍ତି ଯେ ଗ୍ରାମବାସିମାନେ ଏକଶତ ଟଙ୍କାରୁ ଊଣା ବ୍ୟୟରେ କ୍ଷୁଦ୍ର ସଡ଼କମାନ କରିବା ସକାଶେ ପ୍ରାର୍ଥନା କଲେ ନାହିଁ । ସେମାନେ ଉଚ୍ଚ ସଡ଼କ ସକାଶେ ଅଧିକ ଟଙ୍କାର ପ୍ରାର୍ଥନା କରିଥିଲେ ।

ବାଲେଶ୍ୱର—ରୋଡ଼ସେସ ଆଦାୟ ଟ ୮୭୦୧ ୳/ ଘାଟ ମାସୁଲ ୨୨୫।/୭ ଅନ୍ୟ ଫଣ୍ଡରୁ ସାହାଯ୍ୟ ଓ ବାକି ଟ ୬୦୨୭/୧୦ ମୋଟ ଆୟ ଟ ୧୪୯୮୪।୫ ପୂର୍ବ ବର୍ଷର ବାକି ଟ୬୮୮।/୧୦ ସହିତ ମୋଟ ଜମା ଟ୧୫୬୭୨୳/୩ ଏଥିରୁ ଟ ୧୩୩୫୭୳୧ ଖର୍ଚ୍ଚ ଯାଇ ବାକି ତହବିଲରେ ଟ୨୩୧୪୳/୨ ରହିଅଛି । ଏଠାରେ ନୂତନ କାର୍ଯ୍ୟ କିଛି ହୋଇ ନାହିଁ ପୁରୁଣା ସଡ଼କ ମରାମତ ଓ ମହକୁମା ଖର୍ଚ୍ଚରେ ସବୁ ଟଙ୍କା ବ୍ୟୟ ହୋଇ ଅଛି ।

କମିସ୍ନରସାହେବଙ୍କ ମନ୍ତବ୍ୟ—କଟକ ଓ ପୁରୀରେ ଅନେକଟଙ୍କା ବାକି ରହି ଅଛି ଓ ଇତ୍ୟମିତ୍ତ ଟଙ୍କା ସବୁ ଖର୍ଚ୍ଚ ନ ହେବାର କୌଣସି କାରଣ ପ୍ରଦର୍ଶିତ ହୋଇ ନାହିଁ । ପୁରୀରେ ବାର୍ଷିକ ଆୟର ଅର୍ଦ୍ଧେ ସୁଦ୍ଧା ଖର୍ଚ୍ଚ ହୋଇ ନ ଥିବା ଦୁଃଖର ବିଷୟ ଅଟଇ ଓ ଏଥିରେ କର୍ମଚାରୀଙ୍କର ତ୍ରୁଟି ଜଣାଯାଏ । ବାଲେଶ୍ୱରରେ ସର୍ବାପେକ୍ଷା ଭଲକର୍ମ ହୋଇ ଅଛି କଟକ କମିଟୀ ଅତ୍ୟନ୍ତ ମନୋଯୋଗ ଦେଇ ଥିବାର ଦେଖା ଯାଏ । ସଭାର ସଂଖ୍ୟା ଅତି ଊଣା ଓ ଅଳ୍ପ ସଭ୍ୟ ଉପସ୍ଥିତ ହୋଇ ଥିଲେ । ପୁରୀରେ ସଭ୍ୟମାନେ ବହୁତ ଥର ସଭାରେ ଉପସ୍ଥିତ ହୋଇଥିଲେହେଁ କାର୍ଯ୍ୟ କରିବା ଅପେକ୍ଷା ଅଧିକ ତର୍କ ବିତର୍କ କରିଥିଲେ । ରୋଡ଼ସେସ ବନ୍ଦୋବସ୍ତ ଓ ଉକ୍ତ ବିରୁଦ୍ଧରେ କୌଣସି ଗୁହାରି ଶୁଣା ଯାଇ ନାହିଁ ଓ ଦେଖାଯାଏ ଯେ ଜମିଦାର ଓ ଲୋକମାନେ ଭଲ ସଡ଼କ ସକାଶେ ଅଧିକ ସ୍ପୃହା ପ୍ରକାଶ କରୁ ଅଛନ୍ତି ଏବଂ କଲେକ୍ଟର ଓ କମିଟିମାନଙ୍କର ଉଚିତ ଯେ ଯତ୍ନର ପୂର୍ବକ ସେମାନଙ୍କୁ ଉତ୍ସାହ ଦେବେ ।

ଉପରଲିଖିତ ବିବରଣ ପାଠକରି ରୋଡ଼ସେସ ବୃଦ୍ଧି ବିଷୟକୁ ପାଠକମାନେ ଅବଶ୍ୟ ଆଶ୍ଚର୍ଯ୍ୟ ଜ୍ଞାନ କରିବେ ଅଳ୍ପ ଦରରେ ଯାହା ଆଦାୟ ହୋଇଥିଲା ଯେବେ କଟକ ଓ ପୁରୀରେ ତାହା ଖର୍ଚ୍ଚ ହୋଇ ନ ପାରିଲା ତେବେ କମିଟୀ କି ବିବେଚନାରେ ଟାକ୍ସ ବୃଦ୍ଧିର ପ୍ରସ୍ତାବ କଲେ ଏବଂ କମିଶ୍ନର ଅବା କିସ ବୁଝି ତାହା ମନୋନୀତ କଲେ ? ଅନର୍ଥକ ରୋଡ଼୨ ବାଟ ସବୁ ନିର୍ମାଣ କରିବା ଖର୍ଚ୍ଚ ଏକପ୍ରକାର ଅପବ୍ୟୟ ପରି ବୋଧ ହେଉ ଅଛି ଓ ତହିଁରେ କିଛି ଉପକାର ନାହିଁ ଓ ପୁରୀର ଜମିଦାର ଓ ପ୍ରଜାମାନେ ଯଥାର୍ଥରୂପେ ତହିଁର ବିରୋଧୀ ହୋଇ ଅଛନ୍ତି । ପ୍ରଥମେ ଜିଲ୍ଲା ମଧ୍ୟରେ ଥିବା ପ୍ରଧାନ ଗ୍ରାମ ଓ ହାଟବେଇ ଗୋଟିଏ୨ ବଡ଼ ସଡ଼କ ନିର୍ମାଣ କରିବା ଆବଶ୍ୟକ କି ଯହିଁରେ ବର୍ଷାକାଳରେ ସୁଦ୍ଧା ବାଣିଜ୍ୟଦ୍ରବ୍ୟ ଗତାୟାତର ଅସୁବିଧା ଘଟିବ ନାହିଁ ବରଂ ପ୍ରତିବର୍ଷ ଜିଲ୍ଲା ମଧ୍ୟରେ ଗୋଟିଏ ପକ୍କା ସଡ଼କ ହେବା ଭଲ ଅନେକ ଗୁଡ଼ାଏ ସାମାନ୍ୟ ବାଟରେ ଟଙ୍କା ଖର୍ଚ୍ଚ କରିଦେବାର ଉଚିତ ନୁହଇ ।

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏଠାରେ ଆଦୌ ବୃଷ୍ଟି ହୋଇ ନାହିଁ । ମୋଫସଲର କୌଣସି୨ ଅଞ୍ଚଳରେ ଏକ୨ଥର ବର୍ଷା ହୋଇଥିବାରୁ କ୍ଷେତ ପ୍ରତି ଉପକାର ହୋଇଅଛି ଓ ଏକା୨ ଅଞ୍ଚଳରେ ଜଳ ବିହୁନେ ସମ୍ପୂର୍ଣ୍ଣ କ୍ଷତି ହୋଇଅଛି ।

ଆମ୍ଭମାନଙ୍କ କଲେକ୍ଟରସାହେବ ଯାଜପୁର ସବ୍‌ଡିବିଜନ ଦେଖିବା ସକାଶେ ଗତ ଗୁରୁବାର ଯାତ୍ରା କରିଅଛନ୍ତି ଦଶ ବାରଦିନେ ଫେରି ଆସିବେ ।

ଯାଜପୁରର ସ୍କୁଲ ସବ୍ ଇନ୍‌ସ୍ପେକ୍ଟର ବାବୁ ଚତୁର୍ଭୁଜ ପଟ୍ଟନାୟକ ବି, ଏ, ଏଠା କଲେଜର ସ୍କୁଲବିଭାଗରେ ଅତିରିକ୍ତ ଶିକ୍ଷକ ସ୍ୱରୂପ ମାସିକ ଟ ୬୫ ଙ୍କା ବେତନରେ ନିଯୁକ୍ତ ହୋଇଅଛନ୍ତି । ବାଲେଶ୍ୱର ଜିଲାର ସବ୍ ଇନ୍‌ସ୍ପେକ୍ଟର ବାବୁ ରଘୁନାଥ ଘୋଷ ଯାଜପୁରକୁ ବଦଳି ହୋଇଅଛନ୍ତି । ତାଙ୍କର ବେତନ ଟ ୩୦ ଙ୍କା ଥିଲା ବର୍ତ୍ତମାନେ ଟ ୫୦ ଙ୍କା ପାଇବେ ।

ଯୁଦ୍ଧର ବିଶେଷ ସମାଚାର ଏ ସପ୍ତାହରେ କିଛି ଆସି ନାହିଁ । ସେଠାରେ ବର୍ଷା ଓ ବରଫ ପଡ଼ିବା ଆରମ୍ଭ ହୋଇଅଛି ଓ ଖାଦ୍ୟଦ୍ରବ୍ୟ ଓ ଯୁଦ୍ଧର ସରଞ୍ଜାମ ଟୋଳାଇ କରିବାର ବଡ଼ ଅସୁବିଧା ହୋଇଅଛି । କିନ୍ତୁ ଅବଧି ଯୁଦ୍ଧ ସ୍ଥଗିତ ହେବାର ସଂବାଦ ଆସି ନାହିଁ ।

ଇଂଲଣ୍ଡରେ ମାନ୍ଦ୍ରାଜ ଦୁର୍ଭିକ୍ଷ ସକାଶେ ହେଉଥିବା ଚାନ୍ଦାର ମୋଟ ପଚିଶ ଲକ୍ଷ ଟଙ୍କା ହୋଇଅଛି ।

ବାବୁ କୃଷ୍ଣନାଥ ମିଶ୍ର ଓକାଲତି ଶିକ୍ଷା କରିବା ସକାଶେ ଇଂଲଣ୍ଡକୁ ଯାଇଅଛନ୍ତି । ଭଲ ବାରିଷ୍ଟରର ସଂଖ୍ୟା ଭାରତବର୍ଷରେ ଅବଧି ଊଣା ଅଛି ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ବଙ୍ଗାଲୋର ନଗରରେ ପ୍ରତିଦିନ ୨୫।୩୦ ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିର ମୃତଦେହ ଦେଖିବାରେ ଆସଇ । ଗତମାସ ୬ ଓ ୭ ତାରିଖରେ ଗବର୍ଣ୍ଣର ଜେନରଲ ସେଠାରେ ଥିଲା ବେଳେ ୯୦ ଟା ଏପରି ଶବ ମିଳିଥିଲା । କି ଭୟଙ୍କର ଦୁର୍ଭିକ୍ଷ ପଡ଼ିଅଛି ?

ମୁରସିଦାବାଦର ନବାବନାଜିମ ଇଂଲଣ୍ଡକୁ ଯାତ୍ରା କରିଅଛନ୍ତି ଓ ମେଜର ଟୁଇଡ ସାହେବ ତାହାଙ୍କ ସମଭିବ୍ୟାହାରରେ ଅଛନ୍ତି । ହେତୁ କିଛି ଜଣାଯାଇ ନାହିଁ ।

ବୁଦ୍ଧଗୟାଙ୍କ ମନ୍ଦିରରେ ଅଙ୍କିତ ଥିବା ମୂର୍ତ୍ତି ଓ ଛବି ସବୁକୁ ଦେଖି ତହିଁର ଛାପ ନେବା ସକାଶେ ଡାକ୍ତର ରାଜେନ୍ଦ୍ର ଲାଲ ମିତ୍ରଙ୍କୁ ଗବର୍ଣ୍ଣମେଣ୍ଟ ପଠାଇଅଛନ୍ତି ବ୍ରହ୍ମଦେଶର ରାଜା ଏ ମନ୍ଦିରର ସଂସ୍କାର ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ସହିତ ଆପଣା ଦେଶରୁ କେତେଜଣ କାରିଗର ପଠାଇଅଛନ୍ତି ଏବଂ ସେମାନେ ମନ୍ଦିର ଉପରିଭାଗ ପଲସ୍ତରରେ ଲୁଚାଇ ଦେଇଥିବାରୁ ପଥରରେ ଖୋଳା ହୋଇଥିବା ଚିତ୍ରମାନଙ୍କୁ ରକ୍ଷା କରିବା କାରଣ ଶ୍ରୀଯୁକ୍ତ ଇଡେନ ସାହେବ ଏ ବନ୍ଦୋବସ୍ତ କରିଅଛନ୍ତି ।

ବଙ୍ଗାଲୋର ଏଲାକା ପେଟାନଗରରେ ଏକଶତ ଲୋକର ଅଧିକ ଏକମେଳ ହୋଇ ବଜାରରେ ଲୁଟ ଆରମ୍ଭ କଲେ ଓ ପୁଲିସ ଏହାଙ୍କୁ ତଡ଼ି ଦେବାଯାଏ କେତେ ଦ୍ରବ୍ୟ ଲୁଟି ନେଇଗଲେ । ଖାଇବାକୁ ନ ପାଇବାରୁ ସେମାନେ ଏପରି କଲେ । ସାହାଯ୍ୟ କର୍ମଚାରୀମାନେ କି କରୁଥିଲେ କି ?

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ଏଡିଟରଙ୍କ ସନ୍ନିଧିଷୁ ।

ମାନ୍ୟମହାଶୟ !

ଏଇନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକା ମଧ୍ୟରେ ସ୍ଥାନଦାନ ଦେବା ହେବ ବୋଲି ଅନୁଗ୍ରହପ୍ରାର୍ଥନା ।

ତାଂଜୋରୁଜିଲ୍ଲା କୁମ୍ଭକୋଣ ପାଟଣାରୁ ଶ୍ରୀମାନ୍ କୋଟିକନ୍ୟାପ୍ରଦାତା ତାତାଚାର୍ଯ୍ୟଙ୍କ କୁଳୋଦ୍ଭବ ହେବା ଶ୍ରୀମତ୍ତିରୁମଲ ବେଙ୍କଟାଚାର ମଞ୍ଜୁଷା ଗଡ଼କୁ ବିଜେକମାନ କଲେ ଉକ୍ତ ମହାଶୟଙ୍କୁ ବା୧୭ବର୍ଷ ବୟସ, ଶ୍ରୀମଦୃଗ୍ବେଦ ଗୋଟିକୟାକ କଣ୍ଠୋପାଠ କରି, ତଦନ୍ତର୍ଗତ ୪୪ କାଣ୍ଡି ଘନାଧ୍ୟୟନ କରି ତଦୁପଯୋଗୀ ଯାବନ୍ତ ଲକ୍ଷଣ ଗ୍ରନ୍ଥ ଓ ବ୍ୟାକରଣ, ଏବଞ୍ଚ ବେଦାର୍ଥ କରିବା ନିମିତ୍ତେ ସଂସ୍କୃତ ଗ୍ରନ୍ଥମାନ ଅଭ୍ୟାସ କରିଅଛନ୍ତି, ଆମ୍ଭ ଦକ୍ଷିଣପ୍ରଦେଶରେ ଥିବା ଜଟାନ୍ତ ସ୍ୱାଧ୍ୟାୟିମାନେ, ଏ ବେଦନିଧିଙ୍କି ଦେଖି, ବ୍ରହ୍ମାଙ୍କର, କିମ୍ବା ବେଦବ୍ୟାସଙ୍କର ଅଂଶାବତାର ବୋଲି ଆସେତୁ ହିମାଚଳ ପର୍ଯ୍ୟନ୍ତ ଏପରି ମହାମହୋପାଧ୍ୟାୟ ନାହାନ୍ତି ବୋଲି କହନ୍ତି, ଅଳ୍ପବୟସରେ ଏତେଗୁଡିଏ ଗ୍ରନ୍ଥାଧ୍ୟୟନ କରିବାର ବଡ଼ ଚମତ୍କାର, ଅହୋ ସରସ୍ୱତୀ କଟାକ୍ଷ କେଉଁ ବ୍ୟକ୍ତିରେ କେତେଦୂର ପ୍ରସରଇ ତାହାର ଇୟତ୍ତା କି, ଏ ମହାଶୟ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଗମନ କଲେ ସେଠା ବିଦ୍ବଦ୍ଗୋଷ୍ଠିରେ କିପରି ପ୍ରଶଂସା ପାଇବେଟି, ଏହାଙ୍କ ବିଦ୍ୟା ମହାଶ୍ଚର୍ଯ୍ୟ ।

୧୭-୯-୭୭

ଶ୍ରୀ ନାରାୟଣ ବଡ଼ଯେନା ସାନ୍ତ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆଙ୍ଗୋଡା ପ୍ରଗନା ଅନ୍ତର୍ଗତ ଇରମ ଗ୍ରାମ ନିବାସୀ ଶ୍ରୀଯୁକ୍ତ ମଥୁରାମୋହନ ପାଢ଼ୀ ଓ ଶ୍ରୀଯୁକ୍ତ ବ୍ରଜବଲ୍ଲଭ ପାଢ଼ୀ ମହାତ୍ମାଦ୍ୱୟ ମାସିକ ଟ ୧୮ ଙ୍କା ଏଡ଼ ଦେଇ ଉକ୍ତ ଗ୍ରାମରେ ପ୍ରାୟ ୩ବର୍ଷ ହେବ ଗୋଟିଏ ମଧ୍ୟମଶ୍ରେଣୀ ଏଡେଡ୍ ସ୍କୁଲ୍ ସ୍ଥାପନ କରାଇଥିଲେ, ମାତ୍ର ସେଥିରେ ସେମାନଙ୍କର ମନ ତୃପ୍ତ ନ ହେବାରେ ପୁନର୍ବାର ଉକ୍ତ ସ୍କୁଲକୁ ( ମାସିକ ଟ ୪୫ ଙ୍କା ବ୍ୟୟରେ ) ମଧ୍ୟମଶ୍ରେଣୀ ଇଂରାଜୀ ସ୍କୁଲ କରିବାକୁ ସ୍ଥିର କରି ମହାତ୍ମାଦ୍ୱୟ ଟ ୩୦ ଙ୍କା ଦେବାକୁ ସ୍ୱୀକୃତ ହୋଇ ଶିକ୍ଷାବିଭାଗରୁ ଅବଶିଷ୍ଟ ଟ ୧୫ ଙ୍କାର ସାହାଯ୍ୟ ପାଇବାର ପ୍ରାର୍ଥନା କରିବାରେ ଶ୍ରୀଯୁକ୍ତ ଡାଇରେକ୍ଟରସାହେବ ମଞ୍ଜୁର କରିଅଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏତେ ସୁଯୋଗରେ ମଧ୍ୟ ଏସ୍ଥାନର କରଣମଣ୍ଡଳୀର ନିଦ୍ରା ଭଙ୍ଗ ହେଉ ନାହିଁ । ସେମାନଙ୍କର ସ୍କୁଲ ପ୍ରତି ଯତ୍ନ କରିବା ଦୂରେ ଥାଉ, ବାଳକମାନଙ୍କୁ ସୁଦ୍ଧା ସ୍କୁଲକୁ ପଠାଉ ନାହାନ୍ତି; ଏଥିରେ ବାଳକମାନଙ୍କର ଭବିଷ୍ୟତରେ କି ଦଶା ହେବ କିଛି ସ୍ଥିର କରିପାରୁ ନାହିଁ ।

ସମ୍ପାଦକ ମହାଶୟ ! ମଫସଲର ସମସ୍ତ ଭଦ୍ରଲୋକେ ଯଦି ଏହିପରି ଦେଶ ହିତୈଷୀ କାର୍ଯ୍ୟରେ ବ୍ୟାପୃତ ହୁଅନ୍ତି, ତାହା ହେଲେ ମଫସଲସ୍ଥ ଗରିବ ଓ ଅନାଥ ବାଳକମାନଙ୍କର ଯେ କିପର୍ଯ୍ୟନ୍ତ ଉପକାର ହେବ ତାହା ସହୃଦୟ ପାଠକବୃନ୍ଦ ବିଚାର କରିବେ । ଅଉ ଉକ୍ତ ଅନାଥନାଥ ମହାତ୍ମାଦ୍ୱୟ ଇରମ ଓ ତନ୍ନିକଟବାସିମାନଙ୍କର ଯେ ପରିମାଣରେ ଉପକାର ସାଧନ କଲେ ସେଥି ନିମନ୍ତେ ସେମାନେ, ଆଜୀବନ ଉକ୍ତ ମହାତ୍ମାଦ୍ୱୟଙ୍କଠାରେ କୃତଜ୍ଞତା ପାଶରେ ବଦ୍ଧ ରହିଲେ ।

୨୩।୯।୮୭ ⎫ ବଶମ୍ବଦ
ଇରମ ⎭ ଶ୍ରୀ ନଦୀୟାବଲ୍ଲଭ ଗୁପ୍ତ ।

---

## NOTICE.

The 18th September 1877. The attention of Shippers and Dealers in grain is drawn to the fact that the selling price of rice in Nellore last week was 5.5 Seers (of 80 tolahs each) per rupee. The landing arrangements at Kottapatam are believed to be adequate to the discharge of 4000 to 5000 bags daily. Grain could also probably be landed without difficulty at other Nellore ports.

A. Mackenjie.
*Offg. Secy. to the Govt. of Benqal.*

---

## ବିଜ୍ଞାପନ ।

ସନ ୧୮୭୮ ମସିହା ମାର୍ଚ୍ଚ ମାସ ତା ୧୩ ରିଖ ସୋମବାର ମୁତାବକ ସନ ୧୨୮୫ ସାଲ ଚୈତ୍ର ମାସ ଦ ୨ ନ କଟକ, ଯାଜପୁର, ଓ କେନ୍ଦ୍ରାପଡା ଏହି ତିନ ମୁକାମରେ ଗ୍ରାମ୍ୟ ପାଠଶାଳା ଶିକ୍ଷକତାର ପାରଦର୍ଶିତା ପରିଚାୟକ ପ୍ରଶଂସାପତ୍ର ପ୍ରାପ୍ତ ହେବାର ଏକ ପରୀକ୍ଷା ଗୃହୀତ ହେବ ପରୀକ୍ଷାର୍ଥିମାନଙ୍କର ସଂଖ୍ୟା ଯଥେଷ୍ଟ ହେଲେ କଟକ ବିଭାଗ ନିମନ୍ତେ ଛଅ ଏବଂ ଯାଜପୁର ଓ କେନ୍ଦ୍ରାପଡା ପ୍ରତ୍ୟେକ ବିଭାଗ ନିମନ୍ତେ ସାତଖଣ୍ଡ କରି ସମୁଦାୟରେ କୋଡିଏଖଣ୍ଡ ପ୍ରଶଂସାପତ୍ର ଦିଆଯିବ ଯେଉଁମାନେ ଗ୍ରାମ୍ୟ ପାଠଶାଳାର ଶିକ୍ଷକ ହୋଇଥିବେ ଅଥବା ଏକବର୍ଷ ପାଇଁ କୌଣସି ଗ୍ରାମ୍ୟପାଠଶାଳାର ଶିକ୍ଷକତା କରିବା ନିମନ୍ତେ ସ୍ୱୀକାରପତ୍ର ଲେଖି ଦେବେ କେବଳ ସେହିମାନେ ପ୍ରଶଂସାପତ୍ର ପାଇ ପାରିବେ ଓ ପ୍ରତ୍ୟେକ ପ୍ରଶଂସାପତ୍ର ସହିତ କୋଡିଏଟଙ୍କା ପୁରସ୍କାର ଦିଆ ଯିବ । ପ୍ରଶଂସାପତ୍ର ପାଇଥିବା ଶିକ୍ଷକମାନଙ୍କୁ ଗୋଟିଏ୨ ପାଠଶାଳାରେ ନିଯୁକ୍ତ କରିବା ବିଷୟରେ ଯତ୍ନ କରାଯିବ ଯେଉଁମାନେ ସାର୍ଟିଫିକଟ ପାଇଅଛନ୍ତି ଅଥବା ମାଇନର, ଭର୍ଣ୍ଣାକୁଲର ବା ଇଣ୍ଟରମିଡିଏଟ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୌଣସି ପାଠଶାଳାର ଶିକ୍ଷକତା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ସେମାନଙ୍କୁ ଏ ପରୀକ୍ଷାରେ ଗ୍ରହଣ କରାଯିବ ନାହିଁ ପରୀକ୍ଷାର୍ଥିମାନେ ସନ ୧୮୭୮ ମସିହା ଜାନୁୟାରି ମାସ ତ ୩୧ ରିଖ ମୁତାବକ ସନ ୧୨୮୫ ମାଘ ଦ ୨୦ ନ ପୂର୍ବରୁ କଟକଜିଲା ସ୍କୁଲସମୂହର ଡେପୁଟୀ ଇନ୍ସ୍ପେକ୍ଟର ଶ୍ରୀଯୁତ ବାବୁ ଉମାପ୍ରସାଦ ଦେଙ୍କ ଠାରୁ ଦରଖାସ୍ତ ପଠାଇବେ ।

H. Beadon
*Offg. Magistrate.*

---

ଓଡିଶା ବିଭାଗସ୍ଥ ଭର୍ଣ୍ଣାକୁଲର ଓ ମାଇନର ଛାତ୍ରବୃତ୍ତି ପରୀକ୍ଷା ଆଗାମୀ ନବେମ୍ବର ମାସ ତା ୧୨ ରିଖଠାରୁ ଆରମ୍ଭ ହେବ ।

ଇଣ୍ଟରମିଡିଏଟ୍ ଛାତ୍ରବୃତ୍ତି ପରୀକ୍ଷା ଆଗାମୀ ନବେମ୍ବରମାସ ତା ୧୬ ରିଖ ଶୁକ୍ରବାରଠାରୁ ଆରମ୍ଭ ହେବ ।

ନିମ୍ନଲିଖିତ ପରୀକ୍ଷା ସ୍ଥଳମାନ ନିର୍ଦ୍ଧାରିତ ହୋଇଅଛି ।

କଟକ—କଟକ ନର୍ମ୍ୟାଲସ୍କୁଲ, ଯାଜପୁର ସାହାଯ୍ୟକୃତ ଇଂରାଜୀ ବିଦ୍ୟାଳୟ ଓ କେନ୍ଦ୍ରପଡ଼ା ସ୍କୁଲ ।

ପୁରୀ—ପୁରୀଜିଲା ଇଂରାଜୀ ଅଥବା ନର୍ମ୍ୟାସ୍କୁଲ ଓ ଖୋର୍ଦ୍ଧା ସାହାଯ୍ୟକୃତ ଇଂରାଜୀ ବିଦ୍ୟାଳୟ ।

ବାଲେଶ୍ୱର—ବାଲେଶ୍ୱର ଜିଲା ଇଂରାଜୀ ଅଥବା ନର୍ମ୍ୟାଲସ୍କୁଲ, ଭଦ୍ରକ ସାହାଯ୍ୟକୃତ ଇଂରାଜୀ ବିଦ୍ୟାଳୟ ଓ ଲକ୍ଷଣନାଥ ସାହାଯ୍ୟକୃତ ଉଚ୍ଚଶ୍ରେଣୀ ଇଂରାଜୀ ବିଦ୍ୟାଳୟ ।

ଇଣ୍ଟରମିଡିଏଟ୍ ପରୀକ୍ଷା ମଧ୍ୟ ଉକ୍ତ ପରୀକ୍ଷା ସ୍ଥଳମାନଙ୍କରେ ହେବ କେବଳ ପୁରୀ ଜିଲାରେ ନିମାପାଡ଼ା ନାମକ ଗୋଟିଏ ଅଧିକା ପରୀକ୍ଷା ସ୍ଥଳ ନିର୍ଦ୍ଧାରିତ ହୋଇଅଛି ।

ଉଭୟ ପରୀକ୍ଷାର୍ଥିଛାତ୍ରମାନେ ପରୀକ୍ଷା ସ୍ଥଳେ କାଗଜ ଓ ସ୍ୟାହି ପାଇବେ ଅନ୍ୟାନ୍ୟ ଲେଖନୀୟ ଉପକରଣମାନ ସ୍ୱତନ୍ତ୍ର ଘେନି ଯାଇଥିବେ ।

Cuttack ⎫ N. K. Das
28—9—77. ⎭ *Joint Inspector of schools Orissa.*

---

## ସିନ୍କୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନପରି ଏହା ସାମାନ୍ୟ ଏବଂ କମ୍ପଜ୍ୱରର ତତକ୍ଷଣରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦ ଙ୍କା, ଡାକଖର୍ଚ୍ଚା ଏକ ଟଙ୍କା ଅତିରିକ୍ତ ଲାଗିବ ।

କଲିକତା ସନ୍ନିକଟ ହାବଡାସ୍ଥ ବଟାନିକେଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହେବ ।

---

☞ ମଲପତ୍ର ଦେଖ

Split by PDF Splitter

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୪୧ ଖ୍ୟା

ତା ୨୦ ରିଖ ମାହେ ଅକ୍ଟୁବର ସନ ୧୮୭୭ ମସିହା । ମୁ । କାର୍ତ୍ତିକ ବ ୭ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧।୵

ଶ୍ରୀଶ୍ରୀ ସାରଦୀୟ ପୂଜା ନିର୍ବିଘ୍ନରେ ସମାପ୍ତ ହେଲା ଏବଂ ଏ ମହୋତ୍ସବ ଉପଲକ୍ଷରେ ଆମ୍ଭେମାନେ କିଞ୍ଚିତ୍‌କାଳ ଅବସର ଗ୍ରହଣକରି ପୁନର୍ବାର ପାଠକଙ୍କ ସାକ୍ଷାତରେ ଉପସ୍ଥିତ ହେଲୁଁ । ଚିରପ୍ରଚଳିତ ପଦ୍ଧତି ଅନୁସାରେ ପାଠକମାନଙ୍କ ସହିତ ଆଲିଙ୍ଗନ କରୁଅଛୁଁ ଏବଂ ଆମୋଦ ପ୍ରମୋଦରେ ପର୍ବ ନିର୍ବାହ କରି ଥିବାରୁ ସମସ୍ତଙ୍କର ମଙ୍ଗଳବାଦ କରୁ ଅଛୁଁ ଭରସାକରୁଁ କି ଏହିପରି ଆମୋଦ ଆହ୍ଲାଦରେ ଏବର୍ଷଟି ଅତିବାହିତ ହେଉ ।

---

ଏ ପକ୍ଷ ମଧ୍ୟରେ ଯୁଦ୍ଧର ସମାଚାର ବିଶେଷ କିଛି ଆସି ନାହିଁ । ଏଥିପୂର୍ବେ ଯେ ସମସ୍ତ ସମାଚାର ଆସିଥିଲା ତହିଁରୁ ଜଣାଯାଇଥିଲା ଯେ ତୁରସ୍କର ସୁଲତାନ ସୁଲେମାନ ପାସା ଓ ଉସମାନ ପାସାଙ୍କ କାର୍ଯ୍ୟରେ ଅତ୍ୟନ୍ତ ସନ୍ତୁଷ୍ଟହୋଇ ସେମାନଙ୍କୁ ଗାଜି ପଦ ପ୍ରଦାନ କରି ଅଛନ୍ତି କିନ୍ତୁ ଏମାନେ ଅବଧି କିଛି ବିଶେଷ ଫଳ ରୁଷୀୟଙ୍କ ଉପରେ ଲାଭ କରି ନାହାନ୍ତି । ଯୁଦ୍ଧ ବନ୍ଦ ନାହିଁ କିନ୍ତୁ ସାମାନ୍ୟ ପ୍ରକାରରେ ଚାଲୁଅଛି । ଏଣେ ବୃଷ୍ଟି ଶୀତ ବରଫ୍ ହେତୁ ସୈନ୍ୟଙ୍କର ଯାତାୟାତର ଓ ଖାଦ୍ୟସାମଗ୍ରି ବହିବାର ବଡ଼ କଷ୍ଟ ହୋଇ ଅଛି । ବରଫ୍ ଯୋଗୁଁ ଡେନ୍ୟୁବ ନଦୀର ଏକ ପୁଲ ଭାସିଯାଇଅଛି । ସୁତରାଂ ଅବଧି ଯୁଦ୍ଧ ସମ୍ପର୍କରେ ଯାହା ସଂବାଦ ଆସି ଅଛି ତହିଁରୁ ଜଣାଯାଏ ଯେ ଉଭୟପକ୍ଷ ସମସର ଅବସ୍ଥାରେ ଅଛନ୍ତି କେହି କାହାକୁ ବଳାଇ ନାହିଁ । କେବେ ଏ ଯୁଦ୍ଧ ଶେଷ ହେବ ବୋଲିଯାଇ ନ ପାରେ କିନ୍ତୁ ସୁଲତାନ ସଭାରେ ପ୍ରକାଶ କରି ଅଛନ୍ତି କି ଅଳ୍ପ କାଳରେ ସନ୍ଧି ହୋଇ ଯୁଦ୍ଧ ଶେଷ ହେବ ଓ ସେ ସନ୍ଧି ତୁରସ୍କ ପକ୍ଷରେ ଶୁଭକର ହେବ ।

---

କରଣମାନଙ୍କୁ ପୁନର୍ବାର ଆପଣା ସମାଜ ସଂସ୍କରଣ ପକ୍ଷରେ ଯତ୍ନଶୀଳ ହେବାର ଦେଖି ବଡ଼ ଆନନ୍ଦିତ ହୋଇଅଛୁଁ । ଗତ ମାସ ଶେଷରେ ଏକ ଦିନ ଶ୍ରୀ ବାବୁ ହରେକୃଷ୍ଣ ଦାସଙ୍କ ବସାଠାରେ ତାହାଙ୍କ ଆହ୍ଵାନ ମତେ କରଣମାନଙ୍କର ସଭା ହୋଇଥିଲା ପ୍ରାୟ ଚାଳିଶ ଜଣ ସଭାରେ ଉପସ୍ଥିତ ଥିଲେ । ସଭାର ଭାବରୁ ଜଣାଗଲା ଯେ ଅଧିକାଂଶ ଲୋକ ସଭାର ସପକ୍ଷରେ ଅଟନ୍ତି । ବିବାହର ବ୍ୟୟ ଲାଘବ ବିଷୟରେ ଅନେକ କଥୋପକଥନ ହୋଇ ଗୋଟିଏ କମିଟୀ ମନୋନୀତ ହେଲା ଯେ ସେମାନେ ବର୍ତ୍ତମାନ ପ୍ରଚଳିତ ବ୍ୟୟର ତାଲିକା ନାନାସ୍ଥାନରୁ ସଂଗ୍ରହ କରିବେ ଓ ତାହା କିରୂପେ ସଂଶୋଧନ କରିବାକୁ ହେବ ତହିଁର ପ୍ରସ୍ତାବ କରିବେ । କମିଟିଙ୍କ ପ୍ରସ୍ତାବ ସଭାରେ ଆଗତ ହେଲେ ତହିଁର ବିବେଚନା ହେବ । କମିଟିରେ ଯୋଗ୍ୟ ଲୋକମାନେ ନିଯୁକ୍ତ ହୋଇଅଛନ୍ତି । ଏଣୁ ଭରସା ହୁଏଇ ଯେ କିଛି କାର୍ଯ୍ୟ ହୋଇପାରେ । ଆମ୍ଭମାନଙ୍କର ଏ ବିଷୟରେ ଅନେକ କଥା କହିବାର ଅଛି ତାହା ସମୟାନ୍ତରେ ବ୍ୟକ୍ତ କରିବୁଁ । ସମ୍ପ୍ରତି ଆମ୍ଭମାନଙ୍କର ଆଶା ଏହି ଯେ ସଭ୍ୟମାନେ ଏକାନ୍ତ ଏଥିର ଚେଷ୍ଟାରେ ରହନ୍ତୁ ଓ ଅନ୍ୟାନ୍ୟ ସଭା ବିଶେଷରେ ଏହି ବିଷୟର ପୂର୍ବ ସଭାମାନ ଯେମନ୍ତ ଅକାଳେ ଲୋପ ପାଇଅଛି ତାହା ଯେମନ୍ତ ଏ ସଭା କପାଳରୁ ନ ଘଟିବ ଏ କଥାକୁ ତର୍କି ଥାଉନ୍ତୁ । କେବଳ ବିବାହର ବ୍ୟୟ ଊଣା କରିବା ପ୍ରଚୁର ନୁହଇ । ବୈବାହିକ ନିୟମରେ ଯେକିଛି ଅସୁବିଧା ଓ ବୃଥା ଆଡ଼ମ୍ବର ବର୍ତ୍ତମାନ ଲକ୍ଷିତ ହେଉଅଛି ସେସମସ୍ତ ରହିତ ବା ସଂଶୋଧିତ କରିବାକୁ କମିଟୀ ଚେଷ୍ଟା କରନ୍ତୁ । ବାବୁ ହରେକୃଷ୍ଣ ଦାସ ଏ ଜିଲାର କରଣମାନଙ୍କ ମଧ୍ୟରେ ଭଲ ମାନ୍ୟଗଣ୍ୟ ବ୍ୟକ୍ତି ଅଟନ୍ତି ଓ ସମସ୍ତେ ତାହାଙ୍କୁ ମୁରବି ତୁଲ୍ୟ ଜ୍ଞାନ କରନ୍ତି । ତାହାଙ୍କଠାରୁ ଏ ହିତକର ପ୍ରସ୍ତାବ ବାହାରିବା ବଡ଼ ଉତ୍ତମ ହୋଇଅଛି ଓ ସେ ଯେମନ୍ତ ସ୍ଵଜାତୀୟଙ୍କ ହିତ ଉଦ୍ଦେଶରେ କାର୍ଯ୍ୟରେ ହସ୍ତ ପ୍ରବେଶ କରିଅଛନ୍ତି ତେମନ୍ତ ଅଧ୍ୟବସାୟ ସହିତ ଏହାକୁ ସମ୍ପୂର୍ଣ୍ଣ କରନ୍ତୁ ଓ ଅନ୍ୟାନ୍ୟ ବିଦ୍ଵାନ୍ ଓ ଦେଶହିତୈଷୀ କରଣମାନେ ତାହାଙ୍କ ସଙ୍ଗେ ଯୋଗ ଦେଉନ୍ତୁ ଏହିକି ଆମ୍ଭମାନଙ୍କ ପ୍ରାର୍ଥନା ।

---

କଲିକତାରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଅତ୍ୟନ୍ତ ଉଚ୍ଚ ହେବାରୁ ବାଙ୍କବଙ୍ଗାଳ ଓ ଅନ୍ୟାନ୍ୟ ସଉଦାଗର ଆଫିସର କିରାନୀ ଓ ଚପରାସିମାନଙ୍କୁ

Digitized by srujanika@gmail.com

Split by PDF Splitter



କଷ୍ଟ୨ ଅଧିକା ବେତନ ଦିଆଯାଉଅଛି । ସାମାନ୍ୟ ସଉଦାଗରମାନେ ଆପଣା ଚାକରଙ୍କ କଷ୍ଟ ବୁଝିଲେ କିନ୍ତୁ ଗବର୍ଣ୍ଣମେଣ୍ଟ ତାହା ବୁଝିଲେ ନାହିଁ । ଆମ୍ଭମାନଙ୍କର ଏକଟିଂ କମିଶ୍ନର ସାହେବ ଦୁଃଖୀ ଚାକରଙ୍କଠାରେ ସହାନୁଭୂତ ଦେଖାଇ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ହେତୁ କଛୁ ଭତ୍ତା ଦେବାକୁ ପ୍ରସ୍ତାବ କରିଥିଲେ କିନ୍ତୁ ମାନ୍ୟବର ଇଡନ ସାହେବ ତାହାଙ୍କୁ ଉତ୍ତର ଦେଲେ କି ଫସଲ ଶସ୍ତା ସମୟରେ ବର୍ଷକର ଖାଦ୍ୟ କିଣି ରଖିଲେ ବର୍ତ୍ତମାନର ଦୁର୍ମୂଲ୍ୟ ବାଧକ୍ତା ନାହିଁ । ଏ ଉତ୍ତର ଶୁଣି ମାଉକଥାର ଗୋଟିଏ କାହାଣି ଆମ୍ଭମାନଙ୍କ ମନରେ ପଡ଼ିଲା ତାହା ଏହି ଯେ ଏକ ବାଳକ ନଦୀରେ ସ୍ନାନ କରୁ୨ ବନ୍ୟତ ପାଣିକି ଖସିଗଲା ଓ ପ୍ରାଣ ରକ୍ଷାର ସାମର୍ଥ୍ୟ ନ ଦେଖି କୂଳରେ ଛିଡ଼ା ହୋଇଥିବା ଏକବ୍ୟକ୍ତିକୁ ଡାକ ପକାଇଲା । ସେ ବ୍ୟକ୍ତି ଉଦ୍ଧାର କରିବାକୁ ନ ଯାଇ ବାଳକର ମୂର୍ଖପଣିଆ ହେତୁରୁ ତାହାକୁ ଅତ୍ୟନ୍ତ ତିରସ୍କାର କଲା । ତହୁଁ ବାଳକ କହିଲା ଆହେ ଆଗେ ମୋତେ ଏ କଷ୍ଟରୁ ରକ୍ଷା କର ପଛେ ଉପଦେଶ ଦେବ ଏହା କହୁଁ୨ ବାଳକଟି ବୁଡ଼ିମଲା । ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ଠିକ ଏହି ନ୍ୟାୟକୁ ଅନୁସରଣ କରୁଅଛନ୍ତି । ଅଳ୍ପ ବେତନଭୋଗୀ ଚାକରମାନେ ଦାନା ବିହୀନେ ଦରମରା ହୋଇ ସାହାଯ୍ୟ ପ୍ରାର୍ଥନା କରିବା ବେଳେ ଲେଫ୍ଟେଣ୍ଟ ସାହେବ ଉପଦେଶ ଦେଲେ ଯେ ଶସ୍ତାକାଳରେ ଦାନା ସଞ୍ଚୟ କରିବାର ଥିଲା । ହାତରେ ଦ୍ରବ୍ୟ ହେବ ଓ ପ୍ରାଣ ରକ୍ଷା ପାଇବ ତେବେ ସିନା ଏ ଉପଦେଶଟି କାର୍ଯ୍ୟରେ ଆସିବ । ଯାହା ହେଉ ଶ୍ରୀଯୁକ୍ତ ଖାନ୍ସ ସାହେବ ବାସ୍ତବିକ ଦୟାଳୁ ଅଟନ୍ତି ସେ ଦୁଃଖିଙ୍କ ଅବସ୍ଥା ଦେଖି ଢେଙ୍କାନାଳରୁ ପ୍ରାୟ ଅଢେଇଶ ଟଙ୍କାର ଧାନ ଅଣାଇ ସରକାରୀ ମହକୁମା ସବୁର ପିଅଦା ଚପରାସୀ ଏବଂ ନଗରବାସୀ ଅନେକ ଅତ୍ୟନ୍ତ ଦରିଦ୍ର ବ୍ୟକ୍ତିଙ୍କୁ ଅତି ସୁଲଭ ଭାଉରେ ଏକ୨ ଟଙ୍କାର ଧାନ ଦେଇ ଅନେକ ଉପକାର କଲେ ଓ ଏଥିପାଇଁ ଦୁଃଖିମାନେ ତାହାଙ୍କର ଯଶୋଗାନ କରୁଅଛନ୍ତି ଓ ମନମଧ୍ୟରେ ଧନ୍ୟବାଦ ଦେଉଅଛନ୍ତି । ଆହା ! ଏ ଦାରୁଣ ସମୟରେ ଯେଉଁ ବ୍ୟକ୍ତି ଦରିଦ୍ରଙ୍କର ସହାୟ ହେବ ପରମେଶ୍ୱର ଅବଶ୍ୟ ତାହାଙ୍କର ମଙ୍ଗଳ କରିବେ ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ ଗ୍ରହଣ ଉତ୍ସବ ସମୟ ବା ତହିଁ ପୂର୍ବରୁ ଶ୍ରୀଶାରଦୀୟ ଜଗଦୀଶ୍ୱରୀଙ୍କ ପୂଜା ପର୍ଯ୍ୟନ୍ତ ଭାରତବାସିଙ୍କୁ ଦୁର୍ଭିକ୍ଷର ଚିନ୍ତା ହେଲେ ସୁଦ୍ଧା କ୍ଷତ ନ ଥିଲା । ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ କ୍ରମଶଃ ଏମନ୍ତ ପ୍ରବଳ ହେଲା ଯେ ତହିଁ ସକାଶେ ଭାରତବର୍ଷର ଚତୁର୍ଦ୍ଦିଗରେ ଖାଦ୍ୟଦ୍ରବ୍ୟ ଦୁର୍ମୂଲ୍ୟ ଓ ଦୁଃଖିଲୋକଙ୍କୁ ଏକପ୍ରକାର ଅପ୍ରାପ୍ତ ହେଲା । ବର୍ଷା ହେଲେ ସବୁ ଦୁଃଖ ନାଶ ହେବ ଏହି ଆଶାରେ ଲୋକେ କୌଣସିରୂପେ ପଡ଼ି ରହିଲେ । କିନ୍ତୁ ଆଶାନୁରୂପ ବର୍ଷା ହେବାର ତେଣିକଥାଉ ଭାରତବର୍ଷର ଚଉଆଡ଼େ ଅନାବୃଷ୍ଟି ପ୍ରତ୍ୟକ୍ଷ ହେଲା ଓ ଦୁର୍ଭିକ୍ଷର ଆଶଙ୍କା କ୍ରମଶଃ ବଢ଼ିଲା ପ୍ରଥମେ ମାନ୍ଦ୍ରାଜ ବମ୍ବେଇ ତହିଁଉତ୍ତାରୁ ମଧ୍ୟଭାରତବର୍ଷ ମଧ୍ୟପ୍ରଦେଶ ଉତ୍ତରପଶ୍ଚିମ ଓ କ୍ରମେ ବଙ୍ଗଳାର ଏକ୨ ଅଂଶରେ ସୁଦ୍ଧା ଦୁର୍ଭିକ୍ଷ ପଡ଼ିବାର ଏକପ୍ରକାର ନିଶ୍ଚୟ ଜଣାଗଲା । କ୍ଷେତର ଗଛସବୁ ଜଳବିହୀନେ ଶୁଖିଗଲା ଓ ମାଟି ଏମନ୍ତ ନୀରସ ହେଲା ଯେ ଆଉ ଲଙ୍ଗଳଗାର ବସି ପାରିଲା ନାହିଁ ଏ ଅବସ୍ଥାରେ ଲୋକଙ୍କର ହାହାକାର ପଡ଼ିବାର ବିଚିତ୍ର କି ? ଯାହାଙ୍କଠାରେ ଶସ୍ୟ ଥିଲା ସେମାନେ ଲୁଚାଇ ଦେଲେ ବଣିକ୍ଷୟୀମାନେ ଶସ୍ତି ଓ ମହାଜନଘରକୁ ଧାଇଁ୨ ବୁଲିଲେ ମାତ୍ର ଛଟାଙ୍କେ ଦାନା ପାଇଲେ ନାହିଁ । ଗଣ୍ଠିରେ କୌଡ଼ିବାନ୍ଧ ଉପବାସ ସହିଲେ ଓ କେତେ ଦୁର୍ବୃତ୍ତ ଲୋକ ସହି ନ ପାରି ଚୋରି ଲୁଟିଇତ୍ୟାଦି ନିଷିଦ୍ଧ କାର୍ଯ୍ୟରେ ପ୍ରବୃତ୍ତ ହେଲେ । ଦୁର୍ଭିକ୍ଷର ଆଶଙ୍କାରେ ରାଜାଠାରୁ ପ୍ରଜାପର୍ଯ୍ୟନ୍ତ ସମସ୍ତେ ବ୍ୟସ୍ତ ହେଲେ କି କରି କାଳ କାଟିବେ କାହାରିକୁ ବୁଦ୍ଧି ସ୍ଫୁରିଲା ନାହିଁ । ଏ କାଳରେ ବ୍ରହ୍ମଦେଶରୁ ସମ୍ବାଦ ଅସିଲା ଯେ ସେଠାରେ ଅତ୍ୟନ୍ତ ବୃଷ୍ଟି ଓ ନଦୀବୃଦ୍ଧି ହୋଇ କ୍ଷେତ ସମୂଳରେ ଧୋଇଯାଇଅଛି ଓ ନାନାସ୍ଥାନରେ ବନ୍ଧମାନ ଭାଙ୍ଗିଯାଇ କ୍ଷେତମାନ ଏପ୍ରକାର ଜଳପୂର୍ଣ୍ଣ କରିଅଛି ଯେ ଏଣିକି ଆଉ ପ୍ରସ୍ତେ ରୋଇ କ୍ଷେତ ପ୍ରସ୍ତୁତ କରିବାର ଆଶା ନାହିଁ । ଭାରତବର୍ଷର ନିଶ୍ୱାସ ବ୍ରହ୍ମଦେଶ ହୋଇଅଛି । ଏଠାରେ କ୍ଷେତ ନ ହେଲେ ବ୍ରହ୍ମଦେଶରୁ ଆମଦାନୀଦ୍ୱାରା ପ୍ରାଣ ବଞ୍ଚାଇବାର ଆଶା । ଯେବେ ଏକସ୍ଥାନରେ ମରୁଡ଼ି ଓ ଅନ୍ୟ ସ୍ଥାନରେ ଧୋଇ ହୋଇ ଦୁଇସ୍ଥାନର ଫସଲ ନଷ୍ଟ ହେଲା ତେବେ ଆଉ କି ବାକି ରହିଲା । ଚଳିତମାସ ଆରମ୍ଭରେ ଏହି ଚିନ୍ତା ସମସ୍ତଙ୍କୁ ଗ୍ରାସକଲା । କିନ୍ତୁ ପରମେଶ୍ୱରଙ୍କ ଅନୁଗ୍ରହରୁ ଏ ଚିନ୍ତା ଶୀଘ୍ର ଦୂର ହୋଇଅଛି । ଚଳିତମାସ ତା ୭ ରଖରୁ ଗତ ପାଞ୍ଚଦିନ ପର୍ଯ୍ୟନ୍ତ ଭାରତବର୍ଷର ଅଧିକାଂଶ ସ୍ଥଳରେ ଘୋର ବୃଷ୍ଟି ହେବାର ସମ୍ବାଦ ଶୁଣି ମନ ଆନନ୍ଦିତ ହୋଇ ଅଛି । ଏବର୍ଷା ଦକ୍ଷିଣରେ ନାଗପୁରଠାରୁ ଉତ୍ତରକୁ ଝେଲମ ପର୍ଯ୍ୟନ୍ତ ଏବଂ ପୂର୍ବରେ ପାଟନାଠାରୁ ପଶ୍ଚିମରେ ଗୁଜରାଟ ପର୍ଯ୍ୟନ୍ତ ବିଶେଷ ହୋଇଅଛି । ସ୍ଥାନବିଶେଷରେ ୨ଇଞ୍ଚଠାରୁ ୮ଇଞ୍ଚ ପର୍ଯ୍ୟନ୍ତ ଜଳ ପଡ଼ିଅଛି । ଅଯୋଧ୍ୟା, ଉତ୍ତରପଶ୍ଚିମ, ମଧ୍ୟପ୍ରଦେଶ, ବିହାର, ଗୁଜରାଟ, ରାଜପୁତାନା ଓ ପଞ୍ଜାବରେ ଉତ୍ତମ ବର୍ଷା ହୋଇଅଛି । ଖରିଫ ଫସଲ ଯାହା ସମୂଳେ ନଷ୍ଟ ହୋଇ ନ ଥିଲା ତାହା ସତେଜ ଓ ପୁନର୍ଜୀବିତ ହୋଇଅଛି ଏବଂ ଶୀଘ୍ର ପ୍ରଚୁର ଘାସ ହେବାର ଭରସା ଦେଖାଯାଏ । ଲୋକମାନେ ସାହାଯ୍ୟକର୍ମରେ ମୂଲ ନ ଲାଗି ଆପଣା୨ କ୍ଷେତର କାର୍ଯ୍ୟ କରିବାକୁ ଫେରି ଆସିଅଛନ୍ତି ଏବଂ ସର୍ବତ୍ରରେ ଶସ୍ୟର ଭାଉ ଊଣା ହୋଇଅଛି ବମ୍ବେଇର ଅବସ୍ଥା ଏମନ୍ତ ଭଲ ହୋଇଅଛି ଯେ ଆଉ ଏକମାସରେ ସେଠାରେ ଦୁର୍ଭିକ୍ଷସାହାଯ୍ୟ କାର୍ଯ୍ୟ ସମସ୍ତ ଏକାବେଳକେ ଶେଷ ହେବ ଓ ଦୁର୍ଭିକ୍ଷର ହେସାବ ନିକାଶ ହେବ ମାନ୍ଦ୍ରାଜରେ ମଧ୍ୟ ସୁବୃଷ୍ଟି ହେବାରୁ ଖାଦ୍ୟସାମଗ୍ରିର ମୂଲ୍ୟ କିଞ୍ଚିତ ଊଣା ହେଲାଣି ତଥାପି ଆଉ କିଛିକାଳ ସେଠାକୁ ଶସ୍ୟ ରପ୍ତାନି ହେଉଥିବ ମାତ୍ର ତହିଁର ପରିମାଣ ଅବଶ୍ୟ ଊଣା ପଡ଼ିବ । ଏରୂପେ ଦେଖାଯାଏ ଯେ ଦୁର୍ଗୋତ୍ସବରେ ଯେ ସମସ୍ତ ଚିନ୍ତା ଲୋକଙ୍କୁ ବ୍ୟାକୁଳ କରୁଥିଲା ସେ ସମସ୍ତ ପୂଜାର ଉତ୍ସବ ମଧ୍ୟରେ ସମ୍ପୂର୍ଣ୍ଣରୂପେ ଲୋପ ପାଇଅଛି । ଭାରତବର୍ଷରେ ଦୁର୍ଭିକ୍ଷ ପଡ଼ିବା ନ ପଡ଼ିବାର କଥା ଅକ୍ଟୋବରମାସରେ ନିଶ୍ଚୟରୂପେ ଜଣାଯାଏ ଓ ଏମାସରେ ପ୍ରାୟ ସର୍ବତ୍ରରେ ଭଲ ବୃଷ୍ଟି ହେବାରୁ ଦୁର୍ଭିକ୍ଷର ଭୟ ନିବାରିତ ହୋଇଅଛି ବୋଲିବାକୁ ହେବ ତେବେ କୌଣସିଠାରେ ପୂର୍ଣ୍ଣ ଫସଲ ହେବ ନାହିଁ ସୁତରାଂ ଅନ୍ୟାନ୍ୟ ବର୍ଷଠାରୁ ମୂଲ୍ୟ କିଞ୍ଚିତ ଉଚ୍ଚ ରହିବ ।

---

ଆମେରିକାରେ ଲୋକମାନେ ବଡ଼ ଆମୋଦପ୍ରିୟ ଅଟନ୍ତି । ସେଠାରେ ମୋଟମନୁଷ୍ୟଙ୍କର ଗୋଟିଏ ବାର୍ଷିକ ମହୋତ୍ସବ ହୁଅଇ । ଗତ ଅଗଷ୍ଟ ମାସରେ ଉକ୍ତ ବାର୍ଷିକ ଉତ୍ସବ ହୋଇ

Digitized by srujanika@gmail.com

ଥିଲା ଯେ ସେଦିନ ୪୬୭ ଲୋକ ଉପସ୍ଥିତ ହୋଇଥିଲେ । ଏହାଙ୍କ ମଧ୍ୟରୁ ୨୯୧ ଜଣ ୨୦୦ ବା ତଦୂର୍ଦ୍ଧ୍ୱ ପାଉଣ୍ଡ ଓଜନର ଥିଲେ । ଏକପାଉଣ୍ଡ ପ୍ରାୟ ବାଲେଶ୍ୱରୀ ଅଧସେର ଅଟଇ । ଏକଜଣ ସଭ୍ୟର ବୟସ ବ ୨୫ ର୍ଷ ଥିଲା ଓ ତାହାର ଓଜନ ୩୯୯ ପାଉଣ୍ଡ ( ପ୍ରାୟ ପାଞ୍ଚ ମହଣ ) ହୋଇଥିଲା । ଏହାଙ୍କ ଉତ୍ସବ ଦେଖିବାପାଁଇ ମଧ୍ୟ ଅନେକ ମୋଟମନୁଷ୍ୟ ଯାଇଥିଲେ । ଏମାନେ କେତେ ଖାଇଲେ ବା ପିଇଲେ କିଛି ଲେଖାଯାଇ ନାହିଁ ମାତ୍ର ଅନୁମାନ ହୁଅଇ କୁମ୍ଭକର୍ଣ୍ଣଙ୍କୁ ଲଜ୍ଜା ଦେଇଥିବେ ଯେତେବେଳେ ଏମାନେ ଏକତ୍ରରେ ବସିଥିବେ ଗୋଟାଏ ବୃହତ୍ ଗୁଳାପଟର ଗୋଦାମ ପରି ଦିଶୁଥିବ ।

---

ସନ ୧୮୭୬ । ୭୭ ବାବତ ଓଡିଶାର ସାଧାରଣ ବନ୍ଦୋବସ୍ତ ଉପରେ ମାନ୍ୟବର ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ ନିର୍ଦ୍ଧାରଣ କଲିକତା ଗଜେଟରେ ପ୍ରକାଶିତ ହୋଇଅଛି । ଅମ୍ଭେମାନେ ତହିଁରୁ ନିମ୍ନଲିଖିତ ବୃତ୍ତାନ୍ତମାନ ସଙ୍କଳନ କଲୁଁ ଯଥା-

ଜଳବାୟୁ ଓ ଶସ୍ୟ—ଓଡିଶାର ସର୍ବତ୍ରରେ ଉତ୍ତମ ଏବଂ ବାଲେଶ୍ୱରରେ ଅତ୍ୟନ୍ତ ଉତ୍ତମ ଫସଲ ହୋଇଥିଲା । କଟକ ଓ ପୁରୀରେ ହାରାହାରି ପରିମାଣରୁ ଊଣା ବୃଷ୍ଟି ହୋଇଥିଲେହେଁ ଯଥାକାଳରେ ଜଳ ବର୍ଷିଥିବାରୁ ଫସଲର ବ୍ୟାଘାତ ହେଲା ନାହିଁ ଏବଂ ବାଲେଶ୍ୱରରେ ହାରାହାରି ପରିମାଣରୁ ଅନେକ ଅଧିକ ବର୍ଷା ହୋଇଥିଲା ।

ରୋଗ ଓ ଲୋକଙ୍କର ଅବସ୍ଥା କଟକରେ ୫୦୪୪, ପୁରୀରେ ୪୪୨୮ ଏବଂ ବାଲେଶ୍ୱରରେ ୭୩୬୧ ଲୋକ ବର୍ଷମଧ୍ୟରେ ଓଲାଉଠାରୋଗରେ ମରି ପଡିଥିଲେ ପୂର୍ବବର୍ଷଠାରୁ ଏ ରୋଗ ପ୍ରବଳ ଥିଲା । ପୂର୍ବେ ପୁରୀକୁ ଯାତ୍ରୀ ଆସିବାର ଯେତେ ସଡ଼କ ଓ ବାଟ ଥିଲା ତହିଁର ସଂଖ୍ୟା ସମ୍ପ୍ରତି ବଢିବାରୁ ସମୁଦ୍ର ଗଡ଼ଜାତ ଜଙ୍ଗଲ ଓ ମୁଗଲବନ୍ଦୀ ସବୁବାଟେ ଯାତ୍ରୀ ଆସୁଅଛନ୍ତି ସୁତରାଂ ରୋଗ ଓଡିଶାର ଚତୁର୍ଦ୍ଦିଗରେ ବିସ୍ତରିଯାଉଛି । ସୁତରାଂ ପୂର୍ବେ ଯେମନ୍ତ ଗୋଟିଏ ବଡ଼ ସଡ଼କରେ ଏ ରୋଗ ବଡ଼ ପ୍ରବଳ ହେଉଥିଲା ବର୍ତ୍ତମାନ ତାହା ନ ହୋଇ ଯେସମସ୍ତ କାରଣରେ ଏ ରୋଗ ଉତ୍ପନ୍ନ ବା ପ୍ରସ୍ଫୁରିତ ହୁଅଇ ଦେଶର ବୃହତଖଣ୍ଡକୁ ଆଶ୍ରୟ କରୁଅଛି ।

ସୁରକୁମାରୀ ରୋଗର କଥା ମଧ୍ୟ ଉଲ୍ଲେଖ ହୋଇଅଛି ଓ ଲେପ୍ଟେନଣ୍ଟ ଗବର୍ଣ୍ଣର ଲେଖିଅଛନ୍ତି କି ଏ ରୋଗ କେବଳ ମନର ଭୟରୁ ହେଉଥିଲା । ତହିଁର ପ୍ରତ୍ୟକ୍ଷ ପ୍ରମାଣ ଏହି ଯେ ଗୋଡ଼ର ବୁଢାଆଙ୍ଗୁଠିରେ ଖଣ୍ଡିଏ ଦଉଡି କସିକରି ବାନ୍ଧିଲେ ନିଷ୍ଚୟ ରୋଗଟି ଭଲ ହୋଇଯିବାର ଦେଖାଯାଇଅଛି ।

କ୍ରମଶଃ ପ୍ରକାଶ୍ୟ ।

# ସାପ୍ତାହିକସଂବାଦ ।

ଅମ୍ଭେମାନେ ଆନନ୍ଦିତ ହୋଇ ଜଣାଉଁଅଛୁଁ ଯେ ମିସ ସିଶିଲିୟା ସଲ୍ଲିବାନ୍ ନାମରେ ଜଣେ ସୁଶିକ୍ଷିତା ଦାଈ ମାନ୍ଦ୍ରାଜରୁ ଏ ନଗରକୁ ଆସି ବ୍ୟବସାୟ ଆରମ୍ଭ କରିବାର ଘୋଷଣା ଦେଇ ଅଛନ୍ତି । ଏହାଙ୍କଠାରେ ଉତ୍ତମ ଯୋଗ୍ୟତା ପତ୍ରମାନ ଅଛି ।

ଡେପୁଟୀକଲେକ୍ଟର ବାବୁ ବରଦାକାନ୍ତ ମଜୁମଦାର ପଞ୍ଚମଶ୍ରେଣୀକୁ ଉନ୍ନତ ପାଇଅଛନ୍ତି ।

ସମ୍ବଲପୁରଠାରୁ ଜଣେ ବନ୍ଧୁ ଲେଖିଅଛନ୍ତି କି ସେଠାର ବର୍ତ୍ତମାନ୍ ଡେପୁଟୀକମିଶ୍ନର ସ୍କଟ ସାହେବଙ୍କ ବିବେଚନା ଅତି ପ୍ରଶଂସନୀୟ ଅଟଇ ସେ ସର୍ବଦା ଦୁଃଖିଲୋକଙ୍କପ୍ରତି ସଦୟ ଥାନ୍ତି । ଏହାଙ୍କ ସମୟରେ ଏ ପ୍ରଦେଶ ଅନେକାଂଶରେ ଉନ୍ନତି ଲାଭ କରିବ ।

ମୟୂରଭଞ୍ଜ ମହାରାଜାଙ୍କର ମଳକଣ୍ଟକପୀଡ଼ା ହୋଇ ଥିଲା ଡାକ୍ତର ବଶୀୟୁନାଇଡୁ ବାୟୁସେବନ ଉପଲକ୍ଷରେ ସେଠାକୁ ଯାଇ ଥିବାରୁ ମହାରାଜାଙ୍କର ପୀଡ଼ାର କଥା ଶୁଣି ଅସ୍ତ୍ର ଚିକିତ୍ସା ଦ୍ୱାରା ଆରୋଗ୍ୟ କରି ଅଛନ୍ତି ।

ମାହାଙ୍ଗାର ଶୃଙ୍ଖଳ ଲୁଟ ମୋକଦମାରେ ଆସାମିମାନଙ୍କ ଉପରେ ବଡ଼ ସଙ୍ଗିନ ସଜା ହୋଇ ଅଛି । ତିନିଜଣ ଆସାମୀ ଉପରେ ଦେଢ଼ବର୍ଷ ଲେଖାଏଁ କାରାବାସ ଓ ଟ ୧୦୮ ଙ୍କା ଲେଖାଏଁ ଜରିମାନା ଏବଂ ବାକୀ ଜ ୧୧ ଣଙ୍କ ଉପରେ ଏକବର୍ଷ ଲେଖାଁଏ କାରାବାସ ଓ ଟ ୫୧ ଙ୍କା ଲେଖାଁଏ ଅର୍ଥଦଣ୍ଡ ହୋଇଅଛି ।

ମହାମାନ୍ୟ ଲର୍ଡ ଲିଟନସାହେବ ମାନ୍ଦ୍ରାଜର ଦୁର୍ଭିକ୍ଷ ସାହାଯ୍ୟ ସକାଶେ ଦଶହଜାର ଟଙ୍କା ଦାନ କରି ଅଛନ୍ତି । ଏ ଦାନ ଗବର୍ଣ୍ଣର ଜେନରଲଙ୍କର ଉପଯୁକ୍ତ ହୋଇଅଛି ସନ୍ଦେହ ନାହିଁ ।

ଶ୍ରୀଯୁତ ରେବନଶା ସାହେବ କଲିକତାରେ ହୋଇଥିବା ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟ କମିଟିରେ ଯେଉଁ ବକ୍ତୃତା କରିଥିଲେ ତହିଁରେ ଅନ୍ୟାନ୍ୟ କଥା ମଧ୍ୟରେ ଏ ଦେଶୀୟ ଲୋକଙ୍କ ଦାନଶୀଳତାକୁ ଲକ୍ଷ କରି କହିଥିଲେ ଯେ ଭାରତବର୍ଷର ସକଳ ଶ୍ରେଣୀର ଲୋକଙ୍କର ବଦାନ୍ୟତାର ପ୍ରମାଣ ଦେଶର ନାନା ସ୍ଥାନରେ ସ୍ଥାପିତ ହୋଇଥିବା ଦେବାଳୟ ଓ ଧର୍ମଶାଳାମାନ ଅଟଇ । କେବଳ ଓଡିଶାରେ ୫୦୦ ମଠ ଅଛି । ତହିଁର ବାର୍ଷିକ ଆୟ ଟ ୩,୯୦,୦୦୦ଙ୍କା ଏବଂ ଏଥି ମଧ୍ୟରୁ ଅନ୍ତତଃ ଟ ୩,୭୫,୦୦୦ ଙ୍କା ଆତ୍ମସାତ ହୁଅଇ । ତାହାଙ୍କର ପ୍ରସ୍ତାବ ଏହି ଯେ ଦେଶୀୟ ଭଦ୍ରଲୋକମାନେ ଏସମସ୍ତ ଟଙ୍କାକୁ ଠୁଳ କରି ଦୁର୍ଭିକ୍ଷ ସମୟରେ ଖର୍ଚ୍ଚ କରିବା ସକାଶେ ଗୋଟିଏ ପାଣ୍ଠି ସ୍ଥାପନ କରିବେ ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ମହାଜନମାନେ ଏକମେଳ ହୋଇ ଶସ୍ୟର ମୂଲ୍ୟ ବୃଦ୍ଧି କରୁଅଛନ୍ତି ଦେଖି ଇନ୍ଦୋର ମହାରାଜ ନିଜେ ଶସ୍ୟ କ୍ରୟ କରି ପ୍ରଜାମାନଙ୍କୁ ଶସ୍ତା ଦରରେ ବିକ୍ରୟ କରୁଅଛନ୍ତି ସେ ଅନେକ ଗୁଡିଏ ଗୋଲା କରିଅଛନ୍ତି । ସେହି ସବୁ ଗୋଲାରେ ୧୨ ସେର ହିସାବ ଗହମ ବିକ୍ରୟ ହେଉଅଛି । ସେ ଉଜ୍ଜୟିନୀ ଓ ଜବ୍ବଲପୁରରୁ ଗହମ ସବୁ ଆମଦାନୀ କରୁଅଛନ୍ତି । ସେହି ସବୁ ଶସ୍ୟ ଗୋଲାରେ ସଙ୍ଗତିପନ୍ନ ଲୋକେ ଅଥବା ମୋଦିମାନେ କ୍ରୟ କରିବାକୁ ପାଆନ୍ତି ନାହିଁ । କେବଳ ଗରିବ ଦୁଃଖିଙ୍କୁ ବିକ୍ରୟ ନିମିତ୍ତ ମହାରାଜଙ୍କର ଅନୁମତି ହୋଇଅଛି । ମହାରାଜ ସ୍ଥାନେ୨ ଅନ୍ନଛତ୍ର ସବୁମଧ୍ୟ ସ୍ଥାପନ କରିଅଛନ୍ତି । ତହିଁରେ ବିସ୍ତର କଙ୍ଗାଳକୁ ଅନ୍ନ ଦିଆ ଯାଉଅଛି ।

ସିଭିଲ ଓ ମିଲଟରୀ ଗଜେଟରେ ଲେଖାଅଛି କି ନଜରବେଗ ଓ ମୂଲମୌସିମ ନାମରେ ଦୁଇଜଣ ଯାତ୍ରି ସମରକନ୍ଦରୁ ଡେରାଇସମାଇଲଖାନରେ ଦ ୫୪ନ ରେ ଆସି ପହୁଞ୍ଚିଲେ ସେମାନଙ୍କଠାରୁ ଶୁଣାଗଲା ଯେ ଖୋକନ୍ଦ ଓ ଖୋଯେନ୍ଦରେ ରୁଷୀୟଙ୍କ ଶାସନ ବଡ କଷ୍ଟଦାୟକ ଅଟଇ । ସମସ୍ତ ଶ୍ରେଣୀର ଭଦ୍ରଲୋକଙ୍କଠାରୁ ବହୁତ କର ଗୃହୀତ ହୋଇଅଛି । ସେଠା ଲୋକମାନେ ଇଂରେଜଙ୍କର ସେ ରାଜ୍ୟକୁ ଯିବାର ଶୁଣି ଅତି ବ୍ୟସ୍ତ ହୋଇ ବାଟ ଚାହିଁ ରହିଲେ କାରଣ ତଦ୍ଦ୍ୱାରା ସେମାନେ ବର୍ତ୍ତମାନ ଦୁଃଖରୁ ମୁକ୍ତ ପାଇବାର ଆଶା କରିଥିଲେ । ମାତ୍ର ସେ ଜନରବ ମିଥ୍ୟା ଥିଲା । ଯେଉଁମାନେ ଖୋପନରେ ରୁଷୀୟଙ୍କ ଶାସନ ଲୋଡୁଥାନ୍ତି ସେମାନେ ଥରେ ଏହିକୁ କଥାକୁ ଚିନ୍ତା କରନ୍ତୁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଉତ୍ତର ପଶ୍ଚିମ ଗବର୍ଣ୍ଣମେଣ୍ଟଙ୍କର କୃଷିବିଭାଗଂଗରୁ ଅନେକ ଗୋରୁ ଯବାରଶସ୍ୟ ଖାଇ ମରିବାର ରିପୋର୍ଟ ଆସିଅଛି । ଅନାବୃଷ୍ଟି ହେବାରୁ ଲୋକେ ଯବାରକ୍ଷେତ୍ରରେ ଗୋରୁ ଚରାଇଦେଲେ ଓ ଯେତେ ଗୋରୁ ତାହା ଖାଇଲେ ସମସ୍ତେ ଅଳ୍ପ ସମୟ ମଧ୍ୟରେ ମରିଗଲେ । ସନ ୧୮୬୮ ସାଲର ଦୁର୍ଭିକ୍ଷରେ ମଧ୍ୟ ଏହିପରି ଘଟିଥିଲା । ଏଥିରୁ ଅନୁମାନ ହୁଅଇ ଯେ ମରୁଡି ସମୟରେ ଯବାର କ୍ଷେତ ବିଷତୁଲ୍ୟ ହୋଇଯାଏ ।

ବରୋଦାର ମନ୍ତ୍ରୀ ସର୍ ମାଧବରାଓ ଲେଖିଅଛନ୍ତି କି ଗୁଜରାଟର ସକଳ ସ୍ଥାନରେ ଉତ୍ତମ ବୃଷ୍ଟି ହେବାରୁ ଦୁର୍ଭିକ୍ଷର ଭୟ ଏକାବେଳକେ ରହିତ ହୋଇଅଛି ଓ ସମସ୍ତେ ଆଶା କରନ୍ତି ଯେ ଆଉ ସାହାଯ୍ୟଦାନର ଆବଶ୍ୟକ ହେବ ନାହିଁ ।

କୃଷ୍ଣନଗର କଲେଜର ଛାତ୍ରମାନେ ମାନ୍ଦ୍ରାଜ ଦୁର୍ଭିକ୍ଷ ସକାଶେ ୪୫୦୦ଙ୍କା ଚାନ୍ଦା ସଂଗ୍ରହ କରିଥିବାର ହିନ୍ଦୁପେଟ୍ରିଅଟ ସମ୍ବାଦ ପାଇଅଛନ୍ତି ଆମ୍ଭେ ଅନ୍ୟାନ୍ୟ ସ୍କୁଲରେ ଏହିପରି ଚାନ୍ଦା ହେଉଥିବାର ଶୁଣିଅଛୁଁ ମାନ୍ଦ୍ରାଜ ଦୁର୍ଭିକ୍ଷ ସମ୍ପର୍କରେ ଏ ଗୋଟିଏ ନୂତନ କଥା ବାହାରି ଅଛି । ପିଲାମାନେ ଏପ୍ରକାର ବିଷୟରେ ମନୋଯୋଗୀ ହେବାର ଦେଖି ଅନେକ ଲୋକ ପ୍ରଶଂସା କରୁଅଛନ୍ତି ମାତ୍ର କେହି୨ କହୁଅଛନ୍ତି ଯେ ଏହା ପିଲାଙ୍କର କାର୍ଯ୍ୟ ନୁହଇ ଏଥିରେ ଅକାଳରେ ପରିପକ୍ୱ ହେବାର ଦୋଷ ଜନ୍ମି ପାରେ ।

କଲିକତାର ଜଣେ ଭାରି ଧନାଢ୍ୟ ବ୍ୟକ୍ତି କି ତାହାଙ୍କର ନାମ ବାବୁ ଜାନକୀନାଥ ରାୟ ଅଟେ ମିଥ୍ୟା ସାକ୍ଷ ଦେବା ଅପରାଧରେ ହାଇକୋର୍ଟରୁ ଛଅମାସ ପରିଶ୍ରମ ସହିତ କାରାବାସ ଓ ୪୨୦,୦୦୦ଙ୍କା ଅର୍ଥଦଣ୍ଡର ଆଜ୍ଞା ପାଇଅଛନ୍ତି । ଏତେ ଜରିମାନା ହେବାର କେବେ ଶୁଣା ନ ଥିଲା ।

ହିନ୍ଦୁପେଟ୍ରିଅଟରୁ ପାଠକଲୁଁ ଯେ କଲିକତାର ମାଜିଷ୍ଟ୍ରେଟ ମୌଲବୀ ଅବଦୁଲ ଲତିଫଖାନ ବାହାଦୁର ଏକ ମୋକଦ୍ଦମା ବିଚାରରେ ବ୍ୟସ୍ତ ଥିବାବେଳେ ଆଉ ଏକ ମୋକଦ୍ଦମାର ଆସାମୀ କି ସେ ବାୟୁ ଅଟଇ ତାହାଙ୍କ ସମ୍ମୁଖରେ ଛିଡା ହୋଇଥିଲା ହଠାତ୍ ପଟେ ଯୋତା ହାକିମଙ୍କ ଉପରକୁ ଫୋପାଡିଲା ମାତ୍ର ନେଜରେ ଲାଗି ଜଣେ ଉକିଲ ଉପରକୁ ଛିଟକି ଗଲା । ବାୟୁମାନଙ୍କୁ ସାବଧାନରେ ରଖିବା କଥା କି ପୁଲିସ ଜାଣନ୍ତି ନାହିଁ ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ନିମ୍ନଲିଖିତ କେତେକ ପଂକ୍ତିକୁ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନଦେଲେ ଚିରବାଧିତହେବୁଁ ।

ବର୍ତ୍ତମାନ ଆମ୍ଭେମାନେ ଦେଶପର୍ଯ୍ୟଟନରୁ ପ୍ରତି ଏଥିଫଳ ପ୍ରାପ୍ତ ଅଛୁଁ ପାରଲୁଦ ଶ୍ରୀ ମହାରାଜାଙ୍କ ସଦ୍‌ଗୁଣ ଓ ପ୍ରଜାବତ୍ସଲ ଧୀରତା ଗୁଣବାନ୍ ଦେଖି ଆନନ୍ଦସାଗରରେ ପତିତ ଅଛୁଁ ଯଥା ପୂର୍ବେ ଏ କିଲ୍ଲା ଇଲାକାରେ କେହିଜଣେ ବିଦ୍ୟାର ଉନ୍ନତି ନ ଥିଲା ବର୍ତ୍ତମାନ ଶ୍ରୀ ରାଜାମହାଶୟ ଏକ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ଆଜିକୁ ତିନିବର୍ଷର ହେଲା ଯେ ଛାତ୍ରମାନେ ଉତ୍ତମରୂପେ ପଠନ କରୁଅଛନ୍ତି ବର୍ତ୍ତମାନ କେତେକଗୋଟି ଛାତ୍ର କାବ୍ୟ ରଘୁକୁମାର ପଢୁଅଛନ୍ତି ସେମାନଙ୍କ ବୁଦ୍ଧି ଅତି ପ୍ରଗଲ୍ଭ ହୋଇଅଛି ଦ୍ୱିତୀୟ ରାଜା ନିଜେ ଚିକିତ୍ସା ଶାସ୍ତ୍ର ପଠନ କରି ନାନାଦି ବ୍ୟାଧିମାନ ମୁକ୍ତ କରୁଅଛନ୍ତି ଶୁଣି ଯାଉ ଏ ରୋଗମାନ ପ୍ରତି ଏକ ଧନ୍ୱନ୍ତରୀ ବୋଲାଯାଇ ପାରେ ଆମ୍ଭେ ଉପସ୍ଥିତ ଦିନରୁ ପ୍ରତି ଉକ୍ତ ଦିନାର ଜ ୩୦ ଣ ଅଗ୍ରେଦ୍ୟ ଲାଭ କରିଗଲେଣି ଭୂମିସ୍ଥ ବର୍ଷାଭାବରୁ ଜଇ ଏ ମୁଲକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ପ୍ରଜାମାନେ ପକ୍ଷେ ବିବାଗ୍ନି ଭିତରେ ଅଛନ୍ତି ଏତଦର୍ଥେ ଶ୍ରୀଯୁକ୍ତ ମହମାର୍ଣ୍ଣବ କମିଶ୍ନର ସାହେବ ମହୋଦୟ ଥାଙ୍କି ମୁକାମରେ ପ୍ରବେଶ ସମସ୍ତେ ରାଜା ଉକ୍ତ ମୁକାମକୁ ଯାଇ ପ୍ରଜାଙ୍କର ସମସ୍ତ ଦୁଃଖ କହି ଗଡ଼ଇଲାକାରେ ପ୍ରବେଶ ହୋଇ ଶ୍ରୀଯୁକ୍ତ କଲଟର ସାହେବଙ୍କ ହଜୁରକୁ ଏ ମାହାଲର ସମସ୍ତ ହାଲ ରିପୋର୍ଟ କରିଅଛନ୍ତି ଏଠାରେ ଧାନ କମ୍ପା ଚାଉଳ ପ୍ରାପ୍ତ ହୋଉଥିବାରୁ ରାଜା ମହୋଦୟ ପ୍ରଜାମାନଙ୍କ ପକ୍ଷେ ଚଉବନ ସେ ୨୮ ର ଧାନ ଚାଉଳ ସେ ୮ ର ଆଜକୁ ଦୁଇମାସ ହେଲା ବଣ୍ଟା କରୁଥିଲେ ବର୍ତ୍ତମାନ୍ ପ୍ରଜାମାନଙ୍କର ବିଶେଷ ଦୁଃଖ ହେବାରୁ ସେମାନଙ୍କ ଆଜ ବଳଷ୍ଟେଶ୍ୱ ଦିରସ୍ତାଦାରଙ୍କ ସମ୍ମୁଖେ ଧନ ଭଗାବାସୁରିତରେ ଦିଆ ଯାଉଅଛି ପ୍ରଜାମାନେ କିଛି ଓଜର କରିବାରୁ ସେମାନଙ୍କୁ ହୁକୁମ ଦେଲେ କି ତୁମ୍ଭେମାନେ ଆମ୍ଭର ପୁତ୍ରବତ୍ ମାତ୍ର ଯାହା ଅଛି ଖମାରରେ ଦେଶ ଭୂମିର ଅର୍ଦ୍ଧ ବାକି ଆମ୍ଭର ଥିବା ଦାସ ଦାସୀମାନଙ୍କର ଅର୍ଥେ, ଏହା ଶୁଣିବା ମାତ୍ରେ ପ୍ରଜାବର୍ଗମାନେ ଅତି ଆନନ୍ଦରେ ରାଜାଙ୍କୁ ଧନ୍ୟବାଦ କରିଗଲେ ଚତୁର୍ଥ ରାଜା ମହାଶୟ ଓଡିଆ ବଙ୍ଗଳା ଓ ନାଗରୀ ପାରସୀ ସଂସ୍କୃତ ଏ ବିଦ୍ୟାମାନଙ୍କରେ ପ୍ରବୀଣ ଅଛନ୍ତି ବର୍ତ୍ତମାନ ଇଂରେଜୀ ପଠନ ହେଉଅଛି ଅଳ୍ପଦିନରେ ଶ୍ରୀ ପରମେଶ୍ୱର ସୁଫଳ କରିବେ ଆମ୍ଭେମାନେ ଅନେକାନେକ ଗଡ଼ଜାତ ପ୍ରଭୃତି ରାଜାମାନଙ୍କୁ ଦେଖିଅଛୁଁ ଏପରି ଦୟାଶୀଳ ପ୍ରଜାବତ୍ସଲ ବିଦ୍ୟାନୁରାଗୀ ରାଜା ଦେଖି ନାହୁଁ ପୁନଶ୍ଚ ଈଶ୍ୱରଙ୍କ ପ୍ରାର୍ଥନା କରୁଅଛୁଁ କି ଆପଣ ରାଜା ମହୋଦୟଙ୍କ ସୁକୀର୍ତ୍ତି ବିସ୍ତାରିତ କରିବା ପକ୍ଷେ ତ୍ରୁଟି ନ କରନ୍ତୁ ସର୍ବସାଧାରଣଙ୍କୁ ସ୍ମରଣ କରାଇଲେ ରାଜାଙ୍କର ସୀର୍ଷଙ୍କୀ ବାଢ଼ିବେ ମଧ୍ୟ ଅନ୍ୟ ରାଜା ଜମିଦାରମାନେ ଶିକ୍ଷାଲାଭ କରିବେ । ବିଶେଷ କି ଇତି । ୧୮।୭।୭୭

ବିନାୟକ ମହାପାତ୍ରେ
ଗୋପୀନାଥ ପଟ୍ଟନାୟକେ

ଏହାଙ୍କ ପୂର୍ବପୁରୁଷ ଗତ ନଅଅଙ୍କର ଦାରୁଣ ଦୁର୍ଭିକ୍ଷରେ ଆପଣା ପ୍ରଜାଙ୍କ ପ୍ରତି ଯଥାସାଧ୍ୟ ଦୟା ଓ ବଦାନ୍ୟତା ପ୍ରକାଶ କରି ଗବର୍ଣ୍ଣମେଣ୍ଟରେ ପ୍ରତିଷ୍ଠା ଲାଭ କରିଥିଲେ ବର୍ତ୍ତମାନ ରାଜାଙ୍କର ପ୍ରଜାବତ୍ସଲତାର କଥା ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ ।

ଉ, ଦୀ, ସମ୍ପାଦକ ।

---

ବିଜ୍ଞାପନ ।

କଟକ ନର୍ମାଲ ସ୍କୁଲର ପଣ୍ଡିତ ବର୍ଗସ୍ଥ ଛାତ୍ରମାନଙ୍କ ଓ ଓଡିଆ ସ୍କୁଲ ଶିକ୍ଷକତା ପଦପ୍ରାର୍ଥୀମାନଙ୍କ ପରୀକ୍ଷା କଟକ ନର୍ମାଲ ସ୍କୁଲ ଗୃହରେ ଆଗାମୀ ଡିସେମ୍ବର ମାସ ତା ୩ ରିଖରେ ଆରମ୍ଭ ହେବ ।

କଟକ
୨୧।୯।୭୭

N K. Das
*Joint Inspector of schools*
*Orissa Division.*

---

ବାବାଜୀ ନାଟକ ।

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ଚରିତ୍ର, ବାବୁ ଓ ମଠଧାରୀଙ୍କର ଆଚରଣ, ଡାଆଣୀ ଭୂତ ଓ ଗୁଣି ବିଦ୍ୟାର ପ୍ରସଙ୍ଗ ଏବଂ ରହସ୍ୟ ଓ ହିତକର କଥାମାନ ଅଛି । କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ପ୍ରତିଖଣ୍ଡ ଚାରିଅଣା ଟଂ।

ଶ୍ରୀ ଜଗନ୍ମୋହନ ଲାଲ
ଗ୍ରନ୍ଥକର୍ତ୍ତା

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ ଗ
ସଂ ୪୨ ସଂଖ୍ୟା

ତା ୨୭ ରଖ ମାହେ ଅକ୍ଟୁବର ସନ ୧୮୭୭ ମସିହା । ମୁ । କାର୍ତ୍ତିକ ଦ ୧୩ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩ ୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୧
ମଫସଲପାଇଁ ଡାକମାସୁଲ ଟ୧୫୬

ବଲାହାର ଜଲଙ୍କର ପ୍ରଚଳ ଉଦ୍ଦେଶରେ ଏ ଜିଲ୍ଲାରେ ସର୍ବେ ଜରିବ ହେବାର ବୋର୍ଡ଼ରୁ ଆଜ୍ଞା ଆସିଅଛି । ଏଥିର ବନୋବସ୍ତ ହେଉଅଛି ଓ କର୍ମ ଆଗାମୀ ମାସରୁ ଆରମ୍ଭ ହେବ । ଅମ୍ଭେମାନେ ଶୁଣିଲୁଁ ଯେ ଆମ୍ଭମାନଙ୍କ କଲେକ୍ଟର ମେଦନୀପୁରରୁ ନ ୩୦ ଣ ଅମୀନ ଅଣାଉଅଛନ୍ତି ଏମାନେ କେବଳ ଜମିର ଚଉହଦ୍ଦି କରିବେ ତଦୁତ୍ତରେ ସର୍ବେଅରମାନେ ଜରିବ କରିବେ । ଜମିର ଚଉହଦ୍ଦି କରିବା ସକାଶେ କି ଏଠାରେ ଉପଯୁକ୍ତ ଅମୀନ ନାହାନ୍ତି ? ମେଦନୀପୁରର ଅମୀନମାନେ ବଙ୍ଗାଳୀ ଅଟନ୍ତି ଓ ଏ ଦେଶର ଭାଷା ରୀତିନୀତି କିଛିହିଁ ଜାଣନ୍ତି ନାହିଁ ସେମାନଙ୍କଦ୍ୱାରା ଯେ କର୍ମ ସୁଚାରୁରୂପେ ଚଳିବ ଆମ୍ଭମାନଙ୍କୁ ସନ୍ଦେହ ହେଉଅଛି । ଏଠାରେ ଅନେକ ଉପଯୁକ୍ତ ଅମୀନ ଅଛନ୍ତି ଓ ସର୍ବେ କ୍ଲାସରେ ଶିକ୍ଷା କରି କେତେକ ବ୍ୟକ୍ତି ସାର୍ଟିଫିକଟ ନେଇ ବସିଅଛନ୍ତି । ବଙ୍ଗାଳିଙ୍କ ଅପେକ୍ଷା ସେମାନଙ୍କଦ୍ୱାରା ଏଠା କର୍ମ ଅଧିକ ସହଜରେ ହେବାର ସମ୍ଭାବନା । ଯଦ୍ୟପି ଠିକା ଅମୀନ କର୍ମ ସକାଶେ କଲେକ୍ଟର ସାହେବ ମେଦନୀପୁରରୁ ଲୋକ ଅଣାଇବେ ତେବେ ଏଠାଲୋକେ କାହାର ପ୍ରତିପାଳିତ ହେବେ ଓ ଏଠାରେ ସର୍ବେ କ୍ଲାସ କରିବାର କି ପ୍ରୟୋଜନ । କଲେକ୍ଟର ସାହେବଙ୍କର ଏ କାର୍ଯ୍ୟଟି ଆମ୍ଭମାନଙ୍କୁ ଅତି ଅନିଷ୍ଟକର ବୋଧ ହେଉଅଛି । ଏ ବିଷୟର ବିସ୍ତାରିତ ବୃତ୍ତାନ୍ତ ଅମ୍ଭେମାନେ ଅବଗତ ହେଲେ ପାଠକମାନଙ୍କୁ ଜଣାଇବୁଁ ।

ଏଥି ମଧ୍ୟରେ ଏ ଜିଲ୍ଲାରେ କେତେକ ଦିନ ବୃଷ୍ଟି ରୁଦ୍ଧ ହୋଇ ପ୍ରଚଣ୍ଡ ରୌଦ୍ର ହେବାରୁ ଠେଙ୍ଗ ବିଲ ସବୁ ଶୁଖି ଫାଟିଗଲା, ପାଣିରୁନ୍ଧା ଆରମ୍ଭ ହେଲା ଓ ସେଣାର ମୂଲ୍ୟ ମଧ୍ୟ ବୃଦ୍ଧି ହୋଇଗଲା । ଲୋକେ ମରୁଡ଼ିର ଆଶଙ୍କା କରି କାତର ଥିଲେ କିନ୍ତୁ ପରମେଶ୍ୱରଙ୍କ କୃପାରୁ ଏ ସପ୍ତାହର ଆରମ୍ଭରେ ଏ ଜିଲ୍ଲାର ସକଳ ସ୍ଥାନରେ ସୁବୃଷ୍ଟି ହେବାରୁ ଫସଲ ମରୁଡ଼ିରୁ ରକ୍ଷା ପାଇଲା ଓ ଲୋକେ ନିଶ୍ଚିନ୍ତ ହେଲେ । ଅମ୍ଭେମାନେ ମୋଫସଲରେ ଦେଖିଅଛୁଁ ଯେ ଏ ବର୍ଷ ଫସଲ ଉତ୍ତମ ହୋଇଅଛି କେବଳ କୌଣସି କୌଣସି ଠେଙ୍ଗବିଲର ଫସଲ ଅଯଥେଷ୍ଟ ବୃଷ୍ଟି ହେତୁ ତାଦୃଶ ଭଲ ହୋଇ ନାହିଁ । ଫଳେ ଏ ବର୍ଷ ଏ ଜିଲ୍ଲାର ଫସଲ ମନ୍ଦ ହୋଇ ନାହିଁ ଆଉ ଅଳ୍ପ ବୃଷ୍ଟି ହେଲେ ଭଲ ହେବ ଓ ନ ହେଲେ ମଧ୍ୟ ତାଦୃଶ ଅନିଷ୍ଟ ଘଟିବ ନାହିଁ । ରବି ବୁଣା ଶେଷ ହୋଇଅଛି ଓ ତହିଁର ଅବସ୍ଥା ମଧ୍ୟ ଉତ୍ତମ ଦେଖାଯାଏ । ବାଲେଶ୍ୱର ଜିଲ୍ଲାରେ ଫସଲର ଅବସ୍ଥା ଉତ୍ତମ ଅଟଇ କେବଳ ପୁରୀରେ ଫସଲର ଅବସ୍ଥା ତାଦୃଶ ଭଲ ନୁହେ । ଚିଲ୍କା ନିକଟସ୍ଥ ସ୍ଥାନମାନଙ୍କରେ ମରୁଡ଼ି ହୋଇଅଛି ଓ ଅନ୍ୟ ସ୍ଥାନ ସକଳରେ ଜଳର ବିଶେଷ ଆବଶ୍ୟକ ଥିଲା । ଏ ସପ୍ତାହରେ ସେଠାରେ କିପରି ବୃଷ୍ଟି ହୋଇଅଛି ଓ ଫସଲର ଅବସ୍ଥା କି ପରମାଣରେ ପରିବର୍ତ୍ତିତ ହୋଇଅଛି ଅମ୍ଭେମାନେ ତହିଁର ସମ୍ବାଦ ପାଇ ନାହୁଁ ।

ଏ ସପ୍ତାହରେ ଯୁଦ୍ଧସମ୍ପର୍କରେ ଯେ ସମସ୍ତ ତାରଡାକ ସମ୍ବାଦ ଆସିଅଛି ରୁଶୀୟଙ୍କ ପକ୍ଷରେ ଅଧିକ ଅନୁକୂଳ ଅଟଇ । ଇଉରୋପସ୍ଥ ତୁରସ୍କରେ ଯୁଦ୍ଧର ଫଳ ପୂର୍ବପ୍ରାୟ ରହିଅଛି ମାତ୍ର ଆସିୟାସ୍ଥ ତୁରସ୍କରେ ରୁଶୀୟମାନେ ଚଳିତମାସ ତା ୧୫ ରଖରେ ଅହମଦ ମୁକ୍ତାର ପାଶାକୁ ହରାଇ ଦେଇ ତୁରସ୍କର ଅନେକ ସେନା ସଂହାର କରିଅଛନ୍ତି । ଯେତେ ସୈନ୍ୟ ବଞ୍ଚିଥିଲେ ସେମାନେ ଆତ୍ମସମର୍ପଣ କରି ବନ୍ଦୀ ହୋଇଅଛନ୍ତି ଓ ତୁରକଙ୍କର ୩୨ ଗୋଟା ତୋପ ଏବଂ ଅନେକ ଯୁଦ୍ଧର ଉପକରଣ ରୁଶୀୟର ହସ୍ତଗତ ହୋଇଅଛି । ଅହମଦ ମୁକ୍ତାର ଏ ପରାଜୟକୁ ସ୍ୱୀକାର କରିଅଛନ୍ତି ଓ ରୁଶୀୟସେନା ପୂର୍ବାପେକ୍ଷା ବୃଦ୍ଧି ହୋଇଥିବା ଏଥିର କାରଣସ୍ୱରୂପ ନିର୍ଦ୍ଦେଶ କରିଅଛନ୍ତି । ଏହାଙ୍କ ମତରେ ୮୦୦ ତୁରସ୍କ କିନ୍ତୁ ଦେଢ଼ପଲଟନ ରୁଶୀୟ ମରି ପଡ଼ିଅଛନ୍ତି । ରୁଶୀୟମାନେ କହନ୍ତି କି ଏ ଯୁଦ୍ଧରେ ସେମାନଙ୍କର ୧୪୩୧ ଜଣ ମରି ପଡ଼ିଅଛନ୍ତି ।

(ଗତ ପ୍ରକାଶିତର ଉତ୍ତାରୁ)

ଲୋକଙ୍କର ବିଦେଶକୁ ଯାତାୟାତ—ଓଡ଼ିଶାର ଅନ୍ୟ କୌଣସି ବନ୍ଦରବାଟେ ଅଧିକ ଲୋକ ଯିବା ଆସିବା କରନ୍ତି ନାହିଁ କେବଳ କଲିକତା ଓ ଚାନ୍ଦବାଲି ମଧ୍ୟରେ ଯେଉଁ ଯାହାଜମାନ ଯାତ୍ରୀ ନେବାକାରଣ ନିଯୁକ୍ତ ଅଛି

Digitized by srujanika@gmail.com

Split by PDF Splitter



ତହିଁରେ ତଲଲିଖିତରୂପେ ଲୋକେ ଯାତାୟାତ କରିଥିଲେ ।

| | ଆସିବା | ଯିବା |
|---|---|---|
| ସନ ୧୮୭୫।୭୬ | ୩୦୬୦୬ | ୩୦୦୧୭ |
| ସନ ୧୮୭୬।୭୭ | ୩୩୭୬୨ | ୩୩୧୧୮ |

ଏଥିରୁ ଜଣାଯାଏ ଯେ ଓଡିଆମାନେ ଦେଶ ଛାଡି ଯାଉ ନାହାନ୍ତି । କର୍ମ କରିବାକାରଣ ଯେତେ ଲୋକ କଲିକତାକୁ ଯାନ୍ତି ପ୍ରାୟ ସେତେ ଲୋକ ଆପଣା ଘରକୁ ଫେରିଆସନ୍ତି । ଓଡିଶାର କୌଣସି ଜିଲ୍ଲାରୁ ଆସାମପ୍ରଭୃତି ପ୍ରଦେଶକୁ କୁଲିସ୍ୱରୂପ ଲୋକେ ଯିବାର ମଧ୍ୟ ଦେଖା ନାହିଁ ।

ଖାଦ୍ୟସାମଗ୍ରୀ ଓ ମଜୁରିର ମୂଲ୍ୟ--ମାନ୍ଦ୍ରାଜର ଦୁର୍ଭିକ୍ଷପୀଡିତ ଜିଲ୍ଲାମାନଙ୍କରେ ଶସ୍ୟର ଅଧିକ ଲୋଡ଼ା ହେବାରୁ ଓଡିଶାର ସର୍ବତ୍ରରେ ଭାଉ ଉଚ୍ଚ ହୋଇଗଲା । ପୁରିରେ ମହାଜନମାନେ ଅଧିକ କ୍ରୟ କରିବାରୁ କଣେକିଆମାନେ ସହଜରେ ଚାଉଳ ପାଇଲେ ନାହିଁ ଓ ଗତ ଜନଓରି ମାସ ଦରବାର ଉପଲକ୍ଷରେ ହାକିମମାନେ ନଗରରୁ ବାହାରିଆସନ୍ତେ ଲୋକମାନେ ସୁଯୋଗ ପାଇ ପ୍ରାୟ ଅଧଲକ୍ଷ ଟଙ୍କାର ଚାଉଳ ଲୁଟି କଲେ । ଏଥିର ଅଧେ ପୁନଃପ୍ରାପ୍ତ ହେଲା ଓ ଦୁଇଦିନରେ ଏ ଗୋଲଯୋଗ ନିବାରିତ ହେଲା । ଲେଫ୍‌ଟେନାଣ୍ଟ ଗବର୍ଣ୍ଣର କହିଅଛନ୍ତି ଯେ ନଗରବାସିମାନଙ୍କ ମଧ୍ୟରୁ ଯାହାଙ୍କର ଆୟର ହ୍ରାସ ବୃଦ୍ଧି ନାହିଁ ସେମାନଙ୍କ ପକ୍ଷରେ ପ୍ରଧାନ ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢିବା ବଡ଼ କଷ୍ଟର ବିଷୟ ଅଟଇ ମାତ୍ର ଏମାନେ ପୂର୍ବରୁ ସାବଧାନ ହୋଇ ଶସ୍ତା ସମୟରେ ଧାନ ଚାଉଳ କିଣି ରଖିଲେ ଦୁଃଖ ବହୁତ ଲାଘବ ହେବ । ମାନ୍ଦ୍ରାଜକୁ ରପ୍ତାନୀ ହେବା ବନ୍ଦ ହେଲେ ଦର ଏତେ ଉଚ୍ଚ ରହିବ ନାହିଁ ମାତ୍ର ବିଶ୍ୱାସ ହୁଅଇ ଯେ ପୂର୍ବଠାରୁ ଏଣିକି ଭାଉ କିଛି ଉଚ୍ଚ ହେବ ଓ ତହିଁରେ ଦେଶର ଧନ ବୃଦ୍ଧି ହେବ । ସାମାନ୍ୟ ମୂଲିୟାଙ୍କ ମୂଲ ବୃଦ୍ଧି ହୋଇଅଛି ମାତ୍ର ଶିକ୍ଷିତ ମୂଲିୟାଙ୍କର ଦେଶମଧ୍ୟରେ ପୂର୍ବଠାରୁ ଅଧିକ ଲୋଡା ନାହିଁ । ଓଡିୟାକାରିଗରମାନେ କଲିକତାର କାରଖାନାଘରମାନଙ୍କରେ ବହୁତ ପରିମାଣରେ କର୍ମ କରୁଅଛନ୍ତି । ଆମ୍ଭମାନଙ୍କ ମତରେ ଉଦ୍ୟମଶ୍ରେଣୀର ମୂଲିୟାଙ୍କ ମୂଲ ବଢିଅଛି । କେବଳ ସରକାରୀ ଚାକରମାନଙ୍କର ମୂଲରେ କିଛି ପରିବର୍ତ୍ତନ ନାହିଁ ।

ଶ୍ରମଜାତଦ୍ରବ୍ୟ—ଓଡିଶାରେ ଲବଣ ପ୍ରଧାନ । ଗଞ୍ଜାମ ଲବଣ ସହଜରେ ଏଠାକୁ ଆସିବାରୁ ଏଠା ପୋକ୍ତାନୀ ଅତ୍ୟନ୍ତ ଊଣା ପଡିଅଛି । କଟକରେ ଅଦୌ ପୋକ୍ତାନୀ ନାହିଁ । ପୁରିରେ ଯାହା ପୋକ୍ତାନୀ ହୋଇଅଛି ବିକ୍ରୟ ହେଉ ନାହିଁ କେବଳ ବାଲେଶ୍ୱରରେ ପଙ୍ଗାଲୁଣର ପୋକ୍ତାନୀ ସେଠା ଖର୍ଚ୍ଚପରିମାଣରେ ରହିଅଛି । ଓଡିଶାର ଲୋକସଂଖ୍ୟା ୩୦,୩୪,୬୯୦ ଲବଣ ବାର୍ଷିକଖର୍ଚ୍ଚ ମ ୪୦୬୨୭୪ ହଣ ପୋକ୍ତାନ ହୋଇଥିଲା ମ ୩୭୩୯୭୧ ହଣ ମାତ୍ର ଏତକ ସୁଦ୍ଧା ବିକ୍ରୟ ହେଲା ନାହିଁ । ପୁରି ଲୁଣ ଅଧିକ ବିକ୍ରୟ ନ ହେବାରୁ ସେଠା କରକଚଲୁଣ ମାସୁଲ ମହଣ ଟ ୨। ସ୍ଥାନରେ ଟ ୨୧ଙ୍କା ବସାଇବାକୁ ଗବର୍ଣ୍ଣମେଣ୍ଟ ଇଣ୍ଡିୟାରେ ପ୍ରସ୍ତାବ ହୋଇ ବିଚାରାଧୀନରେ ଅଛି ।

ବାଣିଜ୍ୟ—ଗତ ସାତବର୍ଷ ମଧ୍ୟରେ ଓଡିଶାର ବାଣିଜ୍ୟ ଅନେକ ବୃଦ୍ଧି ହୋଇଅଛି ଯଥା ।—

| କଟକ | ଆମଦାନୀର ମୂଲ୍ୟ | ରପ୍ତାନୀର ମୂଲ୍ୟ |
|---|---|---|
| ସନ୧୮୭୦।୭୧ | ଟ ୧୦୩୨୩୫୫ | ଟ ୭,୭୯,୬୫୭ |
| ୧୮୭୫।୭୬ | ଟ ୧୩୮୦୬୫୩ | ଟ ୧୨,୬୧,୫୬୫ |
| ୧୮୭୬।୭୭ | ଟ ୧୧୮୮୦୫୯ | ଟ ୨୯,୧୨,୩୯୫ |
| ପୁରୀ | | |
| ସନ୧୮୭୦।୭୧ | ଟ ୨୨,୯୪୬ | ଟ ୨,୨୩,୯୨୨ |
| ସନ୧୮୭୫।୭୬ | ଟ ୨୦,୨୫୯ | ଟ ୨,୯୯,୧୮୩ |
| ସନ୧୮୭୬।୭୭ | ଟ ୧୦ ୧୨୭୪ | ଟ ୬,୩୨,୫୬୦ |
| ବାଲେଶ୍ୱର | | |
| ସନ୧୮୭୦।୭୧ | ଟ ୩,୦୦,୬୮୫ | ଟ ୪,୪୩,୦୬୦ |
| ସନ୧୮୭୫।୭୬ | ଟ ୨୦,୬୨,୮୭୨ | ଟ ୧୭,୯୯,୯୫୭ |
| ସନ୧୮୭୬।୭୭ | ଟ ୩୪,୩୫,୮୮୪ | ଟ ୪୦,୨୧,୨୯୭ |

ସନ ୧୮୭୬।୭୭ ରେ ମାନ୍ଦ୍ରାଜର ଦୁର୍ଭିକ୍ଷ ହେତୁ ଅଧିକ ରପ୍ତାନୀ ହୋଇଅଛି ଏବଂ ଏହିପରି ବେହାରର ଦୁର୍ଭିକ୍ଷ ସକାଶେ ସନ ୧୮୭୪।୭୫ ରେ କିଛି ଅଧିକ ରପ୍ତାନୀ ହୋଇଥିଲା । ମାତ୍ର ସହଜବର୍ଷମାନଙ୍କରେ ମଧ୍ୟ କ୍ରମଶଃ ଓଡିଶାର ବାଣିଜ୍ୟ ବଢିବାର ଦେଖାଯାଏ ।

ଓଡିଶାର ପ୍ରଧାନ ରପ୍ତାନୀ ଦ୍ରବ୍ୟ ଧାନ ଚାଉଳ ଓ ଚମଡା ଅଟଇ । ବାଲେଶ୍ୱର ଓ କଟକରୁ ଏ ଦ୍ରବ୍ୟ ସମୁଦ୍ରବାଟରେ ଯାଏ । ପୁରିରେ ଚମଡାର କାରବାର ନାହିଁ ଓ ସେଠାରୁ ଅଧିକାଂଶ ଧାନ ସ୍ଥଳପଥରେ ଯାଏ । ସମୁଦ୍ରକୂଳରେ ଭୟାନକ ଲହଡ଼ ଥିବାରୁ ଶୀତକାଳ ଛଡା ଅନ୍ୟ ସମୟରେ ଜାହାଜ ଗତାୟାତର ସୁବିଧା ହୁଅଇ ନାହିଁ ।

ଲୋକଙ୍କର ସାଧାରଣ ଭାବ—ଶ୍ରୀମତୀ ଭାରତେଶ୍ୱରୀଙ୍କ ଘୋଷଣାପାଠ ସମୟରେ କମିଶ୍ନର ସାହେବ କଟକରେ ଦରବାର କରିଥିଲେ ତହିଁରେ ଓଡିଶା ପ୍ରଦେଶର ଗଣନୀୟ ଲୋକ ବହୁତ ଏକତ୍ରିତ ହୋଇ ରାଜଭକ୍ତି ଦେଖାଇ ଥିଲେ । ଚାଉଳ ରପ୍ତାନୀ ହେବାରୁ ପୁରି ଓ କଟକରେ ଅସନ୍ତୋଷର ଚିହ୍ନ ଦେଖା ଯାଇ ଥିଲା ଏବଂ ଖୋରଧାରେ ବନ୍ଦୋବସ୍ତ ହେଉଁ ମଧ୍ୟ ଲୋକେ ଅସନ୍ତୋଷ ଥିଲେ । ମାତ୍ର ସାଧାରଣରୂପେ ଲୋକେ ଶାନ୍ତ ଓ ସନ୍ତୋଷ ଥିବାର ଦେଖାଯାଏ ।

ନାଳ—କେବଳ କଟକଜିଲ୍ଲାରେ କ୍ଷେତକୁ ଜଳ ଦେବାର ବନ୍ଦୋବସ୍ତ ହୋଇଅଛି । ସନ ୧୮୭୫।୭୬ ରେ ମା ୧୮୪୦୧ ଣ ଜମି ସକାଶେ ପଟ୍ଟା ଗୃହୀତ ହୋଇ ଥିଲା ତହିଁରେ ଜଳକର ଟ ୨୦୩୩୦ ଓ ବାକେ ଟ ୪୬୯୨ ମୋଟ ଟ ୨୫୦୨୨ ଙ୍କା ଆଦାୟ ହୋଇ ଥିଲା ମାତ୍ର ତହସିଲ ଖର୍ଚ୍ଚା ଟ ୨୫୯୫୮ଙ୍କା ପଡିଥିଲା ସନ ୧୮୭୬।୭୭ ରେ ମା ୩୦୨୩୩ ଣ ଜମିର ପଟ୍ଟା ହୋଇଥିଲା ଓ ତହିଁରେ ଜଳକର ଟ ୪୦୩୭୮୧ଙ୍କା ଓ ବାକେ ଟ ୬୦୮୮୧ଙ୍କା ମୋଟ ଟ ୪୬୪୬୬୨ଙ୍କା ଆଦାୟ ଓ ଟ ୨୧୬୯୯ ଙ୍କା ତହସିଲ ଖର୍ଚ୍ଚା ହୋଇ ଥିଲା । ଏହିବର୍ଷ ତହସିଲ ଖର୍ଚ୍ଚାଠାରୁ ଆମଦାନୀ ଅଧିକ ହେବାର ପ୍ରଥମେ ଦେଖାଗଲା ଏଥିପୂର୍ବ ଯାହା ଆଦାୟ ହେଉ ଥିଲା ତାହା ତହସିଲ ଖର୍ଚ୍ଚାକୁ ନିଅଣ୍ଟ ଥିଲା । ଏକଥର ନାଳ ଜଳର ଉପକାର ବୁଝିଲେ ଯେ କୃଷିମାନେ ନାଳଜଳ ନେବାକୁ ଆଗ୍ରହ ପ୍ରକାଶ କରିବେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏ ମତରୁ ବଡ଼କଥା ଦେଖୁ ନାହାନ୍ତି କାରଣ ମେଦିନୀପୁରର କଥା ଦେଖି ଜଣାଯାଏ ଯେ ନାଳ ଯେ ସମ୍ଭାବିତ ଅଭାବର ରକ୍ଷା ସ୍ୱରୂପ ଅଟଇ ତାହା କୃଷିମାନେ ଶିକ୍ଷା କରି ନାହାନ୍ତି ଓ ଏକବର୍ଷର ମନ୍ଦଫଳ ପୂର୍ବବର୍ଷମାନଙ୍କର ସାଧାରଣ ଉତ୍ତମଫଳକୁ ତାହାଙ୍କ ମନରୁ ନାଶ କରିଦେବ ।

ପୁଲିସ ଓ ଅପରାଧର ବିବରଣ—ଏଥିରେ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ମତ ଏହି ଯେ ଓଡିଶାରେ ଅପରାଧ ବ୍ୟବସାୟୀ ନ ଥିବାର ସୁଖ୍ୟାତି ଅବଧି ରହିଅଛି ଓ ଗ୍ରାମ୍ୟ ପୁଲିସ ଆପଣା କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରୁଅଛନ୍ତି ଓ ପ୍ରକୃତ ପୁଲିସ ଅନ୍ୟ ଜିଲ୍ଲାଠାରୁ ଅଳ୍ପଦରେ ଡଣା ହେଲେହେଁ ଲୋକଙ୍କୁ ଅନର୍ଥକ କ୍ଲେଶ ଦେବାକୁ ଅଳ୍ପ ଇଚ୍ଛୁକ ଅଟନ୍ତି ।

ଭୂମି ଓ ରାଜସ୍ୱ—ନୂତନ ଦାଖଲଖାରଜ

Digitized by srujanika@gmail.com

ଅଇନାନୁସାରେ ନିମ୍ନଲିଖିତରୂପେ ଦରଖାସ୍ତ-ମାନ ଦାଖଲ ହୋଇଅଛି ଯଥା ।—

| ଜିଲ୍ଲା | ରାଜସ୍ୱ ଅଦାୟୀ ମାହାଲ | ଲାଖରାଜ ବୃତ୍ତି |
|---|---|---|
| କଟକ | ୬୨୬୧ | ୬୨୮୯୫ |
| ପୁରୀ | ୯୦୧ | ୨୦୩୫୧ |
| ବାଲେଶ୍ୱର | ୨୪୯୩ | ୩୮୨୬୩ |

ଏସମସ୍ତ ମୋକଦମା ବିଚାର ସକାଶେ ୧୩ ଜଣ କ୍ଷମତାପ୍ରାପ୍ତ ହାକିମ ଅଛନ୍ତି ସୁତରାଂ ଏ ସମସ୍ତ ନିଷ୍ପତ୍ତି ହେବାକୁ ଅନେକ ବର୍ଷ ଲାଗିବ ।

ରାଜସ୍ୱ ଯଥା ସମୟରେ ଅଦାୟ ହୋଇ ଅଛି । କେବଳ କଟକରେ ଗୃହମହାଲ ଓ ବାଲେଶ୍ୱରରେ ଗୃହମହାଲ ବାକୀ ଖଜଣା ସକାଶେ ନିଲାମ ହୋଇ ଥିଲା ମାତ୍ର ଏ ସମସ୍ତ ସ୍ୱେଚ୍ଛାପୂର୍ବକ ମାଲିକମାନେ ନିଲାମ କରାଇ ଥିବାର ସମ୍ଭବ ହୁଅଇ । କଟକନଗରର ଖାସ-ମହାଲ ବନ୍ଦୋବସ୍ତ ଶେଷ ହୋଇ ଅଛି ଓ ତହିଁର ଜମା ଟ ୮୦୮୭ ଠାରୁ ୧୦୬୩୮ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇ ଅଛି ( ଖାସମହାଲର ଜମା ଟ ୨୬୦୦୧ ଙ୍କା ପୂର୍ବେ ଥିଲାପରି ? )

ଏଙ୍କା ଲବଣ ଛଡ଼ା ଓଡ଼ିଶାର ରାଜସ୍ୱ ଆଉ ସମସ୍ତ ପ୍ରକାରରେ ବୃଦ୍ଧି ହୋଇଅଛି । ଷ୍ଟାମ୍ପରେ ଟ ୨୧,୪୦୦ ଙ୍କା ବଢ଼ିଅଛି ।

ସନ ୧୮୭୬ । ୭୭ ସାଲରେ ଓଡ଼ିଶାରୁ ନିମ୍ନଲିଖିତରୂପ ରାଜସ୍ୱ ଅଦାୟ ହୋଇଥିଲା ଯଥା—

| | |
|---|---|
| ଭୂମି ରାଜସ୍ୱ | ଟ ୨୭,୪୫,୬୯୬ |
| ଲବଣ | ଟ ୮,୭୮,୧୩୦ |
| ଷ୍ଟାମ୍ପ | ଟ ୨,୪୩,୫୪୦ |
| ଆବକାରୀ | ଟ ୩,୧୦,୪୬୯ |
| ଅଫୀମ | ଟ ୨,୦୪,୦୫୫ |

ଆବକାରୀ—ଓଡ଼ିଶାରେ ଦେଶୀୟ ସର୍ବ, ତାଡ଼ି, ଗଞ୍ଜା ଓ ଅଫୀମ ଏହି ଚାରି ମାଦକଦ୍ରବ୍ୟ ପ୍ରଧାନ । ସନ ୧୮୭୬ । ୭୭ ସାଲରେ କେଉଁ ଜିଲାରୁ କେତେ ଅଦାୟ ହୋଇଥିଲା ତହିଁର ବିବରଣ ତଳେ ଲେଖା ଗଲା ।

| | କଟକ | ପୁରୀ | ବାଲେଶ୍ୱର |
|---|---|---|---|
| ଦେଶୀୟ ସର୍ବ | ଟ ୧୪,୭୯୮ | ଟ ୮,୭୦୯ | ଟ ୩,୫୧୫ |
| ତାଡ଼ି | ଟ ୧୭,୦୬୬ | ଟ ୫,୧୬୦ | ଟ ୧,୪୬୮ |
| ମଦର | ଟ ୧,୮୦୭ | ଟ ୫୦୭ | ଟ ୬,୩୩୦ |
| ଗଞ୍ଜା | ଟ ୬୬,୯୯୯ | ଟ ୧୫,୯୦୧ | ଟ ୪,୫୫୪ |
| ଅଫୀମ | ଟ ୮୩,୩୦୭ | ଟ ୬୩,୧୭୭ | ଟ ୧,୦୪,୪୮୦ |

ସନ୧୮୭୦।୭୧ସାଲଠାରୁ ଗୃହବର୍ଷ ମଧ୍ୟରେ ବାର୍ଷିକ ମ ୬୪୪ । ୩ ଖର୍ଚ୍ଚ ହୋଇଥିଲା ସନ ୧୮୭୫।୭୬ ସାଲରେ ମ ୬୫୭ । ୯ ପର୍ଯ୍ୟନ୍ତ ଖର୍ଚ୍ଚ ବୃଦ୍ଧି ହେଲା ଓ ସନ ୧୮୭୬।୭୭ ସାଲରେ ଅଫୀମର ଦର ବଢ଼ାଇ ଦେଲେ ସୁଦ୍ଧା ମ ୬୬୪ । ୬୦ ଖର୍ଚ୍ଚ ହେଲା । ଗଞ୍ଜା ମଧ୍ୟ ଗତ-ବର୍ଷାପେକ୍ଷା ଏ ବର୍ଷ ମ ୨୧ । ୩୧ ର ଅଧିକ ବିକ୍ରୟ ହୋଇଅଛି କିନ୍ତୁ ପୂର୍ବ ବର୍ଷମାନଙ୍କ ହାର-ହାରି ସହିତ ତୁଳନା କଲେ ଦେଶୀୟସର୍ବରେ ମ ୬୪୩୭ ହଣ ଊଣା ପଡ଼ିବାର ଦେଖାଯାଏ ଲେପ୍ଟେନାଣ୍ଟଗବର୍ଣ୍ଣର କୋହନ୍ତି ଯେ ଓଡ଼ିଶାବା-ସିମାନେ ଅଫୀମ ଓ ଗଞ୍ଜା ସାଇବାରେ ରତ ଥିବାରୁ ଦେଶୀୟ ସର୍ବର ଖର୍ଚ୍ଚ ଅତ୍ୟନ୍ତ ଊଣା ଦେଖାଯାଏ ଡାକ୍ତର ଉଡ଼୍ଫର୍ଡ଼ସ୍ ସାହେବ କହନ୍ତି ଯେ ଏପ୍ରର ଅଭ୍ୟାସରୁ ଯେତେ ମନ୍ଦ ଜ୍ଞାନ ହୁଅଇ ତେତେ ନୁହେ ଏବଂ ଅଧିକ ପରିମାଣରେ ସେବା କଲେ ସୁଦ୍ଧା ଏହାର ଅନିଷ୍ଟକାରିତା ଗଞ୍ଜାଠାରୁ ଅନେକ ଊଣା ଲେପ୍ଟେନାଣ୍ଟ ଗବର୍ଣ୍ଣର ସମ୍ଭବ କରନ୍ତି ଯେ ଯେଉଁ ଜିଲ୍ଲାମାନଙ୍କରେ ଜ୍ୱର ଓ ଅନ୍ୟ ରୋଗର ପ୍ରାଦୁର୍ଭାବ ଓ ଖାଦ୍ୟ-ଦ୍ରବ୍ୟ ମହାର୍ଘ ସେଠାରେ ସହଜ ପରିମାଣରେ ଅପ୍ଥ ଖାଇବା ଉପକାରୀ ଅଟଇ ଏବଂ ଇଡ଼ନ ସାହେବ ନିଶ୍ଚୟ ବିବେଚନା କରନ୍ତି କି ଅଫୀମ-ଠାରୁ ଗଞ୍ଜାର ଖର୍ଚ୍ଚ ବୃଦ୍ଧି ହେବା ଅଧିକ ଆକ୍ଷେ-ପର ବିଷୟ ଅଟଇ । ଗଞ୍ଜାର ମାସୁଲ ବୃଦ୍ଧି କରିବାକୁ ଗବର୍ଣ୍ଣମେଣ୍ଟ ମନସ୍ଥ କରଅଛନ୍ତି ଓ ଅଫୀମର ମାସୁଲ ବୃଦ୍ଧି ବିଷୟରେ ବୋର୍ଡଙ୍କ ମତ ପ୍ରାର୍ଥନା କରଅଛନ୍ତି ।

ଟଙ୍କା ଚଲ ପ୍ରଚଲର ବନ୍ଦୋବସ୍ତ—ସମୟ ସମୟରେ ନୋଟ ବଦଳାଇବା ଓ ଭଙ୍ଗାଇବାର ଅନେକ ଅସୁବିଧା ହୋଇଥିବାରୁ ଏକାଉଣ୍ଟାଣ୍ଟ ଜେନେରଲ ଏଥିର ସୁବିଧା ଉପାୟ ହେବ ତହିଁର ବିଚାର କରୁଅଛନ୍ତି । ମନିଅର୍ଡ଼ର କାରବାର ମଧ୍ୟ ଅନେକ ବୃଦ୍ଧି ହୋଇଅଛି ।

ସଡ଼କ ଓ ଗମନାଗମନର ସୁଯୋଗ—ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାଠାରୁ ବାଲେଶ୍ୱରରେ ସଡ଼କ ଇତ୍ୟାଦିର ସୁଯୋଗ ଅଧିକ ଅଛି । ପୁରୀରେ ଅଳ୍ପପରିମାଣରେ ଉତ୍ତମ ସଡ଼କ କରିବା ନିୟମକୁ ଅବଲମ୍ବନ କରି କାର୍ଯ୍ୟ ହେଉଅଛି ମାତ୍ର ଲେପ୍ଟେନାଣ୍ଟଗବର୍ଣ୍ଣରଙ୍କ ମତରେ ଏ ନିୟମ କଠିନରୂପେ ପ୍ରଚଳିତ କରିବା ଭଲ ନୁହଇ ଏବଂ କମିଶନର ସାହେବ କହୁଅଛନ୍ତି କି ଯେତିକି ସଡ଼କ ଅଛି ସେ ସବୁ ମଧ୍ୟ ଭଲ ନୁହଇ ।

ଶିକ୍ଷା—ବାଲେଶ୍ୱରରେ ପାଠଶାଳାର ନିୟମ ପରିବର୍ତ୍ତ ହୋଇ ଫଳ ଅନୁସାରେ ଗୁରୁଙ୍କୁ ସାହାଯ୍ୟ ଦିଆ ଯାଉଅଛି । ଏହି ନିୟମ ଓଡ଼ିଶାର ସର୍ବତ୍ରରେ ପ୍ରଚଳିତ ହେଲେ ଉତ୍ତମ ହେବ ବୋଲି ଗବର୍ଣ୍ଣମେଣ୍ଟ ଆଶା କରନ୍ତି । ପୁରୀରେ ଅଧିକ ସଂଖ୍ୟକ ବାଳକ ପାଠ କରନ୍ତି । ଜଣେ ଓଡ଼ିଶାବାସୀ ଜଏଣ୍ଟ ଇନ୍‌ସ୍ପେକ୍ଟର ପଦରେ ନିଯୁକ୍ତ ହେବାରୁ ଶିକ୍ଷାବିଭାଗର କାର୍ଯ୍ୟ ଉତ୍ତମ-ରୂପେ ନିର୍ବାହିତ ହୋଇଅଛି ଏହା ଦେଖି ଲେପ୍ଟେନାଣ୍ଟ ଗବର୍ଣ୍ଣର ବଡ଼ ସନ୍ତୁଷ୍ଟ ହୋଇ-ଅଛନ୍ତି ।

ଜମିଦାରଙ୍କ ଚରିତ୍ର—ଅନରେବଲ ମାଜିଷ୍ଟ୍ରେଟ ମାନେ ଉତ୍ତମରୂପେ କର୍ମ କରଅଛନ୍ତି । ରାଜା ଶ୍ୟାମାନନ୍ଦ ଦେ କୁମାର ବୈକୁଣ୍ଠନାଥ ଦେ, ବାବୁ ନିମାଇଚରଣ ବୋଷ, ବାବୁ କୈଳାଶଚନ୍ଦ୍ର ରାୟ ମହାଶୟ ଓ ବାବୁ ମଦନମୋହନ ଦାସଙ୍କ ବଦାନ୍ୟତା ଓ ସାଧାରଣ ହିତଚେଷ୍ଟା ସକାଶେ କମିଶନର ସାହେବ ପ୍ରଶଂସା କରଅଛନ୍ତି ।

---

# ସାପ୍ତାହିକସଂବାଦ ।

ରାବେନ୍ସା ସାହେବ ଏକମାସର ଛୁଟୀ ପାଇ ଅଛନ୍ତି । ବୋର୍ଡ ମେମ୍ବର କର୍ମର ଚାର୍ଜ ଯେଉ ଦିନ ଡାମ୍ପିୟର ସାହେବଙ୍କୁ ଦେବେ ସେହି ଦିନୁ ଏ ଛୁଟୀ ଗଣନା ହେବ । ଛୁଟୀ ଉତ୍ତାରେ ରାବେନ୍ସା ସାହେବ ଏଠାକୁ ଆସିବେ ବା ଅନ୍ୟ କୌଣସି କର୍ମରେ ରହିବେ ତହିଁର ନିଶ୍ଚୟ ସମ୍ବାଦ ଆମ୍ଭେମାନେ ପାଇ ନାହୁଁ ।

ବାବୁ କଶାକାନ୍ତ ଚଟ୍ଟୋପାଧ୍ୟାୟ ରୁସ ଦେଶସ୍ଥ

ସେଣ୍ଟପିଟର୍ସବର୍ଗ ନଗରରେ ସଂସ୍କୃତ, ହିନ୍ଦୀ ଓ ବଙ୍ଗଭାଷାର ଅଧ୍ୟାପକ ହୋଇଅଛନ୍ତି । ରୁସ ଦେଶରେ ମଧ୍ୟ ବଙ୍ଗାଳୀ ପ୍ରବେଶ ହେଲେଣି ଓ ମାନ୍ୟ କର୍ମ ପାଇଲେଣି । ଧନ୍ୟ ବଙ୍ଗାଳୀଙ୍କୁ ! ଓଡ଼ିଆଙ୍କର କେବେ ଏତାଦୃଶ ସାହସ ବା ଉପଯୁକ୍ତତା ହେବ ?

ବାବୁ ନନ୍ଦକିଶୋର ଦାସ ଡେପୁଟୀ କଲେକ୍ଟର ଓ ଡେପୁଟୀ ମେଜିଷ୍ଟ୍ରେଟ ସ୍ୱରୂପ କଟକରେ ରହିବେ ।

ମାନ୍ଦ୍ରାଜ ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିଙ୍କ ସାହାଯ୍ୟାର୍ଥ ବିଲାତରେ ଚାଳିଶ ଲକ୍ଷଟଙ୍କା ଏପର୍ଯ୍ୟନ୍ତ ଚାନ୍ଦା ହୋଇଅଛି । ଧନ୍ୟ ଇଂରେଜଙ୍କ ଧନ ଓ ଦାନ !

ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ କଲିକତାର କୌଣସି ଭଦ୍ରଲୋକ ସୁରତି ଖେଳ ସେହି ସୁରତିର ଟଙ୍କାରେ ମାନ୍ଦ୍ରାଜ ଦୁର୍ଭିକ୍ଷର ସାହାଯ୍ୟାର୍ଥ ଗବର୍ଣ୍ଣମେଣ୍ଟରେ ଆବେଦନ କରିଥିଲେ । କିନ୍ତୁ ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହୋଇ ନାହାନ୍ତି । ଗବର୍ଣ୍ଣମେଣ୍ଟ କହନ୍ତି, ପ୍ରସ୍ତାବର ଉଦ୍ଦେଶ୍ୟ ମହତ୍ ସତ୍ୟ, ମାତ୍ର ସୁରତିଖେଳ ଜନସମାଜର ଅନିଷ୍ଟକର; ଏବଂ ତହିଁରେ ଗବର୍ଣ୍ଣମେଣ୍ଟ ଉତ୍ସାହ ଦେଇ ପାରିବେ ନାହିଁ ।

୧ । ସୁଲଭ ସମାଚାର ଲେଖିଅଛନ୍ତି କି "ଆମ୍ଭେମାନେ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ହାଟଖୋଲାର ସମ୍ଭ୍ରାନ୍ତ ମହାଜନ ଶ୍ରୀଯୁକ୍ତ ବାବୁ ଜାନକୀନାଥ ରାୟ ଜାଲ ଓ ମିଥ୍ୟା ସାକ୍ଷ୍ୟ ଦେବା ଅପରାଧରେ ରାଜଦ୍ୱାରେ ଦଣ୍ଡିତ ହୋଇଅଛନ୍ତି । ହାଇକୋର୍ଟର ବିଚାରରେ ତାଙ୍କର ତିନି ମାସ କଠିନ ପରିଶ୍ରମର ସହିତ କାରାବାସ ଏବଂ କୋଡ଼ିଏ ହଜାର ଟଙ୍କା ଅର୍ଥଦଣ୍ଡ ହୋଇଅଛି । ଟଙ୍କା ଦେଇ ନ ପାରିଲେ ଆହୁରି ଏକବର୍ଷ ଜେଲରେ ରହିବାକୁ ହେବ । ଏ ଜଣେ ଧନୀ ମହାଜନ, ଅବୈତନିକ ମାଜିଷ୍ଟ୍ରେଟ, କଲିକତା ମଧ୍ୟରେ ଜଣେ ଉତ୍ତମ ମାନ୍ୟଗଣ୍ୟ ଲୋକ । ସେ ଦିନ ଯାହାଙ୍କୁ ସାଟିନର ପୋଷାକ ପିନ୍ଧି ପ୍ରକାଣ୍ଡ ଯୋଡ଼ାଗାଡ଼ି ଚଢ଼ିଯିବାକୁ ଦେଖିଥିଲୁଁ, ଆଜ ତାହାଙ୍କୁ ସାମାନ୍ୟ ଲୁଚ ଚୋର ଡକାୟତଙ୍କ ସଙ୍ଗରେ ରହିବାକୁ ଏକ ସ୍ଥାନରେ ହେଲା । ସାମାନ୍ୟ କୟେଦିଙ୍କ ପରି ତାଙ୍କୁ ସେହି ପଥର ଭାଙ୍ଗିବାକୁ ହେବ, ଜେଲଖାନାର ପୋଷାକ ପିନ୍ଧିବାକୁ ହେବ, ଚୋରଙ୍କ ଖାଦ୍ୟ ଖାଇବାକୁ ହେବ । ଯେଉଁମାନେ ଟଙ୍କା ଲୋଭରେ ଅନ୍ଧ ହୋଇ ଧର୍ମାଧର୍ମ ଭୁଲି ଯାଆନ୍ତି, ଅର୍ଥ ଉପାର୍ଜନ ଆଉ ବଡ଼ଲୋକେଇ କରିବାକୁ ସର୍ବସ୍ୱ ଜ୍ଞାନ କରନ୍ତି ଏ ସବୁ ଘଟନା ଦେଖି ସେମାନଙ୍କର ସତର୍କ ହେବାର ଉଚିତ । କେଉଁ ଦିନ କାହା ଭାଗ୍ୟରେ କଣ ଘଟିବ କିଏ କହି ପାରେ ? ଆମ୍ଭମାନେ ଯେତେବେଳେ ଦଣ୍ଡର କଥା ଶୁଣା ଗଲା ସେତେବେଳେ ତାଙ୍କର ଓ ତାଙ୍କ ବନ୍ଧୁଗଣଙ୍କ କ୍ରନ୍ଦନରେ ଅନେକଲୋକଙ୍କ ମନରେ ଦୁଃଖ ହୋଇଥିଲା । କିନ୍ତୁ ଖଲାସ ଦେଇଥିଲେ, ଜଜ କେନେଡି ତାହା ଶୁଣିଲେ ନାହିଁ । କୋଡ଼ିଏ ହଜାର ଟଙ୍କା ଜରିମାନା ନୁଏ, ଏବେ ପ୍ରାୟ କେବେ ଦେଖାଯାଇ ନାହିଁ"

୨ । ଏଥରର ସିଭିଲ ସର୍ଜନ ଡାକ୍ତରୀ ପରୀକ୍ଷାରେ ବଙ୍ଗଦେଶର ବାବୁ ଏନ୍ ଚଟ୍ଟୋପାଧ୍ୟାୟ, ବି ଏଲ୍ ଦତ୍ତ ଏବଂ ଡି ବସୁ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୩ । ସମ୍ପ୍ରତି ଏଲାହାବାଦ ହାଇକୋର୍ଟରେ ଜଣେ ସାକ୍ଷୀ 'ଉଇଟ୍‌ନେସ୍ ବାକ୍ସ' ଉପରେ ଠିଆ ହୋଇ ଭୟପ୍ରଯୁକ୍ତ ହେତୁ କିମ୍ବା ଅନ୍ୟ କୌଣସି କାରଣରୁ ହେଉ, ବାହ୍ୟ ବସ୍ତୁର ସହିତ ମାନବ ପ୍ରକୃତିର ସମ୍ପର୍କ ବସ୍ତ୍ରର ଭିତର ପକାଇଲା । ସେଥିପାଇଁ ସମସ୍ତେ ତତ୍କ୍ଷଣ ନାକରେ ଲୁଗା ଦେଇଥିଲେ, ବିଚାର କାର୍ଯ୍ୟ ବନ୍ଦ ଥିଲା । ଶେଷରେ ମେହେନ୍ତର ଆସି ପରିଷ୍କାର କଲାରୁ ସମସ୍ତଙ୍କର ପ୍ରାଣ ବଞ୍ଚିଲା । ବାରିଷ୍ଟରମାନେ ଯେଉଁ ପ୍ରଶ୍ନ କରନ୍ତି ଦେଖି ଶୁଣି ବିସ୍ମୟରେ ପ୍ରାଣ ଉଡ଼ିଯାଏ । ଫଳେ ଏପରି ଭାବରେ ସାକ୍ଷ୍ୟ ଦେବା କେବେ ଶୁଣାଯାଇ ନାହିଁ ।

ଇଂଲଣ୍ଡର ଯୁବରାଜଙ୍କ ପୁତ୍ର ସୈନ୍ୟବିଭାଗରେ କର୍ମ କରିବାର ସ୍ଥିର ହୋଇଅଛି । ତାହାଙ୍କର ବିଦ୍ୟାଶିକ୍ଷା ଶେଷ ହେଲେ ସେ ଏକ ରେଜିମେଣ୍ଟରେ ନିମ୍ନପଦରେ ନିଯୁକ୍ତ ହୋଇ କାର୍ଯ୍ୟ ଶିକ୍ଷା କରିବେ ଓ ପାରଦର୍ଶିତା ଲାଭ କଲେରୁ ଉଚ୍ଚପଦ ପ୍ରାପ୍ତ ହେବେ । ଏଠାର ସାମାନ୍ୟ ଜମିଦାର ମଧ୍ୟ ଅପଣା ପୁତ୍ରକୁ ଏମନ୍ତ କର୍ମରେ ନିଯୁକ୍ତ କରିବାପକ୍ଷରେ ସମ୍ମତ ହେବ ନାହିଁ । ଏହି ପ୍ରକାରେ ଭାରତବର୍ଷୀୟଙ୍କର ଉନ୍ନତି ହେଉ ନାହିଁ ।

ଅମେରିକାରେ ଗୋଟିଏ ଆଶ୍ଚର୍ଯ୍ୟ ବୃକ୍ଷ ସମ୍ପ୍ରତି ଆବିଷ୍କୃତ ହୋଇଅଛି ଏହାର ନାମ ବର୍ଷାବୃକ୍ଷ । ଏ ଗଛର ପ୍ରକୃତି ଏହି ଯେ ବାୟୁରୁ ଜଳକଣା ସବୁ ଶୋଷି ନେଇ ପତ୍ରରେ ଜମା କରଇ ଓ ପତ୍ରକୁ ବୃଷ୍ଟି ଜଳଧାରରେ ବର୍ଷା କରଇ । ବୃଷ୍ଟି ଏରୂପ ହୁଅଇ ଯେ ଥରେ ଥରେ ଛବଟବର୍ଷିବୃଷ୍ଟି ପାଦ ପର ବଗଇ । ଶୀଘ୍ର କାଳରେ ଏ ଗଛର ବର୍ଷା କରିବା ଶକ୍ତି ଅଧିକ ହୁଅଇ । ଏ ଦେଶରେ କାଳ ନ କର ଏହି ବୃକ୍ଷ ରୋପଣ କଲେତ ବଡ଼ ଉପକାର ହୁଅନ୍ତା ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଯେ ମାନ୍ୟବର ଇଡନସାହେବ ରୋଡସେସ୍ ଇଲାକାରେ ଇଞ୍ଜିନିୟରିଂ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତି ଭିନ୍ନ ଅନ୍ୟ ଲୋକଙ୍କୁ ନିଯୁକ୍ତ କରିବାର ପ୍ରସ୍ତାବମାନ ଅଗ୍ରାହ୍ୟ କରୁଅଛନ୍ତି । ପ୍ରାୟ ୧୫୦ ଜଣ ବାହାର ଲୋକଙ୍କୁ ରୋଡସେସ୍ ମହକୁମାରେ ନିଯୁକ୍ତ କରିବାର ପ୍ରସ୍ତାବ ତାହାଙ୍କ ନିକଟରେ ହୋଇଥିଲା । ସେ ଏକାବେଳକେ ସମସ୍ତ ପ୍ରସ୍ତାବ ଅଗ୍ରାହ୍ୟ କରୁଅଛନ୍ତି ।

କଲିକତାରୁ ବହୁତ ଚାଉଳ ରପ୍ତାନି ହେବାରୁ ଚାଉଳ ବୋଝାଇରେ ନିଯୁକ୍ତ ଥିବା ଗସ୍ତ ନୌକା ଜାହାଜ ଇତ୍ୟାଦି ସମସ୍ତର ଭଡ଼ା ଅତ୍ୟନ୍ତ ବୃଦ୍ଧି ହୋଇଅଛି ।


ବିଜ୍ଞାପନ ।

## ବାବାଜୀ ନାଟକ !

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ଚରିତ୍ର ଓ ଉପଦେଶ, ବାବାଜୀର ମହିମା, ମଠାଧିପଙ୍କ ଆଚରଣ, ବାବୁର ସୁରାପାନ, ନବ୍ୟ ବାବୁ ଓ ବୈଷ୍ଣବ ଶାକ୍ତଙ୍କ କୁସଂସ୍କାର, ଡାକିଣୀ ଭୂତ, ଗାରଡ଼ି ବିଦ୍ୟା ଏବଂ ଇତ୍ୟାଦି ଓ ହାକିମର କଥାମାନ ଅଛି । କଟକ ପ୍ରିଣ୍ଟିଂ କମ୍ପାନି ପ୍ରେସରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ପ୍ରତ୍ୟେକ ଚାରିଅଣା ।

ଶ୍ରୀ ଜଗନ୍ମୋହନ ସିଂହ
ଗ୍ରନ୍ଥକର୍ତ୍ତା ।

ସିନ୍‌କୋନା ଫ୍ଲୁଇଡ ।

ଏହା ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଦାର୍ଜିଲିଙ୍ଗଠାରେ ପ୍ରସ୍ତୁତ ହେଉଅଛି ।

ଜ୍ୱରନାଶକପକ୍ଷରେ ଏହା କୁଇନାଇନ ଏବଂ କ୍ୱିନିଡ଼ିନ୍ ତୁଲ୍ୟ ଉପକାରୀ ଔଷଧ । ଏଥିରେ ବଳ ଏବଂ ପୌଷ୍ଟିକ ମୂଲ୍ୟ ଟ ୫୦ ଶ, ଡାକବ୍ୟୟ ଏକ ଟଙ୍କା ଅତିରିକ୍ତ ପଡ଼ିବ ।

କଲିକତା ସିବିଲ ହାସପାତାଲ ବଟାନିକେଲ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନ ପତ୍ର ପଠାଇଲେ ପ୍ରାପ୍ତ ହେବ ।


☞ ଏହି ଉତ୍କଳଦୀପିକା ସମ୍ପାଦକଙ୍କ ଦ୍ୱାରା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୨ଶ
ସଂ ୪୩ ସଂଖ୍ୟା

ତା ୩ ରଖ ମାହେ ନବେମ୍ବର ସନ ୧୮୭୭ ମସିହା । ମୁ । କାର୍ତ୍ତିକ ବ ୨୦ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୮
ମଫସଲଘାଇ ଡାକମାସୁଲ ଟ୧୷

ଏବର୍ଷ ଏ ନଗରର ଗ୍ରାମଦେବତୀ ଅଥବା ତାହାଙ୍କର ସେବକମାନେ ଶୁଖିଲାରେ କିଛି ଲାଭ କରିନେଲେ । ବର୍ଷଯାକ ପ୍ରାୟ ଓଲାଉଠାରୋଗ ଲାଗି ରହିଅଛି ଓ ମନୁଷ୍ୟ ମରିବାର ବନ୍ଦ ନାହିଁ ସୁତରାଂ ଲୋକେ ଠାକୁରାଣୀଙ୍କ ପୂଜା ଦେବା ଓ ଉଷା କରିବାକୁ ଛାଡୁ ନାହାନ୍ତି । ପ୍ରତିଗୁରୁବାର ଓ ମଙ୍ଗଳବାର ଠାକୁରାଣୀ ଅବତାର ହେଉ ଯୋଗିନୀଙ୍କ ସଙ୍ଗେ ଯୁଦ୍ଧ କରୁଅଛନ୍ତି ଓ ଛେଳାପଣା ଦେଇ ଭୁଲାଉଅଛନ୍ତି ମାତ୍ର ଯୋଗିନୀମାନେ ତହିଁରେ ତୃପ୍ତ ହେଉନାହାନ୍ତି । ଏଣିକି ବୋଧ ହୁଅଇ ସେମାନେ ମନୁଷ୍ୟଖିଆ ବାଘପରି ହେଲେଣି ଛେଳାପଣା ସ୍ୱାଦୁ ଲାଗୁ ନାହିଁ ଅଥବା ଇଂରାଜଙ୍କ ଅମଳରେ ଅଧିକ ସ୍ୱାଧୀନତା ଲାଭକରି ଠାକୁରାଣୀଙ୍କୁ ମାନୁନାହାନ୍ତି । ସରକାର ଏହାଙ୍କୁ ଏଥର ଖାସ ଦଖଲରେ ଆଣି ଖାସମାହାଲର ନୂତନ ନିରିଖରେ ଖଜଣା କରନ୍ତୁ ତାହା ହେଲେ ଏମାନେ ଛାଡ ପଳାଇବାର ସମ୍ଭାବନା ଅଛି ।

---

କଲିକତାରେ ସ୍ଥାପିତ ହୋଇଥିବା ଭାରତବର୍ଷୀୟ ଦୁର୍ଭିକ୍ଷ ସାହାଯ୍ୟ ଫଣ୍ଡର କମିଟୀ ଭେଦା ସଂଗ୍ରହ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ସହାୟ ଲାଭ କରିବା ସକାଶେ ପ୍ରାର୍ଥନା କରିବାରୁ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଗତମାସ ତା୨୭ରିଖ ଲିଖିତ ନ୪୪ମ୍ବର ସର୍କୁଲର୍ ଚିଠୀ ସମସ୍ତ କମିଶ୍ନରଙ୍କ ନାମରେ ପ୍ରଚାର କରି ଅଛନ୍ତି । ଉକ୍ତ ସର୍କୁଲରରେ ଶ୍ରୀଯୁକ୍ତ ଲେଫ୍ଟନାସାହେବ କମିଶ୍ନରମାନଙ୍କୁ କମିଟୀ ସହିତ ଯୋଗ ଦେବା ଏବଂ ଜିଲ୍ଲା କଲେକ୍ଟରମାନଙ୍କୁ ଆପଣା୨ ଇଲାକାରେ ଭେଦା ସଂଗ୍ରହ କରି କମିଟୀ ନିକଟକୁ ପଠାଇବାକାରଣ ଅନୁରୋଧ କରି ଅଛନ୍ତି ଓ ଏମନ୍ତସୁଦ୍ଧା ପ୍ରସ୍ତାବ କରି ଅଛନ୍ତି କି କୌଣସି ସ୍ଥଳରେ ଲୋକଙ୍କ ଇଚ୍ଛା ହେଲେ ଭେଦାସଂଗ୍ରହ ସକାଶେ ସବ୍‌କମିଟୀ ନିଯୁକ୍ତ ହୋଇପାରେ ।

ଉପରଲିଖିତ ସର୍କୁଲର ଅନୁସାରେ ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବିଡ଼ନସାହେବ ଚଳିତମାସ ତା ୨୪ ରିଖରେ ଭେଦା ସଂଗ୍ରହ କରିବା ସକାଶେ ଗୋଟିଏ ସଭା କରିବାର ସ୍ଥିର କରି ଅଛନ୍ତି ଏବଂ ତାହାଙ୍କ ଅନୁରୋଧକ୍ରମେ ଆମ୍ଭେମାନେ ସର୍ବସାଧାରଣଙ୍କୁ ଏହା ଜଣାଇ ଦେଉଅଛୁଁ । ସଭା ଉକ୍ତ ତାରିଖ ଅପରାହ୍ନ ୪ଘଣ୍ଟା ସମୟରେ କମିଶ୍ନରୀ କଚେରୀଠାରେ ହେବ ।

---

ଭାରତବର୍ଷର ନାନା ଅଂଶର ଲୋକମାନଙ୍କ ଦୁର୍ଭିକ୍ଷକଷ୍ଟ ନିବାରଣ ଉଦ୍ଦେଶ୍ୟରେ ଭେଦା ସଂଗ୍ରହ କରିବା ସକାଶେ ଗତମାସ ତା୮ରିଖରେ ବାଲେଶ୍ୱରରେ ସଭା ହୋଇଥିଲା । ଏ ସଭାଦ୍ୱାରା ଗୋଟିଏ ଦୁର୍ଭିକ୍ଷସାହାଯ୍ୟ କମିଟୀ ଓ ଗୋଟିଏ ତହିଁର କାର୍ଯ୍ୟ ନିର୍ବାହକ କମିଟୀ ନିଯୁକ୍ତ ହେଲା । କୁମାର ବୈକୁଣ୍ଠନାଥଦେ କମିଟୀର ସେକ୍ରେଟେରୀ ଓ କୋଷାଧ୍ୟକ୍ଷ ହୋଇଅଛନ୍ତି ଓ ତାହାଙ୍କ ଅନୁରୋଧକ୍ରମେ ଅମ୍ଭେମାନେ ଲେଖୁଅଛୁଁ କି ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କପ୍ରତି ଦୟା କରି ଯେ ଯାହା ଭେଦ ଦେବାକୁ ଇଚ୍ଛା କରିବେ ତାହାଙ୍କ ନିକଟକୁ ପଠାଇଦେବେ । ଏ ସଭାଦ୍ୱାରା ଗତମାସ ତା୨୫ରିଖ ପର୍ଯ୍ୟନ୍ତ ଟ୨୮୭୭୷ଭେଦା ଉଠିଥିଲା ଏଥିମଧ୍ୟରେ ରାଜା ଶ୍ୟାମାନନ୍ଦ ଦେଓ ପୁତ୍ର ଟ ୧୨୫୦୲ ଙ୍କା ବାବୁ ରାଧାରମଣଦାସ ଟ୬୨୫୲ଙ୍କା, ବାବୁ ମଦନମୋହନଦାସ ଓ ପୁତ୍ର ଟ୫୦୦୲ଙ୍କା, କାପ୍ତାନ ବମ୍ସାହେବ ଟ୧୨୫୲ଙ୍କା ଓ ଶ୍ରୀଯୁକ୍ତ ଗନସାହେବ ଟ ୫୦୲ ଙ୍କା ଭେଦା ଦେଇଅଛନ୍ତି । ଆଉ ଅନେକ ଲୋକ ଯେ ଯାହା କ୍ଷମତାନୁସାରେ ଟ୨୫୲ଙ୍କାଠାରୁ ଟ୧୲ଙ୍କା ପର୍ଯ୍ୟନ୍ତ ଦାନ କରି ଅଛନ୍ତି ।

---

ସେଦିନ ଏ ନଗରର ମୁସଲମାନମାନେ ଭାରି ମଜଲିସ କରି ତୁରସ୍କର ଜୟ ଲାଭରେ ଆନନ୍ଦ ପ୍ରକାଶ କରିଥିବାରୁ ଅନେକ ଲୋକ ତହିଁର ପ୍ରସଙ୍ଗ ଆମ୍ଭମାନଙ୍କୁ ପଚାରୁଅଛନ୍ତି । ଆମ୍ଭେମାନେ ଏତେ ଆନନ୍ଦ ହେବାର କିଛି କାରଣ ଦେଖୁ ନାହୁଁ । ତୁରସ୍କମାନେ ରୁଷିୟାକୁ ଏପର୍ଯ୍ୟନ୍ତ ଅଟକାଇ ରଖିଅଛନ୍ତି ବଡ ପୌରୁଷର ବିଷୟ ଅଟଇ । ମାତ୍ର ପ୍ରାୟ ଦୁଇମାସ ହେଲା ପ୍ରତିଦିନ ଯୁଦ୍ଧ କରି କେହି କାହାକୁ ଦୁର୍ବଳ କରି ପାରୁ ନାହିଁ । ଏ ଉତ୍ତାରୁ ରୁଷିୟାର ଅଧିକ ସୈନ୍ୟ ଓ ଅଟବଳ କଥା ମନେ କଲେ କିଏ ନିଶ୍ଚୟ କହି ପାରିବ ଯେ ରୁଷିୟା ନିତାନ୍ତ ପରାଜିତ ହେବ । ଶୀତ କାଳର

Digitized by srujanika@gmail.com

ଯୁଦ୍ଧ ସକାଶେ ରୁଷୀୟମାନେ ଉତ୍ତମରୂପେ ସଜ୍ଜିତ ହେଉଅଛନ୍ତି । ସୈନ୍ୟ ସକାଶେ ଶୀତକାଳର ଲୁଗା ଓ ବସାଘରର ଉପକରଣ ବସ୍ତୁର ପରମାଣରେ ଆସୁଅଛି । ତେର ଲକ୍ଷ ସିପାହୀ ସକାଶେ ବସାଘର ନିର୍ମାଣ ହେଉଅଛି ଏବଂ ଡାନ୍ୟୁବ ନଦୀରେ ଚିରସ୍ଥାୟୀ ସେତୁ ନିର୍ମାଣ ହେବାର ଉଦ୍ୟମ ଲାଗିଅଛି । ଏ ସମସ୍ତ ବ୍ୟାପାରରୁ ଜଣାଯାଏ ଯେ ରୁଷିୟା ସହଜରେ କ୍ଷାନ୍ତ ହେବାର ପାତ୍ର ନୁହଇ ତେବେ ତୁରସ୍କର ଶ୍ରମବଳ ଅଧିକ ଥିଲେ ଏ ସଙ୍କଟରୁ ଉଦ୍ଧାର ପାଇବ । ଏ ସପ୍ତାହରେ ଯେ ସମସ୍ତ ସଂବାଦ ଆସିଅଛି ତାହା ପୂର୍ବ ପ୍ରାପ୍ତ ଅଟଇ । ଦୁଇ ପକ୍ଷର ସେନା ମରୁଅଛନ୍ତି କିନ୍ତୁ ଯେ ଯାହା ସ୍ଥାନରେ ଦୃଢ଼ରୂପେ ରହିଅଛନ୍ତି ।

---

ଗତମାସ ତା ୨୫ ରିଖରେ ଶେଷ ହେବା ସପ୍ତାହ ବାବତ ବୃଷ୍ଟି ଓ ଶସ୍ୟର ବଜାରଦର ସନ୍ତୋଷ ଜନକ ଅଟଇ । ମାନ୍ଦ୍ରାଜର ସର୍ବତ୍ରରେ ଉତ୍ତମ ବୃଷ୍ଟି କେବଳ ମାନ୍ଦ୍ରାଜ ଓ କର୍ନୁଲରେ କିଛି ଊଣା । ଅଧିକାଂଶ ଜିଲ୍ଲାରେ ଶସ୍ୟର ମୂଲ୍ୟ ଊଣା ହେଲାଣି କେବଳ ତୁଙ୍କଷ୍ଟାରେ କିଛି ବୃଦ୍ଧି ଓ ଛ ଜିଲ୍ଲାରେ ପୂର୍ବପ୍ରାପ୍ତ ଅଛି । ଚାଉଳ ଟଙ୍କାକୁ ବାଲେଶ୍ୱରୀ ସେ ୭ ରଠାରୁ ସେ ୧୦ ର ପର୍ଯ୍ୟନ୍ତ ବିକ୍ରିଅଛି । ମଧ୍ୟପ୍ରଦେଶରେ ନାଗପୁର, ସିଉନୀ, ଓ ଉତ୍ତରଗୋଦାବରୀ ପ୍ରଦେଶରେ ଭଲ ବୃଷ୍ଟି ଓ ସର୍ବତ୍ରରେ ଫସଲର ଆଶା ଉତ୍ତମ । ବମ୍ବାଇରେ ମଧ୍ୟ ମଙ୍ଗଳସୂଚକ ଦେଖାଯାଏ । ମଧ୍ୟ ଭାରତବର୍ଷ ଓ ରାଜପୁତାନାରେ ବୃଷ୍ଟି ହୋଇ ନାହିଁ । ଆଜମେର ଓ ସିରୋହିରେ ଅଧିକ ଜଳର ଲୋଡ଼ା ଅଛି । ବଙ୍ଗଳାରେ ସ୍ଥାନେ ଭଲବୃଷ୍ଟି ହୋଇଅଛି ଅନ୍ୟତ୍ରରେ ଅଳ୍ପ ଆଉ କିଛି ଜଳ ହେଲେ ଭଲ ହେବ ମାତ୍ର ଫସଲର ଆଗମ ଭଲ ଦେଖାଯାଉ ଅଛି । ଆସାମର ଅବସ୍ଥା ଭଲ । ବ୍ରହ୍ମାରେ କେବଳ ଯେଉଁଠାରେ ଦୋହେଗାଁ ରୁଆ ହୋଇଅଛି ବୃଷ୍ଟି ଅଳ୍ପ ହେବାରୁ ତାହା ପକ୍ଷରେ ଭଲ ହୋଇ ନାହିଁ । ଉତ୍ତରପଶ୍ଚିମ ଓ ଅଯୋଧ୍ୟାରେ ବର୍ଷା ନାହିଁ ମାତ୍ର ଯାହା ଏଥିପୂର୍ବେ ହୋଇଅଛି ରବି ପକ୍ଷରେ ଯଥେଷ୍ଟ ଓ ରବି ବୁଣା କାର୍ଯ୍ୟ ଲାଗିଅଛି । ପଞ୍ଜାବର କେତେକ ଅଂଶରେ ଅଳ୍ପବୃଷ୍ଟି ହେବାରୁ ବୁଣାବୁଣି ଲାଗିଅଛି ମାତ୍ର ଆଉ କେତେକ ଅଂଶରେ ଅଧିକ ଜଳର ପ୍ରୟୋଜନ ଅଛି ।

ସଂକ୍ଷେପ ବିବରଣ ଏହି ଯେ ଦୁର୍ଭିକ୍ଷର ଆଶଙ୍କା କୌଣସିଠାରେ ନାହିଁ ଓ ଯେଉଁଠାରେ ଦୁର୍ଭିକ୍ଷ ପଡ଼ିଅଛି ସେଠାରେ ମଧ୍ୟ ଲୋକଙ୍କ ଅବସ୍ଥା ଶୀଘ୍ର ଭଲହୋଇ ଆସୁଅଛି । ସାହାଯ୍ୟକର୍ମ ଗତ ଅନେକଲୋକ ଗୃହ କର୍ମକୁ ଫେରି ଆସିଲେଣି ଓ କେତେଗୁଡ଼ାଏ ପ୍ରସ୍ତାବିତ ସାହାଯ୍ୟକର୍ମ ସ୍ଥଗିତ ହୋଇ ଏଠାରୁ ଯାଇଥିବା ଇଞ୍ଜିନିୟରମାନେ ଫେରି ଆସିବାର ଆଜ୍ଞା ପାଇଲେଣି । ଦର ଶସ୍ତା ହେବାରୁ ମହାଜନମାନେ ଆଉ ରପ୍ତାନି କରୁ ନାହାନ୍ତି ଓ ରପ୍ତାନି ହୋଇଥିବା କେତେକ ଶସ୍ୟ ଫେରାଇ ଆଣିବାର ମଧ୍ୟ ଆରମ୍ଭ ହୋଇ ଅଛି ।

---

## ଜଳକର ।

ଓଡ଼ିଶାରେ ନାଲକର୍ମ ଆରମ୍ଭ ହେବାର ପ୍ରାୟ ୧୪ ବର୍ଷ ହେଲା ଏବଂ ଦଶକି ହେବ ଖଣ୍ଡେ ୨ ନାଲ ବ୍ୟବହାରର ଯୋଗ୍ୟ ହୋଇ ଅଛି କିନ୍ତୁ ଏତେଦିନ ଯାଏ ଏହାର କାର୍ଯ୍ୟକାରିତା ଅତ୍ୟଳ୍ପ ସ୍ଥଳରେ ଦେଖା ଯାଉଥିଲା ଓ ଅଧିକାଂଶ ସ୍ଥଳରେ ଲୋକେ ଏହାକୁ କାଳ ପ୍ରାୟ ଅନିଷ୍ଟକାରକ ମଣୁଥିଲେ । ମାନ୍ଦ୍ରାଜର ଦୁର୍ଭିକ୍ଷ ହେତୁ ଏ ପ୍ରଦେଶରେ ଚାଉଳର ଅତ୍ୟନ୍ତ ଦର ବୃଦ୍ଧି ଓ ମେଘର ଅନିଶ୍ଚିତ ଓ ଅଳ୍ପକରୁଣା ଯୋଗୁଁ ଏ ବର୍ଷ ନାଲର କପାଳ ଫିଟିଅଛି । ଏଥର ମଫସଲରେ ନାଲ ଜଳର ଆଦର ଯେପରି ଦେଖା ଗଲା ଅନ୍ୟ କୌଣସି ସମୟରେ ତାହା ପ୍ରତ୍ୟକ୍ଷ ହୋଇ ନ ଥିଲା । ଧାନ ଶୁଖିଲ ମଫସଲରେ ଯେପରି ମିଳିବାର କଷ୍ଟ ହେଲା ତେମନ୍ତ ଧାନକ୍ଷେତକୁ ରକ୍ଷା ଓ କୌଣସି ପ୍ରକାରରେ ଧାନ ଫସଲ କରିବାକୁ ଲୋକଙ୍କ ଆଗ୍ରହ ବଢିଲା ସୁତରାଂ ନାଲଜଳ ନେବାକୁ ବିଳମ୍ବ କଲେ ନାହିଁ ନାଲ ଦୁଇପାଖର ଦଣ୍ଡା ଭେଡ଼ା କଣ୍ଟାବଣସବୁ କାଟି ଧାନ ବୁଣିଲେ ଓ ନାଲ ଜଳରେ ତାହାଙ୍କର ପରିଶ୍ରମ ସଫଳ ହେଲା । ଆମ୍ଭେମାନେ ସ୍ୱଚକ୍ଷୁରେ ଏମନ୍ତ କେତେ ସ୍ଥାନରେ କ୍ଷେତ ହେବାର ଦେଖିଅଛୁଁ କି ଯାହା ଚିରକାଳ ପଡ଼ିଆ ଦେଖି ଆସୁଥିଲୁଁ । ପୁଣି ସେସବୁ କ୍ଷେତ ଏମନ୍ତ ସୁନ୍ଦର ହୋଇଅଛି ଯେ ପ୍ରଥମ କିସମର ଗହୀରବିଲ ତାହା ପାଖରେ ହୀନଶ୍ରୀ ଦିଶୁଅଛି । ଯେଉଁ ଦିଗରେ ନାଲ ନାହିଁ ସେଠା ପ୍ରଜାମାନେ ଆପଣା କପାଳକୁ ନିନ୍ଦୁଅଛନ୍ତି ଓ କହୁଅଛନ୍ତି କି 'ନାଲ ଥାଇ ଏ ବର୍ଷ ମଜା ନେଲେ' । କିନ୍ତୁ ଏହା ବୋଲି ପାଠକମାନେ ଏମନ୍ତ ବିବେଚନା କରିବେ ନାହିଁ ଯେ ନାଲକୂଳଆ ସମସ୍ତଙ୍କର ଭାଗ୍ୟ ଫିଟିଅଛି । ବାସ୍ତବରେ ତାହା ନୁହଇ । ନାଲ ଦୁଇପାଖ ଠେଙ୍ଗାଳ କି ଯାହା ବରାବର ପଡ଼ିଆ ଥିଲା ଅଥବା ଖୋଦିକାରୁ ସାମାନ୍ୟ ଫସଲ ଜନ୍ମାଉଥିଲା ସେହି ସବୁର ଅବସ୍ଥା ଭଲ ହୋଇଅଛି ମାତ୍ର ଗହୀରର ଫସଲ ତାଦୃଶ ଭଲ ହୋଇ ନାହିଁ ଓ ଅନେକ ସ୍ଥଳରେ ଅଧିକ ଜଳ ହେତୁ ଯଥୋଚିତ ଫଳ ଧାରଣ କରି ନାହିଁ । ସଂକ୍ଷେପରେ ବୋଲା ଯାଇ ପାରେ ଯେ ନାଲଜଳଦ୍ୱାରା କୃଷକଲର ଗୋଟିଏ ବିସ୍ମୟକ ପରିବର୍ତ୍ତନ ହେଉଅଛି । ଯାହା ପୂର୍ବେ ପ୍ରଥମକିସମ ବା ସର୍ବୋତ୍କୃଷ୍ଟ ଭୂମି ଥିଲା ତାହା ନୀରସ ଓ ଅତିନିକୃଷ୍ଟ ଭୂମି ସରସ ହେଉଅଛି । ଏଣେ ସବୁ ଭୂମି କୃଷିଯୋଗ୍ୟ ହେବାରୁ ଗୋଚରାଇ ଓ ଜାଳ ଇତ୍ୟାଦି ସକାଶେ ଭୂମି ରହୁ ନାହିଁ ଏହା ସାମାନ୍ୟ ଦୁଃଖର ବିଷୟ ନୁହଇ । ଏ ପ୍ରକାର ପରିବର୍ତ୍ତନର ଚରମଫଳ କି ହେବ ଆମ୍ଭେମାନେ ନିଶ୍ଚୟ କରି କହି ନ ପାରୁଁ ସମୟାନ୍ତରରେ ଏଥିର ବିଚାର କରିବୁଁ । ସମ୍ପ୍ରତି ଆମ୍ଭମାନଙ୍କର ଏତିକି କହିବାର ଅଛି ଯେ ଏତେଦିନେ କୃଷିମାନେ ପ୍ରତ୍ୟକ୍ଷ କଲେ ଯେ ନାଲ ଭୁଷ୍ଟ କାଳ ନୁହଇ ଏଥିରେ ଉପକାର ଅଛି ।

ପ୍ରଜାମାନେ ଯେମନ୍ତ ନାଲଜଳ ନେଇ ଉପକାର ପାଇଅଛନ୍ତି ଗବର୍ଣ୍ଣମେଣ୍ଟ ମଧ୍ୟ ବସ୍ତୁର କର ଅଦାୟ କରି ଏ ବର୍ଷ ବଡ଼ ଆନନ୍ଦିତ ହେବେ । ଏକଜଣ ଜାଣିବାଲୋକଠାରୁ ଆମ୍ଭେମାନେ ଶୁଣିଅଛୁଁ ଯେ ଅନ୍ତତଃ ଏକଲକ୍ଷ ଟଙ୍କା ଜଳକରସ୍ୱରୂପ ଏ ବର୍ଷ ଆଦାୟ ହେବ ଓ ମଫସଲରେ ଯାହା ଦେଖାଗଲା ତହିଁରେ ଏ କଥା ବିଚିତ୍ର ନୁହଇ । ଜଳକର ଆଦାୟ ଉଚିତ ପ୍ରକାରରେ ହେବାର ଉଦ୍ୟମ ଲାଗିଅଛି ଅର୍ଥାତ୍ ଇଚ୍ଛାପୂର୍ବକ ଓ ବଳପୂର୍ବକ । ଠେଙ୍ଗାଦିନର କୃଷିମାନେ ଇଚ୍ଛାପୂର୍ବକ କବୁଲିୟତ କରୁଅଛନ୍ତି ଓ ତାହାଙ୍କ ଜଳ ନେବା ବିଷୟରେ କିଛିମାତ୍ର ସନ୍ଦେହ ନାହିଁ ଏମାନେ ଇଚ୍ଛାପୂର୍ବକ କବୁଲିୟତ କରୁଅଛନ୍ତି କିନ୍ତୁ ଗହୀରବିଲର କୃଷୀ ସମସ୍ତେ ଜଳ ନେଇ ନାହାନ୍ତି ଓ ଅନେକଙ୍କର ଜଳ ନେବାର କେବେ ପ୍ରୟୋଜନ ହୋଇ ନାହିଁ କିନ୍ତୁ ସମସ୍ତଙ୍କୁ କବୁଲିୟତ କରିବାକୁ ପଡ଼ୁଅଛି । ଯେ ଜଳ ନେଇଅଛି ତାହାର ଦୁଃଖ ନାହିଁ ମାତ୍ର ଯେ ନେଇ ନାହିଁ ସେ ଯସ୍ମୈସ୍ୱୀକାସ୍ତି ସନ୍ତାପିତ ହେଉଅଛି । ନାଲ

Split by PDF Splitter

Digitized by srujanika@gmail.com

Split by PDF Splitter



ଇଲାକାର ଅମିନ ବା ଅନ୍ୟ କର୍ମଚାରୀ ବଲରେ ପଶି ପାଣି ଦେଖି ବା ଚାଖି କହୁଅଛି ଯେ ଏ ବଲକୁ ନାଲପାଣି ଆସିଅଛି ଓ ତାହା ମାପି ନେଇ ଚାଷିକୁ ବୁଝାଇ ଦେଉଅଛି କି ଯେବେ ତୁ କବୁଲିୟତ କରିବୁ ତେବେ ମାଣ ଦେଢ଼ ଟଙ୍କା ନୋହିଲେ ମାଣ ତିନିଟଙ୍କା ଦେବାକୁ ହେବ। ଏହା ଶୁଣି ଚାଷିର ହୋସ ଉଡି ଯାଉଅଛି। ଏକେତ ତାହାର ଫସଲ ଠେଙ୍ଗ ଅପେକ୍ଷା ଊଣା ହୋଇଅଛି ତହିଁରେ ପୁଣି ଦ୍ୱିଗୁଣ ଦେବାର ଧମକ ଓ ଗୁହାର ଶୁଣିବାର ଲୋକ ନିକଟରେ ନାହିଁ ଏ ଅବସ୍ଥା ରେ ସେ ଆପଣା କର୍ମକୁ ଆଦର କବୁଲିୟତ ନ କରି ଆଉ କି କରିପାରେ? ଏହିମାନଙ୍କଠାରୁ ବଳପୂର୍ବକ କରି ନିଆ ଯିବାର କଥା ଯାଉଅଛି। ଯାହା ହେଉ ମୂଳ କଥା ଏହି ଯେ ଏ ବର୍ଷ ଗବର୍ଣ୍ଣମେଣ୍ଟ ନାଲକର ସ୍ୱରୂପ ଚାରିଏ ଟଙ୍କା ଆଦାୟ କରିବେ ଓ ଅନେକ ଚାଷୀ କି ଯେଉଁମାନେ ବ ୬୭ ର୍ଷରେ ଅରେ ଯେଉଁ ଜମିରୁ କିଛି ଫସଲ ପାଇବା ଅତି ଭାଗ୍ୟର ବିଷୟ ମଣିଥିଲେ ଏ ବର୍ଷ ଉଲକର ସଠାଏ ଧାନ କାଟି ଖଳାରେ ଜମା କରି ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେବେ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଏ ସବ୍‌ଡିବିଜନ ଅନ୍ତର୍ଗତ ସମସ୍ତ ପ୍ରଗନାମାନଙ୍କରେ ସମୟରେ ଆଶାନୁରୂପ ବୃଷ୍ଟି ହୋଇଥିବାରୁ ଫସଲର ଅବସ୍ଥା ଉତ୍ତମ ହୋଇଅଛି କେବଳ ବାରଗାଁ ପ୍ରଗନାରେ ଧାନ ଫସଲ ନଦୀ ବୃଦ୍ଧିଦ୍ୱାରା ଧୋଇ ଯାଇଅଛି ସେଠାରେ ପ୍ରତିବର୍ଷ ଏହି ପରି ହୋଇଥାଏ ରବି ଫସଲ ଉତ୍ତମ ହେବାର ଆଶା ଦେଖାଯାଏ ବର୍ତ୍ତମାନ ମହାଜନମାନେ ଚାନ୍ଦବାଲି ଷ୍ଟିମରଦ୍ୱାରା ଅନ୍ୟ ଦେଶକୁ ଚାଉଳ ରପ୍ତାନି କରୁଥିବାରୁ ସହର ଓ ମଫସଲ ସକଳ ସ୍ଥାନରେ ଧାନ ଚାଉଳ ଦର ବୃଦ୍ଧି ହୋଇଅଛି ମୋଟ ଚାଉଳ ଟଙ୍କାକୁ ସେ ୧୮ ର ଓ ସରୁ ସେ ୧୪ ର ହିସାବ ପ୍ରାପ୍ତ ହେଉଅଛି।

ଓଲାଉଠା ରୋଗ ଏ ସବ୍‌ଡିବିଜନସ୍ଥ କେତେକ ସ୍ଥାନରେ ପ୍ରବଳ ହୋଇଅଛି ଏଠା ସହର ମଧ୍ୟରେ ଉକ୍ତ ରୋଗରେ କେବଳ ଦୁଇଗୋଟି ମନୁଷ୍ୟ ମରିଅଛନ୍ତି ସେନାଓଡ ପ୍ରଗନାରେ ଏକ କଣ୍ଡରା ଆପଣାକୁ ଗଉଡ଼ ବୋଲି ପରିଚୟ ଦେଇ କେତେକ ବର୍ଷ ହେଲା ଗଉଡ଼ଙ୍କ ସମାଜଭୁକ୍ତ ହୋଇ ବିବାହ ଇତ୍ୟାଦ କରିଥିଲା ବର୍ତ୍ତମାନ ସେ ପ୍ରକୃତ କଣ୍ଡରା ଥିବାର ପ୍ରକାଶ ହେବାରୁ ଗଉଡ଼ମାନେ ହରବରରେ ପଡ଼ ସଭା କରୁଅଛନ୍ତି।

ଆମ୍ଭମାନଙ୍କର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏର୍, ଫେରର ସାହେବ ବିଶେଷ ଦୟାଳୁ ଓ ଉତ୍ତମ ବିଚାରପତି ଅଟନ୍ତି ସାହେବ ମହୋଦୟଙ୍କ ସୁବିଚାରରେ ସମସ୍ତ ଲୋକ ସନ୍ତୁଷ୍ଟ ଅଛନ୍ତି ଏହି ମାସ ତା ୬ ରିଖରୁ ଶୀତକାଲ ଗସ୍ତ ଆରମ୍ଭ ହେବ।

ଜନରବ ହୋଇଅଛି ଯେ। ପ୍ର। ଜୟପୁର। ମୌ। ଉଲଦାମପୁର ନିବାସୀ ଏକ ଖଣ୍ଡାୟତର ସ୍ତ୍ରୀ ତିନଗୋଟି ପୁତ୍ର ପ୍ରସବ କରିଅଛି ସେ ପିଲାମାନେ ଜୀବିତରେ ଅଛନ୍ତି।

---

## ବାବାଜୀ ନାଟକ।

ବାବୁ ଜଗନ୍ମୋହନଲାଲଙ୍କ କୃତ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଲୟରେ ମୁଦ୍ରିତ।

ଅମ୍ଭେମାନେ ଏ ପୁସ୍ତକ ଖଣ୍ଡିକ ଅତ୍ୟନ୍ତ ସମାଦର ସହିତ ଗ୍ରହଣ କରିଅଛୁଁ ଓଡ଼ିଆଭାଷାରେ ଏ ପର୍ଯ୍ୟନ୍ତ ନାଟକ ରଚନା ହୋଇ ନ ଥିଲା। ଏହି ପୁସ୍ତକ ତହିଁର ପ୍ରଥମ ଉଦ୍ୟମ ଅଟଇ। ବାବୁ ଜଗନ୍ମୋହନଲାଲ ଓଡ଼ିଆ ସାହିତ୍ୟ ସଂସାରରେ ନିତାନ୍ତ ଅପରିଚିତ ନହନ୍ତି ସମାଲୋଚିତ ଗ୍ରନ୍ଥ ରଚନାରେ ସେ ଅଧିକ କୃତକାର୍ଯ୍ୟ ହୋଇଅଛନ୍ତି। ଇଂରାଜୀ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁ ନାହିଁ ସତ୍ୟ ମାତ୍ର ବଙ୍ଗଳାଭାଷାରେ ନାଟକନାମରେ ଯେତେପ୍ରକାର ରଚନା ବାହାରିଅଛି ତହିଁସଙ୍ଗେ ତୁଳନା କଲେ ଏହାର ନାମ ନାଟକ ହେବା ବଡ଼ ଦୂଷଣୀୟ ନୁହଇ। ନିତାନ୍ତ ପକ୍ଷରେ ନାଟକର ଭାଷା ଓ ରଚନାର ଛଟା କିପ୍ରକାର ହେବ ଏ ସବୁ ଅତି ଚମତ୍କାରରୂପେ ଗ୍ରନ୍ଥକର୍ତ୍ତା ଦର୍ଶାଇଅଛନ୍ତି ଓ ଅନେକଲୋକ ଏହାକୁ ଆଗ୍ରହପୂର୍ବକ ପଢ଼ିବାର ଦେଖାଯିବାରୁ ଅନାୟାସରେ ବୋଲାଯାଇ ପାରେ ଯେ ବର୍ତ୍ତମାନର ରୁଚିକୁ ଏହା ବଡ଼ ସୁନ୍ଦର ଯୋଗଅଛି। ଭଣ୍ଡ ମଠଧାରିଙ୍କ ଦୋଷ ପ୍ରକାଶ କରିବା ଏବଂ ଭୂତ ଡାଆଣୀ ଜଡ ମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ପ୍ରଚଳିତ ଭ୍ରମ ଓ କୁସଂସ୍କାର ଛେଦନ କରିବା ଏ ଗ୍ରନ୍ଥର ମୋକ୍ଷ ଉଦ୍ଦେଶ୍ୟ ଜଣାଯାଏ ଓ ତହିଁରେ ଗ୍ରନ୍ଥକର୍ତ୍ତା ଆଶାତୀତ କୃତକାର୍ଯ୍ୟ ହୋଇଅଛନ୍ତି। ସଂକ୍ଷେପରେ ଆମ୍ଭମାନଙ୍କର ମନ୍ତବ୍ୟ ଏହି ଯେ ପୁସ୍ତକଖଣ୍ଡିକ ଉତ୍ତମ ହୋଇଅଛି। ଏହାଦ୍ୱାରା ନାଟକର ବାଟ ଫିଟିଲା ଏଥର ଅନ୍ୟାନ୍ୟ କୃତବିଦ୍ୟମାନେ ଏ ପକ୍ଷରେ ମନ ଦେଲେ ଅଚିରେ ପ୍ରକୃତ ନାଟକ ଓଡ଼ିଆଭାଷାରେ ବାହାରି ପାରେ।

# ସାପ୍ତାହିକସଂବାଦ।

ଆଗାମୀ ମଙ୍ଗଳବାର ଆମ୍ଭମାନଙ୍କ କଲେକ୍ଟର ସାହେବଙ୍କ କୋଠିରେ ପୁନର୍ବାର ଦେଶୀୟ ଭଦ୍ରଲୋକଙ୍କ ବୈଠକ ହେବାର ସ୍ଥିର ହୋଇଅଛି। ଏଥର ଆମନ୍ତ୍ରିତ ବ୍ୟକ୍ତିଙ୍କର ଯଥାର୍ଥ ସମ୍ମାନ ହୋଇଅଛି କାରଣ ଆମନ୍ତ୍ରଣପତ୍ରମାନ ମେମସାହେବଙ୍କ ନାମରେ ବାହାରିଅଛି।

ଗତ ବୁଧବାର ଏଠାରେ ଅଳ୍ପ ବୃଷ୍ଟି ହୋଇଥିଲା। ମୋଫସଲରେ ଯେବେ ଏରୂପଧର ଅଳ୍ପ ବୃଷ୍ଟି ହୋଇଥିବ ତେବେ କ୍ଷତି ନାହିଁ ଅଧିକ ହେଲେ ବଡ ଦୁଃଖର ବିଷୟ ହେବ କାରଣ ଏବର୍ଷର ରବି ଫସଲ ଅତିଚମତ୍କାର ହୋଇଅଛି।

ଖୋରଧାରୁ ୭ଜଣ ଅମୀନ ଓ ଚେଇନ୍‌ମ୍ୟାନ୍ ଜଲକର ଜରିବକାର୍ଯ୍ୟ ସକାଶେ କଲେକ୍ଟର ସାହେବଙ୍କ ଲେଖିବାମତେ ଆସିଅଛନ୍ତି। ମେଦିନୀପୁରରୁ ଅମୀନ ଆସିବାର ସ୍ଥଗିତ ହୋଇଅଛି କି ନା ଜଣାଯାଇ ନାହିଁ। ଓଡ଼ିଆ ଉମେଦବାରଙ୍କପ୍ରତି କଲେକ୍ଟରଙ୍କର କି ଦୟା ହେବ ନାହିଁ?

ଖୋରଧାରେ ଆଦୌ ବୃଷ୍ଟି ନାହିଁ ଓ ଝରଣ ପାଣି ପାଉଥିବା କ୍ଷେତ ଛଡା ସମସ୍ତ କ୍ଷେତ ମରିଗଲାଣି। ଚାଉଳ ଟଙ୍କାକୁ ସେ ୭ ର ବିକ୍ରୟ ହେଉଅଛି। ଶ୍ରୀଯୁକ୍ତ କମିଶନର ସାହେବ କିଛି ଧାନ ଢେଙ୍କାନାଳରୁ ଅଣାଇ ସେଠାକୁ ପଠାଉଅଛନ୍ତି। ଏଥିରେ କେତେଲୋକର ଉପକାର ହେବ!

ବାଲେଶ୍ୱରରେ ଫସଲର ଚିନ୍ତା ନାହିଁ। ରପ୍ତାନୀ ମଧ ଊଣା ଓ ଚାଉଳର ଦର କମି ହେଲଣି।

ମୟୂରଭଞ୍ଜରୁ ଡାକ୍ତର ବେରଯ୍ନାଏଡ଼ ଲେଖିଅଛନ୍ତି କି ସେ ଗତ ସେପ୍ଟେମ୍ବରମାସ ତା ୩୦ ରିଖରେ ଏକ ବ୍ୟକ୍ତିର ସେ ୧୩ ର ଓଜନର କୁରୁଣ୍ଡ କାଟିଅଛନ୍ତି। ସେ ବ୍ୟକ୍ତିର ଚିକିତ୍ସା ହେଉଅଛି ଓ ଭଲ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ତାହାର ବୟସ ବ ୩୫ ର୍ଷ ଅଟଇ।

ମାନ୍ଦ୍ରାଜଟାଇମସ୍‌ରେ ଲେଖାଅଛି ଯେ ପ୍ରଚ-

Digitized by srujanika@gmail.com

ଗତ ବର୍ଷଙ୍କର ଦୁର୍ଭିକ୍ଷ ସମୟଠାରୁ ବେଙ୍ଗଲ ପଟନାଷ୍ଟେଟ ଖଜଣା ଉପରର ଧୂମ ଲାଗିଅଛି ଓ ଲୋକଙ୍କ ଘର କବାଟ ବାସନ ଗୋରୁଇତ୍ୟାଦି କ୍ରୋକ ଓ ନିଲାମ ହେଉଅଛି । ଗବର୍ଣ୍ଣମେଣ୍ଟଙ୍କୁ ଏକଥା ଜଣା ନାହିଁ । ଏଡେ ସାହାଯ୍ୟ ପୁଣି ଏତେ ନିଷ୍ଠୁରତା !

ମାଞ୍ଚେଷ୍ଟରନଗରରେ ଗୋଟିଏ ଟାଉନହଲ ଗୃହ ନିର୍ମାଣ ହୋଇଅଛି ଓ ତହିଁରେ ଏକକୋଟି ଟଙ୍କା ଖର୍ଚ୍ଚ ପଡ଼ିଅଛି । ସେ ଦିନ ଏ ଗୃହର ପ୍ରତିଷ୍ଠା ହେଲା ମାତ୍ର ଶ୍ରୀମତୀମହାରାଣୀ ସେଠାକୁ ବିଜେ ନ କଲେ ବୋଲି ଲୋକଙ୍କର ବଡ଼ ଦୁଃଖ ହେଲା ।

ଆଣ୍ଡାମାନ ଓ ନିକୋବରଦ୍ୱୀପମାନଙ୍କରେ ୧୭୬୧ ଜଣ କଏଦୀ ଟିକଟପାଇ ନଗରମଧ୍ୟରେ ରହି ଯେ ଯାହା ରୁଚିଅନୁସାରେ ନାନା ବ୍ୟବସାୟ ଓ ଗୃହକର୍ମ କରୁଅଛନ୍ତି । ଏଥିମଧ୍ୟରେ ୫୦୦ ସ୍ତ୍ରୀ ଅଛନ୍ତି ଯେ ସେମାନେ ଗୋଟିଏ ବିବାହ ହୋଇ ସ୍ୱାମିଙ୍କର ଘରକରଣା ଅବୋର ବସିଅଛନ୍ତି ।

ଏ ଦ୍ୱୀପମାନଙ୍କରେ ଉପଦଂଶରୋଗ ଭିନ୍ନ ଗତବର୍ଷ ହେବ ପ୍ରକାଶ ପାଇଅଛି ଏଥିପୂର୍ବେ ତାହା ଦେଖା ନ ଥିଲା । ଗବର୍ଣ୍ଣମେଣ୍ଟ ଏଥିର ଅନୁସନ୍ଧାନ କରୁଅଛନ୍ତି ।

ଚିଠିଡାକମହକୁମାର କର୍ମଚାରୀଙ୍କପ୍ରତି ଗବର୍ଣ୍ଣମେଣ୍ଟ କିଞ୍ଚିତ ଅନୁକୂଳ ହେବାକୁ ମନସ୍ଥ କରିଅଛନ୍ତି ବୋଲି ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି । ରବିବାରଦିନ ଚିଠି ରେଜେଷ୍ଟ୍ରୀ ଓ ବାଙ୍ଗିଡାକ ଗ୍ରହଣଇତ୍ୟାଦି କାର୍ଯ୍ୟ ହେବ ନାହିଁ ଓ କେବଳ ଏକଥର ଚିଠି ବଣ୍ଟନ ହେବ । ପୋଷ୍ଟମାଷ୍ଟରମାନେ କିଞ୍ଚିତ ଅବକାଶ ପାଇଲେ ବଡ଼ ଆନନ୍ଦିତ ହେବେ ।

ଗବର୍ଣ୍ଣମେଣ୍ଟବଙ୍ଗାଳ ବିଜ୍ଞାପନ ଦେଇଅଛନ୍ତି ଯେ ଯେସମସ୍ତ ଜିଲ୍ଲାରେ ପବ୍ଲିକ୍‌ୱର୍କସ୍ କର ଆଦାୟର ଆଇନ ଜାରି ହୋଇଅଛି ସେଠାରେ ଗତ ଅକ୍ଟୋବରମାସ ତା ୧ ରଖ ଠାରୁ ବର୍ଷ ଆରମ୍ଭ ହେବ । ସୁତରାଂ ଏ କର ଆଦାୟର ବନ୍ଦୋବସ୍ତ ଆରମ୍ଭ ହେଲାଣି ।

## ପ୍ରେରିତ ପତ୍ର ।

### ପୂର୍ଣ୍ଣିମାର ନିଶାକାଳ ।

୧

ଆହା କି ସୁଚିତ୍ର — ଗଗନ ସ୍ୱଚ୍ଛ
ଶୁଭ୍ର ତାରାବଳୀ — ଦୀପରୂପେ ଜ୍ୱଳ
ଅପୂର୍ବ ସୁନ୍ଦର ପ୍ରକୃତିରାଜ୍ୟେ ।
ନିସ୍ତବ୍ଧ ସକଳ — ନାହିଁ ଗଣ୍ଡଗୋଳ
ସରିତର ଜଳ — ସ୍ଥିର ଟଳ ଟଳ
ସୁନିର୍ମଳ ବିଧୁମଣ୍ଡଳ ସଙ୍ଗେ ।

୨

ଦେଖି ଚନ୍ଦ୍ରରୂପ — ଭାବେ ନାନାରୂପ
ପ୍ରକୃତି ମସ୍ତକେ — କେ ଦେଲା ଛଟକେ
ଏ ସିନ୍ଦୂରଟୋପା ଅତି ଯତନେ ।
କିବା ସ୍ୱର୍ଣ୍ଣଥାଳୀ — ଧରି ବଢ଼ିବାଳୀ
ଭକ୍ତି ସହକାରେ — ଆନନ୍ଦ ଭାବରେ
ଉପହାରେ ପୂଜେ ଜଗଜ୍ଜୀବନେ ।

୩

ମନ୍ଦ ସମୀରଣ — ବହେ କ୍ଷଣ କ୍ଷଣ
ତନୁ ରୋମାଞ୍ଚିତ — ପଲ୍ଲବ ଦୋଳିତ
ଶୁରୁ ଶୁରୁ ଶବ୍ଦ ତରୁସ୍କନ୍ଧରେ ।
ଦେଖି ପବମାନ — କରେ ଅନୁମାନ
ରଜନୀ କାମିନୀ — ଭାବୁକ ମୋହିନୀ
କ୍ଷଣିକ ନିଶ୍ୱାସ ଛାଡୁଛି କରେ ।

୪

ନିଶାର ତୁଷାର — ଅତି ଅନିବାର
ହୋଇ ଟପ ଟପ — ପଡ଼େ ଥପ ଥପ
ଅଭିଷିକ୍ତ କରେ ମେଦିନୀ ଦେହେ ।
ନକ୍ଷତ୍ର ମଣ୍ଡଳୀ — ଚନ୍ଦ୍ରେ ଅଲୋକିତା
ପବନ ସେବିତା — ତହୁଁ ପୁଲକିତା
ରଜନୀ ଆନନ୍ଦ ଅଶ୍ରୁ କି ବହେ ।

୫

ଭାରେ ଅବନତ — ଅଟଇ ସତତ
ସୂର୍ଯ୍ୟରେ ତାପିତ — ହେଉ କ୍ଲେଶାନ୍ୱିତ
ମେଦିନୀ ମଣ୍ଡଳ; ଏ ଭାବ ଜାଣି ।
ସତେ ନିଶାକର — ହୋଇ ଦୟାପର
ତାର କ୍ଲେଶରାଶି — ଦେବାକୁ କି ନାଶି
ସୁଶୀତଳ ଜଳ ସିଞ୍ଚଇ ଆଣି ।

୬

ଯେତେକ ଗ୍ରହିତର — ଗଗନେ ବିହାର
କରି ନାନାରୂପେ — ପ୍ରହରୀ ସ୍ୱରୂପେ
ଦେଖନ୍ତି ପ୍ରକୃତି ଶୋଭା ନୟନେ ।
ସୁନୀଳ ସାଗର — ପାଇ ଚନ୍ଦ୍ରକର
ଅହ୍ଲାଦେ ଫୁଲ୍ଲଇ — ଢେଉ ଗରଜଇ
ସୁବର୍ଣ୍ଣ ସୁନ୍ଦରରୂପ ଦର୍ଶନେ ।

୭

ଭାବଇ ଭାବୁକ — ହୋଇ ଜାଗରୂକ
ଏ କି ଚମତ୍କାର — ନୀଳ ପାରାବାର
ସୁବର୍ଣ୍ଣ ସ୍ୱରୂପ ରୂପେ ବିଶଦେ ।
ନୁହେ ବା ସାଗର — ସୁବର୍ଣ୍ଣ ଅନ୍ତର
ତରଳିତ ହୋଇ — ଏପରି ଫୁଟଇ
ମେଦିନୀ ଗର୍ଭର ତାପର କାର୍ଯ୍ୟେ ।

୮

ଉଜ୍ଜ୍ୱଳ ସୁନ୍ଦର — ପୋତାଦି ନିକର
ସାଗର ବକ୍ଷରେ — ଗମ୍ଭୀର ସ୍ୱରରେ
ମନ୍ଥି ଜଳରାଶି କରେ ଗମନ ।
ଭାବଇ ଭାବୁକ — ହୋଇଣ ଉତ୍ସୁକ
ଭୂତଳ ଗଗନେ — ସୁନ୍ଦର ସ୍ଥଳେ
ପକ୍ଷିତ୍ରୟ କି ଏ ଉଡ୍ଡୀୟମାନ ।

୯

ଉନ୍ନତ ପର୍ବତ — ତରୁ ଲତାବୃତ
ତହିଁରୁ ନିର୍ଝର — ବହେ ଝର ଝର
ମର ମର ଶବ୍ଦେ ପୂର୍ଣ୍ଣ ସେ ସ୍ଥଳ ।
କୁସୁମ କାନନେ — ସେହି ରମ୍ୟ ସ୍ଥାନେ
ଈଶ୍ୱର ଭଜନେ — ଋଷିଙ୍କର ମନେ
ଆନନ୍ଦର ସ୍ରୋତ ହୁଏ ପ୍ରବଳ ।

୧୦

ବିସ୍ତୀର୍ଣ୍ଣ କାନନ — ତୁଙ୍ଗ ନିକେତନ
ନଗର ପ୍ରଦେଶ — ଅନନ୍ତ ଆକାଶ
ସକଳେ ନିବେଶ ଯୋଗସାଧନେ ।
ପ୍ରକୃତି କ୍ଷମତା — କରୁଛନ୍ତି ଚିନ୍ତା
ଗମ୍ଭୀର ଭାବରେ — ଉଚ୍ଚ ଉଦ୍ଦେଶ୍ୟରେ
ଭାବୁକ ବିଶ୍ୱରେ ଏକଥା ମନେ ।

## ବିଜ୍ଞାପନ ।

# ବାବାଜୀ ନାଟକ ।

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ଚରିତ୍ର ଓ ଉପଦେଶ, ବାବାଜୀଙ୍କ ମହିମା, ମଠଧାରିଙ୍କ ଅତ୍ୟାଚାର, ହରିବାବୁର ମୂର୍ଖପଣ, ନବ୍ୟ ବାବୁ ଓ ଦେଶୀୟ ଖ୍ରୀଷ୍ଟିୟାନର କୁସଂସ୍କାର, ଡାଆଣୀ ଭୂତ, ସାରଦ୍ଧିବିଦ୍ୟା ଏବଂ ସନ୍ଧ୍ୟା ଓ ହୃଦୟର କଥାମାନ ଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ପ୍ରତିଖଣ୍ଡ ଦୁଇଅଣା ।

ଶ୍ରୀ ଜଗନ୍ମୋହନଲାଲ
ଗ୍ରନ୍ଥକର୍ତ୍ତା ।

## ସିନ୍‌କୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନପରି ଏହା ସାମାନ୍ୟ ଏବଂ କମ୍ପଜ୍ୱରର ଅବସ୍ଥାରେ ସମାନ ଉପକାରୀ ଔଷଧ । ଟିଣରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ୧୨ ଟଙ୍କା, ଡାକଖର୍ଚ୍ଚ ଏକ ଟଙ୍କା ଅଧିକ ପଡ଼ିବ ।

କଲିକତା ସନ୍ନିକଟ ହାବଡ଼ାସ୍ଥ ବଟାନିକେଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହେବ ।

ଏହି ଉତ୍କଳଦୀପିକା ସମ୍ପାଦକଙ୍କ [illegible] କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଶ
ସଂ ୪୪ ଖ୍ୟା

ତା ୧୦ ରଖ ମାହେ ନବେମ୍ବର ସନ ୧୮୭୭ ମସିହା । ମୂ । କାର୍ତ୍ତିକ ବ ୨୭ ନ ସନ ୧୨୮୫ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୮
ମଫସଲପାଇଁ ଡାକମାସୁଲ ଟ୧॥୵

ଉତ୍କଳଦର୍ପଣରେ ଲେଖାଅଛି ଯେ ତାଡ଼କେଶ୍ୱରର ମହନ୍ତ ମାଧବଗିର କ ଯାହାଙ୍କର ଦୁଃଶ୍ଚରିତ୍ର ଓ କାରାବାସ ଦଣ୍ଡ ଭୋଗର କଥା ପାଠକଙ୍କଠାରେ ଅପ୍ରକାଶ୍ୟ ନାହିଁ ଜଣେ ଉତ୍କଳୀୟ ଅର୍ଥାତ ବାଲେଶ୍ୱର ନଗର ଅନ୍ତଃପାତ ବଟେଶ୍ୱରବାସୀ ବିଶ୍ୱନାଥପଣ୍ଡାଙ୍କର ପୁତ୍ର ଅଟନ୍ତି । ଏହାଙ୍କନାମ ରଘୁନାଥପଣ୍ଡା ଥିଲା । କପର ଏ ମହାଶୟ ବଟେଶ୍ୱରରୁ ତାଡ଼କେଶ୍ୱରକୁ ଯାଇ ମାଧବଗିର ହେଲେ ଦର୍ପଣ ତାହା ବିସ୍ତାର କରି କହିଥିଲେ ବଡ଼ ଉତ୍ତମ ହୋଇ ଥାନ୍ତା । ଯାହା ହେଉ ଏ କଥା ସତ୍ୟ ହେଲେ ବ୍ରାହ୍ମଣ ଭିତରେ ପଣ୍ଡା ବୋଲି ଯେଉଁ ପ୍ରବାଦ ଅଛି ତାହା ସାର୍ଥ ହେଲା ।

---

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ବାଲେଶ୍ୱର ରୋଡ଼ସେସ କଟେଶିର କାର୍ଯ୍ୟ ଅତ୍ୟନ୍ତ ବିଶୃଙ୍ଖଳାରେ ଚଳୁଅଛି । ପଥକର ଆଦାୟର ନୋଟିସମାନ ଭୂମିର ବର୍ତ୍ତମାନ୍ ଅଧିକାରିଙ୍କ ନାମରେ ନ ବାହାରି ଯାହାଙ୍କ ନାମ ବନ୍ଦୋବସ୍ତ ସମୟରେ କଲେକ୍ଟରୀରେ ରେଜେଷ୍ଟରୀ ହୋଇ ଥିଲା ତାହାଙ୍କ ନାମରେ ବାହାରୁଅଛି ଓ ପିଆଦା ସେମାନଙ୍କଘର ଖୋଜି ୨ ନୋଟିସ ଜାରିକରି କଂସା ଲୋଟା କବାଟ ଇତ୍ୟାଦ ଯାହା ତାହାଙ୍କ ହାତରେ ପଡ଼ୁଅଛି ନିଲାମ କରି ନେଉ ଅଛନ୍ତି ଏଥିରେ ଏହି ଫଳ ହେଉଅଛି କି ଅନେକ ଲୋକଙ୍କର ପିତା ବା ପିତାମହ ଜମି ବିକ୍ରୟକରି ଦେଇଥିବା ପ୍ରତ୍ୟକ୍ଷେ ବର୍ତ୍ତମାନ ତାହାଙ୍କୁ ଅନର୍ଥକ ପଥକର ଦେବାକୁ ପଡ଼ୁଅଛି ଓ ଜମିର ବର୍ତ୍ତମାନ୍ ମାଲିକ ଭିନ୍ନ ହୋଇ ଫଳଭୋଗ କରୁଅଛି । ରୋଡ଼ସେସ କଟେଶିର କାର୍ଯ୍ୟ ଏଡ଼େ ଶିଥିଳରୂପେ ନିର୍ବାହ ହେଉ ଥିଲେ ବଡ଼ ଅତ୍ୟାଶ୍ଚର୍ଯ୍ୟର ବିଷୟ ଅଟଇ ସନ୍ଦେହ ନାହିଁ ଏବଂ ବଡ଼ ଦୁଃଖରବିଷୟ ଯେ ପ୍ରାୟ ପାଞ୍ଚବର୍ଷ ପଥକର ନିଆଯାଉଥିବା ପ୍ରତ୍ୟକ୍ଷେ ଅଦ୍ୟାପି ସେରସ୍ତା ସକଳ ହୋଇ ନାହିଁ । ଏ ଜିଲ୍ଲାରେ ଏ ପରି ଗୋଳମାଳ ହେବାର ଆମ୍ଭେମାନେ କେବେ ଶୁଣି ନାହୁଁ ।

---

କଟକ ଖାସମହାଲର ନୂତନ ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟରୁ ମଞ୍ଜୁର ହୋଇଅଛି । ଏ ବନ୍ଦୋବସ୍ତ ବ ୨୦ ବର୍ଷ ଅର୍ଥାତ ସନ ୧୮୯୭ ସାଲ ପର୍ଯ୍ୟନ୍ତ ପ୍ରବଳ ରହିବ । ଯେତେବେଳେ ବନ୍ଦୋବସ୍ତର ପ୍ରସ୍ତାବ ହେଲା ସେତେବେଳେ ଖାସମାହାଲର ଜମା ଷାଠିଏହଜାର ହେବ ବୋଲି କଲେକ୍ଟରସାହେବ ଅନୁମାନ କରିଥିଲେ କମିଶନରସାହେବ ପ୍ରଜାଙ୍କପ୍ରତି କୃପାକରି କୋଡ଼ିଏହଜାର ଟଙ୍କା କାଟିଦେଇ ଚାଳିଶ ହଜାର ଜମା ହେବାର ଇଷ୍ଟିମିଟ କଲେ । ମାତ୍ର ବନ୍ଦୋବସ୍ତରେ ଦଶହଜାର କେତେଶଟଙ୍କା ହେଲା ଆଉ ବଢ଼ିପାରିଲା ନାହିଁ । ପୂର୍ବଜମା ଅଢ଼େଇ ହଜାର ଟଙ୍କାରୁ କିଛି ବେଶୀ ଥିଲା ସୁତରାଂ ଚାରିଗୁଣ ଜମା ବଢିଅଛି ଓ ଏଥିରେ ସୁଦ୍ଧା ଅନେକଲୋକ ଅସନ୍ତୁଷ୍ଟ ଅଛନ୍ତି । ଫଳତଃ ଷାଠିଏହଜାର ଟଙ୍କାର ଅନୁମାନ ଅତ୍ୟନ୍ତ କଷାକସିରେ ଦଶହଜାରରେ ଛିଡ଼ା ହେବା କଥା ମନେକଲେ ହାକିମଙ୍କର ସ୍ଥାନୀୟ ଜ୍ଞାନର କି ଚମତ୍କାର ଉଦାହରଣ ପ୍ରକାଶ ପାଉଅଛି । ଏଥିରୁ କେବଳ ଏତିକି ଜଣାଯାଏ ଯେ ସ୍ଥାନୀୟ ହାକିମ ମାନେ ଜମା ବୃଦ୍ଧି ସକାଶେ ନିତାନ୍ତ ଚେଷ୍ଟିତ ଥିଲେ ଓ ଯେହିହେତୁ ଚାରିଗୁଣ ଜମା ବଢିଲା ନୋହିଲେ ଆହୁରି ଦୁଇ ଏକ ହଜାର ଟଙ୍କା ଊଣା ହୋଇଥାନ୍ତା ଓ କୌଣସି ପ୍ରଜାକୁ ବାଧନ୍ତା ନାହିଁ । ବାବୁ ଅନ୍ନଦାପ୍ରସାଦଘୋଷ ଡେପୁଟୀ କଲେକ୍ଟର ଏ ବନ୍ଦୋବସ୍ତ କରିଥିଲେ ଓ ସେ ଉପରସ୍ଥ ହାକିମ ଓ ପ୍ରଜାଙ୍କ ମରଜି ଯୋଗାଇ ଏ କାର୍ଯ୍ୟ ଅତି ସନ୍ତୋଷଜନକରୂପେ ନିର୍ବାହ କରି ଅଛନ୍ତି ବୋଲିବାକୁ ହେବ ।

---

ଗତ ରବିବାର ଦୀପାବଳୀ ପର୍ବ କୌଣସିରୂପେ ଶେଷ ହେଲା । ଲୋକମାନେ କେବଳ ଧର୍ମ ପାଳିବା ଅନୁରୋଧରେ ଦୀପଦାନ କରିଥିଲେ ମାତ୍ର ରୋଷନାଇର ଉତ୍ସାହ କିଛି ଦେଖାଗଲା ନାହିଁ । ପ୍ରାୟ ସନ୍ଧ୍ୟା ଘ ୭ ଣ୍ଟା ସମୟରେ ଦୀପ ଜାଳିବାର ଆରମ୍ଭ ହେଲା ଓ ଘ ୮ ଣ୍ଟା ଉତ୍ତାରୁ ଗୋଟିଏ ୨ ଲିଭିବାର ଆରମ୍ଭ ହୋଇ ରାତ୍ରି ଘ ୧୦ ଣ୍ଟା ବେଳକୁ ପ୍ରାୟ ସବୁଆଡ଼େ ଅମାବାସ୍ୟାର ଘୋର ଅନ୍ଧକାର ରାଜ୍ୟ ବିସ୍ତାର କଲା ଓ ରାତ୍ରି ଘ ୧୧ ଣ୍ଟା ସମୟରେ ଅନ୍ୟଦିନପ୍ରାୟ

Digitized by srujanika@gmail.com

ଦୋକାନସବୁ ପଡିଗଲା ଓ ବାଟରେ ଯିବା ଆସିବା ବନ୍ଦ ହେଲା । ପୂର୍ବେ ଏ ସ୍ଥଳସବୁ ଲୋକେ ଜଗିରହି ନାନାଦି କ୍ରୀଡ଼ା ଓ ଆମୋଦ କରୁଥିଲେ ଓ ସଡ଼କ ବାଟମାନଙ୍କରେ ପ୍ରାୟ ସକାଳପର୍ଯ୍ୟନ୍ତ ଠାବଠାବରେ ଅଲୁଅ ଜଳୁଥିଲା କିନ୍ତୁ କାଳର ଗତିରେ ଲୋକେ ବ୍ୟସ୍ତ ହୋଇ ଧର୍ମ କର୍ମ ଛାଡିବାକୁ ବସିଲେଣି । ପୂର୍ବପ୍ରାୟ ଅଥବା ତହିଁରୁ ଅଧିକ ଟଙ୍କା ବ୍ୟୟ ହେଉଅଛି ମାତ୍ର ତେତେ ଦ୍ରବ୍ୟ କାହିଁ ! ଘିଅର ମୂଲ୍ୟ ଦେଇ ଲୋକେ ତେଲ କିଣୁଅଛନ୍ତି ଏଥିରେ କି ଶୋଷନାଇ ! ବାସ୍ତବରେ ହିନ୍ଦୁଧର୍ମ, କୌଡ଼ଯର ବଡ଼ ମହରଗ ଦିନକୁଦିନ ଦୁଷ୍ପ୍ରାପ୍ୟ ହୋଇ ଉଠିଲା ଏହା ଦେଖି ଚତୁର ଓ ବୁଦ୍ଧିମାନ୍‌ମାନେ ବ୍ୟୟସାଧ୍ୟ କ୍ରିୟାକଲାପ ଛାଡି ପାପଡ଼ ପ୍ରକାରରେ ଉଦ୍ଧାରର ଉପାୟ ଖୋଜିଲେଣି କେବଳ ଯେଉଁମାନେ ଭ୍ରମାନ୍ଧକାରରେ ପଡିଅଛନ୍ତି ସେହିମାନେ ବଡ଼ବଡ଼ୁଆଙ୍କ ବାଟକୁ ଥରେ ଦେଖିବା ସକାଶେ ଦଶ ପାଞ୍ଚଟା ଦୀପ ଜାଳୁଅଛନ୍ତି ।

---

ଏ ସପ୍ତାହରେ ଯୁଦ୍ଧର ସମାଚାର ଏହିରୂପ ଆସିଅଛି ଯେ ସୁଲତାନ ତାରଡାକ ଯୋଗେ ଆପଣାର ବିଦେଶସ୍ଥ ପ୍ରତିନିଧିମାନଙ୍କୁ ଜଣାଇଅଛନ୍ତି କି ଗତମାସ ତା ୨,୩ ଓ ୪ ରଖରେ ଯାନଲିଲ ଓ ଗଲବେରନରେ ଘୋର ଯୁଦ୍ଧ ହୋଇଥିଲା ତହିଁରେ ତୁରକମାନେ ରୁଷୀୟଙ୍କୁ ପରାସ୍ତ କରି ଘୋର ଜୟଲାଭ କରିଅଛନ୍ତି ଓ ରୁଷୀୟଙ୍କର ୧୫୦୦୦ ସେନା ମରି ପଡିଅଛନ୍ତି । ରୁଷୀୟମାନେ ସମସ୍ତ ସମ୍ବାଦପତ୍ରର ସମ୍ବାଦଦାତାମାନଙ୍କୁ ବିଦାୟ ଦେଇଅଛନ୍ତି । ଏଥିର କାରଣ ଏହି ଜଣାଯାଏ ଯେ ରୋଗ ଓ କ୍ଲେଶ ହେତୁରୁ ସିପାହିଙ୍କ ଅବସ୍ଥା ଅତ୍ୟନ୍ତ ମନ୍ଦ ହୋଇଅଛି ଓ ରୁଷୀୟର ଇଚ୍ଛା ଯେ ତାହା ପ୍ରକାଶ ନ ହେଉ । ଏଣେ ଲଣ୍ଡନନଗରରୁ ତାରଡାକରେ ସମ୍ବାଦ ଆସଅଛି ଯେ ତୁରକମାନେ ଆରମିନୟାରେ ପରାସ୍ତ ହୋଇଅଛନ୍ତି ଓ ତାହାଙ୍କର ଦୁଇପଲଟନ ସେନା କଏଦ ହୋଇଅଛନ୍ତି ।

ତା ୨ ରଖ ନବମ୍ବରର ତାରସମ୍ବାଦରୁ ଜଣାଯାଏ ଯେ ରୁଷୀୟମାନେ ତବନାଳ ଓ ତେଲତର ଯୁଦ୍ଧରେ ସର୍ବସୁଦ୍ଧା ୭୮୦୦ ତୁରକ ସେନା ଓ ୨୦୦ ସରଦାର କଏଦ କରି ନେଇଥିବାର ସରକାରୀ ସମ୍ବାଦ ପ୍ରଚାର କରିଅଛନ୍ତି ଓ ଯୁଦ୍ଧ ଆରମ୍ଭଠାରୁ ତା ୨୫ ରଖ ଅକ୍ଟୋବର ପର୍ଯ୍ୟନ୍ତ ରୁଷୀୟ ସେନା ସର୍ବସୁଦ୍ଧା ୭୨୦୦୦ ମରି ପଡିଅଛନ୍ତି ।

ତା ୫ ରଖ ନବମ୍ବରର ସମ୍ବାଦରୁ ଜଣାଯାଏ ଯେ ଆରମିନୟାରେ ଘୋର ବରଫ ପଡିବାରୁ ରୁଷୀୟମାନେ ଏର୍ଜରୋମକୁ ଚଢାଉ କରିପାରି ନାହାନ୍ତି ଓ ଏଥିପୂର୍ବ ତାରିଖର ସମ୍ବାଦରୁ ଜଣାଯାଏ ଯେ ରୁଷୀୟମାନେ ପ୍ଲେବନାଦିଗକୁ ଚଢାଉ କରି ଆହୁରି ଦୁଇ ଏକ ନଗର ହସ୍ତଗତ କରିଅଛନ୍ତି ଓ ତହିଁରେ ତୁରକମାନଙ୍କର ବିସ୍ତର କ୍ଷତି ହୋଇଅଛି ।

ଏହିପ୍ରକାର ସମ୍ବାଦମାନ ଦୁଇଦିଗରୁ ଆସୁଅଛି ଓ ସେ ସମସ୍ତ ଆଲୋଚନା କଲେ ଏହି ଫଳ ପ୍ରାପ୍ତ ହୁଅଇ ଯେ ଉଭୟପକ୍ଷ ସମାନବଳରେ ଯୁଦ୍ଧ କରୁଅଛନ୍ତି ଓ ଅଦ୍ୟାପି କୌଣସି ପକ୍ଷ ଅପର ପକ୍ଷ ଉପରେ କିଛି ବିଶେଷ ଜୟଲାଭ କରି ନାହାନ୍ତି ।

---

ଇଂରାଜୀ ପ୍ରାଚୀନ ଇତିହାସରେ ଲେଖାଅଛି ଯେ ଜଳପ୍ଲାବନ ଉତ୍ତାରୁ ଲୋକେ ଆପଣା ରକ୍ଷା ସକାଶେ କେବଳ ନଗରରେ ଏକ ଉଚ୍ଚ ମନ୍ଦିର ନିର୍ମାଣ କରିବାକୁ ଆରମ୍ଭ କଲେ ମାତ୍ର ତାହା ଈଶ୍ୱରଙ୍କ ଅଭିପ୍ରାୟର ବିରୁଦ୍ଧ ହେବାରୁ ଏମନ୍ତ ହେବକୂଟ ହେଲା ଯେ ମନ୍ଦିର ନିର୍ମାଣୁଥିବା ଲୋକେ କେହି କାହାର କଥା ବୁଝିପାରିଲେ ନାହିଁ । କେହି ଚୂନ ମାଗିଲେ କେହି ଇଟା ବା କାଠ ବଢାଇଦେଲା ଏହିପରି ଭାଷାର ଗୋଳମାଳ ହେବାରୁ ସେ ମନ୍ଦିର ଆଉ ଗଢା ହୋଇ ପାରିଲା ନାହିଁ । ବଳପୂର୍ବକ ଜଳକର ନେବା ପ୍ରସ୍ତାବ ସମ୍ପର୍କରେ ସମ୍ପ୍ରତି ଓଡିଶାରେ ଯେଉଁ ଜରିବ ହେବାର ଆଜ୍ଞା ଗବର୍ଣ୍ଣମେଣ୍ଟରୁ ଆସିଅଛି ତହିଁରେ ଏହିପରି ଗୋଟିଏ ହେବକୂଟ ହେବାର ଜଣାଯାଏ । ଆମ୍ଭମାନଙ୍କ କଲେକ୍ଟର ବିଡନସାହେବ ମେଦନୀପୁରରେ ଜରିବ କାର୍ଯ୍ୟ କରୁଥିଲେ । ଏ ଦେଶକୁ ସେ ନୂଆ ଆସିଅଛନ୍ତି ଏଠାର ଅବସ୍ଥାସବୁ ଜାଣନ୍ତି ନାହିଁ । ଜରିବର ଆଜ୍ଞା ଗବର୍ଣ୍ଣମେଣ୍ଟରୁ ପ୍ରାପ୍ତ ହୋଇ ସେ ମେଦନୀପୁରରୁ ଏ କାର୍ଯ୍ୟସକାଶେ ଅମୀନ ଓ ଅମଲା ଆଣିବାର ବନ୍ଦୋବସ୍ତ କଲେ । ଏଠା ଗରିବ ଉମେଦବାରଙ୍କ ଦାନାରେ ଧୂଳି ପଡିଲା ଏହା ଈଶ୍ୱରଙ୍କର ଅଭିପ୍ରେତ ନୁହେ । କାଳମହଙ୍ଗାବେଳେ ବିଦେଶରୁ ଲୋକେ ଆସି ଦାନା ଖାଇବେ ଓ ଏଠାଲୋକେ ଗଡିମରିବେ ଏହା କେମନ୍ତକରି ସମ୍ଭବ ହେବ ସୁତରାଂ ଏମନ୍ତ ହେବକୂଟ ହେଲା ଯେ ଗତ କଟେଶ୍ୱରନରେ କଲେକ୍ଟରସାହେବ ଅମୀନ ଓ ଉଡ଼ିଆ ସଙ୍ଗେ ଯେବେ ଜଗତପୁରଠାରେ କାର୍ଯ୍ୟାରମ୍ଭ କରିବା ସମୟରେ ଦେଖିଲେ ଯେ ଅମୀନମାନେ ଉଡ଼ିଆ ଚିହ୍ନି ପାରୁ ନାହାନ୍ତି । ସାହେବ ହେଲେ ଇଂରେଜ, ଅମୀନମାନେ ବଙ୍ଗାଳୀ ଓ ଉଡ଼ିଆର ଭାଷା ଓଡିଆ ଏଥିରେ କିପରି କର୍ମ ହେବ । ଉଡ଼ିଆ ଫିତାଇ ଦୁଇ ଚାରିପୁଡା ଓଲଟପାଲଟ କରି ଦେଖିଲେ କେବଳ ଗୋଲକାର ଶୂନ୍ୟମଣ୍ଡଳ ଲେଖାଅଛି କିଛି ବୁଝାଯାଉ ନାହିଁ ! କେତେବେଳଯାଏ ଧନ୍ଦ ହୋଇ ଫେରିଆସିଲେ ଅମୀନମାନେ କେତେ ନିପୁଣ ହେଲେହେଁ ଏଠାର ଭାଷା ଓ ଉଡ଼ିଆ ଲେଖା ଖତରୁ ଅନଭିଜ୍ଞ ଓ ସାହେବ ମଧ୍ୟ ସେମାନଙ୍କୁ ଆଣାଇବାବେଳେ ଏପରି ଉଅଣ ଅଛିବୋଲି ଜାଣି ନ ଥିଲେ । ଏଥିରେ ପୁଣି ହେବକୂଟ ସୁତରାଂ କାହାର ଦୋଷ ନାହିଁ । ଏଣିକି କି ବନ୍ଦୋବସ୍ତ ହେଉଅଛି ଆମ୍ଭେମାନେ ଶୁଣି ନାହୁଁ । ଅନୁମାନ ହୁଅଇ ଶୀଘ୍ର କାର୍ଯ୍ୟ ନିକାଶ କରିବାର ପ୍ରୟୋଜନ ହେଲେ ଏଠା ଲୋକଙ୍କ ମଧ୍ୟରୁ ଅମୀନ ବଛାଯାଇ ନିଯୁକ୍ତ ହେବେ ଅଥବା ବିଳମ୍ବ ସହିଲେ ମେଦନାପୁରୀ ଅମୀନମାନଙ୍କୁ ନର୍ମାଲସ୍କୁଲରେ ଓଡିଆଭାଷା ଓ ଜମିଦାରୀସିରସ୍ତା ପ୍ରଭୃତି ଶିଖିବାସକାଶେ ବସାଇଦଆଯିବ ତାହା ହେଲେ ଦୁଇ ତିନମାସ ଉତ୍ତାରୁ ଏମାନେ କର୍ମ କରି ପାରିବେ ।

---

## ପୁରୀ ଦୁର୍ଭିକ୍ଷ ।

ମାନ୍ଦ୍ରାଜର ଦୁର୍ଭିକ୍ଷସାହାଯ୍ୟ ସକାଶେ କଲିକତାରେ ଯେଉଁ ସଭା ବସିଅଛି ତହିଁର ଗତମାସ ତା ୨୫ ରଖର ଅଧିବେଶନର ବିବରଣ ଡେଲିନ୍ୟୁସରେ ପ୍ରକାଶ ହୋଇଅଛି । ଆମ୍ଭେମାନେ ତହିଁରୁ ପୁରୀ ଦୁର୍ଭିକ୍ଷର ସବିଶେଷ ବିବରଣ ଅବଗତ ହୋଇ ବଡ଼ ଦୁଃଖିତ ହେଲୁଁ । ଜଣାଯାଏ ଯେ ଚିଲିକା ଓ ସମୁଦ୍ର ମଧ୍ୟରେ ପୁରୀଜିଲ୍ଲାର ଯେଉଁ ଭୂମିଖଣ୍ଡ ଅଛି ତହିଁରେ ଦୁର୍ଭିକ୍ଷ ପଡିଅଛି । ପୁରୀ କଲେକ୍ଟର ବାବୁ କୁମୁଦନାଥ ମୁଖର୍ଯ୍ୟା ସବ୍‌ଡେପୁଟୀ କଲେକ୍ଟରଙ୍କୁ ଉକ୍ତ ସ୍ଥାନକୁ ସାହାଯ୍ୟ ବିତରଣ ସକାଶେ ପଠାଇ ଅଛନ୍ତି । ସବ୍‌ଡେପୁଟୀ ମହାଶୟ ମାଲୁଦ ଓ ବକ୍ରକୋଟ ପରଗନାମାନ ଦେଖି ରିପୋର୍ଟ କରିଅଛନ୍ତି କି " ଯେତେ ଭୂମିରେ ଧାନ ଲାଗିଥିଲା ତହିଁ ମଧ୍ୟରୁ ପନରଅଣା ବିଲର ଗଛ ଜଳିଗଲାଣି । ବାକି ଏକଅଣା ଜମି କିଛି ଗହିର ଥିବାରୁ ତହିଁର ଗଛ ଅଦ୍ୟାପି ସାଗୁଆବର୍ଣ୍ଣ ଦିଶୁ-

Split by PDF Splitter
Digitized by srujanika@gmail.com

Split by PDF Splitter



ଅଛି । ଏପରି ଗତ ୬।୭ ଖଣ୍ଡ ଗ୍ରାମରେ ଦେଖା ଯାଏ ଓ ଯେବେ ଏ ଧାନ ଉଭୁରିଯିବ ତେବେ ମୌଜାବାସିମାନେ ଏକପ୍ରକାର ନିର୍ବାହ ହୋଇ ଯିବେ । ଏ ଅଞ୍ଚଳର ଲୋକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଟଇ । ଏମାନଙ୍କଘରେ ପୁରୁଣା-ଧାନ ନାହିଁ ଓ ଏହାଙ୍କ ରୂପରୁ ଜଣାଯାଏ ଯେ ଏହାଙ୍କ ହାତରେ ଧନ ସୁଦ୍ଧା ନାହିଁ । ଯାହା ହାତରେ ଅତ୍ୟଳ୍ପ କିଛି ଥିଲା ତାହା ଏ ବର୍ଷ ଉତ୍ସବରେ ଚାଉଳ କିଣି ଖାଇବାରେ ଖର୍ଚ୍ଚ ହୋଇ ଯାଇଅଛି । ଧାନ ଗଛ ଏମାନଙ୍କର ଏକମାତ୍ର ଜୀବନ ରକ୍ଷାର ଉପାୟ ଓ ଯେତେବେଳେ ତାହା ନଷ୍ଟ ହୋଇଅଛି ସେ ସ୍ଥଳେ ଏମାନଙ୍କର ଅବସ୍ଥା ଜାଣିବା କିଛି କଠିନ ନୁହଇ । ବର୍ତ୍ତମାନ୍ ସାତଗୋଟା ସାହାଯ୍ୟକର୍ମ ଆରମ୍ଭ ହୋଇ ଅଛି ଅର୍ଥାତ ୬ ଟା ପୋଖରୀ ଏବଂ ଗୋଟାଏ ବନ୍ଧ । ପୋତା ପୋଖରୀ ସବୁ ଗଭୀର ଓ ବୃଦ୍ଧିକରା ଯାଉଅଛି ଓ ତହିଁର ଜଳ ନିକଟବର୍ତ୍ତୀ କ୍ଷେତକୁ ବୁହାଇ ଦିଆଯାଇଅଛି ୮୦୦ ଲୋକ କର୍ମ କରୁଅଛନ୍ତି କିନ୍ତୁ ଏହାର ତିନିଗୁଣ ଲୋକ କର୍ମ କରିବାକୁ ଆସୁ ଅଛନ୍ତି ମାତ୍ର ପ୍ରଚୁର ଟଙ୍କା ନ ଥିବାରୁ ସେମାନଙ୍କୁ ବାଧ ହୋଇ ଫେରାଇ ଦେଉ ଅଛୁ । ପ୍ରତିଦିନ ଏକ ଶତଟଙ୍କା ଖର୍ଚ୍ଚ କରିବାର ନିୟମ ହୋଇ ଅଛି ଏବଂ ଏଥିରେ ସୁଦ୍ଧା କେବଳ ଦ ୧୮ ନର ଟଙ୍କା ହାତରେ ଅଛି । ଯେଉଁମାନେ କର୍ମ ପାଉ ନାହାନ୍ତି ତାହାଙ୍କୁ ଅନ୍ୟ ସ୍ଥାନକୁ ଯାଇ କର୍ମ କରିବାକୁ କହିଲେ ସେମାନେ ସମ୍ମତ ହେଉ ନାହାନ୍ତି । ସ୍ତ୍ରୀପୁତ୍ରଙ୍କୁ ଦୁଃଖରେ ଛାଡି ଅନ୍ୟତ୍ରକୁ ଯିବା ଅପେକ୍ଷା ଘରେ ମରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି ଓ କୋବୁଅ, ଶାଗ, ବଣ୍ୟଫଳ ଇତ୍ୟାଦ ଖାଇ ପ୍ରାଣ ବଞ୍ଚାଉ ଅଛନ୍ତି । ଆମ୍ଭେ ଅବଧି ପାରିକୁଦକୁ ଯାଇ ନାହୁଁ କିନ୍ତୁ ଶୁଣୁଅଛୁଁ ଯେ ସେଠାରେ ମଧ୍ୟ ଲୋକେ ବଡ଼ ଦୁଃଖ ପାଉ ଅଛନ୍ତି । ”

ପୁରୀ ସାହାଯ୍ୟକମିଟିର ସେକ୍ରେଟରୀ ଏସମସ୍ତ ବିବରଣ କଲିକତାର କମିଟୀ ନିକଟକୁ ଲେଖି ପଠାଇବାରୁ ସେଠାରୁ ଟ ୩୦୦୦ ଙ୍କା ସାହାଯ୍ୟ ଆସିଅଛି । ଏଥିରେ ଅନେକ ଲୋକଙ୍କର ପ୍ରାଣ ବଞ୍ଚିବ । କିନ୍ତୁ ଯେଉଁଠାରେ ପ୍ରତିଦିନ ଟ ୧୦୦ ଙ୍କା ନିଅଣ୍ଟ ସେଠାରେ ଟ ୩୦୦୦ ଙ୍କାରେ ଏକମାସ ନିର୍ବାହ ହେବାର କଠିନ ନିତାନ୍ତ ପକ୍ଷରେ ଆଗାମୀ ବୈଶାଖପର୍ଯ୍ୟନ୍ତ ଆଠମାସକାଳ ଏମାନେ କିପରି ବଞ୍ଚିବେ ଏଥିର ବିଧାନ କରିବାର ଆବଶ୍ୟକ । ସାଧାରଣତଃ ବୋଧ ହୁଅଇ ଯେ ଓଡିଶାର ସର୍ବତ୍ରରେ ଭଲ ଫସଲ ହେଲେ ଦୁଇ ଚାରି ପରଗନାର ଲୋକଙ୍କୁ ଦୁର୍ଭିକ୍ଷ ବାଧିବ ଏମନ୍ତ ଅନୁଭବ କରିବା ଅଯୌକ୍ତିକ ଅଟଇ । ବାସ୍ତବରେ ସାଧାରଣ କାଳରେ ବାଧିବାର କଥା ନାହିଁ କିନ୍ତୁ ମାନ୍ଦ୍ରାଜ ଦୁର୍ଭିକ୍ଷ ହେତୁ ଏକ-ବର୍ଷକାଳ ଏଠାର କଣିକିଆମାନେ ପ୍ରଚୁର ଶସ୍ୟ ମଧ୍ୟରେ ଦୁର୍ଭିକ୍ଷ କଷ୍ଟ ସହି ଅସ୍ତବ୍ୟସ୍ତ ହୋଇ ଅଛନ୍ତି । ଏ ବର୍ଷ ଯେ ଚାଉଳ ଅଧିକ ଶସ୍ତା ହେବ ଏମନ୍ତ ଆଶା ଦିଶୁ ନାହିଁ । କାରଣ ଅବଧି ରପ୍ତାନୀ ବନ୍ଦ ହୋଇ ନାହିଁ ଓ ଯାହାଙ୍କ ହାତରେ ଧାନଅଛି ସେମାନଙ୍କର ଟଙ୍କାର ଅଭାବ ନ ଥିବାରୁ ବିକ୍ରୀ କରିବାକୁ ବ୍ୟସ୍ତ ନାହାନ୍ତି ସୁତରାଂ ଯେବେ ବର୍ତ୍ତମାନ୍ ପରି ବର୍ଷକଯାକ ଭାଉ ତେଜ ରହଇ ତେବେ ଦେଶରେ ଶସ୍ୟ ଥିଲେ ସୁଦ୍ଧା ସେମାନଙ୍କ କ୍ଲେଶ ଯିବ ନାହିଁ ଓ ସାହାଯ୍ୟ କରିବାର ଆବଶ୍ୟକ ପଡିବ ଅତଏବ ଆମ୍ଭେମାନେ ପୁରୀର ମରୁଡି ସ୍ଥାନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଜ୍ଞାନ କରୁଁ । ଓ ତହିଁପାଇଁ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତୁତ ହେବାର ଆବଶ୍ୟକ ।

---

ଖୋରଧାରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ସେ ଅଞ୍ଚଳରେ ବର୍ଷା ହେବାର ନାହିଁ ଧାନ କ୍ଷେତସବୁ ମରି ଗଲାଣି କେବଳ ଝରପାଣିର ନିକଟବର୍ତ୍ତୀ ଖଣ୍ଡେ୨ କ୍ଷେତ ବଞ୍ଚି ରହିଅଛି । ଚାଉଳ ଟଙ୍କାକୁ ସେ ୭ । ୮ ରରୁ ଅଧିକ ହେବାର ନାହିଁ ଓ ବନ୍ଦୋବସ୍ତ ଯୋଗୁଁ ହାକିମମାନେ ଅନେକ ଲୋକ ଏକତ୍ର କରିଅଛନ୍ତି ଅଥଚ ତାହାଙ୍କ ଆହାରର ଉପାୟ କରି ଦେଉ ନାହାନ୍ତି ବଡ ଦୁଃଖର ବିଷୟ ଅଟଇ । ଏସମୟରେ ହାକିମମାନଙ୍କର ଉଚିତ ଯେ ଓଡିଶାର ଯେଉଁ ଅଞ୍ଚଳରେ ଚାଉଳ ଶସ୍ତା ଅଛି ସେଠାରୁ ବିଶେଷରୂପେ ଚାଉଳ ଅଣାଇ ଏଠାରେ ଗୋଦାମ କରି ଦୁଃଖିମାନଙ୍କୁ ବିକ୍ରୟ କରିବାର ବନ୍ଦୋବସ୍ତ କରି ଦେଉନ୍ତୁ ନୋହିଲେ ରକ୍ଷା ହେବାର ଭରସା ନାହିଁ । ଖୋରଧା ଗବର୍ଣ୍ଣମେଣ୍ଟଙ୍କର ନିଜ ଜମିଦାରୀ ଏଠାରେ ସବୁ କାର୍ଯ୍ୟ ଗବର୍ଣ୍ଣମେଣ୍ଟଙ୍କୁ କରିବାକୁ ହେବ ଓ ତହିଁରେ ଅନ୍ୟ ଜମିଦାରମାନେ ଶିକ୍ଷା ପାଇବେ । ଶ୍ରୀଯୁକ୍ତ ଗ୍ରୀବ୍‌ସ ସାହେବ ଅତ୍ୟନ୍ତ ଦୟାଳୁ ସେ ପ୍ରତି ରବିବାର ଦରିଦ୍ରମାନଙ୍କୁ ଦଶଟଙ୍କାର ପଇସା ବାଣ୍ଟୁଅଛନ୍ତି । ସମ୍ପ୍ରତି ସେ ଫସଲର ଅବସ୍ଥା ଦେଖିବାପାଇଁ ମୋଫସଲକୁ ଯାଇଅଛନ୍ତି ଓ କେବଳ ଦରିଦ୍ରମାନଙ୍କୁ ବାଣ୍ଟିବାପାଇଁ ଟ ୩୦୧ ଙ୍କାର ଦୋଅଣି ସଙ୍ଗେ ନେଇଅଛନ୍ତି । ଏହାଙ୍କ ପରି ଦୟାଳୁ ହାକିମ ଅଳ୍ପ ଦେଖାଯାଏ ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଖୋରଧାର ଦୁରବସ୍ଥା ଶୁଣି ଶ୍ରୀଯୁକ୍ତ ଷାମ୍ସ ସାହେବ କମିଶ୍ନର ଦୁଇ ତିନିହଜାର ଟଙ୍କାର ଧାନ ଢେଙ୍କାନାଳରୁ ଅଣାଇ ଖୋରଧାକୁ ପଠାଇଅଛନ୍ତି ଏଥିରେ ସାହେବଙ୍କର ସେଠା ଦୁଃଖିଙ୍କ ପ୍ରତି ସହାନୁଭୂତି ଥିବାର ଲକ୍ଷଣ ପ୍ରକାଶ ପାଉଅଛି ଓ ଏଥିରେ କେତେଲୋକର ଉପକାର ହେଲେହେଁ ତାହା ସମୁଦ୍ରକୁ ଶଙ୍ଖେ ପାଣିପ୍ରାୟ ହେବ । ଆମ୍ଭମାନଙ୍କ ମତରେ ଏବର୍ଷ ଖୋରଧା ବନ୍ଦୋବସ୍ତ ସ୍ଥଗିତ ରଖି ଅତିରିକ୍ତ ଲୋକ ସେଠାରୁ ବିଦାୟ କରି ଦେଇ ପ୍ରଜାମାନଙ୍କୁ ବଞ୍ଚାଇବାର ବନ୍ଦୋବସ୍ତ କରିବା ପକ୍ଷରେ ଶ୍ରୀଯୁକ୍ତ କମିଶ୍ନର ସାହେବ ଯତ୍ନବାନ୍ ହେଉନ୍ତୁ ।

---

## ସାପ୍ତାହିକସଂବାଦ ।

ବମ୍ବେଇରୁ ସମ୍ବାଦ ଆସିଅଛି ଯେ ଚଳିତ ମାସ ତା ୫ ରିଖରେ ସର୍ବସୁଦ୍ଧା ୧୬୪୫୨୦ ଜଣ ଉକ୍ତ ପ୍ରଦେଶରେ କର୍ମ କରିବା ଅଥବା ବିନା ପରିଶ୍ରମଦ୍ୱାରା ସାହାଯ୍ୟ ପାଉଥିଲେ ଏଥି ମଧ୍ୟରେ ଅନାଥ ବାଳକ ବାଳିକା ସୁଦ୍ଧା ଅଛନ୍ତି । ଦେଶର ଅବସ୍ଥା କ୍ରମଶଃ ଭଲ ହେଉଅଛି ଓ କେବଳ ବେଲଗାଁ କଲେକ୍ଟରୀ ଇଲାକାରେ ଅତିରିକ୍ତ ବୃଷ୍ଟି ହୋଇଅଛି । ଶସ୍ୟର ମୂଲ୍ୟ ଅଧିକାଂଶ ସ୍ଥାନରେ ଊଣା ହୋଇଅଛି ବା ହେଉଅଛି । ମାନ୍ଦ୍ରାଜରେ ମଧ୍ୟ ସାହାଯ୍ୟ ପ୍ରାର୍ଥିଙ୍କ ସଂଖ୍ୟା ଊଣା ହେଉଅଛି ଓ ଭଲ ପାଗ ହେବାରୁ ଲୋକେ ସାହାଯ୍ୟ କର୍ମ ଛାଡି ଆପଣା ବିଲବାରି କର୍ମରେ ଲାଗିଅଛନ୍ତି ।

ଓଲାଉଠା ରୋଗ ଏ ନଗରକୁ ଛାଡିବାର ଆଶା ଦେଖାଯାଉ ନାହିଁ । ପ୍ରତିଦିନ ପ୍ରାୟ ଏକ ଏକଲୋକ ମରି ପଡୁଅଛନ୍ତି ଓ ଲୋକମାନେ ଚିକିତ୍ସାର ଉପାୟ ନ କରି କେବଳ କାଳଶୀ ଲଗାଇବା ଓ ସଙ୍କୀର୍ତ୍ତନ ଇତ୍ୟାଦିରେ ମାତିଅଛନ୍ତି ।

ଗତ ମଙ୍ଗଳବାର ଶ୍ରୀଯୁକ୍ତ ବାଉନ ସାହେବଙ୍କ କୋଠିରେ ଯେଉଁ ବୈଠକ ହୋଇଥିଲା ତହିଁର କାର୍ଯ୍ୟ ସବୁ ପୂର୍ବ ବୈଠକ ପ୍ରାୟ ହୋଇଥିଲା ।

Digitized by srujanika@gmail.com

Split by PDF Splitter



ଏଥର ଇଂରାଜ ବିଶେଷରେ ଚାକିରି କର୍ମଚାରୀଙ୍କ ସଂଖ୍ୟା ଊଣା ଥିଲା । ମାତ୍ର ଶ୍ରୀଯୁକ୍ତ ବଡନ ଓ ହାଣ୍ଡଲ ସାହେବଙ୍କ ସୌଜନ୍ୟଭାବରେ ଆମ୍ଭମାନଙ୍କ ଦେଶୀୟ ଭଦ୍ରଲୋକମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛନ୍ତି ଓ ସମସ୍ତେ ସାହେବ ଦ୍ୱୟଙ୍କର ପ୍ରଶଂସା କରୁଅଛନ୍ତି । ଇଂରାଜମାନଙ୍କ ପ୍ରକୃତ ଜାତୀୟଧର୍ମ ଶ୍ରୀଯୁକ୍ତ ବଡନ ସାହେବ ଏଠାରେ ପ୍ରଚାର କରିଦେଲେ ।

ଆଜି କାଲି ଏ ନଗରର ସଡକ ମରାମତି କର୍ମ ଯଥାବିହିତ ପ୍ରକାରରେ ଲାଗିଥିବାରୁ ଶ୍ରୀଯୁକ୍ତ ହାଣ୍ଡଲ ସାହେବଙ୍କୁ ଆମ୍ଭେମାନେ ଧନ୍ୟବାଦ ଦେଉଅଛୁଁ । ଅନେକ ବର୍ଷ ଉତ୍ତାରୁ ଏ ନଗରର ଦୁରବସ୍ଥା ମେଣ୍ଟିବାର ସମୟ ହୋଇଅଛି ।

ଏ ସପ୍ତାହର ଆରମ୍ଭରେ ଦିନେ ଆକାଶରେ ମେଘ ଦେଖା ଯାଇଥିଲା କିନ୍ତୁ ଗତ ଗୁରୁବାରରୁ ଆକାଶ ନିର୍ମଳ ଦେଖା ଯାଉଅଛି ଓ ସ୍ୱଭାବତ ଶୀତକାଳ ଆରମ୍ଭ ହେଲାଣି ।

ଗତ ଅଗଷ୍ଟ ମାସରେ କଟକ ନଗରକୁ ଦୁଇ ଲକ୍ଷ କୋଡିଏ ହଜାର ଟଙ୍କାର ଦ୍ରବ୍ୟ ସମୁଦ୍ରବାଟେ ଆମଦାନି ଓ ପ୍ରାୟ ଏତିକ ମୂଲ୍ୟର ଦ୍ରବ୍ୟ ରପ୍ତାନି ହୋଇଥିଲା ରପ୍ତାନି ମଧ୍ୟରେ ଦୁଇଲକ୍ଷ ଟଙ୍କାର ଉପର କେବଳ ଚାଉଳ ଅଟଇ ।

ଗତ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଚାଳିଶହଜାର ମାଣ ଜମି ନାଲକଲ ନେବା କାରଣ କବୁଲିୟତ ହୋଇଥିଲା । ମାଣ ପ୍ରତି ଟ ୧୳ ଲେଖାଏଁ ଷାଠିଏହଜାର ଟଙ୍କା କର ମିଳିବାର ସ୍ଥିର ହୋଇଅଛି ମାତ୍ର ଆହୁରି ଅନେକ ଜମିର କବୁଲିୟତ ହେବ ସୁତରାଂ ଏକଲକ୍ଷ ଟଙ୍କା କର ଆଦାୟ ହେବା ଆଶ୍ଚର୍ଯ୍ୟ ନୁହଇ ।

ଚଳିତ ମାସ ତା ୧ ଇଖରେ ଶ୍ରୀଯୁକ୍ତ ଡାମ୍ପୀୟର ସାହେବ ବୋର୍ଡରେ ଆପଣା କର୍ମର ଚାର୍ଯ୍ୟ ନେଇଅଛନ୍ତି ଓ ଶ୍ରୀଯୁକ୍ତ ରେବନସା ସାହେବ ଛୁଟୀ ନେଇ ପଶ୍ଚିମ ଦିଗକୁ ବୁଲିବାକୁ ଯାଇଅଛନ୍ତି । ଯେବେ ଅନ୍ୟତ୍ରରେ ତାହାଙ୍କର କର୍ମ ନ ହୁଅଇ ତେବେ ଆଗାମିମାସ ପ୍ରଥମ ସପ୍ତାହରେ ଏ ନଗରରେ ଆସି ପ୍ରବେଶ ହେବେ ।

ଶ୍ରୀଯୁକ୍ତ ଟେଏନଗ ସାହେବ ଯେତେକାଳ ଇରଗେଶନ ବିଲ ସମ୍ପର୍କୀୟ ବିଶେଷ କାର୍ଯ୍ୟରେ ନିଯୁକ୍ତ ଥିଲେ ତେତେକାଳ ମାସକୁ ଟ ୨୦୦୲ଙ୍କା ଲେଖାଏଁ ଗସ୍ତଖର୍ଚ୍ଚା ପାଇବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ।

ଆଜମିର କମିଶନରେ ନିଯୁକ୍ତ ଥିବା କର୍ମଚାରୀଙ୍କ ବେତନର ପୁନର୍ଦୃଷ୍ଟିରେ ବାର୍ଷିକ ଟ ୫୬୪୦୭୲ଙ୍କା ଖର୍ଚ୍ଚ ଊଣା ହୋଇଅଛି । ଏହିପରି ଅନ୍ୟାନ୍ୟ ଅନେକ ମହଲମାନ ପୁନର୍ଦୃଷ୍ଟି ହେଲେ ଗବର୍ଣ୍ଣମେଣ୍ଟଙ୍କର ଅନେକ ଖର୍ଚ୍ଚା ଊଣା ହୋଇପାରେ ।

ମହୀସୂର ଗବର୍ଣ୍ଣମେଣ୍ଟ ଆପଣା ପ୍ରଜାଙ୍କ ପ୍ରତି ଗୋରୁ ଓ ଲଙ୍ଗଳ କିଣିବା ପାଇଁ ଏକଲକ୍ଷ ଅଶୀହଜାର ଟଙ୍କା ଏବଂ ବୀହନ କିଣିବା ପାଇଁ ଆହୁରି ଅଶୀହଜାର ଟଙ୍କା ମଞ୍ଜୁର କରିଅଛନ୍ତି ।

ଗତ ମାସ ତା ୨୫ ଇଖରେ ବଙ୍ଗାଲୋରରେ ଡାକ ଲୁଟ ହୋଇଅଛି । ଡାକ ଥଳିମାନ ଡାକଘରଠାରୁ ରେଲ ଇଷ୍ଟେଶନକୁ ଯିବାବେଳେ ଲୁଟ ହେଲା । କଥିତ ହୁଅଇ ଯେ ଅନେକ ବହୁମୂଲ୍ୟର ଥଳିମାନ ଥିଲା ଓ କେତେକ ଥଳିରେ ତୋ ୫୦୦ ଲା ଠାରୁ ହଜାର ତୋଲା ପର୍ଯ୍ୟନ୍ତ ସୁବର୍ଣ୍ଣ ମୁଦ୍ରା ବା କାଠି ଥିଲା । ଚୋରମାନେ ଧରାପଡି ନାହାନ୍ତି ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି କି ଏ ବର୍ଷ ଦୁର୍ଗାପୂଜା ଆରମ୍ଭଦିନ କଲିକତାରେ ଗୋଟିଏ ଭାରି ଶୋଚନୀୟ ଦୁର୍ଘଟନା ହୋଇଥିଲା । ବାବୁ ଦ୍ୱାରକାନାଥ ଦତ୍ତଙ୍କ ଘରଠାରେ ଦୁଃଖିମାନଙ୍କୁ ଭିକ୍ଷା ବାଣ୍ଟିବା ବେଳେ ଏମନ୍ତ ଭିଡ ହୋଇଥିଲା ଯେ ତହିଁରେ ତିନିଜଣ ମରିଗଲେ ଓ ଚାରିଜଣ ଅତ୍ୟନ୍ତ ଆଘାତ ପାଇଲେ । ପୁଲିସ ବନ୍ଦୋବସ୍ତ ଭଲ ନ ଥିବାରୁ ଏପରି ଘଟିଲା । କିନ୍ତୁ ବାବୁ ତାରକନାଥ ପରାମାଣିକଙ୍କ ଘରେ ତିନଦିନରେ ତେରଶହଜାର କଙ୍গାଳୀଙ୍କୁ ମିଷ୍ଟାନ୍ନ ଓ ପଇସା ବଣ୍ଟାଗଲା ଅଥଚ କୌଣସି ଦୁର୍ଘଟନା ହୋଇ ନାହିଁ । ଏ ବାବୁଙ୍କର କେବଳ ଏହି ବିଷୟରେ ଟ ୭୦୦୦୲ ଙ୍କା ଖର୍ଚ୍ଚ ହୋଇଥିଲା ।

ଭାଉଲପୁରର ନବାବ ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟ ଫଣ୍ଡରେ ଦଶହଜାର ଟଙ୍କା ଚାନ୍ଦା ଦେଇଅଛନ୍ତି ।

---

ବିଜ୍ଞାପନ ।

---


# ବାବାଜୀ ନାଟକ ।

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ଚରିତ୍ର ଓ ଉପଦେଶ, ବାବାଜୀର ମହିମା, ମଠଧାରୀଙ୍କ ଆଚରଣ, ହିନ୍ଦୁ ବାବୁର ସୁରାପାନ, ନବ୍ୟ ବାବୁ ଓ ଦେଶୀୟ ଖ୍ରୀଷ୍ଟିୟାନର କୁସଂସ୍କାର, ଡାଆଣୀ ଭୂତ, ଗାରଡିବିଦ୍ୟା ଏବଂ ରହସ୍ୟ ଓ ହିତକର କଥାମାନ ଅଛି । କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ପ୍ରତିଖଣ୍ଡ ଚାରିଅଣା ୧୦।

ଶ୍ରୀ ଜଗନ୍ମୋହନଲାଲ
ଛତ୍ରପୁର ।



କୁଅଁରିଅର୍କ ।
ପାନମହୁରି ଅର୍କ ।
ଧନଆଁ ଅର୍କ ।
ବାତନାଶକ ଅର୍କ ।
ଗୁଡୁଚି ଅର୍କ ।
ଦନ୍ତବେଦନା ଅର୍କ ।

ଉପରୋକ୍ତ ଅର୍କମାନଙ୍କଦ୍ୱାରା ନାନାପ୍ରକାର ରୋଗର ଉପଶମ ଓ ଶରୀରର ପୁଷ୍ଟି ସାଧନ ହେବ ପ୍ରତ୍ୟେକ ଅର୍କର ବୋତଲ ୧୦ ଯୁ ପ୍ରିଯୋଲଡ୍ ସ୍କୁଲ ନିକଟରେ ଓ ଚଉଧୁରୀ ବଜାର ପୁସ୍ତକାଳୟ ସମୀପରେ ତତ୍ତ୍ୱ କଲେ ମିଳିପାରିବ ।

୬।୧୧।୭୭ କଟକ } ରାମ ମଥୁରା ପ୍ରସାଦ ।

---

ପାଣ୍ଡବୁକ ମିଟର ୧ ୦ ୵୬
ବାଲ୍ୟାବଳୀ ୧ ୦ ୵

ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟ ଓ ଚଉଧୁରୀବଜାର ପୁସ୍ତକାଳୟ ଏବଂ ବକ୍ସିବଜାର ସ୍କୁଲରେ ପ୍ରାପ୍ତବ୍ୟ ।

୬।୧୧।୭୭ କଟକ } ଶ୍ରୀ ଗୋବିନ୍ଦରଥ ଶର୍ମା

---

**FOR SALE.**

A Bungalow at Pooree by the sea shore in the European quarter occupied by the District Superintendent of Police. This house has been newly built has cost nearly Rs. 4000, it is not quite finished and requires some more out houses, price 3400.

Apply to

W. R. Green Esqr.
*Dist. Supdt. Police*
*Pooree.*

With whom a special arrangement might be made for its purchase under more advantageous terms.

---

ବିକ୍ରୟର ବିଜ୍ଞାପନ ।

ଗୋଟିଏ ବଙ୍ଗଳା ଅର୍ଥାତ୍ ସାହେବଙ୍କ କୋଠି ଏହି ପୁରୀ ନଗର ସମୁଦ୍ରକୂଳ ସାହେବମାନଙ୍କ ରହିବା ସ୍ଥାନରେ ଅଛି ଓ ବର୍ତ୍ତମାନ ତହିଁରେ ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ଅଛନ୍ତି । ଏ ଘରଟି ଟ ୪୦୦୦୲ଙ୍କାରେ ନୂଆ ତିଆରି ହୋଇଅଛି ଅବଶ୍ୟ ସବୁକର୍ମ ସରି ନାହିଁ କାରଣ କେତେଗୁଡିଏ ଅଧିକା ଘରେଇ ବନାଇବାର ଆବଶ୍ୟକ ମୂଲ୍ୟ ଟ ୩୪୦୦୲ ଖରିଦଦାରମାନେ ପୁରୀର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଡବଲିଉ, ଆର, ଗ୍ରୀନ୍ ସାହେବଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଓ ତାହାଙ୍କ ସଙ୍ଗେ ସ୍ୱତନ୍ତ୍ର ବନ୍ଦୋବସ୍ତ କଲେ କମ ସୁଲଭ ମୂଲ୍ୟରେ ମଧ୍ୟ ମିଳିପାରେ ।


---

ମୂଲ୍ୟପ୍ରାପ୍ତି ।

ବାବୁ ମଧୁସୂଦନପଟ୍ଟନାୟକ ଜମିଦାର
ନରେନ୍ଦ୍ରର ବସାସ୍ଥ ଟ ୬୳
ବାବୁ ହରମୋହନ ଦାସ କଟକ „ ଟ ୧୲
ବାବୁ ଲକ୍ଷ୍ମୀଚରଣ ମହାନ୍ତି କେନ୍ଦ୍ରାପଡା „ ଟ ୧୦୲

---

☞ ଏହି ଉତ୍କଳଦୀପିକା ସତ୍ୟଭାଷକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଶ
ସଂ ୪୫ ସଂଖ୍ୟା

ତା ୧୭ ରଖ ମାହେ ନବେମ୍ବର ସନ ୧୮୭୭ ମସିହା । ମୁ । ମାର୍ଗଶିର ବ ୪ ନ ସନ ୧୨୮୫ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୲
ମଫସଲପାଁଇ ଡାକମାସୁଲ ଟ୧୷୶

ପେନସନ ବିଧିର ୫୬ ଧାରାର ମର୍ମ୍ମ ବୁଝି-ବାରେ କିଛି ଭ୍ରମ ଦେଖା ଯିବାରୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଉକ୍ତ ଧାରାର ମର୍ମ୍ମ ଏହିରୂପେ ବୁଝାଇ ଦେଇ ଅଛନ୍ତି କି ଯଦ୍ୟପି ଉକ୍ତ ଧାରାରେ ସ୍ଥାନୀୟ ହାକିମଙ୍କୁ ଅଧିକାର ଦିଆ ଯାଇଅଛି କି କୌଣସି କର୍ମଚାରିର ବୟସ ୫୫ ବର୍ଷ ହେଲେ ତାହାକୁ ସର୍ତ୍ତ ଅଧୀନରେ ଏବଂ ୬୦ ବର୍ଷ ବୟସ ହେଲେ ନିତାନ୍ତ ଅକ୍ଷମ ଅନୁମାନ କରିବାକୁ ହେବ କିନ୍ତୁ ସେ ଧାରାର ମନସ୍ଥ ଏପରି ଅଟଇ ଯେ ଉକ୍ତ ଅନୁମାନ ଅତ୍ୟନ୍ତ ସାବଧାନପୂର୍ବ୍ବକ କରିବାକୁ ହେବ ଯେମନ୍ତ ଏକପକ୍ଷରେ କୌଣସି ବ୍ୟକ୍ତି କର୍ମ କରିବାକୁ ସକ୍ଷମ ଥିବା ପ୍ରତ୍ୟକ୍ଷେ କେବଳ ଅଧିକ ବୟସ ହେତୁରୁ କର୍ମରୁ ବାହାର ନ ଯିବ କିମ୍ବା ଅନ୍ୟ ପକ୍ଷରେ କାର୍ଯ୍ୟକ୍ଷମ ବ୍ୟକ୍ତି-ଙ୍କୁ ଅକାଳରେ କର୍ମରୁ ବାହାରକରି ପେନସନ୍ ଲୋକଙ୍କ ତାଲିକା ବଢ଼ାଇବାଦ୍ୱାରା ସାଧାରଣ ଧନର କ୍ଷତି ନ ହେବ । ବଡ଼ ଦୁଃଖର ବିଷୟ ଯେ ସ୍ଥାନୀୟ ହାକିମମାନେ ଗବର୍ଣ୍ଣମେଣ୍ଟଙ୍କ ଅଭି-ପ୍ରାୟ ନ ବୁଝି ଅକାଳରେ ଅନେକ ଉପଯୁକ୍ତ କର୍ମଚାରିଙ୍କୁ ବାହାରକରି ଦିଅନ୍ତି । ଏହି ନଗ-ରରେ କେତେକ ଅମଲା ଏହି ବିଧିର ଅନ୍ୟାୟ ଅର୍ଥରେ ମରି ପଡି ଅଛନ୍ତି । ବାବୁ ରାମଲୋଚନ ଘୋଷ ଓ ବାବୁ ଦୀନବନ୍ଧୁ ଦେ ଏଥିର ଉଦା-ହରଣ ଅଟନ୍ତି । ଆମ୍ଭେମାନେ ଭରସାକରୁଁ କି ସ୍ଥାନୀୟ ହାକିମମାନେ ଏଣିକି ଗବର୍ଣ୍ଣମେଣ୍ଟଙ୍କର ଯଥାର୍ଥ ଅଭିପ୍ରାୟ ବୁଝି କର୍ମ କରିବେ ।

---

ଦରଭଙ୍ଗାର ମହାରାଜା ଓ ତାହାର ଭାଇ ବର୍ତ୍ତମାନ ନାବାଳକ ଥିବାରୁ କୋର୍ଟ ଅବ୍ ଓ୍ୱାର୍ଡସର ଅଧୀନରେ ଅଛନ୍ତି ଏମାନଙ୍କ ବିବାହ ଦେବା ସକାଶେ ଅନୁମତି ପ୍ରାର୍ଥନା ହେବାରେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ବଡ ଭାଇକୁ ଦୁଇଗୋଟି ଓ ସାନ ଭାଇକୁ ଗୋଟିଏ ସ୍ତ୍ରୀ ବିବାହ କରିବାର ଅନୁମତି ଦେଇଅଛନ୍ତି । ଏଥିକୁ ହିନ୍ଦୁ ପେଟ୍ରିଅଟ ଯଥାର୍ଥ କହୁଅଛନ୍ତି କି ଏ ପ୍ରକାର ପ୍ରଭେଦ କରିବାର କାରଣ କି? ଯେବେ ବ୍ୟାଭିଚାରର ଏଥିର କାରଣ ହୁଅଇ ତେବେ ସାନ ଭାଇ ମଧ୍ୟ ତହିଁର ଫଳ ଭୋଗ କରିବାର ସମ୍ଭାବନା ଅଛି । ଫଳତଃ ଯେତେବେଳେ ଦେଶର ସଭ୍ୟଲୋକମାନେ ବାଲ୍ୟ ବିବାହ ଓ ବହୁ ବିବାହ ରହିତ କରିବା ପାଁଇ ସର୍ବ୍ବଦା ଚେଷ୍ଟା କରୁଅଛନ୍ତି ଓ ଆମ୍ଭମାନଙ୍କର ସଭ୍ୟ ଗବର୍ଣ୍ଣମେଣ୍ଟ ମଧ୍ୟ ତାହା ଅନୁମୋଦନ କରନ୍ତି ତେତେବେଳେ ଜଣେ ନାବାଳକକୁ ଦୁଇଗୋଟି ଭାର୍ଯ୍ୟା ଗ୍ରହଣ କରିବାର ଅନୁମତି ଦେବା ଅତ୍ୟନ୍ତ ଅନିଷ୍ଟକର ଅଟଇ ! ମହାରାଜା ବୟଃପ୍ରାପ୍ତ ହେଲେ ପଛେ ଯାହା କରନ୍ତେ ତହିଁ କି କାହାର କିଛି ବୋଲିବାର ନ ଥିଲା କିନ୍ତୁ ଗବର୍ଣ୍ଣମେଣ୍ଟ ସେପରି ଅନୁମତି ଦେବାରୁ ସମସ୍ତଙ୍କ ମନରେ ଏହି ଭାବ ଉଦୟ ହେବ ଯେ ବହୁ ବିବାହକୁ ଗବର୍ଣ୍ଣମେଣ୍ଟ ଅନୁମୋଦନ କରନ୍ତି ।

---

ଘୁର୍ନ୍ତୀ ଖେଳ ଓ ଘୋଡାଦୌଡ ବାଜି ଇତ୍ୟା-ଦିର ବିଜ୍ଞାପନ ଏଥି ପୂର୍ବେ ସମସ୍ତ ସଂବାଦ-ପତ୍ରରେ ପ୍ରକାଶ ହେଉଥିଲା । ଭାରତବର୍ଷୀୟ ଦଣ୍ଡବିଧି ସଂଶୋଧନ ହେବା ସମୟରେ ଏପ୍ରଥା ରହିତ ସକାଶେ ଧା୨୯୪ (କ)ରା ବିଧିବଦ୍ଧ ହେଲା । ତଦନୁସାରେ ବଙ୍ଗପ୍ରଦେଶର ସମସ୍ତ ସଂବାଦ ପତ୍ରରେ ଘୁର୍ନ୍ତୀ ଇତ୍ୟାଦିର ବିଜ୍ଞାପନ ଦେବା ରହିତ ହୋଇଅଛି ମାତ୍ର ଭାରତବର୍ଷର ଅ-ନ୍ୟାନ୍ୟ ପ୍ରଦେଶର ସମ୍ବାଦପତ୍ରମାନଙ୍କରେ ଅଦ୍ୟାପି ଉକ୍ତ ପ୍ରକାର ବିଜ୍ଞାପନମାନ ଛପା ହେଉଅଛି ଏବଂ ପୃଥକ୍ ଛପା ବିଜ୍ଞାପନମାନ ବଙ୍ଗଳାରେ ଥିବା ସମସ୍ତ ସାଧାରଣଙ୍କର ଗମନାଗମନ ସ୍ଥାନମାନ-ଙ୍କରେ ପ୍ରଚରିତ ହେଉଅଛି । ବଙ୍ଗଳାର ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏ ପ୍ରଥାକୁ ଅନିଷ୍ଟକର ଜାଣି କରି ଦଣ୍ଡବିଧିର ନିୟମ ସମସ୍ତ ଭାରତ-ବର୍ଷରେ ସମାନରୂପେ ପ୍ରବଳ କରିବା ସକାଶେ ଅଥବା ଉକ୍ତ ପ୍ରଥା ଦୂଷଣୀୟ ନ ହେଲେ ଉକ୍ତ ବିଧିକୁ ରହିତ କରିବା ସକାଶେ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଲେଖିବାରେ ଶେଷ ଲିଖିତ ଗବର୍ଣ୍ଣମେଣ୍ଟରୁ ଗୋଟିଏ ନିର୍ଦ୍ଧାରଣ ଗତ ସେପ୍ଟେମ୍ବର ମାସ ତା ୧୫ ରିଖରେ ବାହାର ଅଛି । ଏ ନିର୍ଦ୍ଧାରଣରେ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଆଦେଶ ହୋଇଅଛି ଯେ ଦଣ୍ଡବିଧିର ଉକ୍ତ ବିଧାନକୁ ଆପଣା ଏଲକାରେ ନିୟମିତରୂପେ ପ୍ରବଳ କରିବେ ମାତ୍ର ନିଷେଧ କରିବା ପୂର୍ବେ ସ୍ଥାନୀୟ ଗେଜେଟରେ ଉକ୍ତ

Digitized by srujanika@gmail.com

Split by PDF Splitter



ଇର୍ତ୍ତାରଣକୁ ପ୍ରକାଶ କରାଇବାଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରାଇଦେବେ । ଏଥିରୁ ଦେଖାଯାଏ ଯେ ସ୍ୱର୍ଗୀ ଇତ୍ୟାଦ ରହିତ କରିବା ସକାଶେ ଏତେବଡ ଗବର୍ଣ୍ଣମେଣ୍ଟ ଦୃଢ଼ପ୍ରତିଜ୍ଞ ହେଲେ ଆଉ ଏପ୍ରକାର ବକ୍ଷାପତ୍ର ସଂବାଦ ପତ୍ର ଅଥବା ଅନ୍ୟ ପ୍ରକାରେ ବାହାରିବ ନାହିଁ ଏବଂ କେହି ୨ ଭାଗ୍ୟବାନ୍ ବ୍ୟକ୍ତି ଯେ ଅକସ୍ମାତ୍ ଧନବନ୍ତ ହେଉଥିଲେ ଏଣିକି ଆଉ ହୋଇ ପାରିବେ ନାହିଁ ।

---

## ଯୁଦ୍ଧ ।

ଯୁଦ୍ଧର ତରଙ୍ଗ ପୁନର୍ବାର ତୁରସ୍କର ପ୍ରତିକୂଳରେ ବହିବାର ଜଣାଯାଏ । ଗାଜିମୁକ୍ତାରପାଶା ଆରମିନିୟାରେ ଯେପ୍ରକାର ହାରଯାଇଅଛନ୍ତି ତହିଁର ସମ୍ବାଦ ଗତ ସପ୍ତାହରେ ଲେଖିଥିଲୁଁ । ତହିଁ ଉତ୍ତାରୁ କ୍ରମଶଃ ହାରିବାର ସଂବାଦ ଆସିଅଛି ଆଉ ଜୟ ଲାଭର କଥା କିଛି ଶୁଣାଯାଉ ନାହିଁ । ଗାଜିମୁକ୍ତାରପାଶାଙ୍କ ନିକଟରେ ଯେତେ ସୈନ୍ୟ ପ୍ରଥମେ ଥିଲା ତହିଁରୁ ଅନେକ ଲୋକ ବଲଗରିୟାକୁ ଆଣାଇ ହେଲେ ଓ କିଛିକାଳ ଆରମିନିୟାରେ ତୁରସ୍କର ପରାକ୍ରମ ଟଳିବାର ନ ଦେଖି ତୁରସ୍କଙ୍କର ସାହସ ହୋଇଥିଲା ଯେ ସେ ଅଞ୍ଚଳରେ ଆଉ ଅଧିକ ସେନା ରଖିବାର ପ୍ରୟୋଜନ ନାହିଁ ସୁତରାଂ ବଲଗାରିୟାକୁ ସେନା ବାହାର ଆସିବାରୁ ମୁକ୍ତାରପାଶାଙ୍କ ବଳ ଊଣା ହେଲା ଏଣେ ରୁଷୀୟମାନେ ଆରମିନିୟାକୁ କ୍ରମଶଃ ସୈନ୍ୟ ପଠାଇଲେ । ଗାଜିମୁକ୍ତାରଙ୍କ ସେନା ଅଳ୍ପ ଥିବାରୁ ସେ ରୁଷୀୟଙ୍କ ବଳ କିପରି ପରିବର୍ଦ୍ଧିତ ହେଉଅଛି ଜାଣି ନ ପାରି ଏକପ୍ରକାର ନିଶ୍ଚିନ୍ତ ଥିଲେ ଏହି ଅବସ୍ଥାରେ ରୁଷିୟମାନେ ହଠାତ୍ ଆକ୍ରମଣ ପୂର୍ବକ ତାହାଙ୍କୁ ପରାସ୍ତ କରି ଅନେକ ସୈନ୍ୟ ବନ୍ଦୀ ଓ ଯୁଦ୍ଧର ଉପକରଣ ହସ୍ତଗତ କଲେ ଏତେବେଳେ ରୁଷିୟାର ବଳ ଆରମିନିୟରେ ଏପ୍ରକାର ହୋଇଅଛି ଯେ ତୁରସ୍କ ଆଉ ଯୁଦ୍ଧରେ ଜୟୀ ହେଲେ ସୁଦ୍ଧା ଆପଣା ପୂର୍ବ ଅଧି ଫେରି ପାଇବେ ନାହିଁ । ତାହାଙ୍କୁ କିଛି ଅଧିକ ପରାକ୍ରମ କରିବାକୁ ହେବ ।

ଇଉରୋପ ଖଣ୍ଡର ଯୁଦ୍ଧକ୍ଷେତ୍ରରେ ବିଶେଷ କିଛି ଘଟନା ହୋଇ ନାହିଁ ତୁରସ୍କମାନେ ପୂର୍ବ ପ୍ରାୟ ବଲଗରିୟାରେ ପୂର୍ଣ୍ଣ ବଳରେ ଅଛନ୍ତି କିନ୍ତୁ ପ୍ଲେବନା ପ୍ରତି ରୁଷିୟଙ୍କର ଆକ୍ରମଣ ସଫଳ ହୋଇ ନାହିଁ । କେତେକ ଲୋକଙ୍କର ମତ ଏହି ଯେ ରୁଷିୟା ଯେପ୍ରକାର ବନ୍ଦୋବସ୍ତ କରୁଅଛି ତହିଁରେ ପ୍ଲେବନାଠାରେ ଅଳ୍ପ ଦିନରେ ତୁମୁଳ ଯୁଦ୍ଧ ହେବ ଏବା ଗଡ଼ୁ ସମ୍ଭାଳଲେ ହୁଅଇ । ଶୀତ କାଳର ଯେ ସମସ୍ତ ସଜ୍ଜା ରୁଷିୟା ପ୍ରସ୍ତୁତ କରିଅଛି ତାହା କିଛି ଯୁଦ୍ଧ ସ୍ଥଳରେ ପହଞ୍ଚି ନାହିଁ ଓ ସୈନ୍ୟଙ୍କ ମଧ୍ୟରେ ରୋଗ ଓ କଷ୍ଟର ସୀମା ନାହିଁ । ବର୍ଷା ଯୋଗୁଁ ରସଦ ପୋଷିଯିବା କଠିନ କର୍ମ ହୋଇଅଛି । ଯେବେ ଋତୁର ପରିବର୍ତ୍ତନ କିଛିମାତ୍ର ନ ହେବ ଅର୍ଥାତ୍ ବୃଷ୍ଟି ଓ ଶୀତ କିଛି ଊଣା ନ ହେବ ତେବେ ତୁରସ୍କଙ୍କର କାର୍ଯ୍ୟ ନୋହିଲେ ପ୍ଲେବନାକୁ ରକ୍ଷା କରିବା ଭାର ହେବ ।

---

## ପୁରୀନଗରର ପୁଷ୍କରିଣୀ ସମସ୍ତ ପରିଷ୍କାର କରିବାର ପ୍ରସ୍ତାବ ।

ପୁରୀଜିଲାର ବସାଘର କମିଟିର ଗତ ସେପ୍ଟେମ୍ବର ମାସ ତା ୧୭ ରିଖର ଅଧିବେଶନର ବିବରଣ ଓଡ଼ିଆ ଗଜେଟରେ ପ୍ରକାଶିତ ହୋଇଅଛି । ଆମ୍ଭେମାନେ ଦେଖିଲୁଁ ଯେ କମିଟି ପୁରୀନଗରର ପୁଷ୍କରିଣୀ ସମସ୍ତ ସଂସ୍କାର ବିଷୟରେ ବଡ଼ ଯତ୍ନବାନ୍ ହୋଇଅଛନ୍ତି । ପୁରୀର ପ୍ରଧାନ ପୁଷ୍କରିଣିମାନ ଗୋଟିଏ ୨ ତୀର୍ଥ ଅଟଇ ସମସ୍ତ ଯାତ୍ରୀ ଏଥିରେ ସ୍ନାନ କରନ୍ତି ଓ ସେସବୁର ପାଣି ଅତ୍ୟନ୍ତ ଅପରିଷ୍କୃତ ଥିବାରୁ ଇଦ୍ୱାରା ରୋଗ ଜାତ ହେବାର ବିଚିତ୍ର ନୁହଇ । ବାସ୍ତବରେ ଏକାରଣରୁ ରୋଗ ବୃଦ୍ଧି ହେଉଥିବ ସନ୍ଦେହ ନାହିଁ । ମାର୍କଣ୍ଡପୁଷ୍କରିଣୀ ସଂସ୍କାର ବିଷୟରେ ବର୍ତ୍ତମାନର ମହାରାଜଙ୍କ ନିକଟକୁ କମିଟି ପତ୍ର ଲେଖିଥିଲେ । ତହିଁର ଉତ୍ତରରେ ମହାରାଜଙ୍କର ନଜର ସେକ୍ରେଟରୀ ଲେଖିଅଛନ୍ତି କି ମହାରାଜା କମିଟିର ପ୍ରସ୍ତାବ ସଫଳ କରିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ପୁଷ୍କରିଣୀକୁ ପରିଷ୍କାର କରିବାରେ କେତେ ବ୍ୟୟ ଲାଗିବ ତହିଁର ତଦନ୍ତ ଜାଣିବାକୁ ଇଚ୍ଛା କରୁଅଛନ୍ତି । ଏଥିରୁ ବୋଧ ହୁଅଇ ଯେ ମହାରାଜାଙ୍କର ବ୍ୟୟରେ ଉକ୍ତ ପୁଷ୍କରିଣିର ସଂସ୍କାର କାର୍ଯ୍ୟ ସମ୍ପନ୍ନ ହେବ ।

ଶ୍ୱେତଗଙ୍ଗାକୁ ପରିଷ୍କାର କରିବା ବିଷୟରେ ଶ୍ରୀଯୁକ୍ତ ବସପତି ସାହେବଙ୍କ ମତ ଏହି ଯେ ତହିଁର ବନ ଅତି ଉଚ ଓ ପାଣି ବହୁତ ଥିଲେ ଥିବାରୁ ତାହାକୁ ଶୁଖାଇବା ଅସାଧ୍ୟ ଅଟେ ଏଥିପାଇଁ ସେ ଉକ୍ତ ପୁଷ୍କରିଣିକୁ ପୋତି ପକାଇବାର ପ୍ରସ୍ତାବ କରିଥିଲେ କିନ୍ତୁ ତହିଁରେ ମତଭେଦ ହେବାରୁ ପରିଶେଷରେ ଏହିପ୍ରକାର ଧାର୍ଯ୍ୟ ହୋଇଅଛି ଯେ ଉକ୍ତପୁଷ୍କରିଣୀକୁ ସମୁଦ୍ରବାଲିରେ ପୋତି ପକାଇ ତହିଁମଧ୍ୟରେ ଗୋଟିଏ କୂଅ ପ୍ରସ୍ତୁତ ହେବ ଅର୍ଥାତ୍ ତାହାର ଆକାର ଅତ୍ୟନ୍ତ ଛୋଟ ହେବ । ଆମ୍ଭେମାନେ ଏ ପ୍ରସ୍ତାବରେ ତେତେ ଆନନ୍ଦିତ ହୋଇ ନାହୁଁ ଓ ହିନ୍ଦୁ ସଭ୍ୟମାନେ ଏଥିରେ ସମ୍ମତ ହେବାର ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଅଛୁଁ । ଡାକ୍ତର କ ଗୁପ୍ତ ମହାଶୟ ଯଥାର୍ଥ କହିଅଛନ୍ତି ଯେ ସେହି ପୁଷ୍କରିଣୀ ପର୍ବଦିନମାନଙ୍କରେ ଯେପରି ବ୍ୟବହାର ହୁଅଇ ଉକ୍ତ କୂପ ଦ୍ୱାରା ସେହି ବ୍ୟବହାର ହୋଇପାରିବ କି ନାହିଁ ଏବିଷୟରେ ତାହାଙ୍କର ସନ୍ଦେହ ଅଛି । ବାସ୍ତବରେ ଯେଉଁ ତୀର୍ଥ ସ୍ନାନ କରିବା ଉଦ୍ଦେଶରେ ହୋଇଅଛି ତାହାକୁ ପୋତି ପକାଇ କୂଅରେ ପରିଣତ କଲେ ଯାତ୍ରିମାନଙ୍କର ବଡ଼ ଦୁଃଖ ହେବ ଓ କୌଣସି ବ୍ୟକ୍ତିର ତାହା କରିବାର ଅଧିକାର ନାହିଁ । ଏପରି ପୁରୀନଗରର ଗୃହଆତେ ଯେଉଁ ପୁଷ୍କରିଣିମାନ ନିର୍ମିତ ହୋଇଅଛି ସେସବୁ କ୍ଷେତ୍ରର କୀର୍ତ୍ତି କାର୍ଯ୍ୟର ଅନ୍ତର୍ଗତ ଅଟଇ ଓ ତହିଁର ଅଙ୍ଗହାନି କରିବା ଉଚିତ ନୁହଇ । ଏଥିରେ ନଗରର ଶୋଭା କେତେକ ନଷ୍ଟ ହେବ । ବିଶେଷ ଯେସ୍ଥଳେ ବସାଘର ପଣ୍ଡରେ ବାଇଶହଜାର ଟଙ୍କା ଜମା ଅଛି ସେସ୍ଥଳେ ଗୋଟାଏ ପୁଷ୍କରିଣୀ ପରିଷ୍କାର ପକ୍ଷରେ କମିଟି ହତାଶ ହେବାର କୌଣସି କାରଣ ନାହିଁ । ଅନ୍ୟ ଉପାୟରେ ଜଳ ନ ଶୁଖିଲେ ଯୋବକ କାରଗାରାକୁ ଗୋଟାଏ ଦମକଳ ମାଗି ନେଇ ବା ଗର୍ତ୍ତ ଦେଇ ସେଚି ଗଲେ ଅଳ୍ପବ୍ୟୟ ଓ ସମୟରେ ସେ ପୋଖରୀ ଶୁଖାଯାଇପାରେ । ଆମ୍ଭେମାନେ କମିଟିକୁ ଅନୁରୋଧ କରୁଅଛୁଁ ଯେ ପୁଷ୍କରିଣିଟିକୁ ପୋତି ନ ପକାଇ ତାହାକୁ ପରିଷ୍କାର କରାଇ ଗୋଟିଏ ପୁରାତନ କୀର୍ତ୍ତିର ବିନାଶ ସାଧନ ନ କରନ୍ତୁ ।

ପରିଶେଷରେ ବଡ ଦୁଃଖର ବିଷୟ ଯେ ପୁରୀର ମହାରାଜା ଏପ୍ରସ୍ତାବରେ ସମ୍ମତ ହେଲେ ହିନ୍ଦୁମାନେ ତାହାଙ୍କଠାରେ ଧର୍ମ ବିଷୟରେ ଅନେକ ଆଶା କରନ୍ତି ଓ ତାହାଙ୍କୁ ଚଳନ୍ତି ବିଷ୍ଣୁ ବୋଲି ମଣନ୍ତି ମାତ୍ର ହିନ୍ଦୁଙ୍କର ଧର୍ମ ରକ୍ଷା କରିବା ତେଣିକି ଥାଉ ଯେଉଁ ବଂଶର ପ୍ରତିନିଧି ସେ ହୋଇଅଛନ୍ତି ଯହିଁ ହେତୁରୁ ତାହାଙ୍କର ଏତାଦୃଶ ସମ୍ମାନ ସେହି ବଂଶର ପୂର୍ବପୁରୁଷଙ୍କ କୀର୍ତ୍ତିକୁ

Digitized by srujanika@gmail.com

Split by PDF Splitter



ଲୋପ କରିବା ସକାଶେ ସେ ଅନାୟାସରେ ସମ୍ମତ ହେଲେ ଏବଂ ନରେନ୍ଦ୍ର ପୁଷ୍କରିଣୀକୁ ଶ୍ୱେତଗଙ୍ଗା ବୋଲିବା ସକାଶେ ଲୋକଙ୍କୁ ବୁଝାଇବାକୁ ମଧ୍ୟ ପ୍ରସ୍ତୁତ ହେଲେ । ଏ ବିଷୟରେ ସେ ଯେ ଏ ପତ୍ର ଲେଖିଥିଲେ ତହିଁର ଅବିକଳ ପ୍ରତିଲିପି ଆମ୍ଭେମାନେ ଏଠାରେ ଉଦ୍ଧୃତ କଲୁଁ । ଏଥିର ଭାଷା ଓ ଭାବ ଉଭୟ କୌତୁକଜନକ ଅଟଇ ଓ ଏଥିପାଇଁ ତାହାକୁ ଧନ୍ୟବାଦ ଦିଆଯିବ ଆମ୍ଭେମାନେ ସ୍ଥିର କରି ପାରୁ ନାହୁଁ । ଓଡ଼ିଶାର ପ୍ରଧାନ ରାଜବଂଶରେ ଯେବେ ଓଡ଼ିଆ ଭାଷାର ଏପ୍ରକାର ଦୁର୍ଦ୍ଦଶା ଯେ ପାଞ୍ଚଧାଡ଼ି ଅଶୁଦ୍ଧ ଓ ଅଜ୍ଞାତ ପାରସୀ ନ ଲେଖିଲେ ଗୋଟିଏ ପତ୍ର ଲେଖାଯିବାର ଦୁସ୍ତର ତେବେ ଏ ଭାଷାକୁ ଏକାବେଳକେ ପରିତ୍ୟାଗ କରିବାର ଉଚିତ ।

ଉକ୍ତ ପ୍ରତିଲିପି ଯଥା—

"ସାହେବଓ୍ୱାଲ ମନାକବ ରଫଏଲ ମଜଲିସ ଫେୟାଯଫ ଏକର ସାଜ ଯାଦଅଲ ତାପନ୍ତୁ ।

ବାବସକେ ମୁଲକା ବେହେଡ଼ତ୍ତ ଅଜଲତକେ ଖୋଲସେ ମତାଲବ ଅସ୍ତ ମଜକୁରର ଏଗେର ଦାଇ ନେଅବେକେ ହଜୁରର ଚଳିତ ମାସ ତା ୨୮ ରିଖ ପରୁଅନା ନରେନ୍ଦ୍ର ପୁଷ୍କରଣୀକ ଶ୍ୱେତଗଙ୍ଗା ବୋଲି ସନ୍ନିଧାନ କରିବା ହୁକୁମ ପ୍ରବେଶ ହେବାରୁ ସେଥିରୁ ସମସ୍ତ ବିଷୟ ଓ୍ୟାକବ ହେଲୁଁ ଶ୍ୱେତଗଙ୍ଗା ଜଳ ଇତାନ୍ତ ଅପରସ୍ପାର ହୋଇଅଛି ସେଥିରେ କିଛି ସନ୍ଦେହ ନାହିଁ ମାତ୍ର ଶାସ୍ତ୍ରରେ ତୀର୍ଥ ବୋଲି ଲେଖାଯାଇ ଥିବାରୁ ସମସ୍ତ ଲୋକେ ତୀର୍ଥ ବୋଲି ମାନନ୍ତି ଓ ସେ ଜଳରେ ସ୍ନାନାଦି କରନ୍ତି ଶ୍ରୀ ହଜୁରର ଆଦେଶମତେ ବର୍ତ୍ତମାନ ନରେନ୍ଦ୍ର ପୁଷ୍କରଣୀକ ଶ୍ୱେତଗଙ୍ଗା ବୋଲି ସନ୍ନିଧାନ କରିବାରେ ଓ ଲୋକମାନଙ୍କୁ ବୁଝାଇ ଦେବାପ୍ରତି ଆମ୍ଭର କିଛି ଓଜର ନାହିଁ । ଓ ଆମ୍ଭେ ମଧ୍ୟ ଲୋକମାନଙ୍କ ଓ ପଣ୍ଡିତ ରାଜଗୁରୁମାନଙ୍କୁ ବୁଝାଇ ଅଛୁଁ ଏ ସକାଶେ ଏତଲା କାରଣ ନିବେଦନ କଲୁଁ ।

ସନ ୧୮୭୭ ମସିହା ଅଗଷ୍ଟ ମାସ ତା ୨୯ ରିଖ

ଶ୍ରୀ ମହାରାଜା ଦିବ୍ୟସିଂହଦେବ"।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କ କଲେକ୍ଟର ଗତ ଶନିବାରଠାରୁ ମୋଫସଲ ଗସ୍ତକୁ ଯାଇଅଛନ୍ତି । ଏହି ମାସର ଶେଷ ସପ୍ତାହରେ ଫେରି ଆସିବେ ।

ତଳଲିଖିତ ମହାଶୟମାନେ କଟକଜିଲାର ପଥକର କମିଟିରେ ନିଯୁକ୍ତ ହୋଇଅଛନ୍ତି ଯଥା—ପଥକର କାର୍ଯ୍ୟବିଭାଗର ଡେପ୍ଟି କୁ ଇଞ୍ଜିନିୟର, ବାବୁ ଶ୍ରୀରାମବକ୍ସି ତହସିଲଦାର, ବାବୁ ଗୋଲକଚନ୍ଦ୍ର ବୋଷ ଓ ବାବୁ ଗୋପାଳପ୍ରସାଦ ମିଶ୍ର ଜମିଦାରମାନେ ।—ଶେଷଲିଖିତ ବାବୁଙ୍କ ଜମିଦାରୀ କେଉଁଠାରେ ? ଶୁଣିଲେ ଅନେକଲୋକର ଉପକାର ହୁଅନ୍ତା ।

ତଳଲିଖିତ ମହାଶୟମାନେ ଯାଜପୁରର ଶାଖାପଥକର କମିଟିରେ ନିଯୁକ୍ତ ହୋଇଅଛନ୍ତି ଯଥା ।—ବାବୁ ଶ୍ରୀମନ୍ତଦାସ ଚୌଧୁରୀ, ବାବୁ ଦୟାନିଧି ପଣ୍ଡା ଓ ବାବୁ ଜନ୍ମେଜୟ ମହାପାତ୍ର ଜମିଦାରମାନେ, ବାବୁ କାନସାହୁ ଶିକ୍ଷକ, ଗୋପିକାନ୍ତ ବୋଷ ଉକୀଲ, ବାବୁ ଈଶ୍ୱରଚନ୍ଦ୍ର ଘୋଷ ଓବରସିଅର ଓ ବାବୁ ହରେକୃଷ୍ଣ ଦାସ ପୁଲିସ ଇନ୍‌ସ୍ପେକ୍ଟର ।

କାଉପୁରଠାରୁ ବାବୁ ଗୋବିନ୍ଦବଲ୍ଲଭ ରାୟ ଜମିଦାର ଲେଖିଅଛନ୍ତି କି ସେଠାରେ ଗୋଟିଏ ବ୍ରାଞ୍ଚପୋଷ୍ଟଅଫିସ ( ଶାଖାଡାକଘର ) ସ୍ଥାପିତ ହୋଇଅଛି ମାତ୍ର ଯେଉଁ ମହାଶୟ ପୋଷ୍ଟମାଷ୍ଟର ନିଯୁକ୍ତ ହୋଇଅଛନ୍ତି ସେ ନିୟମାନୁସାରେ ଡାକଟିକଟ ଆପଣା ନିକଟରେ ରଖନ୍ତି ନାହିଁ । ଡାକଟିକଟ ଅଭାବରେ ଅନେକଲୋକ କ୍ଲେଶଭୋଗ କରୁଅଛନ୍ତି । ଜମିଦାର ମହାଶୟ ସ୍ୱୟଂ କେତେଥର ଏପରି କଷ୍ଟ ପାଇଅଛନ୍ତି । ଆମ୍ଭେମାନେ ଅନୁରୋଧ କରୁଁ ଯେ ଡାକଘରର ଉଚ୍ଚ କର୍ମଚାରୀମାନେ ଏ ବିଷୟପ୍ରତି ଦୃଷ୍ଟି କରନ୍ତୁ ଓ ଆମ୍ଭମାନଙ୍କର ଶଙ୍କା ହୁଅଇ ଯେ କେତେ ସ୍ଥାନରେ ଡାକଘର ଫିଟିବା ଆରମ୍ଭରେ ଏପରି ହରକତ ହେବାଦ୍ୱାରା ପରିଶେଷରେ ଡାକଘର ଉଠିଯିବାର ଉପକ୍ରମ ହୋଇଥିବ ।

ଜଣେ ଲେଖିଅଛନ୍ତି କି ଜଣେ ସବ୍‌ଇନ୍‌ସ୍ପେକ୍ଟର ପରେଟପଡ଼ିଆରେ କବାଜ ଶିଖାଇବାବେଳେ କନଷ୍ଟବଲମାନଙ୍କୁ ମାଡ଼ଇତ୍ୟାଦି ନାନାପ୍ରକାର ଦଣ୍ଡ ଦେଉଥିଲା । ତହିଁରେ କନଷ୍ଟବଲମାନେ ତାହା ଉପରେ ମନେ ମନେ ରାଗାନ୍ୱିତ ଥିଲେ । ଦିନକରେ ଜଣେ ପଶ୍ଚିମା କନଷ୍ଟବଲକୁ କବାଜଦୋଷରେ ମାରିବାରୁ ସମସ୍ତ କନଷ୍ଟବଲ ଏକମେଳ ହୋଇ ଯୁତା ଓ ବନ୍ଧୁକକୁନ୍ଦା ଇତ୍ୟାଦିରେ ସବ୍‌ଇନ୍‌ସ୍ପେକ୍ଟରଙ୍କୁ ବିଲକ୍ଷଣ ଶାସ୍ତି ଦେଲେ ଏମନ୍ତ କି କ୍ଷଣେଯାଏ ସେ ଅଚେତନ ହୋଇ ଥିଲେ । ପରିଶେଷରେ ମୋକଦ୍ଦମା ହେବାରୁ ସାହେବ ସବ୍‌ଇନ୍‌ସ୍ପେକ୍ଟରଙ୍କୁ ଟ ୨୫ ଙ୍କା ଓ କନଷ୍ଟବଲଙ୍କୁ ଟ ୧୫ ଙ୍କା ଜରିମାନା କଲେ । ଲେଖକ ବୋଲନ୍ତି କି ମାଡ଼ଖାଇ ଜରିମାନା ଦେବା ବଡ଼ ରହସ୍ୟର କଥା ଅଟଇ ଓ ଏ ଘଟଣା ଉତ୍ତାରୁ ସବ୍‌ଇନ୍‌ସ୍ପେକ୍ଟରଙ୍କର ଆଉ ହାତଉଠାପଣ ରହିବ ନାହିଁ । ଆମ୍ଭେମାନେ ବୋଧକରୁଁ କି ମାଡ଼ଇତ୍ୟାଦି ଦଣ୍ଡ ଦେବା ପୁଲିସର ଗୋଟାଏ କାର୍ଯ୍ୟ ଅଟଇ ସବ୍‌ଇନ୍‌ସ୍ପେକ୍ଟର ପରେଟ ସଙ୍ଗେ ତହିଁର ଶିକ୍ଷା କନଷ୍ଟବଲମାନଙ୍କୁ ଦେଉଥିଲେ ଓ କନଷ୍ଟବଲମାନେ ମଧ୍ୟ ଆପଣା ଯୋଗ୍ୟତାର ପ୍ରତ୍ୟକ୍ଷ ପରିଚୟ ସବ୍‌ଇନ୍‌ସ୍ପେକ୍ଟରଙ୍କୁ ଦେଖାଇଲେ ।

ଏଥର ଦୌରାରେ ଗୋଟିଏ ଅସ୍ୱାଭାବିକ ଗମନର ମୋକଦ୍ଦମା କେନ୍ଦ୍ରାପଡ଼ାରୁ ଆସିଥିଲା । ତାହା ଦଫ୍ୟୋଟିପିଲା ମଧ୍ୟରେ ଘଟିଥିଲା । ଜଣକର ବୟସ ବ ୮।୯ ବର୍ଷ ଓ ଅନ୍ୟଜଣକର ବୟସ ବ ୧୫।୧୬ ବର୍ଷ ହେବ । ଅପରାଧ ପ୍ରମାଣ ହେବାରୁ ଜଜସାହେବ ଶେଷଲିଖିତ ବ୍ୟକ୍ତିକୁ ବେ ୧୫ ତର ଦଣ୍ଡ ଦେଲେ ଏ ଦଣ୍ଡଟି ସମସ୍ତଙ୍କର ମନୋନୀତ ହୋଇଅଛି ।

ମାନ୍ଦ୍ରାଜକୁ ଯେମନ୍ତ ଚାଉଳ ରପ୍ତାନୀ ହେବାର ସୀମା ନାହିଁ ତେମନ୍ତ ସେଠାରେ ଚାଉଳ ନଷ୍ଟ ହେବାର ମଧ୍ୟ ସୀମା ନାହିଁ । ବେଲେରୀର ଏକ ସଂବାଦପତ୍ରରେ ଲେଖାଅଛି ଯେ ଗତ ବୃଷ୍ଟିରେ ସହସ୍ର ବସ୍ତା ଚାଉଳ ନଷ୍ଟ ହୋଇଅଛି ଓ ତହିଁରେ ମହାଜନଙ୍କର ଏକଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଅଛି । ଲାଭ ସଙ୍ଗରେ ହାନି ସର୍ବଦା ରହିଅଛି ମାତ୍ର ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ଏ ବିଷୟ ପ୍ରତି ଦୃଷ୍ଟି କରୁ ନାହାନ୍ତି । ରେଲ ଷ୍ଟେଶନମାନଙ୍କରେ ଗୋଲାଘର ନିର୍ମାଣ ହୋଇଥିଲେ ଏହା ଘଟନ୍ତା ନାହିଁ କିନ୍ତୁ କାହା ଦୁଃଖ କାହାକୁ ଲାଗେ ।

---

## ପ୍ରେରିତପତ୍ର ।

---

### ବାଲ୍ୟକାଳ ।

୧

ବାଲ୍ୟକାଳ କିବା ସୁଖ ସମୟ ।
ସେକାଳେ ନ ଥିଲା ସଂସାର ଭୟ ।
ସ୍ୱାଧୀନଭାବରେ ମନ ଆନନ୍ଦରେ
କଟାଉଥିଲି ମୁଁ ସର୍ବ୍ବସମୟ ।
ଆଉ ଭାଗ୍ୟେ ନାହିଁ ସେ କାଳୋଦୟ ।
ଅନନ୍ତକାଳକୁ ହେଲା ବିଲୟ ।

Digitized by srujanika@gmail.com

Split by PDF Splitter

194



୨

ଯେଉଁବେଳେ ରାଜମାର୍ଗ ମଧ୍ୟରେ ।
ପିଲାଙ୍କ ସଙ୍ଗରେ ଧୂଳିଖେଳରେ ।
ଧୂଳି କରି ଅନ୍ନ    ଧୂଳିରେ ବ୍ୟଞ୍ଜନ
ମନେ ମନେ ପୁଣି ଭୋଜନ କରେ ।
ମୃଗ ଅଚବନ ସେହି ଧୂଳିରେ ।
ରାଜଭୋଗ ସୁଖ ତ ତା ଆଗରେ ।

୩

କେତେ ମଗ୍ନର ସୁଗଭରରେ ।
ସ୍ନାନ, ଦାନ, ଧ୍ୟାନ, ମଧୁ ସଙ୍ଗରେ ।
ଜୟ ଜଗବାଣୀ    କଟାକ୍ଷ ଗୃହାଣ
ଶାରଧର୍ମ ସବୁ ପ୍ରକାଶ କରେ ।
ଦେହୁଁ ରକ୍ତ ବହେ ନଖକ୍ଷତରେ ।
ଶେଷେ ଯୁଦ୍ଧ ଶୁଭ ମିଳଇ ପରେ ।

୪

ମାତାଙ୍କ ଆଗରେ କର ରୋଦନ ।
କହଇ ମାଇଲା ମଧୁସୂଦନ ।
ବୋଲନ୍ତି ଜନନୀ    ଅରେ ଧନମଣି
ଦୁଷ୍ଟଙ୍କ ପାଖକୁ ନ ଯିବୁ ପୁନ ।
ଆଉଁସନ୍ତି ଧରି କୋଳେ ବହନ ।
ପ୍ରବୋଧନ୍ତି କହି ମିଷ୍ଟବଚନ ।

୫

ଦୁଇପହରସ୍ଥା ଲଦାଧବେଳ ।
ସୂର୍ଯ୍ୟଙ୍କ କିରଣ ଅତି ପ୍ରଜ୍ୱଳ ।
କରଇ ଭ୍ରମଣ    ଯେତେ ସ୍ଥଳ ବନ
ପିଲାଙ୍କ ସଙ୍ଗରେ ହୋଇଣ ମେଳ ।
ଉର୍ଦ୍ଧ୍ୱର ସମାନ ବହଇ ଝାଳ ।
ତେବେ କଷ୍ଟ ନୁହେ ମୋତେ ସେ କାଳ ।

୬

ଥିଲା କେତେ ସ୍ଫୂର୍ତ୍ତି ପିଲା ଦିନରେ ।
କୁଟୁରି, ବାହୁଡ଼ି, ଛେଳି ସଙ୍ଗରେ ।
ସମ ଅସମାନ    କେତେ କେତେ ସ୍ଥାନ
ସମତଳ ପରି ଧାଁଏ ତହିଁରେ ।
ଅସଂଖ୍ୟ କଣ୍ଟକ ଲାଗେ ପାଦରେ ।
କିଛି କଷ୍ଟ ବୋଧ ନୁହେ ଶେଷରେ ।

୭

କେତେ କେତେ ଖେଳ କି ଚମତ୍କାର ।
ଚରୁ, ଚୋରକୋଣୀ, ମାବଂଲସାର ।
ଅଙ୍ଗ ସଞ୍ଚାଳନ    ହୋଇ କ୍ଷଣକ୍ଷଣ
ଅଳସ ନ ଥିଲା କିଛି ଦେହରେ ।
ପରିଶ୍ରମେ ହେଉଥିଲା ଶରୀର ।
ସୁବଳିଷ୍ଠ ସବଳ ଅଧିକତର ।

୮

ମନେ ପଡ଼ୁଅଛି ସେ ସନ୍ତରଣ ।
ଜଳଚରଙ୍କର ଭୟ ଗୁଡ଼ଣ ।
ଏ ପାରି ସେ ପାରି    ହେଉଥାଏ ପାରି
ନଦୀ, ସରୋବର, ତଡ଼ାଗମାନ ।
କଡ଼ଭୁକେ ପୁଣି ଧରଇ ମୀନ ।
ପାଇଲେ ଆନନ୍ଦେ ଭାସଇ ମନ ।

୯

ସାଧବାଣୀ ବୋହୂ ଯେବେ ଦେଖଇ ।
ଆନନ୍ଦରେ ଯାଇ ତାକୁ ଧରଇ ।
କୋମଳ ସୁନ୍ଦର    ତାର କଳେବର
ଆଉଁସେ ଉଲ୍ଲାସେ ହୃଦ ଫାଟଇ ।
ସ୍ୱର୍ଗରାଜ୍ୟ ସୁଖ ଭୋଗ କରଇ ।
ତାହା ଲମ୍ଭିତ ଏ ଏହା ଭାବଇ ।

୧୦

ଧନ୍ୟ ବାଲ୍ୟକାଳ ଅଗ୍ନିର ବଳ ।
ଗୁରୁପାକ ଦ୍ରବ୍ୟ କଲେ କବଳ ।
ନ ହୁଏ ଅଜୀର୍ଣ୍ଣ    ରୋଗହିଁ ସ୍ୱପନ
ଭକ୍ଷ୍ୟ ଭସ୍ମ ହୋଇଯାଏ ଚଞ୍ଚଳ ।
କେବେ ହୁଏ ନାହିଁ ଦେହ ଦୁର୍ବଳ ।
ତେଣୁ ସୁନା ଦେହ ଅତି ସବଳ ।

୧୧

ଆହା "ବୁଢୀମାଆ" ବସି ପ୍ରାଙ୍ଗଣେ ।
ସମବେତ କରି ବାଳକଗଣେ ।
କେତେ ନବକଥା    କହି ମନ ବ୍ୟଥା
ହରୁଥିଲେ ସେ ମିଷ୍ଟବଚନେ ।
"ବୁଢୀଅସୁରୁଣୀ" କଥା ଶ୍ରବଣେ ।
ବିପୁଳ ଆନନ୍ଦ ହୁଅଇ ମନେ ।

୧୨

ବୋଲନ୍ତି ବୁଢୀ ମା ଅରେ ଜୀବନ ।
ଅମୃତ ଏହି ଯେ ବାଉଁଶବଣ ।
ତହିଁ ଭୂତଗଣ    କରୁଥାନ୍ତି ରଣ
ଡାହାଣୀ ଗୋବାଣୀ ସଙ୍ଗେ ଘେନିଣ ।
ନିର୍ଜନ ସମୟେ ତହିଁ ଗମନ ।
ନ କରିବୁଟିରେ ମୋ ପ୍ରାଣଧନ ।

୧୩

ବାଉଁଶବୁଦାକୁ ଦେଖିଲେ ମୁହିଁ ।
ଭୟେ ଥରହର ଦେହ କମ୍ପଇ ।
ରାତିରେ ସ୍ୱପନ    କରଇ ଦର୍ଶନ
ଭୂତ ଆସି ମୋତେ ଯାଉଛି ନେଇ ।
ସେହି ଭୂତ ଜ୍ଞାନ ଅଛତ କାହିଁ ।
ମନେ ପଡ଼ି ଗଲେ ହସ ମାଡ଼ଇ ।

୧୪

ଚାଟଶାଳୀ କଥା ଭାବଇ ମନ ।
ଅବଧାନଙ୍କ ଦାରୁଣ ଶାସନ ।
କେତେ ନାକବାଲ    କେତେ ଗୋଲମାଲ
ସନ୍ଦେହ ହୁଅଇ ପ୍ରାଣଧାରଣ ।
ତରେ ଲଠୁଥାଏ ଊର୍ଦ୍ଧ୍ୱ ପବନ ।
ଶୁଣୁ ଶୁଣୁ କାନ୍ଦ ଗଦ୍‌ଗଦବଚନ ।

୧୫

ଶତ ପୋଥିମାନ ଧରି ହସ୍ତରେ ।
ତଳାତଳି କରି ରାଜଦାଣ୍ଡରେ ।
ଜଗନ୍ନାଥ ହରି    ରାମ ସଙ୍ଗ କରି
ପ୍ରବେଶ ହୁଅଇ ଚାଟଶାଳରେ ।
ସରସ୍ୱତୀ ମାତା ତାଙ୍କ ଉଚରେ ।
ଶତଧୂନି ବୋଲେ ନାସା କଣ୍ଠରେ ।

୧୬

ପଣିକିଆ ଶୀଘ୍ର ପଢ଼ି ସାରଣ ।
ଓଡ଼ାଙ୍କ ଫେଡ଼ାଙ୍କ ପୁଣି ଧରଣ ।
ହରଗୁଣ ପଢି    ଫେଡ଼ାମିଶା ଫେଡ଼
ଅଙ୍କଗୁଣା କୋଷ୍ଠା ହେଲେ ଧରଣ ।
ସ୍ୱସ ଗୋପୀଭଷା କରି ଗାୟନ ।
କୃତକୃତ୍ୟ ହେଉଥିଲା ମୋ ମନ ।

୧୭

ଯେ ନ ଥିଲା ପୂର୍ବେ ମନେ ସ୍ୱପନ ।
ଏବେ ଉଚ୍ଚଭାବ ଅଙ୍କବିଜ୍ଞାନ ।
ସାହିତ୍ୟ ଭୂଗୋଳ    ଭୂତତ୍ତ୍ୱ ଖଗୋଳ
ରଜନୀ ଦିବସ କଲେ ପଠନ ।
ତୃପ୍ତ ହେଉ ନାହିଁ ମୋହୋର ମନ ।
କହିବେ ପଣ୍ଡିତେ ଏହା କାରଣ ।

୨-୧୧-୭୭ } ଶ୍ରୀ ———
କଟକ

ବିଜ୍ଞାପନ ।


# ବାବାଜୀ ନାଟକ ।

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ମତାମତ ଓ ଉପଦେଶ, ବାବାଜୀର ମହିମା, ମଠଧାରୀଙ୍କ ଆଚରଣ, ଭୂଦ୍‌ବାବୁର ସୁରାପାନ, ନବ୍ୟ ବାବୁ ଓ ଦେଶୀୟ ଖ୍ରୀଷ୍ଟିୟାନର କୁସଂସ୍କାର, ଡାଆଣୀ ଭୂତ, ଗାରୁଡ଼ିବିଦ୍ୟା ଏବଂ ଉହ୍ୟ ଓ ହିତକର କଥାମାନ ଅଛି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ସଡାଷଣ୍ଡ ଗୃହଣା ୫• ।

ଶ୍ରୀ ଜଗନ୍ମୋହନଲାଲ
ଗ୍ରନ୍ଥକାର । ।


☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ଶ } ତା·୨୪ ରଖ ମାହେ ନବେମ୍ବର ସନ ୧୮୭୭ ମସିହା । ମୂ । ମାର୍ଗଶିର ବ ୧୧ ନ ସନ ୧୨୮୫ ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୫୧
ସଂ ୪୭ ଖ୍ୟା } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲଘାଁଇ ଡାକମାସୁଲ ଟ୧।୵

ବଙ୍ଗଳାରେ ଗତ ବର୍ଷ ସର୍ବସୁଦ୍ଧା ୧୧୩୧ ଜଣ ପାଗଲଖାନାରେ କଏଦ ଥିଲେ ଏମାନଙ୍କ ମଧ୍ୟରୁ ପ୍ରତି ଶଏ ଲୋକରେ ପ୍ରାୟ ୩୦ ଲୋକ କେବଳ ଗଞ୍ଜେଇ ଖାଇବାଦ୍ୱାରା ଓ ୯ରୁ ଲୋକ ମଦ ଖାଇବାଦ୍ୱାରା ପାଗଲ ହେବାର ଜଣାଯାଏ। ଏଥିରୁ ଜଣାଯାଏ ଯେ ଗଞ୍ଜେଇଠାରୁ ପ୍ରବଳ ମାଦକ ଅନ୍ୟ କିଛି ନାହିଁ ଓ ଯେଉଁ ମାଦକ ଦ୍ରବ୍ୟରେ ଏତାଦୃଶ ଅନିଷ୍ଟ ହୁଅଇ ଗବର୍ଣ୍ଣମେଣ୍ଟଙ୍କର ଉଚିତ ଯେ ତହିଁର ବ୍ୟବହାର ଦମନ ପକ୍ଷରେ ଅତ୍ୟନ୍ତ କଠିନ ନିୟମ କରନ୍ତୁ।

---

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କର ଏକ ପତ୍ରରୁ ଜାଣାଯାଏ ଯେ ସନ ୧୮୭୫।୭୬ ସାଲରେ ୪୪୯ ଲକ୍ଷ ଟଙ୍କା ଭୂକର ବନ୍ଦୋବସ୍ତ ଓ ତାହା ସମୁଦାୟ ଆଦାୟ ହୋଇଥିଲା। ସନ ୧୮୭୬।୭୭ ସାଲର ବନ୍ଦୋବସ୍ତ ଅର୍ଥାତ୍ ଜମା କେବଳ ୩୫୫ ଲକ୍ଷ ଟଙ୍କା ଓ ହାଲ ବକାୟା ମିଶି କେବଳ ୨୭୮ ଲକ୍ଷ ଟଙ୍କା ଆଦାୟ ହୋଇଥିଲା ସୁତରାଂ ପୂର୍ବ ବର୍ଷ ଅପେକ୍ଷା ଗତ ବର୍ଷରେ ସର୍ବସୁଦ୍ଧା ୧୭୧ ଲକ୍ଷ ଟଙ୍କା ଭୂକର ଊଣା ପଡିଅଛି। ହିନ୍ଦୁପେଟ୍ରିଅଟ ଯଥାର୍ଥ କହୁଅଛନ୍ତି କି ଏ ଭୂକର କମି ରୟତବାର ବନ୍ଦୋବସ୍ତର ଫଳ ଅଟଇ। ବଙ୍ଗଳାରେ ଚିରକାଳ ବନ୍ଦୋବସ୍ତ ରୀତି ପ୍ରଚଳିତ ଥିବାରୁ ସନ ୧୮୬୬ କିମ୍ବା ସନ ୧୮୭୪ ସାଲର ଦୁର୍ଭିକ୍ଷରେ ଏକପଇସା ଭୂକର ମିହା ଦେବାର ପ୍ରୟୋଜନ ହୋଇ ନାହିଁ। ତଥାଚ ଚିରକାଳ ବନ୍ଦୋବସ୍ତକୁ କେତେ ଲୋକ ନିନ୍ଦା କରନ୍ତି !

---

ଆମ୍ଭେମାନେ ଅନେକଦିନରୁ ଉତ୍କଣ୍ଠାବର ଶୁଣିଥିଲୁଁ ଯେ ଓଡିଶାର ଯଏଣ୍ଟ ଇନସ୍ପେକ୍ଟର ପଦ ସକାଶେ ଶ୍ରୀଯୁକ୍ତ ଟାମ୍ସନ ସାହେବ ବାବୁ ରାଧାନାଥ ରାୟଙ୍କୁ ମନୋନୀତ କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିଥିଲେ । ଗତ ସପ୍ତାହର କଲିକତା ଗେଜେଟ ଉକ୍ତ ଜନରବକୁ ସାର୍ଥ କଲା ଆମ୍ଭେମାନେ ବାବୁ ରାଧାନାଥଙ୍କ ନିୟୋଗରେ ଆନନ୍ଦିତ ହୋଇ ଅଛୁଁ । ଓଡିଶାର ଡେପୁଟୀ ଇନସ୍ପେକ୍ଟରଙ୍କ ମଧ୍ୟରେ ଏହାଙ୍କ ପ୍ରଶଂସା ଅଧିକ ପ୍ରତିବର୍ଷର କିର୍ତ୍ତିପତ୍ରୀରୁ ତାହା ପ୍ରକାଶ ପାଉଅଛି । ଇଂରାଜୀଭାଷାରେ ଏମ୍, ଏ ଅଥବା ବି, ଏ, ହୋଇ ନ ଥିଲେମଧ୍ୟ ଘରେ ବସି ଅନେକ ଶିକ୍ଷା କରି ଅଛନ୍ତି ଏବଂ ଦେଶୀୟ ଭାଷାରେ ଏହାଙ୍କ ଯୋଗ୍ୟତାର ପରିଚୟ ଏହାଙ୍କ ପ୍ରକାଶିତ ପୁସ୍ତକମାନ ଦେଉଅଛି । କେହି୨ ବୋଲନ୍ତି କି ଉମାପ୍ରସାଦ ଦେଙ୍କ ପ୍ରତି ଅନ୍ୟାୟ ହୋଇଅଛି କାରଣ ସେ ଏହାଙ୍କଠାରୁ ଉଚ୍ଚ-ଶ୍ରେଣୀରେ ଥିଲେ । ମାତ୍ର ଏ ଆପତ୍ତି ଯଥାର୍ଥ ନୁହଇ କାରଣ ଉମାପ୍ରସାଦଙ୍କ ପଦୋନ୍ନତି ଠିକ ନ୍ୟାୟ ବିଚାରରେ ହୋଇ ଥିବାପକ୍ଷେ ସନ୍ଦେହ ଅଛି ପୁଣି ସେ ଓଡିଶାର ଲୋକ ନୁହନ୍ତି । ଆମ୍ଭମାନଙ୍କ ମତରେ ବାବୁ ନନ୍ଦକିଶୋରଦାସଙ୍କ ଉତ୍ତାରୁ ବାବୁ ରାଧାନାଥ ରାୟଙ୍କୁ ମନୋନୀତ କରିବାରେ ଶ୍ରୀଯୁକ୍ତ ଟାମ୍ସନସାହେବ ଉତ୍ତମ କରି ଅଛନ୍ତି ଏବଂ ଏଥିରେ ଓଡିଶାର ଲୋକମାନେ ସନ୍ତୁଷ୍ଟ ହେବାର ଜଣାଯାଏ ।

---

ମାନ୍ଦ୍ରାଜ ଦୁର୍ଭିକ୍ଷଫଣ୍ଡର ସେକ୍ରେଟରୀ ନାନା ଦେଶରୁ ଯେତେ ଟଙ୍କା ଭେଟି ପାଇଅଛନ୍ତି ତହିଁର ନିମ୍ନଲିଖିତ ତାଲିକା ପ୍ରକାଶ କରିଅଛନ୍ତି । ତହିଁରୁ ଜଣାଯାଏ ଯେ ସେ ପ୍ରତିଦିନ ଲକ୍ଷେଟଙ୍କା ଲେଖାଏ ଭେଟି ପାଇଥିଲେ । ତାଲିକା ଯଥା—

ଇଂଲଣ୍ଡରୁ ... ... ... ଟ ୫୮,୫୬,୦୮୭
ସ୍କଟଲଣ୍ଡରୁ ... ... ... ଟ ୩୮୫୦୩୬
ଅଷ୍ଟ୍ରେଲିୟାରୁ ... ... ଟ ୧,୮୯,୬୮୦
ମରିଚଦ୍ୱୀପରୁ ଗବର୍ଣ୍ଣମେଣ୍ଟଦାନ ଟ ୬୦,୦୦୦
ସମସ୍ତ ଭାରତବର୍ଷ ସିଲୋନ
ଓ ବ୍ରହ୍ମା ସହିତ ... .. ... ଟ ୨,୦୯,୦୦୯
ବଙ୍ଗଳା ଦୁର୍ଭିକ୍ଷଫଣ୍ଡର
ଉଦ୍ବର୍ତ୍ତ ଟଙ୍କା ... .. .. ଟ ୬୦,୩୦୦

---

ଉଠ ଟ୬୬୭,୩୯,୭୦୮

ଏଥିମଧ୍ୟରୁ ତା ୧୦ ରିଖ ନବମ୍ବର ପର୍ଯ୍ୟନ୍ତ ଟ୬୨୮,୮୬,୧୭୪ଙ୍କା ଖର୍ଚ୍ଚ ହୋଇଅଛି । ଏଣିକି ଦୁର୍ଭିକ୍ଷ ଊଣା ପଡିବାରୁ ଅନୁମାନ ହୁଅଇ ବାକି ସମସ୍ତ ଟଙ୍କା ଖର୍ଚ୍ଚ ହେବ ନାହିଁ ଓ ଅନେକ ଟଙ୍କା ବଳିଯାଇ ପାରେ । ଯାହା ହେଉ ଇଂଲଣ୍ଡ ସାହାଯ୍ୟ ପକ୍ଷରେ ଏପ୍ରକାର ମୁକ୍ତହସ୍ତ ହୋଇ ନ

Digitized by srujanika@gmail.com

Split by PDF Splitter



ଥିଲେ ଏପ୍ରକାର ଭୟଙ୍କର ଦୁର୍ଭିକ୍ଷ ଏଠା ଲୋକଦ୍ବାରା ସମ୍ଭାଳିବା ଅସମ୍ଭବ ହୋଇଥାନ୍ତା। ଇଂଲଣ୍ଡର ଲୋକମାନେ ଯେମନ୍ତ ଧନୀ ତାହାଙ୍କର ବଦାନ୍ୟତା ମଧ୍ୟ ତଦ୍ରୂପ ଅଟଇ। ଏମାନେ ଯେଉଁ ମହତ୍ତ୍ୱ ଦେଖାଇ ଅଛନ୍ତି ଭାରତବର୍ଷୀୟଙ୍କୁ ଏକାବେଳକେ କିଣି ନେଇଅଛନ୍ତି। ଏ ଉପକାର କେବେ ଘୁଞ୍ଚିପାରିବ ? ଧନ୍ୟ ଏହାଙ୍କର ଦୟା !

---

କଟକର ପାଗଲଖାନାଟିକୁ ମାନ୍ୟମାନ୍ ଇଡନ୍ ସାହେବ ଉଠାଇ ଦେବାକୁ ମନସ୍ଥ କରିଅଛନ୍ତି। ବଙ୍ଗଳାର ପାଗଲଖାନା ସମସ୍ତର ବାର୍ଷିକ ବିଜ୍ଞାପନୀ ଉପରେ ତାହାଙ୍କର ଏକ ନିର୍ଦ୍ଧାରଣ ଗବର୍ଣ୍ଣମେଣ୍ଟ ଗଜେଟରେ ପ୍ରକାଶ ହୋଇଅଛି ଇହିଁରେ ସେ କଟକ ପାଗଲଖାନା ସମ୍ପର୍କରେ ଲେଖିଅଛନ୍ତି କି ଏ ପାଗଲଖାନା ଅତ୍ୟନ୍ତ ବ୍ୟୟଶାଳୀ ଓ ଏହାର କାର୍ଯ୍ୟ ଅସନ୍ତୋଷଜନକ ଅଟଇ। ସେ କହିଅଛନ୍ତି କି ସମ୍ପ୍ରତି ଓଡିଶା ଓ କଲିକତା ମଧ୍ୟରେ ଜାହାଜଦ୍ୱାରା ଯିବା ଆସିବାର ଯେମନ୍ତ ସୁଯୋଗ ହୋଇଅଛି ଇହିଁରେ କଟକରେ ଗୋଟିଏ ପାଗଲଖାନା ରଖିବାର କୌଣସି ଆବଶ୍ୟକତା ନାହିଁ। ଏଠା ପାଗଲମାନେ ଅନାୟାସରେ କଲିକତାକୁ ପ୍ରେରିତ ହୋଇ ପାରନ୍ତି। ତାହାଙ୍କର ମତ ଏହି ଯେ ପାଗଲଖାନା ସଂଖ୍ୟା ଊଣା କରି ବଙ୍ଗଳାମଧ୍ୟରେ ଚାରି କି ପାଞ୍ଚଟି ପାଗଲଖାନା ରଖିଲେ ଯଥେଷ୍ଟ ହେବ କାରଣ ରେଲବାଟେ ବଙ୍ଗଳାର ନାନାସ୍ଥାନ ବର୍ତ୍ତମାନ ଯୋଗ ହୋଇଅଛି। ଏହି ଉଦ୍ଦେଶରେ ସେ ମଇଦାପୁରର ପାଗଲଖାନା ଉଠାଇ ଦେଇଅଛନ୍ତି। ଆମ୍ଭମାନଙ୍କ ବିବେଚନାରେ ବଙ୍ଗଳାର ଅନ୍ୟାନ୍ୟ ଖଣ୍ଡ ସଙ୍ଗେ ଓଡିଶାକୁ ତୁଳନା କରିବା ଉଚିତ ନୁହଇ। ଓଡିଶା ବଙ୍ଗଳାର ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଅଟଇ। ଏଠାରେ ପୃଥକ୍ ପାଗଲଖାନା ରହିବାର ଉଚିତ ଓ ଯେବେ ଏ ପାଗଲଖାନାର କର୍ମ ସନ୍ତୋଷଜନକରୂପେ ହେଉ ନାହିଁ ତେବେ ଇହିଁର ବନ୍ଦୋବସ୍ତ କରିବା ଗବର୍ଣ୍ଣମେଣ୍ଟଙ୍କର କ୍ଷମତାର ଅଧୀନ ଅଟଇ।

---

ବମ୍ବେଇର ଦୁର୍ଭିକ୍ଷ ଏଥର ଶେଷ ହେବାର ବୋଲଯାଇ ପାରେ। ସେଠାର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି କି ଲୋକଙ୍କ ଅବସ୍ଥା ଓ ଶସ୍ୟର ଆଗମ ଅତ୍ୟନ୍ତ ଭଲ ଦେଖାଯାଏ ଅତଏବ ସମସ୍ତ ସାହାଯ୍ୟକର୍ମ କି ଯାହା ବାରକ-ମାସ୍ତରୀ ଅଥବା ସିଭିଲ କର୍ମଚାରୀଙ୍କଦ୍ବାରା ନିର୍ମାଣ ହେଉଅଛି ଏହିମାସ ଶେଷରେ ବନ୍ଦ ହେବ। ଯେମନ୍ତ ଫସଲ କଟାଯିବ ତେମନ୍ତ ସମସ୍ତ ସାହାଯ୍ୟ ସ୍ଥାନମାନ ବନ୍ଦ ହେବ। କେଉଁ ସ୍ଥଳରେ ଶୀଘ୍ର ଓ କେଉଁ ସ୍ଥଳରେ ବିଳମ୍ବରେ ଫସଲ କଟାଯିବାର ସମୟ ପ୍ରବେଶ ହେବ ଏଥିପାଇଁ ଆଜ୍ଞା ହୋଇଅଛି ଯେ ପ୍ରତ୍ୟେକ ଜିଲାର କମିଶନର ଆପଣା ଅଧୀନସ୍ଥ ରାଜ୍ୟଖଣ୍ଡରେ ଯେଉଁ ଦିନ ସାହାଯ୍ୟ ବିତରଣ ବନ୍ଦ ହେବ ତାହା ଧାର୍ଯ୍ୟ କରିବେ ଓ ଏଥିମଧ୍ୟରେ କଲେକ୍ଟରମାନେ କେବଳ ବଡ଼୨ ସାହାଯ୍ୟ ବିତରଣର ସ୍ଥାନମାନ ରଖି କ୍ଷୁଦ୍ର୨ ସାହାଯ୍ୟ ବିତରଣର ସ୍ଥାନମାନ ବନ୍ଦ କରିଦେବେ ସାହାଯ୍ୟ ନେବାବ୍ୟକ୍ତିଙ୍କ ସଂଖ୍ୟା ଦିନ୨ ଊଣା ହେଉଅଛି ଓ ଶସ୍ୟର ଦର ମଧ୍ୟ ଅନେକ ସ୍ଥାନରେ ଊଣା ହେଲାଣି କେବଳ ଅତ୍ୟଳ୍ପ ସ୍ଥଳରେ ଅପରିମିତ ବର୍ଷା ହେବାର ଗୁହାରି ଲୋକେ କରୁଅଛନ୍ତି। କିନ୍ତୁ ସାଧାରଣତଃ ଲୋକେ ସାହାଯ୍ୟକର୍ମ ତ୍ୟାଗ କରି ଆପଣା୨ ନିୟମିତ ବ୍ୟବସାୟ ଅବଲମ୍ବନ କରୁ ଅଛନ୍ତି।

ମାନ୍ଦ୍ରାଜର ଅବସ୍ଥା ଏତାଦୃଶ ଭଲ ହୋଇ ନାହିଁ। କିନ୍ତୁ ସେଠାରେ ଆହାରୀୟ ଶସ୍ୟ ନିଅଣ୍ଟ ହେବାର କଥା ନାହିଁ ଓ ଏଥିପାଇଁ ସେଠା ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି କି ସରକାରୀ ସଞ୍ଚିତ ଚାଉଳ ଏଥର ସାହାଯ୍ୟକର୍ମରେ ଲଗିଥିବା ଲୋକଙ୍କ ମୂଲ ଭରଣାରେ ଦିଆଯିବ ଅଥବା ସ୍ଥାନୀୟ ମହାଜନମାନେ ଭଲ ବିବେଚନା କଲେ ମୋଟ କିମ୍ବତର ଭିତରେ ଚାଉଳ ବିକ୍ରୟ କରିଦେବେ। ଯେଉଁଠାରେ ମୋଟ କିମ୍ବତର ଦର ଜଣା ନ ପଡିବ ସେଠାରେ ଖୁଚୁରା ବିକ୍ରୟ ଲାଭପ୍ରଦ ଅଧସେର ଶସ୍ତାଦରରେ ବିକ୍ରୟ ହେବ। ଏଠାରେ ମଧ୍ୟ ସାହାଯ୍ୟ ପ୍ରାର୍ଥିଙ୍କ ସଂଖ୍ୟା କ୍ରମଶଃ ଊଣା ହେଉଅଛି ଓ ଶସ୍ୟର ଭାଉ ଅଳ୍ପ ଊଣା ହୋଇଅଛି ବର୍ତ୍ତମାନ ମାନ୍ଦ୍ରାଜପ୍ରଦେଶର ନାନା ସ୍ଥଳରେ ବାଲେଶ୍ୱରୀ ସେ ୭ ରଠାରୁ ସେ ୧୦ ର ପର୍ଯ୍ୟନ୍ତ ଏକଟଙ୍କାକୁ ଚାଉଳ ମିଳୁଅଛି।

---

ଯୁଦ୍ଧସ୍ଥଳରୁ ଇଂଲଣ୍ଡର ଡେଲିନ୍ୟୁସର ପତ୍ରପ୍ରେରକ ଫେରି ଆସିଅଛନ୍ତି ଏ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଲୋକେ ଲଣ୍ଡନରେ ଯାହା କହିଅଛନ୍ତି ତହିଁରୁ ଜଣାଯାଏ ଯେ ରୁଷୀୟଙ୍କର ଭବିଷ୍ୟତର ଆଶା ବଡ ଭଲ ନୁହଇ। ସେମାନଙ୍କ ଗୃହ ବିବାଦ ଓ ବିଦ୍ରୋହ ଆରମ୍ଭ ହୋଇଅଛି ଏବଂ ସେଠାରେ ଏକ ବିଶେଷ ସମ୍ପ୍ରଦାୟ ଏମନ୍ତ ପ୍ରବଳ ହୋଇଅଛନ୍ତି ଯେ ସେମାନଙ୍କୁ ଦମନ କରିବା ସକାଶେ ଜର୍ମାନ ପୁଲିସର ସାହାଯ୍ୟ ଗୃହୀତ ହୋଇଅଛି। ଯୁଦ୍ଧସ୍ଥଳରେ ରୁଷୀୟଙ୍କ ଅବସ୍ଥା ଯେତେ ମନ୍ଦ ଥିବାର ସମ୍ବାଦ ପତ୍ରମାନଙ୍କରେ କଥିତ ହୁଅଇ ତହିଁରୁ ଅଧିକ ଶୋଚନୀୟ ଅଟଇ ବୋଲି ଏମାନେ କହିଅଛନ୍ତି। ଯାହା ହେଉ ଆମ୍ଭେମାନେ ଯୁଦ୍ଧସ୍ଥଳର ତାରଡାକ ସମ୍ବାଦମାନ ସମ୍ବାଦପତ୍ରରେ ପାଠକରି ଅବଗତ ହୋଇଅଛୁଁ ଯେ ପ୍ରାୟ ପ୍ରତିଦିନ ଯୁଦ୍ଧ ହେଉଅଛି ଆରମେନିଆରେ ରୁଷୀୟମାନେ ଏର୍ଜରୋମ ନିକଟରେ ଆପଣା ଗଡ଼ ସ୍ଥାପନ କରିଅଛନ୍ତି ଏବଂ ଉକ୍ତ ନଗରକୁ ଆକ୍ରମଣ କରିବାର ଚେଷ୍ଟାରେ ଅଛନ୍ତି ସେହି ଅଞ୍ଚଳରେ କାର୍ସ ନାମକ ପ୍ରଧାନ କିଲା ରୁଷୀୟଙ୍କର ହସ୍ତଗତ ହୋଇଅଛି। ତୁରସ୍କର ସମ୍ରାଟ୍ ଅଧିକ ସେନା ସେଠାକୁ ପଠାଇବାର ଶୁଣାଯାଏ ମାତ୍ର ସେମାନେ ପହୁଞ୍ଚିଥିଲେହେଁ ଅବଶ୍ୟ କିଛି କରି ନାହାନ୍ତି ଓ ରୁଷୀୟା ଉକ୍ତ ଅଞ୍ଚଳରେ କ୍ରମଶଃ ପ୍ରବଳ ହେଉଅଛି କିନ୍ତୁ ଇଉରୋପରେ ରୁଷୀୟାର ପରାକ୍ରମକୁ ତୁରସ୍କମାନେ ଏପର୍ଯ୍ୟନ୍ତ ଦମନ କରି ରଖିଅଛନ୍ତି। ଜେନରଲ ଗୋରକୋ ସାମାନ୍ୟରୂପ ଆଘାତ ପାଇଅଛନ୍ତି। ତୁରସ୍କମାନେ ରୁଷୀୟଙ୍କୁ ପରାଜୟ କରି ବରଲୁଗ ଓ ସଲୋନିକ ନଗରମାନ ଅଧିକାର କରି ଅଛନ୍ତି।

ଏହିମାସ ତା ୨୦ ରଖରେ ଲଣ୍ଡନରୁ ଆସିଥିବା ତାରସମ୍ବାଦରୁ ଜଣାଯାଏ ଯେ ରୁଷିୟାର ସରକାରୀ ସମ୍ବାଦ ଅନୁସାରେ ତୁମୁଲ ସଂଗ୍ରାମ ଉତ୍ତାରୁ କାର୍ସନଗରକୁ ରୁଷୀୟମାନେ ଅଧିକାର କଲେ ସେମାନେ ୭୦୦୦ କଇଦି ଓ ୩୦୦ ତୋପ ହସ୍ତଗତ କରିଅଛନ୍ତି। ଘୋଡସବାରମାନେ ବାଟ ଅଟକ କରିବାରେ ସିପାହିମାନେ ପଳାଇ ପାରିଲେ ନାହିଁ। ଡେଲିନ୍ୟୁସ ଲେଖିଅଛନ୍ତି ଯେ ହତ ଆହତ ଓ ବନ୍ଦିନେ ତୁରସ୍କ ସର୍ବସୁଦ୍ଧା ୧୫୦୦୦ ସେନା ହଜିଅଛି।

---

ସୀମାପ୍ରଦେଶର କ୍ଷୁଦ୍ରଯୁଦ୍ଧ।

ଭାରତବର୍ଷର ଉତ୍ତର ପଶ୍ଚିମ ସୀମାରେ ଅଫ୍ରିଦିସ ଯୋଆକୀ ପ୍ରଭୃତି ଅସଭ୍ୟଜାତିମାନେ କେତେଦିନହେଲା ବିରକ୍ତିଜନକ ହୋଇଅଛନ୍ତି

Digitized by srujanika@gmail.com

ସେମାନେ ଅକସ୍ମାତ୍ ଏକା ସମୟରେ ଭାରତ-ବର୍ଷର ସୀମାକୁ ଡେଇଁ ଆସି ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଅଧୀନ ପ୍ରଜା ଓ ସରକାରୀ କର୍ମ-କାରକଙ୍କପ୍ରତି ଦୌରାତ୍ମ୍ୟ ବ୍ୟବହାର କରନ୍ତି । ପହରା ସିପାହିଙ୍କୁ ମାରିପକାଇ ସରକାରୀ ବା ପ୍ରଜାଙ୍କର ଦ୍ରବ୍ୟାଦି ଅପହରଣ କରନ୍ତି । ଯୋଆକିମାନଙ୍କର ଉପଦ୍ରବର କଥା ସମ୍ବାଦପତ୍ର-ମାନଙ୍କରେ ପ୍ରକାଶିତ ହୋଇ ଅଛି । ବ୍ରିଟିଶ ଗବର୍ଣ୍ଣମେଣ୍ଟ କିଛିକାଳ ହେଲା ଏହାଙ୍କ ଦମନ ବିଷୟରେ ବିବେଚନା କରୁଥିଲେ ସମ୍ପ୍ରତି ସମ୍ବାଦ ପାୟାଗଲା ଯେ ଉକ୍ତ ଉଦ୍ଦେଶ ସଫଳ ନିମନ୍ତେ ଯୋଆକିଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରିତ ହୋଇ ଅଛି । ପାୟୋନିଅରରୁ ଜଣାଗଲା ଯେ ଚଳିତ ମାସ ତା ୯ ରିଖରେ ତିନିଦଳ ସୈନ୍ୟ ସାଦପୁର ଶମ୍ଭୁଡ଼ ଓ କୋହାଟରୁ ଯୋଆକିଙ୍କ ଦେଶରେ ପ୍ରବେଶ ହେଲେ । ଏ ସେନା ଜେନେରଲ କେଇସ୍ ସାହେବଙ୍କ ଆଜ୍ଞାଧୀନରେ କର୍ମ କରିବେ ଏବଂ ଏଥିର ସଂଖ୍ୟା ୨୯୦୦ ପଦାତିକ ଏହାଙ୍କ ସଙ୍ଗରେ ଗୋ ୬ ଟା ତୋପ ଓ ଅଳ୍ପ ଅଶ୍ୱାରୋହୀ ସେନା ଅଛନ୍ତି । ଆବଶ୍ୟକମତେ ଏହାଙ୍କ ସାହାଯ୍ୟ ନିମନ୍ତେ ଯିବାକୁ ପ୍ରସ୍ତୁତ ଥିବା କାରଣ ପେଶାବରର ପଲ୍ଟନ ପ୍ରତି ଆଜ୍ଞା ହୋଇ ଅଛି ଏ ସେନା ପ୍ରବେଶ ମାତ୍ରକେ ଯୋୟାକିମାନଙ୍କ ସ୍ଥାନକୁ ଅଧିକାର କରି ଅଛନ୍ତି । ଶତ୍ରୁ ପକ୍ଷରୁ ଅଳ୍ପ ବାଧା ହୋଇ ଥିଲା । ଇଂରେଜସେନା ମଧ୍ୟରୁ କେବଳ ତିନିଜଣ ଆହତ ହୋଇ ଅଛନ୍ତି ଓ ଯୋୟାକିଙ୍କ ମଧ୍ୟରୁ ଛଅଜଣ ହତ ଚାରିଜଣ ଆହତ ଓ ତିନିଜଣ ବନ୍ଦି ହୋଇ ଅଛନ୍ତି । ବନ୍ଦିଙ୍କ ମଧ୍ୟରେ ଏକଜଣ ଜଖମୀ ଅଛି । ଜେନେରଲ କେଇସଙ୍କ ପ୍ରତି ଆଦେଶ ଅଛି କି ଯେପର୍ଯ୍ୟନ୍ତ ଯୋଆକିମାନେ ଆତ୍ମ ସମର୍ପଣ ନ କରିବେ ସେ ପର୍ଯ୍ୟନ୍ତ ତାହାଙ୍କ ଅଧିକାରସ୍ଥ ରାଜ୍ୟର ଏକଖଣ୍ଡ ଇଂରେଜସେନା ଅଧିକାର କରି ରଖିବେ ଓ ଆବଶ୍ୟକ ହେଲେ ଅଧିକଦୂର ଅଗ୍ରସର ହେବେ । ଏହାଙ୍କ ରାଜ୍ୟର କୌଣସି ଅଂଶ ଚିରକାଳ ଅଧିକାର କରିବା ଗବର୍ଣ୍ଣ-ମେଣ୍ଟଙ୍କର ଉଦ୍ଦେଶ୍ୟ ନୁହଇ । କେବଳ ତାହାଙ୍କ ଦୁଷ୍ଟାଚାରର ଦଣ୍ଡଦେବା ଅଟଇ । ତଲଲିଖିତ ନିୟମମାନ ସେମାନେ ପ୍ରତିପାଳନକଲେ ତାହାଙ୍କ ରାଜ୍ୟ ଛାଡ଼ି ଦିଆଯିବ । ସେ ନିୟମମାନ ଏହି କି ସେମାନେ ଉପଯୁକ୍ତ ଅର୍ଥଦଣ୍ଡ ଦେବେ । ଯେତେଦ୍ରବ୍ୟ ଲୁଟିନେଇ ଅଛନ୍ତି ତାହା ଫେରାଇ-ଦେବେ ଅଥବା ତହିଁର କ୍ଷତିପୂରଣ ଦେବେ । ତାହାଙ୍କ ନିକଟରେ ଥିବା ଇଂରେଜୀ ଯୁଦ୍ଧର ହତି-ଆରମାନ ଫେରିଦେବେ । ଆପଣା ରାଜ୍ୟ ମଧ୍ୟ-ରେ ପଲ୍ଟନ ଯିବା ଆସିବାର ଗୋଟିଏ ସଡ଼କ ନିର୍ମାଣ କରିଦେବେ । ଗବର୍ଣ୍ଣମେଣ୍ଟ ବିରୁଦ୍ଧରେ ଯେଉଁ ସରଦାରମାନେ ବିଶେଷ ଶତ୍ରୁତା କରି ଅଛନ୍ତି ଏବଂ ଯେଉଁମାନେ ସାହାକୋଟରେ ଗ୍ରୀଷ୍ମକାଳରେ ଆସି ଅତ୍ୟାଚାର କରୁଥିଲେ ସେ-ମାନେ ଆତ୍ମ ସମର୍ପଣ କରିବେ ଏବଂ ଯୋଆକି ଗ୍ରାମମାନଙ୍କରେ ଥିବା କିଲ୍ଲାମାନ ଭାଙ୍ଗିଦେବେ । ଅନୁମାନ ହୁଅଇ ଏଥର ଯୋଆକିମାନେ ବିଲ-କ୍ଷଣ ଶାସ୍ତି ପାଇବେ ଏବଂ ଏ ଉତ୍ତାରୁ ଆଉ ଦୌରାତ୍ମ୍ୟ କରିବାକୁ ସକ୍ଷମ ହେବେ ନାହିଁ ।

ନାଗା ପର୍ବତବାସିଙ୍କ ବିରୁଦ୍ଧରେ ମଧ୍ୟ ଗୋ-ଟିଏ ଯୁଦ୍ଧଯାତ୍ରା ହୋଇ ଅଛି । ଏ ପାର୍ବତ୍ୟମୃଗରାଜ୍ୟ ଅନ୍ତର୍ଗତ ମୋଜମା ଓ କୋନୋମା ଗ୍ରାମବାସିମାନେ କିଛିକାଳ ପୂର୍ବେ ଇଂରେଜ ପ୍ରଜାଙ୍କପ୍ରତି ଅତ୍ୟାଚାର କରିଥିଲେ ତହିଁର ପ୍ରତିଫଳ ଦେବା ଏ ଯୁଦ୍ଧଯାତ୍ରାର ଉଦ୍ଦେଶ୍ୟ ଅଟଇ । ଏଥିପାଇଁ ଗୌହାଟିର ଏକଦଳ ସେନା ପ୍ରେରିତ ହୋଇ ଅଛନ୍ତି । ଏଠାର ଅସଭ୍ୟଜାତିମାନେ ପୁନଃପୁନ ଦଣ୍ଡ ପାଇଲେ ସୁଦ୍ଧା ଆପଣା ଚରିତ୍ର ଭଲ କରୁ ନାହାନ୍ତି ଏବଂ ଏହାଙ୍କ ସକାଶେ ଗବ-ର୍ଣ୍ଣମେଣ୍ଟଙ୍କର ଅନର୍ଥକ କ୍ଳେଶ ଓ ବ୍ୟୟ ହୁଅଇ ଅଥଚ ଏମାନେ ଅତ୍ୟନ୍ତ ଅସଭ୍ୟ ଥିବାରୁ ଗବର୍ଣ୍ଣମେଣ୍ଟ ଏହାଙ୍କ ସହିତ ଯୁଦ୍ଧ କରିବାକୁ ମନ ବଳାନ୍ତି ନାହିଁ । ସୁତରାଂ ଏମାନଙ୍କୁ ଦମନ କରି ରଖିବା କଠିନକର୍ମ ହୋଇ ଅଛି ।

---

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କଲେକ୍ଟର ସାହେବ ଗତ ବୁଧବାର ମୋଫସଲ ଗସ୍ତରୁ ଫେରି ଆସିଅଛନ୍ତି । ସା-ହେବ ଅତି ଅଳ୍ପସଂଖ୍ୟକ ଅମଲା ଓ ପୁଲିସ ସଙ୍ଗେ ଘେନି ଯାଇଥିଲେ ଏବଂ ରସଦପ୍ରତି ଏହାଙ୍କର ବଡ଼ ଦୃଷ୍ଟି ଥିଲା । ଆପଣା ଡେରାର ଖର୍ଚ୍ଚ ସ୍ୱୟଂ ହିସାବ କରି ବୁଝାଇ ଦେଇଥିଲେ ସୁତରାଂ ଅମଲାମାନେ କେଉଁଠାରେ ଅଛନ୍ତି । ଜମିଦାରଙ୍କ ଡାଲି ଦେବା ଏକାବେଳକେ ବନ୍ଦ କରି ଦେଇଅଛନ୍ତି ଓ ଭଦ୍ରଲୋକଙ୍କୁ କାଟରେ ଦେଖିବା ମାତ୍ର ଡେରାକୁ ଘେନି ଆସୁଥିଲେ । ସାହେବଙ୍କର ଏସମସ୍ତ ଭଦ୍ରତା ଓ ନ୍ୟାୟ ଦେଖି ମୋଫସଲ ଲୋକଙ୍କର ବିସ୍ତର ଭ୍ରମ ଭାଙ୍ଗି ଯାଇଥିବାର ଅନୁମାନ ହୁଅଇ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ୱର କଲେକ୍ଟରୀର ପୂର୍ବ ସିରସ୍ତାଦାର ମାନଗୋବିନ୍ଦ ଦାସ ନୀଲଗିରିର ଦେୱାନ ହୋଇଅଛନ୍ତି ।

ଉକ୍ତପତ୍ର ବୋଲନ୍ତି ଯେ ନୀଲଗିରି ରାଜା ଗୋଟାଏ ଜଙ୍ଗଲୀ ହାତୀଣୀ ଧରାଇଅଛନ୍ତି । ତାହାର ଉଚ୍ଚ ପ୍ରାୟ ୭ ଫିଟ । ହାତୀଧରା ବଡ଼ ଭୟଙ୍କର କାର୍ଯ୍ୟ ବୋଲି ଏଠା ଲୋକ ଅଧିକ ସାହସ କରନ୍ତି ନାହିଁ । ନୋହିଲେ ଗଡ଼ଜାତ ରାଜାମାନେ ଅନେକ ହାତୀ ଧରାଉଥାନ୍ତେ ।

ଏବର୍ଷ କାର୍ତ୍ତିକପୂର୍ଣ୍ଣିମା ଦିନର ବାଲିଯାତ୍ରା ଉତ୍ତମ ହୋଇଥିଲା । ଅନ୍ୟାନ୍ୟ ବର୍ଷାପେକ୍ଷା ଅଧିକ ଲୋକ ହୋଇଥିଲେ ଏବଂ କୌଣସିପ୍ର-କାର ଦୁର୍ଘଟନା ହୋଇ ନାହିଁ ।

ପଣ୍ଡ୍ରାଂ ସାହେବ ଜେଲର ଆପଣା କୋଠିର ସମସ୍ତ ସରଞ୍ଜାମ ବିକ୍ରୟ କରିବାକୁ ବସିଅଛନ୍ତି । ଏହାଙ୍କ କୋଠିରେ ଭଲ ଭଲ ଦ୍ରବ୍ୟମାନ ଅଛି । ଯାହାଙ୍କର ଇଂରେଜୀ ଘରକରଣା ଦ୍ରବ୍ୟର ପ୍ରୟୋ-ଜନ ଥିବ ସେମାନେ ସ୍ୱୟଂ ଦେଖି ପସନ୍ଦ କରି କିଣିପାରନ୍ତି ।

ବାଲେଶ୍ୱରରେ ପୁଣି କି ଅମଙ୍ଗଳ ପଡ଼ିବ ! ଫସଲର ଆଶଙ୍କା ଏକପ୍ରକାର ଘୁଞ୍ଚି ଯାଇଅଛି ଏଥିରେ ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ସେଠାରେ ଏକ ଧୂମକେତୁ ଉଦୟ ହୋ-ଇଅଛି । ରାମ ! ରାମ ! ତେବେ ରକ୍ଷା ଏତିକି ଯେ ତାହା ଉଚ୍ଚଆକାଶରେ ଉଦୟ ନ ହୋଇ ବାବୁ ବୈକୁଣ୍ଠନାଥ ଦେଙ୍କ ଉତ୍କଳପ୍ରେସରୁ ସାମୟିକପତ୍ରିକା ଆକାରରେ ବାହାରି ଅଛି । ସୁତରାଂ ଏ ଅଞ୍ଚଳରେ ଦେଖାଯାଇ ନାହିଁ ।

ବମ୍ବେଇରେ ଏକଜଣ ବଣିକ କି ତାହାଙ୍କ ନାମ କେଶବ ନାୟକ ଅଟଇ ଏକପକ୍ଷ ମଧ୍ୟରେ କେବଳ ବଙ୍ଗଲା ଓ ମାଲବ ଅଫୁ ବିକ୍ରୟ କରି-ବାରେ ଦଶଲକ୍ଷ ଟଙ୍କା ଲାଭ ପାଇଅଛନ୍ତି । ଏହାଙ୍କ ହାତରେ ଅନେକ ଅଫୁ ଜମା ଥିଲା । ଏହି ସମୟରେ ଚୀନଦେଶରୁ ସମ୍ବାଦ ଆସିଲା ଯେ ସେଠାର ସମ୍ରାଟ୍ ସମସ୍ତ ଅଫୁ କ୍ଷେତ ପୋଡ଼ି ଦେଇଅଛନ୍ତି । ଏଥିରେ ଆଫୁର ମୂଲ୍ୟ ହଠାତ୍ ଏମନ୍ତ ବୃଦ୍ଧି ହେଲା କି ଯେଉଁ ବାକ୍ସ ଟ ୮୦୦୲ଙ୍କାରେ ବିକ୍ରୟ ହେଉଥିଲା ତାହାକୁ ମହାଜନମାନେ ଟ ୧୫୫୦୲ଙ୍କା ଦେଇ କିଣିନେ-ଲେ । ବାଣିଜ୍ୟରେ ଏକା ଲକ୍ଷ୍ମୀଙ୍କ ସମ୍ପୂର୍ଣ୍ଣ କୃପା ଜଣାଯାଏ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ମାନ୍ଦ୍ରାଜରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଗୋଟିଏ ବଡ଼ କୁକୁଡ଼ା ଜଣେ ଦେଶୀୟ ଲୋକ ଦେଖାଇ ବୁଲୁଅଛି । ତାହାର ଚାରୋଟା ଗୋଡ଼ ଓ ଦୁଇଟା ଲାଞ୍ଜ ଓ ସେ ଏକାବେଳକେ ଦୁଇଟା ଲେଖାଏଁ ଅଣ୍ଡା ଦିଅଇ । ଦେଖିବାର ମୂଲ୍ୟ ଏକପଇସା ଲେଖାଏଁ । କୁକୁଡ଼ାଟି ଅତି ସୁଲକ୍ଷଣା ବୋଧ ହୁଅଇ ।

ଇଷ୍ଟ ନାମକ ସଂବାଦପତ୍ରରେ ଲେଖାଅଛି ଯେ କୌଣସି ବ୍ୟକ୍ତି ବେନାମୀ ଚିଠୀ ମଧ୍ୟରେ ଟ ୧୨୦୦୦ ଙ୍କାର ନୋଟ ଗାକ୍ସାର କମିଶନରଙ୍କ ନିକଟକୁ ମାନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟ ସ୍ୱରୂପ ପଠାଇ ଦେଇଅଛନ୍ତି । ଆଜି କାଲି ନାମ ପାଇବା ଆଶାରେ ଅନେକ ଲୋକ ଦାନ କରନ୍ତି ମାତ୍ର ଏମନ୍ତ ଗୋପନ ଭାବରେ ଯେଉଁ ବ୍ୟକ୍ତି ଦାନ କରିଅଛନ୍ତି ସେ ଜଣେ ମହାତ୍ମା ଅଟନ୍ତି ଓ ଏହାକୁ ପ୍ରକୃତ ଦାନ ବୋଲାଯାଏ । କାରଣ ନୀତିଶାସ୍ତ୍ରରେ ଲେଖାଅଛି ଯେ ଦକ୍ଷିଣ ହସ୍ତରେ ଯାହା ଦାନ କରିବ ତାହା ଯେମନ୍ତ ବାମ ହସ୍ତକୁ ଜଣା ନ ପଡ଼ିବ ।

କଲିକତା ନଗରର ଏକସ୍ଥାନରେ ଦଙ୍ଗା ହେଉଥିବା ସମୟରେ ଜଣେ ପୁଲିସ କନଷ୍ଟବଲ ଛିଡ଼ା ହୋଇ କୌତୁକ ଦେଖୁଥିଲା । ମାଜିଷ୍ଟ୍ରେଟ ତାହାକୁ ଆପଣା କର୍ତ୍ତବ୍ୟ କର୍ମରେ ତ୍ରୁଟି କରିଥିବା ଅପରାଧରେ ଏକମାସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ଦେଲେ । ଦଣ୍ଡ ଦେବା ବେଳେ ମାଜିଷ୍ଟ୍ରେଟ ତାହାକୁ ବୁଝାଇଦେଲେ କି ଯେବେ ସେ ଏକା ଦଙ୍ଗା ରହିତ କରିବାକୁ ଅକ୍ଷମ ଥିଲା ତେବେ ଥାନାରୁ ସାହାଯ୍ୟ ଲୋଡ଼ିଥାନ୍ତା । ଏପରି ପୁଲିସ କନଷ୍ଟବଲର ଅଭାବ ନାହିଁ ।

ମାନ୍ଦ୍ରାଜ ଅନ୍ତର୍ଗତ ଆର୍କୋ ନଗରରେ ବିପରୀତ ଦିଗରୁ ଆସୁଥିବା ଦୁଇ ରେଲଗାଡ଼ି ଧକ୍କା ଲାଗିବାରୁ ପାଞ୍ଚଜଣ ମନୁଷ୍ୟ ଓ ଚନୋଟି ଘୋଡ଼ା ପ୍ରାଣରେ ମରି ପଡ଼ିଲେ ଓ କେତେ ଗୁଡ଼ିଏ ଲୋକ ଅତ୍ୟନ୍ତ ପୀଡ଼ା ପାଇଅଛନ୍ତି ।

କଥିତ ହୁଅଇ ଯେ ଆଗାମୀ ଜାନୁଏରି ଅର୍ଥାତ୍ ନବବର୍ଷର ପ୍ରଥମଦିନରେ କଲିକତାରେ ଯେଉଁ ସଭା ହେବ ତହିଁରେ ସର ରିଚାର୍ଡ ଟେମ୍ପଲ ଜି, ସି, ଏସ, ଆଇ ଉପାଧି ପାଇବେ ଓ ଏଥିଲାଗି ସେ ଥରେ କଲିକତାକୁ ଆସିବେ ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ହିନ୍ଦୁପେଟ୍ରିଅଟରୁ ଅବଗତହେଲୁଁ ଯେ ବଙ୍ଗଳାର ମୋଫସଲରେ ସଂକ୍ରାମକ ଜ୍ୱର ରୋଗର ପ୍ରତାପ କିଛିମାତ୍ର ଊଣା ହୋଇ ନାହିଁ । ହୁଗୁଳି ନଦୀତଟରେ ଥିବା ଭଲ୍ ନଗରମାନଙ୍କରେ ଅନେକ ଲୋକ ଏ ରୋଗରେ ମରୁଅଛନ୍ତି ଓ ଅତ୍ୟନ୍ତ କ୍ଳେଶ ଭୋଗ କରୁଅଛନ୍ତି କିନ୍ତୁ ଗବର୍ଣ୍ଣମେଣ୍ଟଙ୍କର ତହିଁପ୍ରତି ଦୃଷ୍ଟିପାତ ହେଉ ନାହିଁ । କେତେକାଳ ଏପରି ଅବସ୍ଥା ରହିବ କିଏ କହିପାରେ ?

ଜଣେ ଫରାସି ଡାକ୍ତର କାଲ ରୋଗ ଭଲ କରିବାର ଉପାୟ ବାହାର କରିଅଛନ୍ତି । ଗୋଟିଏ ମାଇପିଲା ଏପରି କାଲଥିଲା ଯେ ସେ କିଛିମାତ୍ର ଶୁଣିପାରୁ ନ ଥିଲା । ଡାକ୍ତର ତାହାର କାନରେ ଅସ୍ତ୍ର ଚିକିତ୍ସା କରି ଏମନ୍ତ ଆରୋଗ୍ୟ କଲେ ଯେ ସେ ସହଜରେ ସବୁ କଥା ଶୁଣିବାକୁ ସକ୍ଷମ ହେଲା । ମନୁଷ୍ୟର ବୁଦ୍ଧିକୁ ପଟାନ୍ତର ନାହିଁ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଚନ୍ଦନନଗରରେ ଗୋଟିଏ ଦେଶୀୟ ସଙ୍ଗୀତ ବିଦ୍ୟାଳୟ ଅଛି ଓ ତହିଁରେ ଶିକ୍ଷା କାର୍ଯ୍ୟ ଉତ୍ତମରୂପେ ଚାଲୁଅଛି । ଓଡ଼ିଶାରୁ ସଙ୍ଗୀତ ଏକାବେଳକେ ଉଠିଗଲା ବଡ଼ ଦୁଃଖ ବିଷୟ ଅଟଇ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସରଲାଶୟେଷୁ ।

ମହାଶୟ,—ଓଡ଼ିଶାବାସିଙ୍କର ସୁଖ ଦୁଃଖର କଥା ଶୁଣିବାକୁ ପର୍ ଆପଣ କର୍ଣ୍ଣ ଡେରିଥାନ୍ତି ? ଏହିପେରି ଗ୍ରୀଆଡ଼ୁ ଲୋକଙ୍କ ଆନନ୍ଦ ଓ କାତରଡ଼ାକ ଆପଣଙ୍କ ପାଖକୁ ଆସଇ? ଆପଣ ଶୁଣିଲାକ୍ଷଣି ଦୀପିକାରେ ପ୍ରକାଶ କରି ଦିଅନ୍ତି ? ଆଜି ଭଲା ମୋହର ଗୋଟିଏ ଡାକକୁ ଦୀପିକାର ଏକପାଖରେ ଟିକିଏ ସ୍ଥାନ ଦେବା ହେଉନ୍ତୁ ।

ଇନ୍ଦ୍ରଦେବତ ଏଣିକି ବୁଢ଼ା ହେଲେଣି, ତାଙ୍କ କାର୍ଯ୍ୟ ସେ ଭଲ କରି କରିପାରୁ ନାହାନ୍ତି । ଏବର୍ଷ ଭାରତବର୍ଷର ଏକକୋଣରେ ମରୁଡ଼ି ଓ ଆରବର୍ଷ ସେକୋଣରେ ମରୁଡ଼ି ଏହିସବୁ ଅନାଷ୍ଟି ନିବାରଣନିମିତ୍ତ ଗବର୍ଣ୍ଣମେଣ୍ଟ ଭାରତବର୍ଷର ହୃଦୟକୁ ବିଦୀର୍ଣ୍ଣ କରି ସ୍ଥାନେ ରେ କେନାଲର ସୃଷ୍ଟି କରିଅଛନ୍ତି । କଲେ କି ହେବ ! ଏଦେଶୀୟ ଲୋକେ ଏପରି ଏକବାଗିଆ ଯେ କେନାଲଯୁକ୍ତ କଲେ କି ଉପକାର ହେବ ତାହା ଜାଣିପାରି ନ ଥିଲେ । ଏବର୍ଷ ଦେଖାଯାଇ କେତେକ ଲୋକ କେନାଲଯୁକ୍ତ କଲେଣି । ଦୁଃଖର ବିଷୟ ଏହି ଯେ କେନାଲ ଯୋଗାଇବାପାଇଁ ଗୋଟିଏ ମଷ୍ଟେନ୍ଦ୍ର ଅଛନ୍ତି । ଏହାଙ୍କ କାର୍ଯ୍ୟ ଦେଖିଲେ ହୃଦୟ ବିଦୀର୍ଣ୍ଣ ହୋଇ ଉଠେ । ଅମୁକ ମାହାନ୍ତି ପେଟ୍ରୋଲ ଅଫିସର । ସ୍ତ୍ରୀ । ଅମୁକ କେତେକ ନୌକାରେ ଇନ୍ଦ୍ରର ପରିଚୟ ଦେବାରେ ଦକ୍ଷମାତ୍ର ଅମନୋଯୋଗୀ ନୂତନ ପ୍ରକାଶତଃ ବଡ଼ ଗାଁପଧାନଙ୍କର ମା ୨୪ ଣ ସ୍ଥଳରେ ମା ୧୦ ଣ ଓ ମା ୨୦ ଣ ସ୍ଥଳରେ ମା ୨ କି ୮ ଣର କେନାଲଯୁକ୍ତ ନେଇ ଦୁଃଖୀ କ ଯେଉଁମାନେ ଘେରଡାକ ଦେଇ ପେଟ୍ରୋଲଙ୍କ ପେଟ ଚିକଣା ନ କଲେ କିମ୍ବା ଆପଣାର ଦୁଃଖ ଧନ୍ଦା ଛାଡ଼ି କୋଡ଼ିଏ ଜୁହାର କରି ଗୋଡ଼ାଣିଆ ନୋହିଲେ ସେମାନଙ୍କର ଘରଡିହ ଯେଉଁଠାରୁ କି ଦମକଲ ଛଡ଼ା ପାଣି ଉଠି ନ ପାରେ ସେ ଜମିରସ୍ତା ଉକ୍ତ ପଧାନମାନଙ୍କ ମନ୍ତ୍ରଣାରେ ପେଟ୍ରୋଲ ଅଫିସରଙ୍କ ପାଞ୍ଜିରେ ନାମ ବସି ୧ଙ୍କା ଆଦାୟ ବେଳକୁ ସେମାନଙ୍କ ନିକଟକୁ ଡାକରା ଗଲା ଶୁଣି ଚମକପଡ଼ି ମୁଣ୍ଡରେ ହାତ ଦେଇ ବସିଲେ ଦୁଃଖ କାହାକୁ କହିବେ । ତହସିଲଦାର ମହାଶୟ ଶାନ୍ତପ୍ରକୃତିର ଲୋକ ସେ ଏପରି ବିଷୟରେ ବଡ଼ ବିରକ୍ତ ଥାନ୍ତି ଯେବେ ଆମ୍ଭମାନଙ୍କର ସୁଚତୁର ପ୍ରଜାବତ୍ସଳ କମିଶନର ଓ କଲେକ୍ଟରସାହେବ ଏଥିର କିଛି ଉପାୟ ବିଧାନ କରିବେ ତାହା ହେଲେ ନ୍ୟାଯ୍ୟଟଙ୍କା ପେଟ୍ରୋଲ କୁବେରଭଣ୍ଡାରକୁ ନ ଯାଇ ଗବର୍ଣ୍ଣମେଣ୍ଟଙ୍କ ଖଜଣାଖାନାରେ ରହିବ ଦୁଃଖିପ୍ରଜାମାନେ ଅନ୍ୟାୟ ଯନ୍ତ୍ରଣାରୁ ରକ୍ଷା ପାଇବେ । ଇତି ।

କଟକ
୨୧।୧୧।୭୭ } ଶ୍ରୀ———

ବିଜ୍ଞାପନ ।

# ବାବାଜୀ ନାଟକ ।

ଏ ପୁସ୍ତକରେ ଜଣେ ଯଥାର୍ଥ ସାଧୁର ସୁଚରିତ୍ର ଓ ଉପଦେଶ, ବାବାଜିଙ୍କ ମହିମା, ମଠଧାରୀଙ୍କ ଆଚରଣ, ହିନ୍ଦୁ ବାବୁଙ୍କ ସୁରାପାନ, ନନ୍ଦ ବାବୁ ଓ ଦେଶୀୟ ଖ୍ରୀଷ୍ଟିୟାନଙ୍କ କୁସଂସ୍କାର, ଡାଆଣୀ ଭୂତ, ଗାରଡ଼ିବିଦ୍ୟା ଏବଂ ରହସ୍ୟ ଓ ହିତକର କଥାମାନ ଅଛି । କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପୁସ୍ତକ ମିଳିବ । ମୂଲ୍ୟ ପ୍ରତିଖଣ୍ଡ ଚାରିଅଣା ।•।

ଶ୍ରୀ ଜଗନ୍ମୋହନଲାଲ
ଗ୍ରନ୍ଥକର୍ତ୍ତା ।

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୪୭ ଖ୍ୟା
ତା ୧ ରଖ ମାହେ ଡିସେମ୍ବର ସନ ୧୮୭୭ ମସିହା । ମୁ । ମାର୍ଗଶିର ବ ୧୮ ନ ସନ ୧୨୮୫ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୦
ମଫସଲପାଁଇ ଡାକମାସୁଲ ଟ୧୫/

ଗତମାସ ତା ୨୯ ରଖ ଅପରାହ୍ଣ ଘ ୫ ଣ୍ଟା ସମୟରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡ ଲିଟନ ସାହେବ ଯଥାବିହିତ ସମ୍ମାନ ସହିତ କଲିକତା ନଗରକୁ ପ୍ରତ୍ୟାଗମନ କଲେ । ଛୋଟ ଲାଟ ମାନ୍ୟବର ଇଡନ ସାହେବ ମଧ୍ୟ କଲିକତାକୁ ଆସିଅଛନ୍ତି । ସୁତରାଂ ନଗରଟି ଏତେବେଳେ ନୟନମିତ ଶୋଭା ଧାରଣ କଲା । କେବଳ ଜାଡ଼ ଋତୁମାସ କଲିକତା ରାଜଧାନୀ ପ୍ରାୟ ହଗଇ ।

---

ଓଡ଼ିଶାର ନୂତନ ଜଏଣ୍ଟଇନସ୍ପେକ୍ଟର ବାବୁ ରାଧାନାଥ ରାୟ ଏ ନଗରରେ ପ୍ରବେଶ ହୋଇ ଗତ ସୋମବାର ଆପଣା ପଦର ଭାର ଗ୍ରହଣ କରିଅଛନ୍ତି । ଶୁଣିଲୁଁ ଯେ ଏ ମହାଶୟ ଜଏଣ୍ଟ ଇନସ୍ପେକ୍ଟରର ପୂର୍ବବେତନ ପାଇବେ ନାହିଁ ବର୍ତ୍ତମାନ ମାସକୁ ଟ ୨୦୦୲ ଙ୍କା ଲେଖାଏ ପାଇବେ । ଏ ଉତ୍ତାରୁ କି ହେବ ନିଶ୍ଚୟ ବୋଲାଯାଇ ନ ପାରେ । ଏ ବନ୍ଦୋବସ୍ତରେ 'ସାପ ନ ମରୁ ବାଡ଼ି ନ ଭାଙ୍ଗୁ' କୌଶଳଟି ଖଟିଛି କି?

---

କଥିତ ହୁଅଇ ଯେ ଶ୍ରୀଯୁତ ରେବନସା ସାହେବ ଚଳିତମାସ ତା ୧୦ ରଖସୁଦ୍ଧା ଏଠାରେ ପହଞ୍ଚି ଆପଣା କାର୍ଯ୍ୟ ଭାର ଗ୍ରହଣ କରିବେ । ଅନ୍ୟ କୌଣସି କର୍ମରେ ସେ କଲିକତାରେ ରହିବାର ଯେ କଥା ଶୁଣା ଯାଉଥିଲା ତାହା ହେଲା ନାହିଁ । ଅନ୍ତର ଜନରବ ହୋଇଅଛି କି ଶ୍ରୀଯୁତ ଜାମ୍ସ ସାହେବ ମା ୩ ସର ଛୁଟି ନେଉଅଛନ୍ତି ସେ ଆଉ କଲେକ୍ଟରି କରିବେ ନାହିଁ ମା ୩ ସ ଉତ୍ତାରୁ ଶ୍ରୀଯୁତ ରେବନସା ସାହେବ ବିଲାତକୁ ଗଲେ ପୁନର୍ବାର କମିଶନର ହେବେ ।

---

ଖୋରଧାରୁ ସମ୍ବାଦ ପାଇଅଛୁଁ ଯେ ସେଠାରେ ଚାଉଳର ବଜାର ଦର ଟଙ୍କାକୁ ସେ ୩୯ ରରୁ ଅଧିକ ନାହିଁ । ଢେଙ୍କାନାଳରୁ ପ୍ରେରିତ ହୋଇଥିବା ଧାନ କିଣି ଚାଉଳ କଲେ ଟଙ୍କାକୁ ସେ ୧୮ ର ପଡ଼ୁଅଛି । ଏ ଧାନ କେବଳ ମାସକୁ ଦଶଟଙ୍କାର ନ୍ୟୂନ ବେତନ ପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଜଣକୁ ଏକଟଙ୍କା ପର୍ଯ୍ୟନ୍ତ ଏବଂ ଦୁଃଖୀ ମଜୁରଙ୍କୁ ଟ ୦ ୵ ଠାରୁ ଟ ୦ ୳ ପର୍ଯ୍ୟନ୍ତ ବିକ୍ରୟ ହେଉଅଛି । ସୁତରାଂ ସର୍ବସାଧାରଣଙ୍କର ଉପକାର ଏଥିରେ ହେଉ ନାହିଁ ଓ ବନ୍ଦୋବସ୍ତ ଉପଲକ୍ଷରେ ଅନେକ ଲୋକ ଜମା ହୋଇଥିବାରୁ ମହାର୍ଘ ଅଧିକ ବାଢ଼ୁଅଛି । ବନ୍ଦୋବସ୍ତ ଏ ବର୍ଷ ବନ୍ଦ ହେଉ ନାହିଁ କାହିଁକି ?

---

ଉତ୍ତର ପଶ୍ଚିମ ସୀମାର ଯୁଦ୍ଧ ଅବଧି ଶେଷ ହୋଇ ନାହିଁ ବରଂ ଭଲ ହୋଇ ଲାଗିବାର ଜଣାଯାଏ । ଗତ ମାସ ତା ୨୧ ରଖର ତାର-ସମ୍ବାଦରୁ ଜଣାଯାଏ ଯେ ଜୋୟାକିଙ୍କ ସଙ୍ଗରେ ଏକଜଣ ଅଫିସର ଥିଲା ତାହାର ଅଶ୍ୱାଘାତରେ କପ୍ତାନ ସ୍ମିଥ ସାହେବ ମରି ପଡ଼ିଅଛନ୍ତି । କପ୍ତାନ ଘୋଡ଼ାରେ ଚଢ଼ି ସେନା ସଙ୍ଗରେ ଥିଲେ । ଏହି ସମୟରେ ଆଘାତ ପାଇଲେ । ସେହି ଦିନ ସନ୍ଧ୍ୟା ସମୟରେ ତାହାଙ୍କର ମୃତ୍ୟୁ ହେଲା । ଅଫିସର ଲୋକଟି ମଧ୍ୟ ବଞ୍ଚି ନାହିଁ ତାହାକୁ ଭକ୍ଷଣାଲ ସିପାହିମାନେ ଯମାଳୟକୁ ପଠାଇଲେ । ଏଦିନର ଯୁଦ୍ଧରେ କେତେଗୁଡ଼ିଏ ଜୋୟାକି ମରି ପଡ଼ିଅଛନ୍ତି । ଜଙ୍ଗଲୀଲୋକ ସହଜରେ ଆୟତ୍ତ ହେବାର ନୁହନ୍ତି ।

---

ପାରଲୁଦରୁ ଏକବ୍ୟକ୍ତି ଲେଖି ପଠାଇଅଛନ୍ତି କି ସେଠାରେ ଅତ୍ୟନ୍ତ ମହାର୍ଘ ହେବାରୁ ପ୍ରଜାମାନେ ପଳାୟନ କରୁଅଛନ୍ତି ଏବଂ ଅନ୍ନାଭାବେ କେବଳ ମାଛ ଖାଇ ବଞ୍ଚିଅଛନ୍ତି । ମାଜିଷ୍ଟ୍ରେଟ ସାହେବ ସେଠା ନିକଟସ୍ଥ ଇଲାକା ସବୁ ସନ୍ଦର୍ଶନ କରି ତହିଁରେ ସାହାଯ୍ୟଦାନର ବନ୍ଦୋବସ୍ତ କରିଥିବା ପ୍ରତ୍ୟକ୍ଷେ ପାରଲୁଦରେ ଅବଧି କିଛି କରି ନ ଥିବାରୁ ପତ୍ରପ୍ରେରକ ଅନୁମାନ କରନ୍ତି କି ସାହେବ ଅବା ରାଜାଙ୍କ ଉପରେ ଅସନ୍ତୁଷ୍ଟ ଥିବେ । ମାତ୍ର ଆମ୍ଭେମାନେ ଏହା ବିଶ୍ୱାସ କରି ନ ପାରୁଁ ବିଶେଷତଃ ପୂର୍ବର ମାଜିଷ୍ଟ୍ରେଟ ସାହେବ ଏହିଥର ମଫସଲ ଗସ୍ତରେ ପାରଲୁଦକୁ ଯାଇ ସେଠା ପ୍ରଜାଙ୍କର ଅବସ୍ଥା ତଦନ୍ତ କରିବାର ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଓ ସାହେବ ପ୍ରଶଂସିତ ଯେମନ୍ତ ଅନ୍ୟାନ୍ୟ

Digitized by srujanika@gmail.com

Split by PDF Splitter



ସ୍ଥାନର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଉପୃର ସେହି ଯଉ ପାରିଲୁଦ ପକ୍ଷରେ ହେବେ ସନ୍ଦେହ ନାହିଁ।

---

କୌଣସି୨ ସ୍ଥଳରେ ପଇସା ବିକ୍ରୟରେ ବଟା ଲାଗୁଥିବାର ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଗୋଚରରେ ଆସିବାରୁ ମହାମାନ୍ୟ ଗବର୍ଣ୍ଣର ଜେନରଲ ଆଜ୍ଞା ଦେଇଅଛନ୍ତି କି ଚଳନ୍ତି ପଇସା ବଦଳରେ ଖଜଣାଖାନାରୁ ରୂପା ଦିଆଯିବ । ଭାରତବର୍ଷର ସକଳ ଟ୍ରେଜରୀ ଓ ସବ୍ ଟ୍ରେଜରୀ ପ୍ରତି ଏ ଆଜ୍ଞା ହୋଇଅଛି ଦୁଇଟଙ୍କାର ଅନ୍ୟୁନ ଯେତେ ପଇସା ଯେ ବଦଳାଇବାକୁ ଇଚ୍ଛା କରିବ ତାହା ଖଜଣାଖାନାରେ କରିପାରିବ । ଗବର୍ଣ୍ଣମେଣ୍ଟ ବୋଲନ୍ତି କି ପଇସା ବଦଳାଇବାକୁ ବଟା ଦିଆଗଲେ ତହିଁରେ ଶାସନ ପ୍ରଣାଳୀର ଦୋଷ ପ୍ରକାଶ ହୁଅଇ । ଏ ନିୟମ ଉତ୍ତାରୁ ଯଦ୍ୟପି କୌଣସି ସମୟରେ କୌଣସି ସ୍ଥାନରେ ଚଳନ୍ତି ପଇସାରେ ବଟା ଲାଗିବ ତେବେ ସେକଥା ଶୀଘ୍ର ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦିଆଯିବ ଓ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ତାହା ସବିଶେଷ କାରଣ ସହିତ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଓ ତାହା ନିବାରଣ ଉଦ୍ଦେଶ୍ୟରେ ଯେ ଉପାୟ କରିଥିବେ ତାହାସୁଦ୍ଧା ଲେଖି ପଠାଇବେ ।

---

ସଂସ୍କୃତ ଭାରତବର୍ଷର ଆଦିଭାଷା ଓ ଏହି ଭାଷା ଭାରତବର୍ଷର ଗୌରବର ଗୋଟିଏ ମହତ୍କାରଣ ଅଟଇ । କାଳକ୍ରମେ ଏ ଭାଷା ଲୋପ ପ୍ରାୟ ହୋଇଥିଲା କିନ୍ତୁ ଇଂରାଜଙ୍କ ଶାସନ ଆରମ୍ଭରୁ ଏହାର ମର୍ଯ୍ୟାଦା ବୃଦ୍ଧି ଓ ବିସ୍ତାର ହେବାର ଅନେକ ସୁଯୋଗ ହୋଇଅଛି । ସମ୍ପ୍ରତି ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତା ବିଶ୍ୱବିଦ୍ୟାଳୟର ସଭ୍ୟମାନେ ପ୍ରସ୍ତାବ କରିଅଛନ୍ତି କି ସଂସ୍କୃତଭାଷା କାହାରିକୁ ବାଧ୍ୟ କରି ପଢାଇବା ହେବ ନାହିଁ ଯାହାର ଇଚ୍ଛା ହେବ ସେ ପଢିବ । ବିଶ୍ୱବିଦ୍ୟାଳୟର ଅଧୀନ କଲେଜର କର୍ତ୍ତାମାନଙ୍କର ମତ ଗୃହୀତ ହୋଇ ଏ ନିୟମ ବିଧିବଦ୍ଧ ହେବାର ସ୍ଥିର ହୋଇଅଛି । ଏପରି ନିୟମ ହେଲେ ସଂସ୍କୃତ ଶିକ୍ଷାଦିଗକୁ ଲୋକଙ୍କର ମନ ଯିବ ନାହିଁ ସୁତରାଂ ଭାଷାଟି କ୍ରମେ ଲୋପ ହେବ । କି ଆଶ୍ଚର୍ଯ୍ୟ ବିଦେଶୀୟମାନେ ଏ ଭାଷା ଶିକ୍ଷା ନିମିତ୍ତ ଆପଣା ବିଦ୍ୟାଳୟମାନଙ୍କରେ ସଂସ୍କୃତ ଅଧ୍ୟାପକ ନିଯୁକ୍ତ କରୁଅଛନ୍ତି କିନ୍ତୁ ଜନ୍ମଭୂମିରେ ତହିଁର ଅନାଦର ହେଉଅଛି !

---

ନଟୋର ରାଜବାଟିର କୁମାର ଯୋଗେନ୍ଦ୍ର ନାଥ ରାୟ ଆପଣା ଭାଉଜମାନଙ୍କର ସ୍ତ୍ରୀଧନ ଅପହରଣ କରିବା ଅପରାଧରେ ରାଜସାହୀର ଜଜଙ୍କ ହସ୍ତରେ ଦୁଇବର୍ଷ କାରାବାସ ଓ ଟ ୫୦,୦୦୦ଙ୍କା ଅର୍ଥଦଣ୍ଡ ପାଇଅଛନ୍ତି । ଅର୍ଥଦଣ୍ଡ ମଧ୍ୟରୁ ଟ ୪୨୦୦୦ଙ୍କା ରାଣିମାନେ କ୍ଷତିପୂରଣ ସ୍ୱରୂପ ପାଇବେ । ଅର୍ଥଦଣ୍ଡ ନ ଦେଲେ ଆଉ ତିନିବର୍ଷ କଏଦ ରହିବାର ଆଜ୍ଞା ହୋଇଅଛି । ଫଉଜଦାରୀ ମକଦ୍ଦମାରେ ଅଧିଲକ୍ଷଟଙ୍କା ଜରିମାନା ହେବାର ଏଥିପୂର୍ବ ଶୁଣା ନ ଥିଲା । ଆମ୍ଭେମାନେ ଅବଗତ ହେଲୁଁ ଯେ କୁମାର ନାଟୋରର ରାଜା ଆନନ୍ଦନାଥ ରାୟଙ୍କର ଗୃହପୁତ୍ର ଥିଲେ । ଜାତପୁତ୍ର ମରିଅଛନ୍ତି ଓ ତାହାଙ୍କର ବିଧବା ସ୍ତ୍ରୀମାନେ କେବଳ ବର୍ତ୍ତମାନ । ଯୋଗେନ୍ଦ୍ରନାଥ ସର୍ବକନିଷ୍ଠ ଅଟନ୍ତି ଓ ସେହି ଏକା ବର୍ତ୍ତମାନ ରାଜ୍ୟଭାର ପାଇଅଛନ୍ତି କିନ୍ତୁ ବିଧବା ଭ୍ରାତୃବଧୂଙ୍କ ସଙ୍ଗେ ଏହାଙ୍କର ମେଳ ହେଲା ନାହିଁ ଓ ସ୍ଥାନୀୟ ହାକିମମାନେ ଅନେକ ଚେଷ୍ଟାରେ ସୁଦ୍ଧା ଏମାନଙ୍କ ବିବାଦ ମୀମାଂସା କରିପାରିଲେ ନାହିଁ । ପରିଶେଷରେ ଉକ୍ତ ବିଧବା ରାଣୀମାନେ ଅପହରଣ ମକଦ୍ଦମା କରି କୁମାର ଯୋଗେନ୍ଦ୍ର ନାଥଙ୍କୁ ଏ ବିପଦରେ ପକାଇଲେ ।

ଏହିପରି ଗୃହବିବାଦରେ କେତେ୨ ଖାନଦାନମାନ ନଷ୍ଟ ହୋଇଅଛି ତଥାଚ ଲୋକେ ବୁଝନ୍ତି ନାହିଁ ବଡ ଦୁଃଖର ବିଷୟ ଅଟଇ।

---

ଆମ୍ଭେମାନେ ଗତ ସପ୍ତାହରେ ମନ୍ଦ୍ରାଜ ଦୁର୍ଭିକ୍ଷ ସାହାଯ୍ୟ ଫଣ୍ଡର ଯେଉଁ ତାଲିକା ଲେଖିଥିଲୁଁ ତହିଁରୁ ପାଠକମାନେ ଏମନ୍ତ ଅନୁମାନ କରିବେ ନାହିଁ ଯେ ଅନ୍ନ ଦାନର ପ୍ରୟୋଜନ ନାହିଁ । ସରକାରୀ ସାହାଯ୍ୟ କର୍ମରୁ ଲୋକେ ବିଦାୟ ହୋଇ ଯାଉଅଛନ୍ତି ସତ୍ୟ ମାତ୍ର ତହିଁରେ ଏମନ୍ତ ବୋଲାଯାଇ ନ ପାରେ ଯେ ସେମାନଙ୍କର ସମସ୍ତ ଅଭାବ ଦୂର ହୋଇଅଛି । ଶେଷ ଲୋଭରେ ଘରକୁ ଯାଉଅଛନ୍ତି ମାତ୍ର ତାହାଙ୍କର ଘର କାହିଁ ? ଘର ଛାଡିବା ପୂର୍ବ କଲର କୁଟା ଓଯାଡ଼ ଗୋରୁଙ୍କୁ ଖୁଆଇ ଥିଲେ ଓ ରୁଅ ବତା ଚାଲରେ ଯାଇଅଛି । ସୁତରାଂ ଘର ନାହିଁ ତହିଁରେ ପୁଣି ଶୀତକାଳ ମୋଟ ଲୁଗା ଖଣ୍ଡେ ଦେହରେ ନାହିଁ। କେତେ କଙ୍କାଳଣୀ ପିଲାପିଲି ସଡକ ପାଖରେ ବା ଗଛ ମୂଳରେ ଥରି୨ ହେଉଅଛନ୍ତି ଖଣ୍ଡିଏ ଲୁଗା ନାହିଁ ଯେ ଦେହରେ ପକାଇବେ । ଅନାଥ ବାଳକ ବାଳିକାଙ୍କ କଥାତ ଉଠୁଁବଲେ ଏହାଙ୍କୁ ବହୁ କାଳ ପୋଷିବାକୁ ହେବ । ଏପରି ଯେତେ ସ୍ଥାନରେ ଫସଲର ଆଶା ଥିଲା ତହିଁମଧ୍ୟରୁ କେତେ ସ୍ଥାନର ବିଲ ଅତି ବୃଷ୍ଟିରେ ଧୋଇ ଯାଇଅଛି ଏସବୁ ପ୍ରଜାଙ୍କର ସାଧାରଣ ଦାନ ବିନା ରକ୍ଷାର ଗତି ନାହିଁ । ସୁତରାଂ ସାହାଯ୍ୟ ଫଣ୍ଡରେ ଯେତେ ଟଙ୍କା ଅଛି ତାହା ଅଣ୍ଟିବାର ସମ୍ଭାବନା ନାହିଁ ଓ ଯେତେ ଦାନ ପ୍ରାପ୍ତି ହେବ ତେତେ ସତ୍କର୍ମରେ ଲାଗିବାର ଆଶା ଅଛି ।

---

ଦୁର୍ଭିକ୍ଷ ସାହାଯ୍ୟ ସଭା ।

ଗତ ମାସ ତା ୨୪ ରିଖରେ ମାନ୍ଦ୍ରାଜଦୁର୍ଭିକ୍ଷ ସାହାଯ୍ୟ ସକାଶେ ଚେନ୍ଦା ସଂଗ୍ରହ କରିବାପାଇଁ ସଭା ହେବାର ସମ୍ବାଦ ଆମ୍ଭେମାନେ ଏଥିପୂର୍ବ ପାଠକମାନଙ୍କୁ ଦେଇଥିଲୁଁ ସମ୍ପ୍ରତି ଉକ୍ତ ସଭାର ବିବରଣ ପାଠକମାନଙ୍କୁ ଜଣାଉଅଛୁଁ ; ଯଥା—

କେବଳ ଜ ୨୦ ଣ ସଭ୍ୟ ଉପସ୍ଥିତ ହେବା ଓ ଅନେକକ୍ଷଣ ଅପେକ୍ଷା କଲେ ସୁଦ୍ଧା ଆଉ କେହି ନ ଆସିବାରୁ ସଭାପତି ଠିଆ ହୋଇ କହିଲେ କି "କମିଶନର ସାହେବ ଏନଗରରେ ଥିଲେ ସଭାପତି ହୋଇଥାନ୍ତେ ମାତ୍ର ସେ ଅନୁପସ୍ଥିତ ଓ ଜଜ ସାହେବ ପୀଡିତ ଥିବାରୁ ସଭାକୁ ସମ୍ବୋଧନ କରିବାର ଭାର ଆମ୍ଭ ଉପରେ ପଡିଅଛି । ଆମ୍ଭ ବିବେଚନାରେ ତିନି ସପ୍ତାହ ପୂର୍ବରୁ ସଭାର ବିଜ୍ଞାପନ ବାହାରିଥିବାରୁ ଏମନ୍ତ ହୋଇ ପାରେ ଯେ ନଗରବାସୀ ଭଦ୍ରଲୋକମାନେ ସଭାର ତାରିଖ ଓ ସମୟ ବିସ୍ମୃତ ହୋଇଅଛନ୍ତି । ଆମ୍ଭେ ଏହି ସଭା ସକାଶେ ମଫସଲରୁ ଶୀଘ୍ର ଆସିଲୁଁ ଓ ସରକାରୀ ଉଚ୍ଚକର୍ମଚାରୀମାନଙ୍କ ଅନୁପସ୍ଥିତ ହେତୁ ସଭା ଅନ୍ୟ ଦିନକୁ ସ୍ଥଗିତ ରହିବା ପ୍ରାୟ ତାଦୃଶ ଦୁର୍ଭାଗ୍ୟର ବିଷୟ ନୁହଇ । ଅତଏବ ଆମ୍ଭେ ପ୍ରସ୍ତାବ କରୁଁ କି ଆଗାମୀ ଦିସେମ୍ବର ତା ୪ ରିଖ ମଙ୍ଗଳବାର ପର୍ଯ୍ୟନ୍ତ ସଭା ସ୍ଥଗିତ ଥାଉ ଓ ଭରସା କରୁଁ ସେ ଦିନ ଅନେକ ଭଦ୍ରଲୋକ ସମବେତ ହେବେ । ଉପସ୍ଥିତ ଭଦ୍ରଲୋକମାନେ ଆଗମନ କରିଅଛନ୍ତି ବୋଲି ଆମ୍ଭେ ଧନ୍ୟବାଦ ଦେଉଅଛୁଁ ଏବଂ ଆମ୍ଭେ ଆଶା କରୁଁ ଯେ ସେମାନେ ଆପଣା ପ୍ରତିବାସୀ ଓ ଦେଶୀୟଲୋକଙ୍କୁ ଦୃଢ଼ରୂପେ ବୁଝାଇ ଦେବେ ଯେ ବର୍ତ୍ତମାନ ସମୟରେ ମାନ୍ଦ୍ରାଜର ଦାରୁଣ ଦୁଃଖ ମୋଚନ ନିମିତ୍ତ

Digitized by srujanika@gmail.com